



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-21 ♦TUESDAY ♦15 JULY 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୨୧ ♦ମଙ୍ଗଳବାର ♦୧୫ ଜୁଲାଇ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ନିର୍ଯ୍ୟାତନା ନିଆଁ
# ସୌମ୍ୟାଶ୍ରୀ ଅତି ସଙ୍କଟାପନ୍ନ

■ **ଭୁବନେଶ୍ୱର,୧୪।୭(ସମିସ):** ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଘଟଣାରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟକ୍ଷଙ୍କଠାରୁ ଉଚ୍ଚଶିକ୍ଷାମନ୍ତ୍ରୀ ଓ ସରକାରଙ୍କ ଭୂମିକା ଏବେ କାଠଗଡ଼ାରେ। ସରକାରଙ୍କ ଉଦାସୀନତା, ଉଚ୍ଚଶିକ୍ଷା ବିଭାଗର ଦାୟିତ୍ୱହୀନତା ଓ କଲେଜ କର୍ତ୍ତୃପକ୍ଷ ଘଟଣାକୁ ଢ଼ାଙ୍କିବାକୁ କରିଥିବା ଷଡ଼ଯନ୍ତ୍ରର ପରିଣାମ ସ୍ୱରୂପ ଏମ୍‌ସରେ ମୃତ୍ୟୁ ସହ ଲଢ଼େଇ କରୁଛନ୍ତି ଛାତ୍ରୀ ସୌମ୍ୟାଶ୍ରୀ। ଏହାକୁ ନେଇ ସାରା ରାଜ୍ୟରେ କ୍ଷୋଭ ପ୍ରକାଶ ପାଇଛି, ବିକ୍ଷୋଭ ଜାରି ରହିଛି। ସରକାରଙ୍କ ଦାୟିତ୍ୱହୀନତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏମ୍‌ସରେ ଚିକିତ୍ସାଧୀନ ସୌମ୍ୟାଶ୍ରୀଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ରହିଛି। ଗତକାଲି ତାଙ୍କର ସ୍ୱାସ୍ଥ୍ୟବସ୍ଥା ଯାହା ଥିଲା, ଆଜି ତହିଁରେ ଅଧିକ ଅବନତି ଘଟିଥିବା କୁହାଯାଉଛି। ଏବେ ବି ଜୀବନରକ୍ଷା ପ୍ରଣାଳୀ ମଧ୍ୟରେ ସୌମ୍ୟାଶ୍ରୀଙ୍କ ଚିକିତ୍ସା ଅବ୍ୟାହତ ରହିଛି। ଏମ୍‌ସ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ପରେ ରାଷ୍ଟ୍ରପତି ଆଜି ପୀଡ଼ିତାଙ୍କୁ ବର୍ଣ୍ଣ ୟୁନିଟ୍ ମଧ୍ୟରେ ଦେଖିଛନ୍ତି ଓ ତାଙ୍କର ସ୍ୱାସ୍ଥ୍ୟ, ଚିକିତ୍ସା ଆଦି ସମ୍ପର୍କରେ ଡ଼ାକ୍ତରୀ ଟିମ୍ ସହ ▶ପୃଷ୍ଠା-୭

### ବର୍ଣ୍ଣ ୟୁନିଟରେ ପୀଡ଼ିତାଙ୍କୁ ଦେଖିଲେ ରାଷ୍ଟ୍ରପତି
### ରାଷ୍ଟ୍ରପତିଙ୍କୁ ଫେରାଦ ହେଲେ ବିଜେଡି, କଂଗ୍ରେସ
### ରାଜଧାନୀରେ ବିଜେଡିର ସମୂହ ଦୀପଦାନ
### ୧୮ରେ ଲୋକସେବା ଭବନ ଘେରାଉ
### ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ବର୍ଷିଲା କଂଗ୍ରେସ

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ରିପୋର୍ଟ ମାଗିଲେ ରାଜ୍ୟପାଳ



■ **ଭୁବନେଶ୍ୱର, ୧୪।୭(ସମିସ):** ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମଦାହ ଘଟଣା ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମପାଟି। କେଉଁ ପରିସ୍ଥିତିରେ ଘଟଣା ଘଟିଲା ଏବଂ ସମାଧାନ ପାଇଁ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ରାଜ୍ୟପାଳ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ କଥା ହେବା ସହ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ପଚାରି ବୁଝିଛନ୍ତି। ସେହିପରି ରାଜ୍ୟପାଳ ଏମ୍ସ ନିର୍ଦ୍ଦେଶକଙ୍କ ସହ କଥା ହୋଇ ପୀଡ଼ିତା ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷା, ମାନସିକ ସୁସ୍ଥତା ଏବଂ ସମ୍ମାନକୁ ସର୍ବଦା ସୁରକ୍ଷିତ ରଖିବା ଆବଶ୍ୟକ ବୋଲି କହିବା ସହ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ କର୍ତ୍ତୃପକ୍ଷ ତତ୍ପରତା, ସହାନୁଭୂତି ଓ ଦାୟିତ୍ୱର ସହିତ କାର୍ଯ୍ୟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

## ନିଲମ୍ବିତ ଅଧ୍ୟକ୍ଷ ଗିରଫ

■ **ବାଲେଶ୍ୱର,୧୪।୭(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ଗତ ଶନିବାର ପୁଲିସ ଶିକ୍ଷକ ଶିକ୍ଷା ବିଭାଗର ଏଚଓଡି ସମୀର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ଦ୍ୱିତୀୟ ଅଭିଯୁକ୍ତ ଭାବେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଗିରଫ କରିଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବିତ ହେବା ▶ପୃଷ୍ଠା-୭

## ମୋ' ଝିଅ ଦେହରେ ନିଆଁ ଲଗାଯାଇଛି: ମା'

■ **ଭୁବନେଶ୍ୱର, ୧୪।୭ (ସମିସ):** ଫକୀରମୋହନ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଦ୍ୱିତୀୟ ଦିନରେ ପହଞ୍ଚିଛି। କ୍ରାଇମବ୍ରାଞ୍ଚର ୩ଜଣିଆ ଟିମ୍ କଲେଜକୁ ଯାଇ କର୍ମଚାରୀ ଏବଂ ପୀଡ଼ିତାଙ୍କ ସାଙ୍ଗସାଥୀମାନଙ୍କୁ ପଚରାଉଚରା କରିଛି। ଆଗକୁ ଗିରଫ କଲେଜ ଅଧ୍ୟକ୍ଷ ଏବଂ ଏଚ୍‌ଓଡିଙ୍କୁ ଜେଲରେ ପଚରାଉଚରା କରାଯିବ ବୋଲି ସୂଚନା ମିଳିଛି। ଗତକାଲି ଏହି ଟିମ୍ ନିଲମ୍ବିତ ପ୍ରିନ୍ସିପାଲଙ୍କୁ ପଚରାଉଚରା କରିବା ସହ କଲେଜର ଇଣ୍ଟରନାଲ୍ କମ୍ପ୍ଲେନ୍ ▶ପୃଷ୍ଠା-୭

## ଏନ୍‌ଏଚ୍‌ଆର୍‌ସିଙ୍କ ଉଦ୍‌ବେଗ
### ତଥ୍ୟ ଦାଖଲ ଲାଗି ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ

■ **ଭୁବନେଶ୍ୱର,୧୪।୭(ସମିସ):** ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ଆତ୍ମଦାହ ଘଟଣାରେ ଉଦ୍‌ବେଗ ସହ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆରସି)। ଘଟଣା ସମ୍ପର୍କରେ ମାନବାଧିକାର ଆୟୋଗ ବାଲେଶ୍ୱର ଜିଲ୍ଲାପାଳ, ଏସ୍‌ପି ଓ ସିଡିଏମ୍‌ଓଙ୍କୁ ୧୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

ବାଲେଶ୍ୱର ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟର ଅଧ୍ୟକ୍ଷ ତଥା ଓଡିଶା ଅଭିଭାବକ ମହାସଂଘ ଉପଦେଷ୍ଟା ମନୋଜ ଜେନା ମାମଲା ରୁଜୁ କରିଥିଲେ। କଲେଜ ଅଧ୍ୟକ୍ଷ ଏବଂ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସମ୍ପୃକ୍ତ ଛାତ୍ରୀ ଆତ୍ମଦାହ ପରି ଚରମ ପଦକ୍ଷେପ ନେଲେ। ତେଣୁ ନିରପେକ୍ଷ ଏବଂ ଉଚ୍ଚସ୍ତରୀୟ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ପୀଡିତାଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ଏବଂ କ୍ଷତିପୂରଣ ଏବଂ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ଦୃଢ଼ ବ୍ୟବସ୍ଥା କରିବାକୁ ଆୟୋଗଙ୍କୁ ମନୋଜ ଜେନା ନିବେଦନ କରିଛନ୍ତି।

## ଚେତିଲେ ସରକାର: ୨୪ ଘଣ୍ଟାରେ ଆଇସିସି ଗଠନ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୧୪।୭ (ସମିସ):** ଉଚ୍ଚଶିକ୍ଷାନୁଷ୍ଠାନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ଉଚ୍ଚଶିକ୍ଷା ବିଭାଗ ଏକାଧିକବାର ନିର୍ଦ୍ଦେଶ ଦେଇଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ବାରମ୍ବାର ଚିଠି କରିଛି। ମାତ୍ର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ କାର୍ଯ୍ୟକାରୀ କରୁ ନାହାନ୍ତି। ବିଭାଗ ମଧ୍ୟ ଏ ସମ୍ପର୍କରେ ନିରବତା ଅବଲମ୍ବନ କରି ଆସିଛି। ମାତ୍ର ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଛି। ୨୪ ଘଣ୍ଟା ମଧ୍ୟରେ ଆଇସିସି ଗଠନ ସହ ରିପୋର୍ଟ ଦାଖଲ କରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଛି। କମିଟିରେ ସଦସ୍ୟ ଥିବା ଅଧ୍ୟାପକ/ଅଧ୍ୟାପିକାଙ୍କ ନାମ ଏବଂ ମୋବାଇଲ୍ ନମ୍ବର ଶିକ୍ଷାନୁଷ୍ଠାନର ପ୍ରମୁଖ ସ୍ଥାନରେ ପ୍ରଦର୍ଶିତ କରିବେ। ଯେପରି ଛାତ୍ରଛାତ୍ରୀମାନେ ସହଜରେ କମିଟି ସମ୍ପର୍କରେ ଜାଣିପାରିବେ। ସେସବୁର ଜିଓ ଟ୍ୟାଗ୍ ଫଟୋ ଉଠାଇ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ୍‌ରେ ଅପଲୋଡ୍ ▶ପୃଷ୍ଠା-୭

## ଘୃଣ୍ୟ ମନ୍ତବ୍ୟ
# ସୁପ୍ରିମ କୋର୍ଟ ଖପ୍ପା
### ନିୟନ୍ତ୍ରଣ ଲାଗି ରାଜ୍ୟ ଓ କେନ୍ଦ୍ରକୁ ପରାମର୍ଶ

■ **ନୂଆଦିଲ୍ଲୀ, ୧୪।୭(ଏଜେନ୍ସି):** ଦେଶରେ ଏବେ ଘୃଣା ସୃଷ୍ଟିକାରୀ ମନ୍ତବ୍ୟ ଯେପରି ବୃଦ୍ଧି ପାଇବାରେ ଲାଗିଛି, ତାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ବାକ୍ ସ୍ୱାଧୀନତା ନାମରେ ଏଭଳି ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। ବାକ୍ ସ୍ୱାଧୀନତା ଭଳି ଏକ ପବିତ୍ର ଅଧିକାରର ମୂଲ୍ୟବୋଧ ସାଧାରଣ ନାଗରିକ ବୁଝିବା ଦରକାର। ଏସଂପର୍କରେ ଲୋକମାନଙ୍କୁ ସଚେତନ କରାଯାଉ। ଆବଶ୍ୟକ ପଡ଼ିଲେ ଏଭଳି ଘୃଣା ସୃଷ୍ଟିକାରୀ ମନ୍ତବ୍ୟକୁ ନିୟନ୍ତ୍ରଣ କରିବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି କହିଛନ୍ତି ସର୍ବୋଚ୍ଚ ଅଦାଲତ।




ତେବେ ବାକ୍ ସ୍ୱାଧୀନତା ପାଇଁ ସମ୍ବିଧାନରେ ମିଳିଥିବା ଅଧିକାରର କୌଣସି ପରିସ୍ଥିତିରେ ବି ଉଲ୍ଲଂଘନ ହେବା ଉଚିତ ନୁହେଁ।

ଘୃଣା ସୃଷ୍ଟିକାରୀ ଏକ ମନ୍ତବ୍ୟ ସଂକ୍ରାନ୍ତ ମାମଲାର ଶୁଣାଣି ବେଳେ ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି ଯେ ଲୋକମାନେ ଚାହାନ୍ତି ନାହିଁ ଯେ ସେମାନଙ୍କ ବାକ୍ ସ୍ୱାଧୀନତା ଅଧିକାରରେ ସରକାର ହସ୍ତକ୍ଷେପ କରନ୍ତୁ। କିନ୍ତୁ ଏଭଳି ନାଗରିକ ଏହି ଅଧିକାର ସଂପର୍କରେ ସଚେତନ ହେବା ଆବଶ୍ୟକ। ବାକ୍ ସ୍ୱାଧୀନତା ନାମରେ ସେମାନେ ଘୃଣା ସୃଷ୍ଟିକାରୀ ମନ୍ତବ୍ୟ ଦେଇପାରିବେ ନାହିଁ। ଏଭଳି ବୟାନକୁ ଲୋକମାନେ କାହିଁକି ଅଶୋଭନୀୟ ବୋଲି ଭାବୁ ନାହାନ୍ତି। ସାମାଜିକ ଗଣମାଧ୍ୟମରେ ଏଭଳି ଘୃଣ୍ୟ ମନ୍ତବ୍ୟର ଯେପରି ପ୍ରସାର କରାଯାଉଛି ଏବଂ ଏହାକୁ ପସନ୍ଦ କରାଯାଉଛି, ତାହା ▶ପୃଷ୍ଠା-୭

## ମହାକାଶରୁ ଫେରୁଛନ୍ତି ଶୁଭାଂଶୁ

■ **ଫ୍ଲୋରିଡ଼ା, ୧୪।୭ (ଏଜେନ୍ସି):** ଭାରତର ପ୍ରଥମ ମହାକାଶଚାରୀ ଭାବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏଏସ)କୁ ଯାଇଥିବା ଶୁଭାଂଶୁ ଶୁକ୍ଲାଙ୍କ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଛି। ସେ ସୋମବାର ସନ୍ଧ୍ୟା ୪ଟା୪୫ରେ ଆଇଏସଏସ ଛାଡ଼ି ପୃଥିବୀ ଅଭିମୁଖେ ବାହାରିଛନ୍ତି।



୨୩ ଘଣ୍ଟାର ଯାତ୍ରା ପରେ ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟ ମଙ୍ଗଳବାର ଅପରାହ୍ଣ ୩ଟାରେ ସମୁଦ୍ରରେ ଅବତରଣ କରିବ। ଏହାକୁ ସ୍ପାଲ୍ସଡାଉନ କୁହାଯାଏ। ଅକ୍ସିୟମ-୪ ଅଭିଯାନରେ ସାମିଲ ଏହି ମହାକାଶ ଯାନ ୨୬୩ କେଜିରୁ ଅଧିକ ସାମଗ୍ରୀ ଧରି ପୃଥିବୀକୁ ଫେରୁଛି। ଏଥିରେ ନାସାର ହାର୍ଡୱେୟର ଏବଂ ୬୦ରୁ ଅଧିକ ପରୀକ୍ଷଣ ତଥ୍ୟ ସାମିଲ ରହିଛି। ଏହା ମହାକାଶ ଗବେଷଣା ପାଇଁ ଅତ୍ୟନ୍ତ ଜରୁରୀ। ପୂର୍ବରୁ କମାଣ୍ଡର ପେଗି ହ୍ୱିଟସନ, ମିଶନ ପାଇଲଟ ଶୁଭାଂଶୁ 'ଶୁକ୍ସ' ଶୁକ୍ଲା ଏବଂ ମିଶନ ବିଶେଷଜ୍ଞ ସ୍ଲାଓସ୍ ଉଜନାନସ୍କି-ୱିସନିୱସ୍କି ଏବଂ ଟିବୋର କାପୁଙ୍କୁ ▶ପୃଷ୍ଠା-୭

### ବ୍ରହ୍ମପୁରରେ ପୁଣି ଲଜ୍ଜା!
## ନିଶା ଇଞ୍ଜେକସନ୍ ଦେଇ ମହିଳାଙ୍କୁ ଗଣଦୁଷ୍କର୍ମ

■ **ବ୍ରହ୍ମପୁର, ୧୪।୭ (ସମିସ):** ଗଞ୍ଜାମରେ ପୁଣି ଲଜ୍ଜା। ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯିବା ଘଟଣା ରାଜ୍ୟବାସୀଙ୍କ ମନରୁ ନ ଲିଭୁଣୁ ନିମଖଣ୍ଡି ଥାନା ଅଞ୍ଚଳରୁ ପୁଣି ଏପରି ଏକ ସଂଗିନ୍ ଘଟଣା ପଦାକୁ ଆସିଛି। ନିଶା ଇଞ୍ଜେକ୍ସନ୍ ଦେଇ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଦୁଇବନ୍ଧୁ ଗଣଦୁଷ୍କର୍ମ କରିଛନ୍ତି। ମହିଳାଜଣଙ୍କୁ ଚିକିତ୍ସା ଲାଗି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ମହିଳାଜଣଙ୍କ ପୁଲିସ୍ ଉପସ୍ଥିତିରେ ସେ ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। କିନ୍ତୁ ଖବର ଲେଖା ହେବା ସୁଦ୍ଧା ଏନେଇ ପୁଲିସ୍ କୌଣସି ମାମଲା ରୁଜୁ କରିନଥିବା ଜଣାଯାଇଛି। ସୂଚନାନୁସାରେ, ମହିଳାଙ୍କ ଘର ଗଞ୍ଜାମ ଥାନା ଅଞ୍ଚଳରେ। ରବିବାର ରାତିରେ ତାଙ୍କ ସ୍ୱାମୀ ଓ ତାଙ୍କର ଦୁଇ ବନ୍ଧୁ ତାଙ୍କୁ ନିମଖଣ୍ଡି ଥାନା ଅଞ୍ଚଳରେ ଏକ ଭଡ଼ାଘର ଉପର ମହଲାକୁ ନେଇ ସେଠାରେ ଗଣଦୁଷ୍କର୍ମ କରିଥିଲେ। ଏଥିପାଇଁ ସେମାନେ ପ୍ରଥମେ ତାଙ୍କୁ ନିଶା ଇଞ୍ଜକସେନ୍ ଦେଇଥିଲେ ବୋଲି ସେ କହିଛନ୍ତି। ତେବେ ଗଣଦୁଷ୍କର୍ମର ଶିକାର ହେବା ପରେ ସେ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ଆଜି ମହିଳାଜଣଙ୍କ ବସ୍ ଯୋଗେ ଗଞ୍ଜାମ ଫେରୁଥିବା ବେଳେ ଗଞ୍ଜାମ ନିକଟରେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। କିଛି ସ୍ଥାନୀୟ ଲୋକଙ୍କ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ▶ପୃଷ୍ଠା-୭

### ସ୍ୱାମୀ ଓ ଦୁଇ ବନ୍ଧୁଙ୍କ ନାମରେ ସଂଗିନ୍ ଅଭିଯୋଗ
### ମହିଳା ଥାନାର ସିସିଟିଭି ଫୁଟେଜ୍ ଯାଞ୍ଚ କଲା ପୁଲିସ୍




ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ସ୍ୱାଗତ

## ରଥଯାତ୍ରା ବେଳେ କାନାଡ଼ାରେ ଅଣ୍ଡାମାଡ଼
### ଗଭୀର ଚିନ୍ତା ପ୍ରକଟ କଲେ ନବୀନ

■ **ଭୁବନେଶ୍ୱର, ୧୪।୭ (ସମିସ):** କାନାଡାର ଟୋରଣ୍ଟୋରେ ରଥଯାତ୍ରା ଉତ୍ସବ ସମୟରେ ଭକ୍ତଙ୍କ ଉପରେ ଅଣ୍ଡାମାଡ଼ ହୋଇଛି। ଏଭଳି ଘଟଣାକୁ ନେଇ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଏହି ଘଟଣା ଜାଣିବା ପରେ ମୁଁ ଗଭୀର ମର୍ମାହତ। ଏପରି ଘଟଣା କେବଳ ବିଶ୍ୱରେ ପ୍ରଭୁ ଜଗନ୍ନାଥଙ୍କ ଭକ୍ତମାନଙ୍କ ଭାବନାକୁ ଗୁରୁତର ଆଘାତ ଦେଇନାହିଁ, ବରଂ ଏହି ଉତ୍ସବ ଓ ସଂସ୍କୃତିର ଗୁରୁତ୍ୱ ଥିବା ଦୃଷ୍ଟିରୁ ଓଡ଼ିଆ ଲୋକଙ୍କୁ ଏହା ଗଭୀର ଯନ୍ତ୍ରଣା ଦେଇଛି। ଯଦି ଗଣମାଧ୍ୟମ ରିପୋର୍ଟଗୁଡ଼ିକ ସଠିକ୍ ହୋଇଥାଏ, ତେବେ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ଏହି ମାମଲାକୁ ଗମ୍ଭୀରତାର ସହ ନେବା ଉଚିତ। ଏହାସହିତ କାନାଡା କର୍ତ୍ତୃପକ୍ଷଙ୍କ ନିକଟରେ ଏକ ଦୃଢ଼ ପ୍ରତିବାଦ ଜଣାଇବାକୁ ମାମଲାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଅନୁରୋଧ କରିବା ଉଚିତ ବୋଲି ନବୀନ ଉଲ୍ଲେଖ କରିଛନ୍ତି।


### ହସ୍ତକ୍ଷେପ କରନ୍ତୁ ରାଜ୍ୟ ସରକାର



## ଅବପାତ ରୂପ ନେଲା ଲଘୁଚାପ
# ଦୁଇ ଦିନ ପ୍ରବଳ ବର୍ଷା

■ **ଭୁବନେଶ୍ୱର, ୧୪।୭ (ସମିସ):** ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି। ବିଶେଷ କରି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବା ବେଳେ ବର୍ଷାର ପ୍ରଭାବ ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଦକ୍ଷିଣପୂର୍ବ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ତଥା ପାଶ୍ୱର୍ବର୍ତ୍ତୀ ବାଂଲାଦେଶ ଅଞ୍ଚଳରେ ରହିଥିବା ଲଘୁଚାପ ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଅନୁରୂପ ଭାବରେ ଉତ୍ତରପଶ୍ଚିମ ମଧ୍ୟପ୍ରଦେଶ ଏବଂ ତାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ମଧ୍ୟ ଅନ୍ୟ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ତେଣୁ ଯୋଡ଼ି ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇଛି।


ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁସାରେ ସୃଷ୍ଟ ଲଘୁଚାପ ଏବେ ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ଉତ୍ତର ଓଡ଼ିଶା ▶ପୃଷ୍ଠା-୭



### ବିଭିନ୍ନ ନଦୀରେ ବନ୍ୟା ଆଶଙ୍କା

## ଉପଭୋକ୍ତାଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ
# ନିଜଆଡୁ ଶୁଣାଣି କରିବ ଓଇଆର୍‌ସି

■ **ଭୁବନେଶ୍ୱର, ୧୪।୭ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଲୋ-ଭୋଲଟେଜ ସମସ୍ୟା, ବିଦ୍ୟୁତ୍ କାଟ, ଗ୍ରାହକଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ ପରି ପ୍ରସଙ୍ଗକୁ ଗୁରୁତର ସହ ନେଇଛନ୍ତି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ। ବିଭିନ୍ନ ଆଡୁ କମିଶନଙ୍କ ନିକଟରେ ଏନେଇ ପ୍ରତିବାଦ ହେବା ପରେ ଓଇଆରସି ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ। ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ ସହ ଅନ୍ୟ କେତେକ ଆଇନର ଉଲ୍ଲଂଘନ ଆଧାରରେ ଏହି ମାମଲା ରୁଜୁ ହୋଇଛି ଓ ଆସନ୍ତାକାଲି ଏହାର ଶୁଣାଣି ହେବ। ରାଜ୍ୟର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ନିୟୋଜିତ ଥିବା ୪ଟି ବିତରକ କମ୍ପାନୀର କାର୍ଯ୍ୟଦକ୍ଷତାକୁ ନେଇ ବିଭିନ୍ନ ସମୟରେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷ ଅଭିଯୋଗ କରିଛନ୍ତି। ବିଶେଷକରି ଲୋ-ଭୋଲଟେଜ, ଅଘୋଷିତ ବିଜୁଳି କାଟ,



ସ୍ମାର୍ଟ ମିଟର ଓ ଅତିରିକ୍ତ ଶୁଳ୍କ ଆଦାୟକୁ ନେଇ ଗ୍ରହକମାନେ ଅଭିଯୋଗ କରି ଆସୁଛନ୍ତି। ଯାହାକୁ ଗୁରୁତର ସହ ନେଇଛନ୍ତି ଓଇଆରସି। ବିତରକ କମ୍ପାନୀ ଇଲେକ୍ଟ୍ରିସିଟି ଆକ୍ଟ ୨୦୦୩ର ଧାରା ୪୩ର ଉଲ୍ଲଂଘନ କରୁଥିବା ଅନୁଭବ କରି ଓଇଆର୍‌ସି ଏଥିପାଇଁ ଶୁଣାଣି ଆରମ୍ଭ କରିଛି।

ଅଭିଯୋଗ ଅନୁସାରେ ଧାରା ୪୩ ଅନୁଯାୟୀ କୌଣସି ନୂଆ ସଂଯୋଗ ପାଇଁ ବୈଧ ଆବେଦନ ଥିଲେ ଏକମାସ ମଧ୍ୟରେ ବିଦ୍ୟୁତ୍ ସଂଯୋଗ ବାଧ୍ୟତାମୂଳକ। ମାତ୍ର ନୂଆ ଆବେଦନକାରୀ ବିଶେଷକରି ସିଙ୍ଗଲ ଫେଜ ବିଦ୍ୟୁତ୍ ବ୍ୟବହାର ପାଇଁ ଆବେଦନ କରିଥିବା ଆବେଦନକାରୀ ଏକ୍ଷେତ୍ରରେ ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି। ଯାହାର ଶୁଣାଣି ଆସନ୍ତାକାଲି ଧାର୍ଯ୍ୟ ହୋଇଛି। ଅପରପକ୍ଷେ ବିଦ୍ୟୁତ ଟ୍ରାନ୍ସଫର୍ମର, ୩୩ କେଭି ଓ ୧୧ କେଭି ଫିଡର ଲାଇନଗୁଡ଼ିକରେ ଡିଟି(ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ମିଟର) ମିଟର ଲଗାଇବା ପ୍ରକ୍ରିୟା ଅତ୍ୟନ୍ତ ଧିମା ଗତିରେ ଚାଲିଥିବା ଅଭିଯୋଗ ସମ୍ପର୍କରେ ମଧ୍ୟ ଶୁଣାଣି ହେବ ବୋଲି ସୂଚନା ମିଳିଛି। ଟ୍ରାନ୍ସଫର୍ମର ଏବଂ ▶ପୃଷ୍ଠା-୭

## ଜଷ୍ଟିସ ମାନସ ପାଠକ ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି

■ **କଟକ, ୧୪।୭(ସମିସ):** ଗୌହାଟୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରାଯାଇଛି। କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ମେ' ୨୬ ତାରିଖରେ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ୍ କରିଥିବା ବେଳେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ଅନୁମୋଦନ କରାଯାଇଛି।



ଜଷ୍ଟିସ୍ ପାଠକ ୧୯୬୫ ମସିହା ଅଗଷ୍ଟ ୨୮ରେ ଗୌହାଟୀରେ ଜନ୍ମଗ୍ରହଣ କରିଥିଲେ। ବେଙ୍ଗାଲୁରୁର ସେଣ୍ଟ ଜୋସେଫ୍ କଲେଜରୁ କଳାରେ ସ୍ନାତକ ଏବଂ ଗୌହାଟୀ ବିଶ୍ୱବିଦ୍ୟାଳୟ ଅଧୀନରେ ଗୌହାଟୀର ▶ପୃଷ୍ଠା-୭

ସକାଳ THE SAKALA



**ପ୍ରତିବାଦ ସଭାରେ ଗର୍ଜିଲା ବିଜେଡି**

# ନାରୀଙ୍କୁ ସୁରକ୍ଷା ଦେଇପାରୁନି ଡବଲ ଇଞ୍ଜିନ




ବାଲେଶ୍ୱର,୧୪।୭(ସମିସ): ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ ହେଉଥିବା ବେଳେ ଏହି ପରିପ୍ରେକ୍ଷୀରେ ଆଜି ବିଜେଡି ପକ୍ଷରୁ ବାଲେଶ୍ୱରରେ ଜୋରଦାର ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି। ଏହି ସମ୍ବେଦନଶୀଳ ଘଟଣାର ସଠିକ ତଦନ୍ତ ସହ ମହିଳାଙ୍କ ପ୍ରତି କୁତ୍ସିତ ମନ୍ତବ୍ୟ ଦେଇଥିବା ନୀଳଗିରି ବିଧାୟକଙ୍କ ଗିରଫ ଦାବି କରି ବିଜେଡି ପକ୍ଷରୁ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ପ୍ରତିବାଦ ସଭା କରାଯାଇଥିଲା।

ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାକୁ ଦୃଢ଼ ନିନ୍ଦା କରାଯାଇଥିଲା। ରାଜ୍ୟ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଲେ, ଡବଲ ଇଞ୍ଜିନ ସରକାର ନାରୀମାନଙ୍କୁ ସୁରକ୍ଷା ଯୋଗାଇପାରୁନାହିଁ। ଫକୀରମୋହନ ମହାବିଦ୍ୟାଳୟର ନିଲମ୍ବିତ ଅଧ୍ୟକ୍ଷ ହେଉଛନ୍ତି ସଦର ବିଧାୟକଙ୍କ ସମ୍ପର୍କୀୟ। ତାଙ୍କୁ ସେ ବିଭିନ୍ନ ଉପାୟରେ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଏଣୁ, ଏ ଦିଗରେ ତଦନ୍ତ ହେବାର ଆବଶ୍ୟକତା ରହିଛି। ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ କହିଥିଲେ ଯେ ଘଟଣାର ସମସ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ। ରାଜ୍ୟରେ ଗତ ଏକ ବର୍ଷ ମଧ୍ୟରେ ୩୦୫୪ଜଣ ନାରୀ ନିର୍ଯାତନାର ଶିକାର ହୋଇଛନ୍ତି। ସେଥିମଧ୍ୟରୁ ପ୍ରତିଦିନ ୧୫ଜଣ ନାରୀ ନିର୍ଯାତନାର ଶିକାର ହେଉଛନ୍ତି। ମୁଖ୍ୟମନ୍ତ୍ରୀ ଖାଲି ଲୋକଦେଖାଣିଆ ଭାବେ ଜନଶୁଣାଣି ଶିବିର କରୁଛନ୍ତି। କିନ୍ତୁ ଲୋକଙ୍କୁ ନ୍ୟାୟ ମିଳିପାରୁନାହିଁ। ସମ୍ବଲପୁରର ଜଣେ ମହିଳା ନ୍ୟାୟ ନ ପାଇବା ଏହାର ଜ୍ୱଳନ୍ତ ଉଦାହରଣ ବୋଲି ସେ କହିଥିଲେ।

ସେହିପରି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କୁ ବିଜେଡି ନେତାମାନେ କଡ଼ା ସମାଲୋଚନା କରିଥିଲେ। ନାରୀମାନଙ୍କ ପ୍ରତି ଏଭଳି କଦର୍ଯ୍ୟ ଭାଷା ବ୍ୟବହାର କରୁଥିବା ବିଧାୟକଜଣଙ୍କ ଜଣେ କୁଳାଙ୍ଗାର। ମା'ମାନଙ୍କ ଅଭିଶାପ ପଡ଼ିଲେ ତାଙ୍କର ସର୍ବନାଶ ହୋଇଯିବ ବୋଲି କହିଥିଲେ। ଏହି ସମସ୍ତ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଉଚ୍ଚ ଶିକ୍ଷାମନ୍ତ୍ରୀ, ସାଂସଦ, ବାଲେଶ୍ୱର ସଦର ବିଧାୟକ ଇସ୍ତଫା ଦେବା ଆବଶ୍ୟକ। ଏହାସହ ନୀଳଗିରି ବିଧାୟକଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଥିଲା।

ଏହି ଅବସରରେ ବିଜେଡି ପକ୍ଷରୁ ଗାନ୍ଧୀ ସ୍ମୃତିଭବନ ପରିସରରୁ ଏକ ପଦଯାତ୍ରାରେ ବାହାରି ପୂର୍ବାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ପ୍ରତିବାଦ କରାଯାଇଥିଲା। ସେହିପରି ପୁଲିସ୍ ଲାଇନ୍ କଣ୍ଟେଇ ଛକରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହାସହ ଡିଜିଙ୍କ ଉଦ୍ଦେଶ୍ୟରେ ଡିଆଇଜି ଡ. ସତ୍ୟଜିତ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଜିଲ୍ଲା ସମ୍ପାଦକ ମନୋଜ ରାଉତ ମଂଚ ଆହ୍ୱାନ କରିଥିବା ବେଳେ ରାଜ୍ୟ ମହିଳା ସଭାପତି ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ବ୍ୟୋମକେଶ ରାୟ, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀରଞ୍ଜନ ତ୍ରିପାଠୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା, ସୋର ବିଧାୟକ ମାଧବ ଧଡା, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ପୌରପରିଷଦ ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକଙ୍କ ସମେତ ସମସ୍ତ ଦଳୀୟ ଲୋକପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବାଲେଶ୍ୱରରେ କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟି



ବାଲେଶ୍ୱର, ୧୪।୭(ସମିସ): ଫକୀରମୋହନ କଲେଜରେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାର ଅନୁଧ୍ୟାନ ପାଇଁ ଆଜି କଂଗ୍ରେସର ଏକ ତଥ୍ୟ ଅନୁଧ୍ୟାନ କମିଟି ବାଲେଶ୍ୱର ଗସ୍ତ କରିଛନ୍ତି। ରାଜ୍ୟ ମହିଳା କଂଗ୍ରେସର ସଭାପତି ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଆଲୋଚନା କରିବା ସହ ଘଟଣାର ନିରପେକ୍ଷ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସାକ୍ଷାତ ସମୟରେ କମିଟି ଅଧ୍ୟକ୍ଷାଙ୍କ ସମେତ ସଦସ୍ୟା ପ୍ରଫେସର୍ ଗାୟତ୍ରୀ ବିଶ୍ୱାଳ, ମଧୁସ୍ମିତା ସେଠୀ, ପ୍ରଣତୀ ମିଶ୍ର, ଜୟଶ୍ରୀ ପାତ୍ର, ଡା. ଦେବସ୍ମିତା ଶର୍ମା ଓ ସୁସ୍ମିତା ଘୋଷାଲ ଉପସ୍ଥିତ ଥିଲେ।

ଅପରପକ୍ଷେ, ମହାବିଦ୍ୟାଳୟରେ ଘଟିଥିବା ଏହି ଅଘଟଣକୁ ନେଇ ଅନୁଧ୍ୟାନ କମିଟି ଅନେକ ପ୍ରଶ୍ନ ଉଠାଇଛି। ଛାତ୍ରୀଜଣଙ୍କ ୧୨ଦିନ ପୂର୍ବରୁ ପୁଲିସ୍ ଓ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ଏବଂ ଅଧ୍ୟକ୍ଷ ୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୨ ଦିନ ହୋଇଥିଲେ ମଧ୍ୟ ପୁଲିସ୍ ପ୍ରଶାସନ ରିପୋର୍ଟ ବାବଦରେ ପ୍ରିନ୍ସପାଲଙ୍କୁ ତାଗିଦ କ'ଣ ପାଇଁ କରି ନଥିଲା? ଛାତ୍ରୀଜଣଙ୍କ ଏ ସମ୍ପର୍କରେ ଗଣମାଧ୍ୟମ ଆଗକୁ ଆସିଥିଲେ ଏବଂ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ମଧ୍ୟ ଜଣାଇଥିଲେ। ନିଜ ଦଳର ଛାତ୍ର ସଂଗଠନର ସକ୍ରିୟ କାର୍ଯ୍ୟକର୍ତ୍ତା ଥିବା ସତ୍ତ୍ୱେ ସାଂସଦ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ କେବଳ ଅଧ୍ୟକ୍ଷଙ୍କୁ ଫୋନ କରି ନିଜର ଉପସ୍ଥିତି ଜାହିର କରିଦେଇ ରହିଗଲେ କାହିଁକି? ଗଣମାଧ୍ୟମରେ ଏ ଖବର ପ୍ରକାଶ ପାଇବା ପୂର୍ବରୁ ଛାତ୍ରୀଜଣଙ୍କ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସମସ୍ତଙ୍କୁ ଟୁଇଟ କରିଥିଲେ। ଏହାସତ୍ତ୍ୱେ ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାୟକ, ଉପମୁଖ୍ୟମନ୍ତ୍ରୀ, ମୁଖମନ୍ତ୍ରୀ କାହିଁକି ଘଟଣାର ହସ୍ତକ୍ଷେପ କଲେନି? ସେହିପରି ଇଣ୍ଟରନାଲ କମ୍ପ୍ଲେନ୍ କମିଟି (ଆଇସିସି) ରିପୋର୍ଟ ପୀଡ଼ିତାଙ୍କ ବିପକ୍ଷରେ ଯାଉଥିବା ଖବର ଆଗୁଆ ପ୍ରଚାରିତ ହୋଇଥିଲା। ଏହି ଖବର ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ନିକଟରେ ପହଞ୍ଚିଥିଲା। ଆଇସିସିର ଏହି ରିପୋର୍ଟକୁ କିଏ ଏବଂ କାହିଁକି ଲିକ୍ କରିଥିଲେ? ସବୁଠୁ ବଡ଼ ପ୍ରଶ୍ନ ହେଲା, କଲେଜ କ୍ୟାମ୍ପସ ଭିତରକୁ କିଏ ଏବଂ କେମିତି ପେଟ୍ରୋଲ ଆସିଲା? ଛାତ୍ରୀଙ୍କୁ କିଏ ଆଣି ଦେଇଥିଲେ? ତାହାର ସିସିଟିଭି ଫୁଟେଜ ସାର୍ବଜନୀନ କରାଯାଉ। ସେହିପରି ଛାତ୍ରୀଜଣଙ୍କ ନିଜ ଦେହରେ ନିଆଁ ଲଗାଇବା ସମୟରେ ଯେଉଁ ଛାତ୍ରଜଣଙ୍କ ଭିଡିଓ ରେକର୍ଡିଂ କରୁଥିଲେ ଏବଂ ପୀଡ଼ିତାଙ୍କ ସହ ଘଟଣା ଦିନ କଲେଜକୁ ଆସିଥିବା ଛାତ୍ର ଓ ଅଣଛାତ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଅନୁଧ୍ୟାନ କମିଟି ଦାବି କରିଛି।

**■ ସୌମ୍ୟାଶ୍ରୀ ଭାଇଙ୍କ ସାଂଘାତିକ ଅଭିଯୋଗ**

## ଷଡ଼୍ଯନ୍ତ୍ର କରି ମୋ ଭଉଣୀକୁ ହତ୍ୟା କରାଯାଇଛି

ବାଲେଶ୍ୱର,୧୪।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାରେ କ୍ରାଇମବ୍ରାଞ୍ଚର ତଦନ୍ତ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ଜଣେ ଅତିରିକ୍ତ ଏସ୍‌ପି ଓ ଜଣେ ଡିଏସପିଙ୍କୁ ନେଇ ଗଠିତ କ୍ରାଇମବ୍ରାଞ୍ଚର ୱିମେନ ୱିଙ୍ଗ ଆଜି କଲେଜରେ ୨ଘଣ୍ଟା ଧରି ଖୋଳତାଡ଼ କରିଛି। ଏହାସହ ସୌମ୍ୟାଶ୍ରୀଙ୍କ ଭାଇ ସୌମ୍ୟରଞ୍ଜନଙ୍କୁ ମଧ୍ୟ ପଚରାଉଚରା କରିଛି। ସୌମ୍ୟରଞ୍ଜନ କ୍ରାଇମବ୍ରାଞ୍ଚକୁ କହିଛନ୍ତି ଯେ ଏହି ଘଟଣାରେ ସେ ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଓ ଅଭିଯୁକ୍ତ ପ୍ରଫେସର୍ ଏଚ୍‌ଓଡି ସମୀର କୁମାର ସାହୁଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ସେହିପରି, ଭଉଣୀଙ୍କ ଅଭିଯୋଗ ପରେ କଲେଜରେ ଯେଉଁ କମିଟି ଗଠନ କରାଯାଇଥିଲା, ସେଥିରେ କଲେଜ ଅଧ୍ୟକ୍ଷ କାହିଁକି ମେମ୍ବର ନ ଥିଲେ ବୋଲି ସୌମ୍ୟରଞ୍ଜନ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ, ଘଟଣା ଦିନ ସେମାନେ ଦୁଇଜଣ ତାଙ୍କ ଭଉଣୀଙ୍କୁ କ'ଣ କହିଥିଲେ ଯେ ସେ ସେଠାରୁ ବାହାରି ଆସି ଆତ୍ମାହୁତି ଉଦ୍ୟମ କଲେ, ତାହା ସାର୍ବଜନୀନ କରାଯାଉ। ତାଙ୍କୁ ଆତ୍ମାହୁତି ଉଦ୍ୟମ ପାଇଁ ବାଧ୍ୟ କରାଯାଇନାହିଁ, ବରଂ ତାଙ୍କୁ ହତ୍ୟା କରିବା ପାଇଁ ଷଡ଼୍ଯନ୍ତ୍ର କରାଯାଇଛି ବୋଲି ସେ କହିଛନ୍ତି।

## ଫିରୋଜ ପାଢ଼ୀ ଭାରପ୍ରାପ୍ତ ଅଧ୍ୟକ୍ଷ ନିଯୁକ୍ତ



ବାଲେଶ୍ୱର, ୧୪।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ନିଲମ୍ବିତ ହୋଇଥିବା କଲେଜ ଅଧ୍ୟକ୍ଷ ପ୍ରଫେସର୍ ଦିଲ୍ଲୀପ କୁମାର ଘୋଷଙ୍କୁ ଆଜି ପୁଲିସ୍ ଗିରଫ କରିଛି। ପ୍ରଫେସର୍ ଫିରୋଜ ପାଢ଼ୀଙ୍କୁ ମହାବିଦ୍ୟାଳୟର ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଉକ୍ତ ମହାବିଦ୍ୟାଳୟର ସେ ପ୍ରାଣୀ ବିଜ୍ଞାନ ବିଭାଗର ଏଚ୍‌ଓଡି ଭାବେ କାର୍ଯ୍ୟ କରୁଥିଲେ। ଏହି ଅବସରରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ ଆଗାମୀ ଦିନରେ ତଦନ୍ତରେ ମୋର ଯାହା ଆବଶ୍ୟକ ବା ସହଯୋଗ ଲୋଡ଼ାଯିବ, ମୁଁ ସହଯୋଗ କରିବି।

ଅପରପକ୍ଷେ ଆଜି କଲେଜ ଆଗରେ ବିଜେଡିର ବିକ୍ଷୋଭ ଯୋଗୁ ଦିନ ତମାମ ଉତ୍ତେଜନା ଲାଗିରହିଥିଲା। ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ କୁଶପୁତ୍ତଳିକା ପୋଡ଼ିଥିଲେ।

**ଏଫ୍‌ଏମ୍ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ**

# ନ୍ୟାୟିକ ତଦନ୍ତ ଦାବିକଲା କଂଗ୍ରେସ

ଭୁବନେଶ୍ୱର,୧୪।୭(ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ କେବଳ ଅଧ୍ୟାପକ ନୁହେଁ, ମୂଳରୁ ଚୂଳ ଯାଏ ସମସ୍ତେ ଚରମ ଦାୟିତ୍ୱହୀନତା ଦେଖାଇଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ତିନିଜଣ ଅଧ୍ୟାପକ, କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ, ସ୍ଥାନୀୟ ବିଧାୟକ ଓ ସାଂସଦ, ରାଜ୍ୟ ଶିକ୍ଷାମନ୍ତ୍ରୀ, ଏପରିକି ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବା ଉଚିତ ବୋଲି ରାଜ୍ୟ କଂଗ୍ରେସ କହିଛି। ସୋମବାର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ସମ୍ବାଦିକ ସମ୍ମିଳନୀରେ ଏହି ଘଟଣାର ନ୍ୟାୟିକ ତଦନ୍ତ ଦାବି କରାଯିବା ସହ ହାଇକୋର୍ଟର ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ସିବିଆଇକୁ ମଧ୍ୟ ତଦନ୍ତ ଭାର ଅର୍ପଣ କରାଯାଉ ବୋଲି କଂଗ୍ରେସ ଦାବି କରିଛି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି, ରାଜ୍ୟ ସରକାର ଯଦି ମହିଳା ଆୟୋଗ ଗଠନ କରିଥା'ନ୍ତେ, ହୁଏତ ଏପରି ଦୁର୍ଭାଗ୍ୟଜନକ ଘଟଣା ଘଟିନଥା'ନ୍ତା। ଘଟଣାର ବହୁଦିନ ପୂର୍ବରୁ ଛାତ୍ରୀଜଣଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ଜାତୀୟ ମହିଳା କମିଶନଙ୍କୁ ଅଧ୍ୟାପକଙ୍କ ଯୌନ ଆବେଦନ ଓ ମାନସିକ ନିର୍ଯାତନା ନେଇ ଟୁଇଟ୍ ମଧ୍ୟ କରିଥିଲେ। ରାଜ୍ୟ ମହିଳା




କମିଶନ ଥିଲେ ଏହି ପ୍ରସଙ୍ଗରେ ହୁଏତ ପୁଲିସ ଡିଜିଙ୍କୁ ଜବାବ ଦେବା ପାଇଁ କହିଥା'ନ୍ତେ। ତେଣୁ ମୁଖ୍ୟମନ୍ତ୍ରୀ ମଧ୍ୟ କାଠଗଡ଼ାରେ। ଉକ୍ତ ଛାତ୍ରୀଙ୍କ ଟୁଇଟ୍ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ତାଙ୍କୁ ସୁରକ୍ଷା ଦେଇପାରିଲେନି କିପରି ବୋଲି ଶ୍ରୀ ଜେନା ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ତେଣୁ ଏବେ କ'ଣପାଇଁ ବିଜେପିର ନେତାମାନେ ଡାକ୍ତରଖାନା ଯାଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

**■ ରାଜ୍ୟ ମହିଳା କମିଶନ ଥିଲେ ହୁଏତ ଏପରି ହୋଇ ନଥା'ନ୍ତା: ଶ୍ରୀକାନ୍ତ**
**■ ନିଜ ସଂଗଠନର ସଭ୍ୟାଙ୍କୁ ସୁରକ୍ଷା ଦେଲେନି ବିଜେପି ନେତା: ଜୟଦେବ**
**■ ମହିଳା ବାଚସ୍ପତି ଏ ପ୍ରସଙ୍ଗରେ ସମ୍ବେଦନଶୀଳ ହୁଅନ୍ତୁ: ରାମଚନ୍ଦ୍ର**

ଦିଆଯାଇଥିଲା ନା ନାହିଁ? ଯଦି ନାହିଁ, ଯେଉଁମାନେ ଜଣାଇନଥିଲେ, ସେମାନଙ୍କୁ ତୁରନ୍ତ ବରଖାସ୍ତ କରାଯିବା ଉଚିତ ନୁହେଁ କି ବୋଲି ଶ୍ରୀ ଜେନା ପ୍ରଶ୍ନ କରିଛନ୍ତି।

ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଉକ୍ତ ଅଧ୍ୟାପକଙ୍କର କଳଙ୍କିତ ଅତୀତ ରହିଥିବାରୁ ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ଥିଲା। ହେଲେ ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ପ୍ରତି ଅତ୍ୟାଚାର ହେଲା, ଅଥଚ ଖୋଦ୍ ବିଜେପିର ସାଂସଦ ଓ ବିଧାୟକ

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ କହିଛନ୍ତି, ବିଧାନସଭାରେ ମହିଳା ନିର୍ଯାତନା ପ୍ରସଙ୍ଗ ଉଠାଇବାରୁ ଆମେ ସମସ୍ତେ ମହିଳା ବାଚସ୍ପତିଙ୍କ ଦ୍ୱାରା ନିଲମ୍ବିତ ହୋଇଥିଲୁ। ଆଶା କରୁଛୁ, ଏହି ଘଟଣାରେ ବାଚସ୍ପତି ସମ୍ବେଦନଶୀଳ ହେବେ। ନିଜ ସଂଗଠନର ଜଣେ ମହିଳା କାର୍ଯ୍ୟକର୍ତ୍ତାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଏବିଭିପି କର୍ମୀମାନେ ତାଙ୍କୁ ଏମସ୍ ପରିସରରେ ବାଧା ଉପୁଜାଇବା ଘୋର୍ ନିନ୍ଦନୀୟ ବୋଲି ଶ୍ରୀ କାଡାମ କହିଥିଲେ।

## ଦିଲ୍ଲୀରେ ବର୍ଷିଲା ମହିଳା କଂଗ୍ରେସ



ଭୁବନେଶ୍ୱର,୧୪।୭(ସମିସ): ବାଲେଶ୍ୱର ଫକୀର ମୋହନ କଲେଜରେ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ଘଟଣାରେ ଦିଲ୍ଲୀରୁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ଏଆଇସିସି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ଅଧ୍ୟକ୍ଷା ଅଲକା ଲମ୍ବା ଏବଂ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଶ୍ରୀମତୀ ଲାମ୍ବା କହିଛନ୍ତି ଯେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ହେବା ପରେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିବା ଜଣେ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦେବାରେ ତାଙ୍କ ସରକାର ବିଫଳ ହୋଇଛନ୍ତି। ତେଣୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଇସ୍ତଫା ଦେବା ଉଚିତ। ସେହିପରି ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜେପି ଶାସନର ଗୋଟିଏ ବର୍ଷ ପୂରଣ କରିବା ଅବସରରେ ଓଡ଼ିଶା ଆସିଥିଲେ। ସେ ସମୟରେ ପୀଡ଼ିତା ତାଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ। କିନ୍ତୁ ତାଙ୍କୁ ଅନୁମତି ଦିଆଯାଇନଥିଲା। ସେ ପ୍ରଧାନମନ୍ତ୍ରୀଙ୍କୁ ଏହି ପ୍ରସଙ୍ଗରେ ତାଙ୍କର ନିରବତା ଭାଙ୍ଗିବାକୁ ଅନୁରୋଧ କରିଥିଲେ। ଏହି ଘଟଣାକୁ ନେଇ କିଛି ଭିଡିଓ ଏବଂ ଛାତ୍ରୀଙ୍କ ପ୍ରତିକ୍ରିୟା ଦେଖାଇ ଘଟଣାକୁ ବିସ୍ତାର ରୂପେ ସୋଫିଆ ବଖାଣିଛନ୍ତି।

ସୋଫିଆ କହିଛନ୍ତି, ଆଜି ପୁଣି ଓଡ଼ିଶା ଚର୍ଚ୍ଚାରେ ରହିଛି। ଓଡ଼ିଶାର ଖବର ଶୀର୍ଷରେ ରହିଛି। କିନ୍ତୁ ବିକାଶ ପାଇଁ ନୁହେଁ, ବରଂ ମହିଳା ବିରୋଧୀ ଅପରାଧ ପାଇଁ। ଏହି ଝିଅଟି ଗୋଟେ ବ୍ୟବସ୍ଥାରେ ଯୁଝି ହୋଇ ନିଜ ଜୀବନକୁ ବାଜି ଲଗାଇଲା। ତେଣୁ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ଉଚିତ ବୋଲି ସୋଫିଆ କହିଛନ୍ତି। ଏହି ମାମଲାରେ ଏକ ନ୍ୟାୟିକ ତଦନ୍ତ ହେବା ସହ ଦୋଷୀମାନଙ୍କୁ ଉଚିତ ଦଣ୍ଡ ପ୍ରଦାନ କରିବାକୁ ସୋଫିଆ ଦାବି କରିଛନ୍ତି। ଯେହେତୁ ଏହା ଏକ ଗମ୍ଭୀର ପ୍ରସଙ୍ଗ, ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ନିଜ ନିରବତା ଭାଙ୍ଗି ଓଡ଼ିଶାବାସୀଙ୍କୁ ଉତ୍ତର ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ଡବଲ ଇଂଜିନ ସରକାରକୁ ଜୟରାମଙ୍କ ଭର୍ତ୍ସନା

ଭୁବନେଶ୍ୱର,୧୪।୭(ସମିସ): ଏଫ୍‌ଏମ୍ ଆତ୍ମାହୁତି ଉଦ୍ୟମ ଘଟଣାରେ ରାଜ୍ୟ ଓ କେନ୍ଦ୍ର ଡବଲ ଇଂଜିନ ସରକାର ଉପରେ ବର୍ଷିଛନ୍ତି କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ। ଓଡ଼ିଶାର ଏହି ଘଟଣା ପାଇଁ ଚିନ୍ତା ପ୍ରକଟ କରିବା ସହ ବିଜେପି ସରକାରକୁ ସେ କଡ଼ା ସମାଲୋଚନା କରିଛନ୍ତି। ଜୟରାମ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରୁ ଏକ ଅତ୍ୟନ୍ତ ବିବ୍ରତକର ଘଟଣା ସାମ୍ନାକୁ ଆସିଛି। ବାଲେଶ୍ୱରର ଏକ କଲେଜରେ ଜଣେ ଛାତ୍ରୀ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ଦୀର୍ଘ ଦିନ ଧରି ଯୌନ ନିର୍ଯାତନାର ଶିକାର ହୋଇ କ୍ୟାମ୍ପସରେ ନିଜକୁ ନିଆଁ ଲଗାଇ ଦେଇଛନ୍ତି। ସେ ଗୁରୁତର ପୋଡ଼ି ଆହତ ହୋଇଛନ୍ତି ଏବଂ ବର୍ତ୍ତମାନ ଏମସ୍ ଭୁବନେଶ୍ୱରରେ ଜୀବନ-ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ପୀଡ଼ିତା ଶାସକ ଦଳର ଛାତ୍ର ସଂଗଠନର ଜଣେ ପଦାଧିକାରୀ ହୋଇଥିବା ବେଳେ ୨୦ ଦିନ ପୂର୍ବେ ସେ ଅଧ୍ୟକ୍ଷଙ୍କୁ ସାହାଯ୍ୟ ପାଇଁ ନିବେଦନ କରିଥିଲେ ଓ ଆନୁଷ୍ଠାନିକ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ଡବଲ ଇଞ୍ଜିନ୍ ସରକାର ଥିବା ଓଡିଶାରେ ଶାସକ ଦଳର ମହିଳା ପଦାଧିକାରୀ ନିଜେ ଏତେ ଅସହାୟ ହୋଇଥିବା ବେଳେ ସାଧାରଣ ମହିଳାଙ୍କ ସୁରକ୍ଷାର ଅବସ୍ଥା କ'ଣ ହେବ ବୋଲି କହି ଜୟରାମ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। 'ବେଟି ପଢ଼ାଓ, ବେଟି ବଚାଓ' ଭଳି ଫମ୍ପା ସ୍ଲୋଗାନ ମଧ୍ୟରେ, ବିଜେପି ସରକାର କେବଳ ନିଜର ମିଥ୍ୟା ପ୍ରତିଛବି ବଞ୍ଚାଇବାକୁ ଚେଷ୍ଟା କରୁଛି। ଗତ ୧୧ ବର୍ଷ ମହିଳା ସୁରକ୍ଷା କ୍ଷେତ୍ରରେ ବିଜେପି ସରକାରଙ୍କ ରେକର୍ଡ ଅତ୍ୟନ୍ତ ଲଜ୍ଜାଜନକ। ମହିଳାମାନଙ୍କ ବିରୋଧରେ ଯୌନ ହିଂସା ଏବଂ ଅନ୍ୟାନ୍ୟ ଅପରାଧ କ୍ରମାଗତ ଭାବରେ ବୃଦ୍ଧି ପାଇଛି। ବିଜେପି ଶାସନରେ ଝିଅମାନେ କୌଣସି ସ୍ଥାନରେ ସୁରକ୍ଷିତ ନୁହଁନ୍ତି। ବିଜେପିର ଅନେକ ନେତାଙ୍କ ଉପରେ ଯୌନ ନିର୍ଯାତନା ଏବଂ ମହିଳା ବିରୋଧୀ ଆଚରଣ ଆଦି ଗମ୍ଭୀର ଅଭିଯୋଗ ରହିଥିବାରୁ ବିଜେପି ସରକାରଙ୍କଠାରୁ ଆମେ କିପରି ମହିଳାମାନଙ୍କ ପାଇଁ ନ୍ୟାୟ ଆଶା କରିବା ବୋଲି ଜୟରାମ ପ୍ରଶ୍ନ କରିଛନ୍ତି।

**ଚାଷୀକୁଳକୁ କାଳ ଲଗାଣ ବର୍ଷା**

## ପଚିଲାଣି ଧାନ ତଳି, ନୂଆ ଗଛ ଉଠୁନି

ଭୁବନେଶ୍ୱର, ୧୪।୭(ସମିସ): ଦୀର୍ଘ ଏକ ମାସ ଧରି ଲଘୁଚାପ ଓ ମୌସୁମୀ ବର୍ଷା ଚାଷୀକୁଳ ପାଇଁ ଚିନ୍ତାର କାରଣ ପାଲଟିଛି। ବିଲରେ ବର୍ଷା ପାଣି ଜମି ରହିଥିବାରୁ ଧାନ ଚାଷକୁ ନେଇ ଚାଷୀଙ୍କ ଭିତରେ ସଂଶୟ ସୃଷ୍ଟି ହେଲାଣି। ଆଷାଢ଼ ଯାଇ ଶ୍ରାବଣ ଆରମ୍ଭ ହୋଇଥିବା ବେଳେ ରାଜ୍ୟର ୯୦ ଭାଗ ଜମି ପଡ଼ିଆ ପଡ଼ିବାର ସମ୍ଭାବନା ଦେଖାଦେଇଛି। ଧାନ ତଳି ସବୁ ବର୍ଷା ପାଣିରେ ନଷ୍ଟ ହୋଇଯିବାରୁ ଦ୍ୱିତୀୟଥର ତଳି ପକାଇ ବେଉଷଣ କରିବା ଚାଷୀଙ୍କୁ ବ୍ୟଥିତ କରିଛି। ତଥାପି ଲଗାଣ ବର୍ଷା କମୁନଥିବାରୁ ଧାନ ବୁଣିଥିଲେ ବି ଗଛ ଉଠିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ଚଳିତ ବର୍ଷ ଖରିଫ୍ ସମୟରେ ୭୧.୫୦ ଲକ୍ଷ ହେକ୍ଟର ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ୪୩.୩୫ ଲକ୍ଷ ହେକ୍ଟର ଚାଷ କରାଯାଇଛି। ଏଥିରୁ ଧାନ ୨୭.୫ ଲକ୍ଷ ହେକ୍ଟର, ମକା ୨.୭ ଲକ୍ଷ ହେକ୍ଟର, ଡାଲିଜାତୀୟ ୬ ଲକ୍ଷ ହେକ୍ଟର, ତୈଳବୀଜ ୨.୨ ଲକ୍ଷ ହେକ୍ଟର, ତନ୍ତୁ ୨.୫ ଲକ୍ଷ, ପରିବା ୭.୫ ଲକ୍ଷ ଏବଂ ମସଲା ୧.୨ ଲକ୍ଷ ହେକ୍ଟରର ଚାଷ କରାଯାଇଛି। ଚଳିତ ବର୍ଷ ମୌସୁମୀ ଅନୁକୂଳ ପରିବେଶ ସୃଷ୍ଟି କରି ଚାଷୀଙ୍କ ମଧ୍ୟରେ ଖୁସି ଆଣି ଦେଇଥିଲା। ଚାଷୀମାନେ ବିହନ ସଂଗ୍ରହ କରି ତଳି ପକାଇବା କାମ ସାରିଥିଲେ। ଦୁର୍ଭାଗ୍ୟର ବିଷୟ, ଚଳିତ ବର୍ଷ ଅଧିକ ଅମଳକ୍ଷମ ସୃଷ୍ଟି ୧୦୫୩, ୧୦୫୬ ସହଭାଗୀ ଚନ୍ଦ୍ରା ପ୍ରତୀକ୍ଷା ଆଦି ବିହନ ଲ୍ୟାମ୍ପସ ଜରିଆରେ ଚାଷୀଙ୍କୁ ବଣ୍ଟା ଯାଇଥିଲା। ଧାନ ତଳି ପାଣିରେ ବୁଡ଼ି ରହି କୋଉଠି ଗଜା ବାହାରିଲା ନାହିଁ ତ କୋଉଠି ଅଳ୍ପଅଳ୍ପ ତଳି ବଢ଼ି ମାତ୍ରାଧିକ ପାଣିରେ ନଷ୍ଟ ହୋଇଯାଇଛି। ଉପାୟ ନ

### ପାଣି ଭର୍ତ୍ତି ବିଲ, ଛାଡୁନି ବର୍ଷା

ପାଇ ଚାଷୀ ଧାନ ତଳି ପକାଇବାକୁ ବାଧ ହୋଇ ଏବେ ବିଲରେ ତଳି ପଟି ସବୁ ଲହରି ଭାଙ୍ଗୁଛି। ପାଣି ଭର୍ତ୍ତି ବିଲରେ କେବେ କାଦୁଅ କରି ଜମିକୁ ତଳି ରୋପଣ ପାଇଁ ପ୍ରସ୍ତୁତ କରାଯିବ ସେ ନେଇ ଚିନ୍ତାରେ ଚାଷୀ।

ଏବେ ବି ବର୍ଷା କମିବାର ନାଁ ଧରୁନି। ପ୍ରତିଦିନ ବର୍ଷା ଦାଉ ସାଧୁଛି। ଇତିମଧ୍ୟରେ ବାସ୍ନାଯୁକ୍ତ ମୂଲ୍ୟବାନ ବିହନ ସିଆର୍ ୯୦୯ କଳାଜିରା, ଚିନି, କାମିନି ଚାଷୀଙ୍କୁ ଯୋଗାଇ ଦିଆଯାଇଛି। ଏହି ଚାଷ ଅଧିକ ଲାଭପ୍ରଦ ହୋଇ ୧୦୦ ପାଖାପାଖି ଦିନରେ ଅମଳ ହୋଇ ପାରୁଥିବାରୁ ଏଥିପ୍ରତି ବହୁ ଚାଷୀଙ୍କ ଆଗ୍ରହ ବଢ଼ୁଛି। ଏଥିରେ ୟୁରିଆ ପ୍ରୟୋଗ ନିଷେଧ ଥିବାରୁ ଚାଷ ପରେ ଅମଳ ଧାନ କୁଇଣ୍ଟାଲ ପ୍ରତି ୪୦୦୦ ରୁ ୫୦୦୦ ଟଙ୍କାରେ କମ୍ପାନି କିଣି ନେବାର ବ୍ୟବସ୍ଥା ଥିବାରୁ ଏହି ବିହନ ପାଇଁ ଚାଷୀ ବ୍ୟଗ୍ର ହୋଇ ଚାଷ କରୁଥିବା ଦେଖିବାକୁ ମିଳିଛି। ଅପରକ୍ଷେ ବର୍ଷା ଯୋଗୁଁ ପନିପରିବା ଫସଲରେ ପାଣି ଜମି ବ୍ୟାପକ ଫସଲ ନଷ୍ଟ ହୋଇଛି। ଫଳସ୍ୱରୂପ କଞ୍ଚା ପନିପରିବା ଦର ହୁ' ହୁ' ବଢ଼ିବାରେ ଲାଗିଛି। ଅଧିକାଂଶ ପରିବା କିଲୋ ପିଛା ୮୦ ଟଙ୍କା ଉପରେ ରହୁଥିବାବେଳେ ଦେଶୀ କାଙ୍କଡ଼ କିଲୋ ପିଛା ୩୫୦ ଟଙ୍କାରେ ବିକ୍ରି ହେଉଛି।

କୃଷି ବିଶେଷଜ୍ଞ ବିଶ୍ୱଜିତ୍ ପାଣିଗ୍ରାହୀ କହିଛନ୍ତି, ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ। ଏବେ ଲଗାତର ମାସେ ହେଲା ରାଜ୍ୟବ୍ୟାପୀ ବର୍ଷା ଲାଗିରହିଛି। ଲଗାଣ ବର୍ଷା କାରଣରୁ ଯେଉଁ ଧାନ ଗଛ ହୋଇଥିଲା, ତିନି ସପ୍ତାହରୁ ଅଧିକ ଦିନ ପାଣି ଜମି ରହିବାଦ୍ୱାରା ଧାନ ଗଛ ପଚି ନଷ୍ଟ ହୋଇଯାଇଛି। ସେହିଭଳି ଯେଉଁମାନେ ଧାନ ବୁଣି ଥିଲେ, ତା'ପରେ ବର୍ଷା ଆରମ୍ଭ ହୋଇଯାଇଛି, ସେଭଳି କ୍ଷେତ୍ରରେ ଖରା ନପଡ଼ିବା ଓ ପାଣି ଜମି ରହିବା ଯୋଗୁଁ ଧାନ ଗଛ ଗଜା ହୋଇପାରି ନାହିଁ। ତେଣୁ ପୁନର୍ବାର ବିଲରୁ ପାଣି ଖାଲି କରିବା ସହ ଧାନ ବୁଣିବା ଆବଶ୍ୟକ ବୋଲି ସେ କହିଛନ୍ତି।

**ରେଳବାଇ ଚାକିରି ଆଳରେ ୬୨.୫ ଲକ୍ଷ ଠକେଇ**

## ନାରୀନେତ୍ରୀ ଗିରଫ; ସ୍ୱାମୀ ଫେରାର୍

ବ୍ରହ୍ମପୁର, ୧୪।୭ (ସମିସ): ରେଳବାଇରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଏକାଧିକ ଆଶାୟୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ସଦର ଥାନା ପୁଲିସ ଭୁବନେଶ୍ୱରରୁ ଜଣେ ନାରୀନେତ୍ରୀଙ୍କୁ ଗିରଫ କରିଛି। ସେ ହେଲେ, ଯାଜପୁର ବରୀରାମଚନ୍ଦ୍ରପୁର ବନ୍ଧପଡ଼ାର ଶୁଭଲକ୍ଷ୍ମୀ ରାଉତ ଓରଫ ନାୟକ (୨୮)। ପୁଲିସ୍ ତାଙ୍କଠାରୁ ଦୁଇଟି ପାସବୁକ୍ ଜବତ କରିଛି। ଅପରପକ୍ଷେ, ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଶୁଭଲକ୍ଷ୍ମୀଙ୍କ ସ୍ୱାମୀ ସମରଜିତ ରାଉତ ଓରଫ୍ ବସନ୍ତ ସିଂହ ଫେରାର୍ ହୋଇଯାଇଛି।

ପୂର୍ବରୁ ଏହି ମାମଲାରେ ମାଷ୍ଟର୍‌ମାଇଣ୍ଡ ତଥା କୁକୁଡ଼ାଖଣ୍ଡି ଗ୍ରାମ ଶାନ୍ତିନଗରର ଏ. ବିଘ୍ନେଶ୍ୱର ରାଓ ଦୋରା ଗିରଫ ହୋଇଥିଲେ। ଆଜି ଶୁଭଲକ୍ଷ୍ମୀଙ୍କୁ ମିଶାଇ ଏହି ଠକେଇ ମାମଲାରେ ଗିରଫ ସଂଖ୍ୟା ୨କୁ ବୃଦ୍ଧି ପାଇଛି। ୨୦୨୩ ମସିହାରେ ଏହି ଠକେଇ ହୋଇଥିଲା। ପାଟପୁର ଥାନା ଅନ୍ତର୍ଗତ କଂସାମାରି ଗ୍ରାମର ଏସ୍. କୃଷ୍ଣଚନ୍ଦ୍ର ଦୋରା(୩୨) ଓ ତାଙ୍କର କିଛି ବନ୍ଧୁ ଚାକିରି ସନ୍ଧାନରେ ଥିଲେ। ଏ. ବିଘ୍ନେଶ୍ୱର ରାଓ ଦୋରା ସେମାନଙ୍କୁ ରେଳ ବିଭାଗରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ପ୍ରତ୍ୟେକଙ୍କୁ ୧୨ଲକ୍ଷ ୫୦ହଜାର



ଲେଖାଏଁ ଦେବାକୁ ପଡ଼ିବ ବୋଲି କହିଥିଲେ। କିଛି ଦିନ ପରେ ବିଘ୍ନେଶ୍ୱର ଅଭିଯୋଗକାରୀ କୃଷ୍ଣ ଏବଂ ତାଙ୍କ ବନ୍ଧୁମାନଙ୍କୁ ଭୁବନେଶ୍ୱର ନେଇ ସମରଜିତ ରାଉତ ଓରଫ ବସନ୍ତ ସିଂହ ଏବଂ ତାଙ୍କ ପତ୍ନୀ ଶୁଭଲକ୍ଷ୍ମୀ ରାଉତଙ୍କ ସହିତ ପରିଚୟ କରାଇଥିଲେ। ବସନ୍ତ ନିଜକୁ ରେଳବାଇର ସ୍କାଉଟ୍ ଏବଂ ଗାଇଡ୍‌ରେ ଟିଟିଇ ଭାବେ କାର୍ଯ୍ୟରତ ବୋଲି କହିବା ସହ ସେ ବିଭିନ୍ନ ବ୍ୟକ୍ତିଙ୍କ ନିଯୁକ୍ତିପତ୍ର ଦେଖାଇ ସେମାନଙ୍କ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥିଲେ। ଏପରିକି, ପୂର୍ବତଟ ରେଳବାଇ ଜିଏମ୍ ଓ ଅନ୍ୟ ଉଚ୍ଚଅଧିକାରୀଙ୍କ ଭିନ୍ନଭିନ୍ନ ଫଟୋ ଦେଖାଇଥିଲେ। ପରେ ଏହି ଦମ୍ପତି ଭୁବନେଶ୍ୱରର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବିଘ୍ନେଶ୍ୱରଙ୍କ ମାଧ୍ୟମରେ କୃଷ୍ଣଙ୍କ ସମେତ ୫ଜଣ ଚାକିରି ଆଶାୟୀଙ୍କଠାରୁ ୧୨ଲକ୍ଷ ୫୦ହଜାର ଟଙ୍କା ଲେଖାଏଁ ମୋଟ ୬୨ଲକ୍ଷ ୫୦ହଜାର ଟଙ୍କା ନେଇଥିଲେ। ଟଙ୍କା ନେବା ପରେ ଡାକ ମାଧ୍ୟମରେ ନିଯୁକ୍ତିପତ୍ର ମଧ୍ୟ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାହା ନକଲି ବୋଲି ଜଣାପଡ଼ିବା ପରେ କୃଷ୍ଣ ସଦର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ୍ ବିଘ୍ନେଶ୍ୱରଙ୍କୁ ଗିରଫ କରିଥିଲା। କିନ୍ତୁ ଶୁଭଲକ୍ଷ୍ମୀ ଓ ତାଙ୍କ ସ୍ୱାମୀ ସମରଜିତ ଫେରାର୍ ହୋଇଯାଇଥିଲେ। ସଦର ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି କଳିଙ୍ଗ ବିହାରରୁ ଶୁଭଲକ୍ଷ୍ମୀଙ୍କୁ ଗିରଫ କରିଛି।

## ପାରିବାରିକ କଳହରୁ ସ୍ତ୍ରୀକୁ ପିଟି ମାରିଲା ସ୍ୱାମୀ



ବଡ଼ବିଲ,୧୪।୭(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ପତ୍ନୀଙ୍କୁ ପିଟିପିଟି ହତ୍ୟା କରିଛି ସ୍ୱାମୀ। ମୃତକ ହେଲେ, ନିର୍ମଳା ଶର୍ମା। ପୁଲିସ୍ ନିର୍ମଳାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତାଙ୍କ ସ୍ୱାମୀ ନୀଳପ୍ରସାଦ ଶର୍ମାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଭୁବନେଶ୍ୱରରୁ ଝିଅ ଫେରିବା ପରେ ନିର୍ମଳାଙ୍କ ବ୍ୟବଚ୍ଛେଦ ହେବ ବୋଲି ଜଣାଯାଇଛି। ସୂଚନାନୁଯାୟୀ, ବଡ଼ବିଲସ୍ଥିତ ରୁଙ୍ଗଟା ଖଣି ବିଭାଗରେ ଆସିଷ୍ଟାଣ୍ଟ ମ୍ୟାନେଜର୍ ଭାବେ କାର୍ଯ୍ୟ କରୁଥିବା ନୀଳପ୍ରସାଦ ସପରିବାରେ କମ୍ପାନୀର କଲୋନୀରେ ରହୁଥିଲେ। ପରିବାର କହିଲେ, ପତ୍ନୀ ନିର୍ମଳା ଓ ଦୁଇ ସନ୍ତାନ। ଝିଅ ଭୁବନେଶ୍ୱରରେ ରହି ପାଠ ପଢୁଥିବା ବେଳେ ପୁଅ ବଡ଼ବିଲସ୍ଥିତ ଏକ ଘରୋଇ ସ୍କୁଲରେ ପଢୁଛନ୍ତି। ଗତରାତିରେ କୌଣସି କଥାକୁ ନେଇ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନୀଳପ୍ରସାଦ ତାଙ୍କୁ ନିର୍ଘୁମ୍ ମାଡ଼ ମାରିଥିଲେ। ପଡ଼ୋଶୀଙ୍କଠାରୁ ଖବର ପାଇ ସକାଳୁ ପୁଲିସ୍ ତାଙ୍କ ଘରେ ପହଞ୍ଚି ନିର୍ମଳାଙ୍କୁ ଆମ୍ବୁଲାନ୍ସରେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବଡ଼ପଡ଼ିଆ ପରିବା ମାର୍କେଟ୍‌ରେ ଅଗ୍ନିକାଣ୍ଡ

### ୫ ଦୋକାନ ପୋଡ଼ି ପାଉଁଶ



ପାରାଦୀପ, ୧୪।୭ (ସମିସ): ପାରାଦୀପ ବଡ଼ପଡିଆ ପରିବା ମାର୍କେଟ୍‌ରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୫ଟି ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ବନ୍ଦର ଓ କୁଜଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନଥିବା ବେଳେ ୫ଜଣ ବ୍ୟବସାୟୀଙ୍କ ପାଖାପାଖି ୩ଲକ୍ଷ ଟଙ୍କାର କ୍ଷତି ହୋଇଥିବା ପ୍ରାଥମିକ ଆକଳନ କରାଯାଇଛି। ସୂଚନା ମୁତାବକ, ଗତରାତିରେ କୌଣସି କାରଣରୁ ପଲିଥିନ୍ ପାଲରେ ନିଆଁ ଲାଗି ୫ଟି ଦୋକାନ ଜଳିଯାଇଥିଲା। ଏହି ଅଗ୍ନିକାଣ୍ଡରେ ବାବୁନି ସାହୁ, ଚାବୁନି ସାହୁ, ଜୟଦେବ ମହାପାତ୍ର, ମଣ୍ଟୁ ନାୟକ, ସୁରେନ୍ଦ୍ର ସାହୁଙ୍କ ଦୋକାନ ଜଳି ଯାଇଥିଲା। ସମସ୍ତ ବ୍ୟବସାୟୀଙ୍କ ଦୋକାନରେ ନଗଦ ଟଙ୍କା ସହ କ୍ୱିଣ୍ଟାଲ କ୍ୱିଣ୍ଟାଲ କଞ୍ଚା ପରିବା ରହିଥିଲା। ବନ୍ଦର ସହରାଞ୍ଚଳରେ ଥିବା ଏହି ପରିବା ମାର୍କେଟ୍ ଉପରେ ପୌରାଞ୍ଚଳର ୧୯ଟି ୱାର୍ଡର ଜନସାଧାରଣ ନିର୍ଭର କରନ୍ତି। ଏଭଳି ଭୟଙ୍କର ଅଗ୍ନିକାଣ୍ଡ ନେଇ ସମସ୍ତ ବ୍ୟବସାୟୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ, ମଶାଧୂପରୁ ନିଆଁ ଲାଗିଥିବା କିମ୍ବା ସଟ୍‌ସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ନେଇ ସନ୍ଦେହ ଉପୁଜୁଥିବା ବେଳେ ପ୍ରକୃତ କାରଣ ଜଣାପଡ଼ିନାହିଁ।

## ଶିମିଳିପାଳରୁ ୫ ଶିକାରୀ ଗିରଫ

### ୨ଟି ଦେଶୀ ବନ୍ଧୁକ ଓ ଗୋଳା ବାରୁଦ ଜବତ



ବାରିପଦା, ୧୪।୭(ସମିସ): ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କୁ ଶିକାରୀ ଦାଉରୁ ସୁରକ୍ଷା ନିମନ୍ତେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ସହାୟତାରେ ପୁଣି ୫ ଜଣ ଶିକାରୀ ଧରା ପଡିଛନ୍ତି। ଏହି ଶିକାରୀଙ୍କୁ ସେମାନଙ୍କ ଘରୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଫେରାର ରହିଛି। ଗିରଫମାନେ ହେଲେ ଉଦଳା ଥାନା ଅନ୍ତର୍ଗତ ବଡ଼ଖମଣ ଅଞ୍ଚଳର ତଳସରେଇ ଗ୍ରାମର ଗୋବିନ୍ଦ ହୋ, ମଙ୍ଗଳ ହୋ, ସାମୁ ସମାଦ, କପ୍ତିପଦା ଥାନା ଅନ୍ତର୍ଗତ ପଥରଖଣି ଗ୍ରାମର ବାହାଦୂର ସିଦୁ ଓ ବିକ୍ରମ ସମାଦ। ଗିରଫ ଶିକାରୀଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ, ବିପୁଳ ପରିମାଣର ଗୋଳା ବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏହି ଶିକାରୀମାନେ ମାରାଣାସ୍ତ୍ର ଧରି ଶିମିଳିପାଳର କୋର ଅଞ୍ଚଳ ଭଞ୍ଜବସା ରେଞ୍ଜ ମଧ୍ୟକୁ ପ୍ରବେଶ କରିଥିବା ବେଳେ ସେମାନଙ୍କ ଫଟୋ କ୍ୟାମେରାରେ କଏଦ ହୋଇଥିଲା; ଯାହାକୁ ଆୟୁଧ କରି ଯାଞ୍ଚ ପ୍ରକ୍ରିୟା କରି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ କର୍ମଚାରୀ ଶିକାରୀଙ୍କ ଘରେ ଚଢ଼ଉ କରି ଗିରଫ କରିଥିଲେ। ଗିରଫ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୫ଦିନ ମଧ୍ୟରେ ବନ ବିଭାଗ ପକ୍ଷରୁ ଘରୁ ଚଢ଼ଉ କରାଯାଇ ୧୦ ଜଣ ଶିକାରୀଙ୍କୁ ଗିରଫ କରାଯିବା ସହିତ ୧୦ଟି ଦେଶୀ ବନ୍ଧୁକ ଜବତ ହୋଇଛି।

## ଜମିବାଡ଼ିକୁ କେନ୍ଦ୍ରକରି ସଂଘର୍ଷ; ଦୁଇ ପରିବାରର ୩ ଗୁରୁତର

ବେଲବାହାଲି,୧୪।୭(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ବେଲବାହାଲି ପଞ୍ଚାୟତ ଡିହସାହି ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୩ଜଣ ଗୁରୁତର ଆହତ ହେଇଛନ୍ତି। ଆହତମାନେ ହେଲେ ମିଥୁନ ଦେହୁରୀ(୩୫), ଲକ୍ଷ୍ମୀ ଦେହୁରୀ, ଅଶାନ୍ତି ଦେହୁରୀ। ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ଉକ୍ତ ଗ୍ରାମରେ ବାସ କରୁଥିବା ଲକ୍ଷ୍ମୀ ଦେହୁରୀ ନିଜ ବିଲରେ ଫସଲ ଚାଷ କରିଥିବା ବେଳେ ସେହି ଗ୍ରାମର ପାଗଳ ଦେହୁରୀଙ୍କ ପରିବାର ଲୋକ ମିଶି ଫସଲ ସବୁ ନଷ୍ଟ କରିଦେଇଥିଲେ। ଏନେଇ ଗତ ୯ ତାରିଖରେ ଘସିପୁରା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକାରୀଙ୍କୁ ଧମକଚମକ ଦେଉଥିବା କଥା ଥାନାରେ ଜଣାଇଥିଲେ। ହେଲେ ଥାନା କର୍ମଚାରୀ କଥାକୁ ହେୟ ମନୋଭାବ ସହ ବୁଝିବା କହି ଥାନାର କର୍ମଚାରୀମାନେ ଅଭିଯୋଗକାରୀଙ୍କୁ ଘରକୁ ପଠାଇଦେଇଥିଲେ। ଥାନାରେ କାହିଁକି ଅଭିଯୋଗ କରିଲୁ ମୋ ଭିଣୋଇ ନାଁରେ କହି ଆଜି ମିଥୁନଙ୍କ ଘରକୁ ଯାଇ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଗଣ୍ଡଗୋଳ ଲାଗି ଦୁଇ ପରିବାର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଦୁଇ ପରିବାରର ଆହତମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ଘସିପୁରା ପୁଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି।



## ଏମ୍ସର ୫ମ ସମାବର୍ତ୍ତନ ସମାରୋହ

# ଗୁଣାତ୍ମକ ସ୍ୱାସ୍ଥ୍ୟସେବାରେ ଲୋକଙ୍କ ବିଶ୍ୱାସ ଜିତିଛି ଏମ୍ସ: ରାଷ୍ଟ୍ରପତି



ଭୁବନେଶ୍ୱର,୧୪।୭(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱାରା ୨୦୦୩ ମସିହାରେ ପ୍ରତିଷ୍ଠିତ ଏମ୍ସ ଭୁବନେଶ୍ୱର ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କେବଳ ଓଡ଼ିଶାରେ ନୁହେଁ, ବରଂ ପୂର୍ବ ଭାରତର ଜନସାଧାରଣଙ୍କ ବିଶ୍ୱାସ ଜିତିବାରେ ସକ୍ଷମ ହୋଇଛି। ଓଡ଼ିଶାର ଲୋକମାନେ ଏମ୍ସର ଭୁବନେଶ୍ୱରର ଏକ ଦଶନ୍ଧିର ସୁବର୍ଣ୍ଣ ଯାତ୍ରାର ସାକ୍ଷୀ ହୋଇଛନ୍ତି। ଏମ୍ସର ପଞ୍ଚମ ବାର୍ଷିକ ସମାବର୍ତ୍ତନ ଅବସରରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଏହା କହିଛନ୍ତି।

ସ୍ୱାସ୍ଥ୍ୟସେବା ପ୍ରଦାନ, ରୋଗୀସେବା ଓ ଚିକିତ୍ସା ଶିକ୍ଷାରେ ପ୍ରତିଷ୍ଠାନର ଉଲ୍ଲେଖନୀୟ ଅବଦାନକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରଶଂସା କରିଛନ୍ତି। ସେବା, ଗବେଷଣା ଏବଂ ତାଲିମରେ ଉତ୍କର୍ଷ ମାଧ୍ୟମରେ ଏମ୍ସର ଭୁବନେଶ୍ୱର ଭାରତର ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ମଜବୁତ କରି ଚାଲିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଶଲ୍ୟ ଚିକିତ୍ସା ଉପକରଣ ଏବଂ ଇମ୍ପ୍ଲାଣ୍ଟ ପୁନଃପ୍ରକ୍ରିୟାକରଣରେ ଉଚ୍ଚ ମାନ ବଜାୟ ରଖିବା ପାଇଁ ଏସିଆ ସେଫ୍ ସର୍ଜିକାଲ୍ ଇମ୍ପ୍ଲାଣ୍ଟ କନସୋର୍ଟିୟମ୍ ପୁରସ୍କାର ସହିତ ଏମ୍ସର ଉତ୍କର୍ଷକୁ ସ୍ୱୀକୃତି ଦେଇଛି। ଏହି ଅବସରରେ ରାଷ୍ଟ୍ରପତି ସାର୍ବଜନୀନ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ପ୍ରତିଷ୍ଠାନଗୁଡ଼ିକର ସମର୍ପଣକୁ ପ୍ରଶଂସା କରିଛନ୍ତି।

ଏହି ଅବସରରେ ରାଷ୍ଟ୍ରପତିଙ୍କ ସହ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପୂର୍ବ ଭାରତରେ ଏକ ସାମଗ୍ରିକ ସ୍ୱାସ୍ଥ୍ୟସେବା ସେବା ପାଇଁ ଏମ୍ସର ପ୍ରୟାସକୁ ପ୍ରଶଂସା କରିଥିଲେ।

- ୩୧ ମେଧାବୀ ଛାତ୍ରଙ୍କୁ ୫୯ ସ୍ୱର୍ଣ୍ଣପଦକ ପ୍ରଦାନ
- ଚିତଲୁରୀ ନେହା ଓ ମେଧା ମେନନ ଶ୍ରେଷ୍ଠ ଏମବିବିଏସ୍ ସ୍ନାତକ
- ମୃଣ୍ମୟୀ ଏବଂ ପ୍ରିୟଙ୍କା ଶ୍ରେଷ୍ଠ ନର୍ସିଂ ସ୍ନାତକ ବିଏସସି (ଅନର୍ସ)

ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ରାଷ୍ଟ୍ରପତିଙ୍କୁ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ସ୍ୱାଗତ କରି ଜାତୀୟ ପ୍ରତିଷ୍ଠାନର ସଫଳତା ଉପରେ ଆଲୋକପାତ କରିଥିଲେ। ଏମ୍ସର ଅଧ୍ୟକ୍ଷ ଡକ୍ଟର ଶୈଳେଶ କୁମାର ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏମ୍ସର ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ୧୭ଜଣ ଡାକ୍ତରୀ ଛାତ୍ରଛାତ୍ରୀ, ଜଣେ ଏମ୍‌ଡି/ଏମ୍‌ଏସ, ଜଣେ ଡିଏମ୍/ଏମ୍ସିଏଚ୍, ୩ ଜଣ ବିଏସ୍ସି ନର୍ସିଂ, ୭ ଜଣ ବିଏସ୍ସି ପାରାମେଡିକାଲ୍, ଦୁଇ ଜଣ ଏମ୍‌ଏସସି ନର୍ସିଂ ଛାତ୍ରଛାତ୍ରୀଙ୍କ ସମେତ ୩୧ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଚିତଲୁରୀ ନେହା ଓ ମେଧା ମେନନଙ୍କୁ ଶ୍ରେଷ୍ଠ ବିଦାୟୀ ଏମବିବିଏସ୍ ସ୍ନାତକ ଭାବରେ ପୁରସ୍କୃତ କରାଯାଇଥିବା ବେଳେ ମୃଣ୍ମୟୀ ମଣ୍ଡଳ ଓ ପ୍ରିୟଙ୍କା ସିଂହଙ୍କୁ ଶ୍ରେଷ୍ଠ ବିଏସସି (ଅନର୍ସ) ନର୍ସିଂ ସ୍ନାତକ ଭାବରେ ବିବେଚିତ କରାଯାଇଛି।

## ଦାନ୍ତ ପାଇଁ ଦନ୍ତାକୁ ହତ୍ୟା

ତେଲକୋଇ, ୧୪।୭ (ସମିସ): ଦାନ୍ତ ପାଇଁ ଦନ୍ତାକୁ ହତ୍ୟା। କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ସଲେଇକେନା ସଂରକ୍ଷିତ ଜଙ୍ଗଲର ଭାଡ଼ିମରା



ଚେକ୍‌ଡ୍ୟାମ ନିକଟସ୍ଥ ବିଛାଖଣି ଜଙ୍ଗଲରେ ଗୋଟିଏ ହାତୀର ଗଳିତ ମୃତଦେହ ଉଦ୍ଧାର ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ହାତୀକୁ ଶିକାର କରାଯାଇ ତା'ର ଦାନ୍ତ ଚୋରି କରାଯାଇଥିବା ସନ୍ଦେହ କରାଯାଉଛି। ପାଖାପାଖି ମାସେ ତଳେ ହାତୀର ମୃତ୍ୟୁ ହୋଇଥିବା ବେଳେ ଏ ସଂପର୍କରେ ବନ ବିଭାଗ ପାଖରେ ଖବର ରହିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୃତ ହାତୀର ବୟସ ପାଖାପାଖି ୭ରୁ ୮ ବର୍ଷ ହୋଇଥିବା ଅନୁମାନ କରାଯାଉଛି। ଖବର ପାଇ ତେଲକୋଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚିଛି। ବନ ବିଭାଗର ଦାୟିତ୍ୱହୀନତା ଯୋଗୁଁ ତେଲକୋଇରେ

- ଗଳିତ ମୃତଦେହ ଠାବ
- ଦାନ୍ତ ପାଇଁ ଶିକାର ହୋଇଥିବା ସନ୍ଦେହ

ହାତୀ ମୃତ୍ୟୁ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି।

ଅନ୍ୟପଟେ ତେଲକୋଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ହାତୀପଲ ଉପଦ୍ରବ କରୁଥିବା ବେଳେ ଚାଷୀଙ୍କ ଫସଲ ବ୍ୟାପକ କ୍ଷତି କରୁଛନ୍ତି। ବନ ବିଭାଗ ହାତୀ ଉପରେ କଡ଼ା ନଜର ରଖୁଥିବା କହୁଥିବା ବେଳେ ତେଲକୋଇରେ ଗୋଟିଏ ପରେ ଗୋଟିଏ ହାତୀର ମୃତ୍ୟୁ ବନ ବିଭାଗର ପାରିବା ପଣିଆକୁ ପଦାରେ ପକାଇଛି। ଅନ୍ୟପଟେ ଜିଲ୍ଲା ବନଖଣ୍ଡ ଅଧିକାରୀ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଛି।

## ବିଦ୍ୟୁତ୍ ଆଘାତରେ ମାଈହାତୀ ମୃତ

ଢେଙ୍କାନାଳ/ହିନ୍ଦୋଳ/ଖଜୁରିଆକଟା,୧୪।୭(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ବାରିହାରଗଡ଼ି ଗ୍ରାମରେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀ ପ୍ରାଣ ହରାଇଛି। ବନବିଭାଗ ଟିମ୍ଘ ଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏହି ଘଟଣାରେ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ, ଗ୍ରାମର ପ୍ରଭାକର ସାହୁ (୫୫)।



ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜ ଖଜୁରିଆକଟା ସେକ୍ସନ୍ ସରାସିଂହ ବିଟ୍ ବାରିହାରଗଡ଼ି ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାଈହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଖବର ପାଇ ଡାକ୍ତର ମନୋଜ ଭି ନାୟାରଙ୍କ ସହ ଅନୁଗୋଳ ଆର୍‌ସିସିଏଫ୍ ଡା. ସଞ୍ଜୟ କୁମାର ସ୍ୱାଇଁ, ଡିସିଏଫ ଜେଟିଏଫ ବିବେକ କୁମାର, ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କର, ହିନ୍ଦୋଳ ରେଞ୍ଜ ଅଧିକାରୀ ପ୍ରମୁଖ ଗ୍ରାମରେ ପହଞ୍ଚି ହାତୀର ମୃତଦେହ ଜବତ କରିବା ସହିତ ତଦନ୍ତ କରିଥିଲେ। ୩ଜଣ ପ୍ରାଣୀ ଚିକିତ୍ସକ ମୃତଦେହ ବ୍ୟବଚ୍ଛେଦ କରିବା ପରେ ତାକୁ ପୋତି ଦିଆଯାଇଥିଲା। ହାତୀ ଉପଦ୍ରବରୁ ନିଜ ଫସଲକୁ ସୁରକ୍ଷା ଦେବାକୁ ପ୍ରଭାକର ସୌର ତାରବାଡ଼ ନିର୍ମାଣ କରିଥିଲେ। ତେବେ ସୌର ବାଡ଼ ଅଚଳ ହୋଇପଡ଼ିବାରୁ ନିକଟରେ ଯାଇଥିବା

### ଜଣେ ଗିରଫ

ଏଲଟି ଲାଇନକୁ ତାରବାଡ଼ରେ ସଂଯୋଗ କରିଥିଲେ। ଏହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୯ ବର୍ଷର ମାଈ ହାତୀର ମୃତ୍ୟୁ ଘଟିଥିବା ତଦନ୍ତରୁ ଜଣାପଡ଼ିଥିଲା। ବନ ବିଭାଗ ପ୍ରଭାକରଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

## ଚମ୍ପୁଆରେ ହାତୀ ଉପଦ୍ରବ

## ୨ ରାତିରେ ଭାଙ୍ଗିଲେଣି ୨୨ ଘର



ଚମ୍ପୁଆ, ୧୪।୭(ସମିସ): ଚମ୍ପୁଆ ବନାଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଗତ ଶୁକ୍ରବାର ରାତିରେ ହାତୀପଲ ପତଳା ଗ୍ରାମରେ ୧୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ବେଳେ ଗତରାତିରେ ବଡ଼ନଇ ପଞ୍ଚାୟତରେ ପ୍ରାୟ ୧୨ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ଜଣାଯାଇଛି।

- ହାତୀ ଭୟରେ ଗ୍ରାମବାସୀ ରାତି ଉଜାଗର
- ଧନଜୀବନ ସୁରକ୍ଷାରେ ବନବିଭାଗ ବିଫଳ

ଖାଦ୍ୟ ଅନ୍ୱେଷଣରେ ଆସୁଥିବା ଏହି ହାତୀପଲ ରାତିଅଧିଆ ଗାଁ ଭିତରକୁ ପଶୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ଲାଗି ରହିଛି। ଏପରିକି, ହାତୀ ଭୟରେ ସେମାନେ ରାତିରାତି ଉଜାଗର ରହୁଥିବା ଦେଖାଯାଉଛି।

ସୂଚନାନୁଯାୟୀ, ଚମ୍ପୁଆ ସେକ୍ସନ ଅନ୍ତର୍ଗତ ବଡନଇ ପଞ୍ଚାୟତର ଗମ୍ଭାରିଆ, ସାନନଇ, ବରାବାଡ଼ିଆ, ଧୁଡାସାହି, ରଜିଆ ପଂଚାୟତର ପତଳା ଆଦି ଗ୍ରାମ ନିକଟରେ ଏକ ହାତୀପଲ ଘୂରି ବୁଲୁଛନ୍ତି। ଦିନ ବେଳା ସେମାନେ ପାଖ ଜଙ୍ଗଲକୁ ପଳାଉଥିବା ବେଳେ ରାତିରେ ଜନବସତିମୁହାଁ ହେଉଛନ୍ତି। ଲୋକଙ୍କ ଘର ଭାଙ୍ଗିବା ସହ ଧାନ, ଚାଉଳ ଖାଇଯାଉଛନ୍ତି। କିନ୍ତୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବନ ବିଭାଗ ସେମାନଙ୍କୁ ଘଉଡ଼ାଇବା ଦିଗରେ କୌଣସି ପଦକ୍ଷେପ ନେଉନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏନେଇ ଚମ୍ପୁଆ ଏସିଏଫ୍ ଅକ୍ଷୟ ଛତ୍ରିଆ କହିଛନ୍ତି, ବନ ବିଭାଗର ଏକ ଦଳ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛି। ସଂପୂର୍ଣ୍ଣ ଭାଙ୍ଗିଯାଇଥିବା ଘରଗୁଡ଼ିକ ଚିହ୍ନଟ କରାଯାଇ ଆବାସ ଯୋଜନାରେ ସାମିଲ କରାଯିବା ସହ ଆଂଶିକ ଭାଙ୍ଗିଥିବା ଘରଗୁଡ଼ିକୁ ତୁରନ୍ତ ପଲିଥିନ୍ ଯୋଗାଇ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସହାୟତା ରାଶି ପ୍ରଦାନ କରାଯିବ। କିନ୍ତୁ, ଦୁଃଖର ବିଷୟ ହେଲା, ସହାୟତା ରାଶି ପାଇବା ପର୍ଯ୍ୟନ୍ତ ଉଜୁଡ଼ିଯାଇଥିବା ଘରର ପରିବାରଲୋକେ ଏବେ ଲଗାଣ ବର୍ଷାରେ କିପରି ପଲିଥିନ ତଳେ କିପରି ରହିବେ, ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।

### ■ ପ୍ରଯୋଜକଙ୍କୁ ବ୍ଲାକମେଲିଂ ମାମଲାର ଶୁଣାଣି ଆରମ୍ଭ

## ସାକ୍ଷ୍ୟ ଦେଲେ ଅକ୍ଷୟ ପରିଜା ଓ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୪।୭(ସମିସ): ଚଳଚ୍ଚିତ୍ର ପ୍ରଯୋଜକ ତଥା ପ୍ରତିଷ୍ଠିତ ବ୍ୟବସାୟୀ ଅକ୍ଷୟ ପରିଜାଙ୍କୁ ବ୍ଲାକମେଲ ଓ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ନେଇ ୨୦୨୩ ମସିହାରେ ହୋଇଥିବା ମାମଲାର ଟ୍ରାଏଲ ଆରମ୍ଭ ହୋଇଛି। ଆଜି ଭୁବନେଶ୍ୱର ସହକାରୀ ସେସନସ ଜଜ୍ ତଥା ସିଜେଏମ ଅଦାଲତରେ ୨ ଜଣ ଅଭିଯୋଗକାରୀ ଅକ୍ଷୟ କୁମାର ପରିଜା ଓ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ବୟାନ ରେକର୍ଡ କରାଯାଇଛି। ଅଦାଲତରେ ସାକ୍ଷ୍ୟଗ୍ରହଣ ବେଳେ ଅଭିଯୁକ୍ତା ଅର୍ଚ୍ଚନା ନାଗ ମଧ୍ୟ ଉପସ୍ଥିତ ଥିଲେ। ୨୦୨୩ ମସିହାରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରି ବ୍ଲାକମେଲିଂ କରୁଥିବା ନେଇ ଅର୍ଚ୍ଚନା ନାଗଙ୍କ ବିରୋଧରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଗିରଫ କରିଥିଲା। ଅର୍ଚ୍ଚନା ନାଗ ଏହି ମାମଲାରେ ଏବେ ଜାମିନରେ ଅଛନ୍ତି।

ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ରତ୍ନାକର ନାୟକ କହିଛନ୍ତି ଯେ ଆଜି ମାମଲାର ଶୁଣାଣି ବେଳେ ଏତଲାକାରୀ ଅକ୍ଷୟ କୁମାର ପରିଜା ଓ ଶ୍ରଦ୍ଧାଞ୍ଜଳି ବେହେରା ନିଜ ନିଜ ପକ୍ଷ ରଖିଛନ୍ତି। ସେହିପରି ଅଭିଯୋଗକାରୀ ଅକ୍ଷୟ ପରିଜା କହିଛନ୍ତି ଯେ ପ୍ରତିଷ୍ଠିତ ଲୋକଙ୍କୁ ବ୍ଲାକମେଲିଂ କରିବା ଓ ନିଜକୁ ଆଇନଜୀବୀ ଭାବରେ ପରିଚୟ ଦେଇ ଟଙ୍କା ଅସୁଲ ଲାଗି କିଛି ଛଦ୍ମବେଶୀ ଘୂରି ବୁଲୁଛନ୍ତି। ନାମ ଓ ପ୍ରତିଷ୍ଠା କ୍ଷୁର୍ଣ୍ଣ ହେଉଥିଲେ ମଧ୍ୟ ପୁଲିସ, ଅଦାଲତ ଓ ନ୍ୟାୟ ବ୍ୟବସ୍ଥା ଉପରେ ମୋର ଭରସା ଅଛି। ଦିନେ ନା ଦିନେ ସତ୍ୟର ଜୟ ହେବ, ଚକ୍ରାନ୍ତକାରୀଙ୍କ ମୁଖା ଖୋଲିବ। ଦୁବାଇରେ ରହୁଥିଲେ ମଧ୍ୟ ଜଣେ ଏତଲାକାରୀ ଭାବରେ ଭୁବନେଶ୍ୱରରେ ଆସି ପହଞ୍ଚିଛି, ଆଜି ସାକ୍ଷ୍ୟ ଦେଇଛି। ଆଜି ଯେହେତୁ ଶୁଣାଣି ଆରମ୍ଭ ହେଲା, ମୁଁ ଏଥିପାଇଁ ଧୈର୍ଯ୍ୟର ସହ ଅପେକ୍ଷା କରିଛି ବୋଲି ଶ୍ରୀ ପରିଜା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ମାମଲାରେ ଇଡି ମଧ୍ୟ ଏକ ମାମଲା ରୁଜୁ କରିଛି।

## ମହିଳା ବିରୋଧୀ ହିଂସା

# ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି

ଭୁବନେଶ୍ୱର,୧୪।୭(ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ବିଜୁ ମହିଳା ଜନତା ଦଳର ୩ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟରେ ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଉଥିବା ମହିଳା, ଛାତ୍ରୀ ଓ ନାବାଳିକା ବିରୋଧୀ ହିଂସା ଘଟଣାରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।

ପ୍ରତିନିଧି ଦଳର ଅଭିଯୋଗ ଅନୁଯାୟୀ ଫକୀର ମୋହନ ସ୍ୱୟଂଶାସିତ କଲେଜର ଜଣେ ବିଇଡି ଛାତ୍ରୀଙ୍କୁ ନିଜ ବିଭାଗୀୟ ପ୍ରଫେସର ଦୀର୍ଘ ୬ ମାସ ଧରି ମାନସିକ ନିର୍ଯାତନା ଦେବା ସହ ଶାରୀରିକ ଅନୁଗ୍ରହ ପାଇଁ ବାଧ୍ୟ କରୁଥିଲେ। ଛାତ୍ରୀ ଜଣକ କଲେଜ ଅଧ୍ୟକ୍ଷ, ସ୍ଥାନୀୟ ସାଂସଦ, ଓ ପୁଲିସଙ୍କୁ ଜଣାଇଲା ପରେ ମଧ୍ୟ ତାଙ୍କୁ ନ୍ୟାୟ ମିଳିଲା ନାହିଁ। ଜୁଲାଇ ୧ ତାରିଖରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକଙ୍କୁ ଛାତ୍ରୀ ଜଣଙ୍କ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ଅଭିଯୋଗ କରିବା ସହ ହସ୍ତକ୍ଷେପ ପାଇଁ ଅନୁରୋଧ କରିଥିଲେ। ମାତ୍ର କେହି ଶୁଣିଲେ ନାହିଁ। ପ୍ରଶାସନ, ପୁଲିସ ଓ ସରକାରଙ୍କ ପକ୍ଷରୁ କୌଣସି ସହାୟତା ନ ମିଳିବାରୁ ଜୁଲାଇ ୧୨ ତାରିଖ ଦିନ କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସାମ୍ନାରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କଲେ ଓ ଏବେ ଜୀବନମରଣ ସହ ସଂଗ୍ରାମ କରୁଛନ୍ତି। ଜୁନ ୧୫ ତାରିଖ ରଜ ସଂକ୍ରାନ୍ତିରେ ଗୋପାଳପୁର ବେଳାଭୂମିକୁ ନିଜ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ କଲେଜ ଛାତ୍ରୀଙ୍କୁ ନିଜ ବନ୍ଧୁଙ୍କ ସାମ୍ନାରେ ୧୦ ଜଣ ଦୁର୍ବୃତ୍ତ ଗଣଦୁଷ୍କର୍ମ କଲେ। କିଛି ଦିନ ତଳେ ଶାସକ ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଯେଉଁଭଳି ବ୍ୟକ୍ତିଗତ ଚରିତ୍ର ସଂହାର କରି କୁତ୍ସିତ ଓ ଅଶୋଭନୀୟ ଭାଷା ବ୍ୟବହାର କଲେ ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ପୁଲିସ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନ କରିବା ଶାସକ ଦଳ ଓ ସରକାରଙ୍କ ମାନସିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି। କେନ୍ଦୁଝର ଜିଲ୍ଲା ତେନ୍ତେଳାପଶି ଗ୍ରାମରେ ଏକ ୧୭ ବର୍ଷର ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ ପରେ ହତ୍ୟା କରି ଗଛରେ ଟାଙ୍ଗି ଦେବା ଘଟଣା ସାରା ରାଜ୍ୟକୁ ବିଚଳିତ କରିଥିଲା। ରାଜ୍ୟରେ ଆଦିବାସୀ ଓ ଦଳିତ ନାବାଳିକା ଏବଂ ମହିଳାଙ୍କ ଉପରେ ଅତ୍ୟାଚାର ଉଦ୍‌ବେଗଜନକ ଭାବେ ଗତ ୧ ବର୍ଷ ମଧ୍ୟରେ ବଢିଚାଲିଛି। ଗତ ଏକ ବର୍ଷ ମଧ୍ୟରେ ମହିଳା, ଛାତ୍ରୀ ଓ ଶିଶୁ ବିରୋଧୀ ହିଂସାକୁ ନେଇ ୨୮ ହଜାର ମାମଲା ରୁଜୁ ହୋଇଛି। ପ୍ରତ୍ୟେକ ଦିନ ରାଜ୍ୟରେ ହାରାହାରି ୧୫ଟି ଦୁଷ୍କର୍ମ ଘଟଣା ଘଟିବା ରାଜ୍ୟର ମହିଳା ବିରୋଧୀ ହିଂସାକୁ ଦର୍ଶାଉଛି। ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଓ ସଦସ୍ୟା ପଦ ଏକ ବର୍ଷ ହେଲା ଖାଲିପଡିଛି ବୋଲି ପ୍ରତିନିଧି ଦଳ କହିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ସାଂସଦ ସୁଲତା ଦେଓ ସାମିଲ ଥିଲେ।



- ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓଡ଼ିଶାର ଛବିକୁ ମଳିନ କରିଛି
- ସରକାରଙ୍କଠାରୁ ନ୍ୟାୟ ନ ପାଇ ଆତ୍ମାହୁତି ଦେଇଛନ୍ତି ଏଫ୍‌ଏମ୍ ଛାତ୍ରୀ
- ଘଟଣା ସମ୍ପର୍କରେ ଜାଣିଥିଲେ ସାଂସଦ, ବିଧାୟକ, ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ

# ଜଳଭଣ୍ଡାରରେ ବୁଡି ଯୁବକଙ୍କ ମୃତ୍ୟୁ

କୋରାପୁଟ,୧୪।୭ (ସମିସ): ଓଏସଏପି ୩ୟ ବାଟାଲିଅନ୍ ନିକଟ ସୁନାପୁର କୋଲାବ ଜଳ ଭଣ୍ଡାରରେ ବୁଡି ଝାରଖଣ୍ଡର ସନ୍ତୋଷ ପାଶ୍ୱାନ ପ୍ରାଣ ହରାଇଛନ୍ତି। ଏଲଏଣ୍ଡଟି କଂପାନୀ ଦ୍ୱାରା ନିର୍ମାଣଧିନ ମେଗା ପାନୀୟ ଜଳ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଏକ ଠିକା ସଂସ୍ଥା ଅଧୀନରେ ସନ୍ତୋଷ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସୋମବାର ପୂର୍ବାହ୍ନରେ କ୍ରିଷ୍ଣା ରାଜୱା ଓ ସନ୍ତୋଷ ପାଶ୍ୱାନ ନିଜ ଗାଁକୁ ଯିବା ପାଇଁ ରେଳ ଷ୍ଟେସନକୁ ଯାଇ ଟିକେଟ୍ କାଟିଥିଲେ। ଜଳ ଭଣ୍ଡାର ଦେଇ କ୍ୟାମ୍ପକୁ ଫେରିବା ବେଳେ ସନ୍ତୋଷ ଜଳ ଭଣ୍ଡାରରେ ପଶି ପାରି ହେବାକୁ ପାଣିରେ ଓହ୍ଲାଇଥିଲେ। ଗଭୀର ଜଳ ଥିବାରୁ ସେଠାରେ ଥିବା ଲୋକେ ମନା କରିବା ସତ୍ତ୍ୱେ ପାଣିରେ ପସି ବୁଡ଼ି ଯାଇଥିଲେ। ସାଙ୍ଗରେ ଥିବା କ୍ରିଷ୍ଣା ଉଦ୍ଧାର କରିବାକୁ ଚେଷ୍ଟା କରି ମଧ ବିଫଳ ହୋଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଓଡ୍ରାଫ ଯବାନ ଆସି ପହଞ୍ଚି ୪ ଘଣ୍ଟା ଖୋଜିବା ପରେ ସନ୍ତୋଷଙ୍କ ମୃତଦେହ ଉଦ୍ଧାର କରିଥିଲେ ଶବ ବ୍ୟବଚ୍ଛଦ ପାଇଁ ମୃତଦେହ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲର ଶବ ବ୍ୟବଚ୍ଛଦ ଗୃହରେ ରଖାଯାଇଛି। ଟାଉନ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଥିବାବେଳେ ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ନିକଟ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରା ଯିବ ବୋଲି ଜଣାପଡିଛି।

# ଖୋଲିଲା ସୁନାବେଡା ପୁରୁଣା ରାସ୍ତା



‘ସକାଳ’ ପ୍ରଭାବ

ସୁନାବେଡା,୧୪।୭ (ସମିସ): ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ପାଇଁ ପୁରୁଣା ରାସ୍ତା ଖୋଲିବା ପାଇଁ ସ୍ଥାନୀୟ ବାସିନ୍ଦା ଓ ସମସ୍ତ ପାରିଷଦ ବୃନ୍ଦ ଦାବି କରିବା ସମ୍ପର୍କୀତ ଖବର ୭ ତାରିଖରେ ଦୈନିକ ‘ସକାଳ ’ ପ୍ରକାଶିତ ହୋଇଥିଲା। ଖବର ପ୍ରକାସନ ପରେ ସଙ୍ଗେ ସଙ୍ଗେ ପ୍ରଶାସନ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ପାଇଁ ପୁରୁଣା ରାସ୍ତା ଖୋଲିବା ପାଇଁ ଆଜି ପାଚେରୀ ଭଙ୍ଗା ଯାଇଛି। ଏହି ଅବସରରେ ସୁନାବେଡା ପୌରାଧକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର, କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଜିତ୍ କୁମାର ଚୌଧୁରୀ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର ,ସମସ୍ତ ପାରିଷଦ ବୃନ୍ଦ ଓ ସ୍ଥାନୀୟ ବାସିନ୍ଦାଙ୍କ ଉପସ୍ଥିତ ଥିଲେ। ।୧୦ ବର୍ଷ ରୁ ଉର୍ଦ୍ଧ୍ୱ ହେଲା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ସମ୍ମୁଖରେ ଏହି ରାସ୍ତା ବନ୍ଦ ରହିଥିଲା ଯାହା ଫଳରେ ସ୍ଥାନୀୟ ଲୋକଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ପହଞ୍ଚିବାରେ ଅସୁବିଧା ହେଉଥିଲେ। ଏଥିପାଇଁ ସ୍ଥାନୀୟ ବାସିନ୍ଦା’ ସକାଳ’ ଖବର କାଗଜ କୁ ପ୍ରଶଂସା କରିଛନ୍ତି।

# ଫାଟିଲା ଭଲଭୋ ବ୍ୟାଟେରୀ

କୋରାପୁଟ,୧୪/୭(ସମିସ): ନବରଙ୍ଗପୁରଠାରୁ ଆନ୍ଧ୍ରପ୍ରଦେଶର ବିଜୟୱାଡା ଯାଉଥିବା ଓଡ଼ିଶା ରାଜ୍ୟ ପରିବହନ ନିଗମର ଏକ ଭଲଭୋ ବସ୍‌ର ବ୍ୟାଟେରୀ ଅଚାନକ ଫାଟି ଯାଇଛି। କିନ୍ତୁ ଏହି ଅଘଟଣର ପ୍ରଭାବ ଯାତ୍ରୀମାନଙ୍କ ଉପରେ ପଡ଼ିନାହିଁ। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣା ପଡିଛି। ସୂଚନାନୁଯାୟୀ, ବସ୍‌ଟି ଓଡ଼ିଶା ସୀମା ଅତିକ୍ରାନ୍ତ କରି ପ୍ରାୟ ୧୦ କିଲୋମିଟର ଯିବା ପରେ ଆନ୍ଧ୍ର ପ୍ରଦେଶ ସାଲୁର ମଣ୍ଡଳ କୋନାବାଲସା ଗେଟ୍ ନିକଟରେ ରାତି ସାଢ଼େ ୯ରେ ପହଞ୍ଚିବା ମାତ୍ରେ ଅଚାନକ ବ୍ୟାଟେରୀ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଶବ୍ଦରେ ଯାତ୍ରୀ ଭୟଭୀତ ହୋଇପଡ଼ିଥିଲେ। କିନ୍ତୁ ସୌଭାଗ୍ୟବଶତଃ କାହାର କୌଣସି କ୍ଷତି ହୋଇନାହିଁ। ବସ କର୍ମଚାରୀ ଜୟପୁର କାର୍ଯ୍ୟାଳୟକୁ ସୂଚନା ଦେବା ପରେ ଜୟପୁର ଠାରୁ ଏକ ବସ ଯୋଗେ ବ୍ୟାଟେରୀ ପଠାଇବା ବ୍ୟବସ୍ଥା କରାଯାଇଥିଲା। ତେବେ ଉକ୍ତ ବସ ରାତି ଗୋଟାଏ ବେଳେ ପହଞ୍ଚିବାକୁ ଥିବାରୁ ଯାତ୍ରୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖା ଦେଇଛି।

# ନଦୀ ପୋଲରେ ଗାଡ଼ି ଚଳାଚଳ

ଉମରକୋଟ,୧୪।୭ (ସମିସ): ଦୀର୍ଘ ଦିନ ପରେ ଉମରକୋଟ ଉପଖଣ୍ଡ ନାଗି ନଦୀ ପୋଲ ଉପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ନବରଙ୍ଗପୁର ୩୯ ନମ୍ବର ରାଜ୍ୟ ରାଜପଥର ଧୋଡ୍ରା ନିକଟ ନାଗିନଦୀର ଅସ୍ଥାୟୀ ପୋଲ ଉପର ଦେଇ ବନ୍ୟାଜଳ ପ୍ରବାହିତ ହେବାରୁ ପ୍ରଶାସନବିପଦଆଶଙ୍କାକରିଏହାକୁଭାଙ୍ଗିଦେଇଥିଲା।ଯଦ୍ୱାରାଏହିରାସ୍ତାଦେଇଉମରକୋଟ ନବରଙ୍ଗପୁର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ବିକଳ୍ପ ରାସ୍ତା ଦେଇ ଗାଡ଼ି ଚଳାଚଳ ପାଇଁ ପ୍ରଶାସନ ତରଫରୁ ନିବେଦନ କରାଯାଇଥିଲ। ଗାଡିଗୁଡ଼ିକ ବଡ଼ ଭରଣ୍ଡି ମହୁଲି ଦେଇ ଧୋଡ୍ରା ଓ ଉମରକୋଟରୁ ଗରାମ୍ବା ପୁର୍ଲା ଛକ ଦେଇ ଯାତାୟତ କରୁଥିଲା। ଦୂରଗାମୀ ବସଗୁଡ଼ିକ ୨୦ କିମି ଅଧିକ ବୁଲି ଡାବୁଗାଁ ମୈଦଲପୁର ହୋଇ ନବରଙ୍ଗପୁର ଯିବାଆସିବା କରୁଥିଲା।

# ବନ୍ଧୁଗାଁ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର



ବନ୍ଧୁଗାଁ,୧୪।୭ (ସମିସ): ବନ୍ଧୁଗାଁ ବ୍ଲକ କାର୍ଯ୍ୟାଳୟଠାରେ ଆଜି କୋରାପୁଟ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ତପନ କୁମାର ନାୟକ ସର୍ବ ମୋଟ ୬୦ ଅଭିଯୋଗ ଶୁଣାଣି କରିଥିଲେ। ସେଥି ମଧ୍ୟରେ ବ୍ୟକ୍ତି ଗତ ୪୯ଟି ଓ ସାମୂହିକ ଭାବେ ୧୧ ଟି ଅଭିଯୋଗ ରହିଥିଲା। ଏହି ଶିବିର ସ୍ଥାନୀୟ ବିଡ଼ିଓ ଶ୍ରୀମତୀ ମିନତୀ ଜଗଦେବ ଙ୍କ ଅଧ୍ୟକ୍ଷତା ରେ ହୋଇଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ। ପେଦାଅଲଡା ପଞ୍ଚାୟତର ୬ ଟି ବସୁଧା ପ୍ରକଳ୍ପ ନିର୍ମାଣ ହୋଇ ଅଚଳ ହୋଇ ଥିବା, ନୂତନ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ଦେବା, ସଡ଼କ ନିର୍ମାଣ କରିବା, ପିଇବା ପାଣି ସମସ୍ୟା ଇତ୍ୟାଦି ଅଭିଯୋଗ ଉପରେ ଶୁଣାଣି କରା ଯାଇଥିଲା। ଅଭିଯୋଗ ଶୁଣାଣିରେ ସବ୍ କଲେକ୍ଟର ପ୍ରେମଲାଲ ହିଆଲ, ତହସିଲଦାର ଶ୍ରୀମତୀ ସୋନାଲି ପାତ୍ର, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା, ଏସଡିପିଓ ମନୋଜ କୁମାର ବେହେରା, ଡି ଇ ଓ ଅର୍ପିତ ପ୍ରଧାନ, ଡି ପି ଓ ଯୁଗଳ କିଶୋର ନାଏକ, ଡିଏଫଓ ଜଗନ୍ନାଥ ବିନୋଦ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ କୁମାର ତାଣ୍ଡି, ଡିଏସ୍‌ୱି ଓ ସାଗରିକ ଦତ୍ତ, ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବନ୍ଧୁଗାଁ ଥାନା ଏସଆଇ ବିଜୟ ମୁର୍ମୁ ଓ ପୁଲିସ ଷ୍ଟାଫ ନିୟୋଜିତ ଥିଲେ।

# କୋଟପାଡ଼ରେ ବୋଲବମ୍ ଭକ୍ତଙ୍କ ଜଳାଭିଷେକ



କୋଟପାଡ, ୧୪।୭ (ସମିସ):ରାଜ୍ୟର ବିଭିନ୍ନ ସ୍ଥାନ ଭଳି କୋରାପୁଟ ଜିଲ୍ଲା କୋଟପାଡ ସହରରେ ମଧ ପ୍ରଥମ ସୋମବାରରେ ବିଭିନ୍ନ ଶୈବପୀଠରେ ମହାଦେବଙ୍କ ନିକଟରେ ଜଳଲାଗି କରିବା ପାଇଁ ଶତାଧିକ କାଉଡ଼ିଆଙ୍କ ଭିଡ଼ ଲାଗିଛି। ସେହିପରି ଚାଦି ଲି ପଞ୍ଚାୟତ ର ଦେଉଡା ଗ୍ରାମ ର ଝାଡେଶ୍ୱର୍ ମନ୍ଦିର ରେ ମଧ ଶତାଧିକ କାଉଡ଼ିଆ ଭିଡ଼ ଲାଗିଥିଲା। ଏହି ଶୈବ ପୀଠ ଆମ ପୋଡଶି ରାଜ୍ୟ ଛତିଶ ଗଡ଼ରେ ଯାଉଥିବାରୁ ଏଠାରେ ଉଭୟ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟରୁ ବର୍ଷ ସାରା ଶତାଧିକ ଭକ୍ତଙ୍କ ସମାଗମ ହୁଏ। ଆଜିକାର ଦିନରେ ଅଞ୍ଚଳର ଲାଇଫ ଲାଇନ ଇନ୍ଦ୍ରାବତୀ ନଦୀ ଘାଟରେ କାଉଡ଼ିଆଙ୍କର ଭିଡ଼ ଜମିଥିଲା। ନଦୀରୁ ବାଲି ଆଣି ତୁଠରେ ବାଲୁକା ଲିଙ୍ଗ ସ୍ଥାପନା କରି ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ସଙ୍କଳ୍ପ ହୋଇ ଜଳନେଇ କାଉଡ଼ିଆମାନେ ବାହାରିଥିଲେ ଶିବାଳୟଅଭିମୁଖେ। ପୂର୍ବ ବର୍ଷ ଭଳି ଚଳିତବର୍ଷ ମଧ କୋଟପାଡ ଅଞ୍ଚଳର ବିଭିନ୍ନ ଶୈବପୀଠ ମଧ୍ୟରେ କୋଟପାଡ ଟାଉନ ବେଲେମା ସାହି ର ନୀଳକଣ୍ଠେଶ୍ୱର ମନ୍ଦିର, ବଡ଼ଦାଣ୍ଡ ର କାଶୀ ବିଶ୍ୱନାଥ ମନ୍ଦିର, ହାଟପଦା ଚକ୍ରକୋଟ ମନ୍ଦିର, ଗିର୍ଲା ଗ୍ରାମ ର ଶୈବ ପୀଠ, ଦେଅରଲି ଗ୍ରାମର ଶୈବ ପୀଠ ତଥା ଆମଡ଼ାମୁଣ୍ଡା ଗ୍ରାମର ଧବଳେଶ୍ୱର ମନ୍ଦିର, ଭଳି ବିଭିନ୍ନ ଶୈବ ପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାରରେ ଶତାଧିକ କାଉଡ଼ିଆଙ୍କର ଭିଡ଼ ଲାଗିଥିଲା।

# ସାପକାମୁଡ଼ାରେ ମହିଳା ମୃତ

କୋଷାଗୁମୁଡ଼ା,୧୪।୭ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ଅନ୍ତର୍ଗତ ଚିର୍ମା ଗ୍ରାମ ଚୁରାହାଣ୍ଡି ଠାରେ ଘରେ ଶୋଇଥିବା ଅବସ୍ଥାରେ ଏକ ନାଗ ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଚିର୍ମା ଚୁରାହଣ୍ଡି ସାହିର ଲଛନଦେଇ ଭତ୍ରା (୩୭)। ଶୋଇ ଥିବା ଅବସ୍ଥାରେ ରାତି ପ୍ରାୟ ୧୧:୩୦ ମିରେ ଏକ ସାପ ଆସି କାମୁଡ଼ି ଥିଲା । କିଛି ସମୟ ପରେ ଲଛନଦେଇଙ୍କ ନିଦ ଭାଙ୍ଗି ମୁଣ୍ଡ ବୁଲାଇବାରୁ ନିଜ ସ୍ୱାମୀ ସେନାପତି ଭତ୍ରାଙ୍କୁ ଜଣାଇ ଥିଲେ। ତାଙ୍କୁ ମେଡିକାଲ ନିଆଯାଇଥିଲେ ବି ତାଙ୍କର ମୃତ୍ୟୁ ଘଟିଥିଲା।

# ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜିଙ୍କ ଦାୟିତ୍ୱ ଗ୍ରହଣ




କୋରାପୁଟ,୧୪।୭ (ସମିସ): ନବ ନିଯୁକ୍ତ ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ଡା. କନୱାର ବିଶାଳ ସିଂ ସୋମବାର ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। କୋରାପୁଟ ସ୍ଥିତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପୁଲିସ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। କୋରାପୁଟ ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଏସପି ମନୋଜ କୁମାର ପୁଜାରୀ, ମନୋବ୍ରତା ଶତପଥି ଏବଂ ଥାନା ଅଧିକାରୀ ମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଡ଼ା. ସିଂ ପୂର୍ବରୁ କୋରାପୁଟ ଜିଲ୍ଲାରେ ଏସପି ଭାବେ କାର୍ଯ୍ୟ କରିଥିଲେ। ତେଣୁ ପୁଣି ଥରେ ସେ ଏହି ଅଞ୍ଚଳର ଲୋକଙ୍କ ସେବା କରିବା ସୁଯୋଗ ପାଇ ଥିବାରୁ ନିଜକୁ ସୌଭାଗ୍ୟ ମିଳିଛି ବୋଲି ସେ କହିଛନ୍ତି। ମାଓ ଦମନ, ଅପରାଧ ନିୟନ୍ତ୍ରଣ ଏବଂ ଲୋକଙ୍କ ଅଭିଯୋଗ ଶୁଣିବା ତାଙ୍କର ପ୍ରାଥମିକତା ରହିବ ବୋଲି ସେ କହିଛନ୍ତି। ଗଞ୍ଜେଇ ଚୋରା ଚାଲାଣ ରୋକିବା ଏବଂ ଗଞ୍ଜେଇ ଚାଷ ନଷ୍ଟ କରିବାରେ ରେଞ୍ଜ ଅଧୀନରେ ଥିବା ଏସପି ମାନେ ଖୁବ୍ ଭଲ କାର୍ଯ୍ୟ କରୁଥିବା ବେଳେ ଏହାର ସମୂହ ମୂଳପୋଛ କରିବା ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଉଥିବା ସେ କହିଛନ୍ତି। ମାଲକାନଗିରି ୱେବ୍ ଚ୍ୟାନେଲ ସାମ୍ବାଦିକ ହତ୍ୟା ଏବଂ କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ ପ୍ରେମୀ ଯୁଗଳଙ୍କୁ ବଳଦ କରିବା ଘଟଣା ସମ୍ପର୍କରେ ସେ ସମ୍ପୃକ୍ତ ଜିଲ୍ଲାର ଏସ୍‌ପି ମାନଙ୍କ ସହ ଆଲୋଚନା କରିଥିବା କହିଛନ୍ତି।

# ନର୍ସିଂ ଛାତ୍ରୀକୁ ମାଡ଼ମାରି ବି.ଟେକ ଛାତ୍ର ଗିରଫ

ଜୟପୁର,୧୪।୭(ସମିସ): ଜୈନିକା ନର୍ସିଓ ଛାତ୍ରୀଙ୍କୁ ମାଡମାରି ରକ୍ତାକ୍ତ କରିଥିବା ଅଭିଯୋଗରେ ଆଜି ଟାଉନ୍ ପୁଲିସ ବି.ଟେକ ଛାତ୍ରଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ନବରଙ୍ଗପୁର ଜିଲ୍ଲା ଗୁରୁସିଙ୍ଗା ଗ୍ରାମର ସତ୍ୟଜିତ ସରକାର(୨୧)। ଗିରଫ ଅଭିଯୁକ୍ତ ସତ୍ୟଜିତ୍ ଭୁବନେଶ୍ୱରରେ ଏକ ଘରୋଇ ଇଞ୍ଜିନିୟରିଂ ମହାବିଦ୍ୟାଳୟରେ ପାଠ ପଢୁଛନ୍ତି। ନର୍ସିଂ ଛାତ୍ରୀ ନବରଙ୍ଗପୁର ଜିଲ୍ଲାର ବାସିନ୍ଦା ହୋଇଥିବା ବେଳେ ଜୟପୁର ନର୍ସିଂ କଲେଜରେ ଶିକ୍ଷାଗ୍ରହଣ କରୁଛନ୍ତି। ଅଭିଯୁକ୍ତ ସତ୍ୟଜିତ ଛାତ୍ରୀଜଣକୁ ମୁଖ୍ୟ ରାସ୍ତା ପୁରୁଣା ତହସିଲ ନିକଟରେ ଗତକାଲି ମଧ୍ୟାହ୍ନରେ ମାଡ ମାରି ରକ୍ତାକ୍ତ କରିଥିଲେ। ସ୍ଥାନୀୟ ଲୋକେ ଘଟଣାଟିକୁ ଦେଖି ଟାଉନ ପୁଲିସକୁ ଖବର ଦେବା ପରେ ଟାଉନ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଗିରଫ କରି ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ପ୍ରାଥମିକ ଚିକିତ୍ସା କରିଥିଲେ। ଛାତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରାଯାଇ ଟାଉନ୍ ପୁଲିସ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରଥିବା ନେଇ ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

# ମଧ୍ୟାହ୍ନ ଭୋଜନରେ ପୋକ ସାଲୁବାଲୁ



ବୈପାରୀଗୁଡ଼ା,୧୪।୭(ସମିସ): ବୈପାରୀଗୁଡା ବ୍ଲକ କାକଲପୋଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଭାତରେ ବାହାରିଲା ପୋକ । ଏପରି ଅଭିଯୋଗ କରିଛନ୍ତି ବିଦ୍ୟାଳୟର ନବମ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ। ଆଜି ବିଦ୍ୟାଳୟର ମଧ୍ୟହ୍ନଭୋଜନ ଥାଳିରେ ଲମ୍ବା ପୋକ ବାହାରିଥିଲା। ଏନେଇ ଛାତ୍ରଛାତ୍ରୀ ମାନେ ୱାର୍ଡ ମେମ୍ବରଙ୍କୁ ଦେଖାଇଥିଲେ। ଏହା ଆଜି ଗୋଟିଏ ଦିନ ନୁହେଁ, ବହୁ ସମୟରେ ଏପରି ଖାଦ୍ୟରୁ ପୋକ ବାହାରୁଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ପ୍ରଧାନଶିକ୍ଷକଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଯୋଗାଯୋଗ ହୋଇପାରିନି। ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

# ଶୈବପୀଠରେ କାଉଡ଼ିଆଙ୍କ ଭିଡ଼

ସେମିଳିଗୁଡା, ୧୪।୭ (ସମିସ): ଶ୍ରାବଣ ମାସର ପ୍ରଥମ ସୋମବାରରେ ସେମିଳିଗୁଡା ସହର ଓ ଆଖପାଖ ଅଞ୍ଚଳର ସବୁ ଶୈବପୀଠରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଛି। ସବୁ ଶିବ ମନ୍ଦିରରେରେ ବହୁ ସଂଖ୍ୟାରେ କାଉଡ଼ିଆ ମହାଦେବଙ୍କୁ ଜଳ ଅର୍ପଣ କରିଛନ୍ତି। ଶିବ ମନ୍ଦିର ଓ ପ୍ରମୁଖ ଶୈବପୀଠରେ ଭୋରରୁ କାଉଡ଼ିଆଙ୍କ ପ୍ରବଳ ଗହଳି ଲାଗିଥିଲା। ସହରର ବିଭିନ୍ନ ମନ୍ଦିରରେ କାଉଡ଼ିଆମାନେ ଧାଡ଼ି ଲଗାଇ ଜଳଲାଗି କରିଛନ୍ତି। କାଉଡ଼ିଆମାନେ ପାଖ ନଦୀରୁ ପାଣି ନେଇ ବିଭିନ୍ନ ଶିବ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ।

# କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗୀ ସଚେତନତା କାର୍ଯ୍ୟକ୍ରମ



କୋରାପୁଟ,୧୪।୭ (ସମିସ): ଶିଳ୍ପ ବିଭାଗ ପକ୍ଷରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଅଡିଟୋରିଅମ ଠାରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗୀ ମାନଙ୍କର ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ରୂପା ରୋଶନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ରାଷ୍ଟ୍ରମନ୍ତ୍ରୀ ସୁଶ୍ରୀ ଶୋଭା ଖାଣ୍ଡାଲାଜେ ମୂଖ୍ୟ ଅତିଥି ଭାବେ ଯୋଗ ସଚେତନତା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ,ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହି, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ ବିଧାୟକ ରୁପୁ ଭତ୍ରାଙ୍କ ସମେତ ନବରଙ୍ଗପୁର,ମାଲକାନଗିରି ଜିଲ୍ଲାର ବିଧାୟକ ମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ବୃନ୍ଦ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗୀ ମାନଙ୍କ ପ୍ରୋତ୍ସାହନ ନିମନ୍ତେ ଦିଆ ଯାଉଥିବା ଅଳ୍ପ ସୁଧ ହାରରେ ଋଣ, ସବସିଡି ସମେତ ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହା ବ୍ୟତୀତ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଫଳ ଉଦ୍ୟୋଗୀ ମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଅଧୀନରେ ଥିବା ଅନ୍ୟ ଜିଲ୍ଲାର ଉଦ୍ୟୋଗୀ, ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ମାନେ ଯୋଗ ଦେଇଥିଲେ। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ହିସାବ ରକ୍ଷକ,ଡାଟା ଏଣ୍ଟ୍ରୀ ଅପରେଟର ସଂଘ ଗଠିତ

କୋରାପୁଟ,୧୪।୭(ସମିସ): କୋରାପୁଟ ଜିଲ୍ଲାରେ ହିସାବ ରକ୍ଷକ ତଥା ଡାଟା ଏଣ୍ଟ୍ରୀ ଅପରେଟର ସଂଘ ଗଠିତ ହୋଇଛି। ଏଥି ସହ ସଂଘର କାର୍ଯ୍ୟକର୍ତ୍ତା ମନୋନୟନ କରାଯାଇଛି। କୋରାପୁଟ ଆଦିବାସୀ ସଂଗ୍ରାହଳୟ ସଭାଗୃହ ଠାରେ ଆୟୋଜିତ ବୈଠକରେ କାର୍ଯ୍ୟକର୍ତ୍ତା ମନୋନୟନ କରାଯାଇଛି। ରାଜ୍ୟ ପର୍ଯ୍ୟବେକ୍ଷକ ସୁରେଶ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକର୍ତ୍ତା ମନୋନୟନ କରାଯାଇଥିଲା। ସଭାପତି ଭାବେ ପାର୍ଥ ସାରଥି ବିଶୋଇ, କିଶୋର ଦଳେଇ ସଂପାଦକ ଭାବେ ମନୋନୀତ ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିବ ନାରାୟଣ ପାତ୍ର (ଉପ ସଭାପତି), ଗାୟତ୍ରୀ ମିଶ୍ର (ଯୁଗ୍ମ ସମ୍ପାଦକ)ସନାତନ ପାଣିଗ୍ରାହୀ (କୋଷାଧ୍ୟକ୍ଷ) ଭାବେ ମନୋନୀତ କରାଯାଇଛି। ସମସ୍ତ କାର୍ଯ୍ୟକ୍ରମରେ ଭୌମ୍ୟ ରଞ୍ଜନ ନାୟକ ଯୋଗଦେଇ ପରିଚାଳନା କରିଥିଲେ।

● ନନ୍ଦପୁର ରଥଯାତ୍ରା ବିଭ୍ରାଟ

# ତ୍ରୁଟି ସୁଧାରିବା ପରିବର୍ତ୍ତେ ସମ୍ବାଦିକଙ୍କୁ ନାଲିଆଖି



ନନ୍ଦପୁର,୧୪।୭ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍‌ରେ ନନ୍ଦପୁରର ପ୍ରସିଦ୍ଧ ମହାପ୍ରଭୁଙ୍କ ଘୋଷଯାତ୍ରା ଠାରୁ ଆରମ୍ଭ କରି ବାହୁଡାଯାତ୍ରା, ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସବୁ ନୀତିରେ ଏଥର ବହୁ ବିଭ୍ରାଟ ଦେଖାଦେଇଥିଲା। ଏ ନେଇ ‘ସକାଳ’ ସମେତ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶିତ ହୋଇଥିଲା। ସୋମବାର ରଥ ନିର୍ମାଣ ବ୍ୟୟ ବରାଦ ସମୀକ୍ଷା ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା। ଆଲୋଚନା ବେଳେ ରଥ ବିଭ୍ରାଟ ଖବର ପ୍ରକାଶିତ କରିଥିବା ସାମ୍ବାଦିକମାନେ ନନ୍ଦପୁର ଗାଁକୁ ବଦନାମ କରୁଛନ୍ତି ବୋଲି କହି ନାଲି ଆଖି ଦେଖାଇଥିଲେ ଦେବୋତ୍ତର କମିଟି ସଦସ୍ୟ ଗୋପାଳ ମାଟାମ । ରଥଯାତ୍ରାରେ ହୋଇଥିବା ତ୍ରୁଟିକୁ ସୁଧାରିବା ପରିବର୍ତ୍ତେ ଶ୍ରୀ ମାଟାମ ସାମ୍ବାଦିକଙ୍କୁ ଦୋଷଦେବା ଘଟଣାକୁ ସାମ୍ବାଦିକଙ୍କ ସହ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ବୈଠକରେ ତହସିଲଦାର, ବିଡ଼ିଓ ଓ ଅତିରିକ୍ତ ତହସିଲଦାର ସମେତ ଦେବୋତ୍ତର କମିଟି ସଦସ୍ୟଙ୍କ ଉପସ୍ଥିତିରେ ଶ୍ରୀ ମାଟାମଙ୍କ ଏଭଳି ମନ୍ତବ୍ୟକୁ ନେଇ ବରିଷ୍ଠ ପୂଜକ ନିନ୍ଦା କରିଛନ୍ତି। ଏ ନେଇ ନନ୍ଦପୁର ବ୍ଲକ୍ କଂଗ୍ରେସ ର ବିଧାୟକ ପ୍ରତିନିଧି କାମେଶ କାମୁଡି ପ୍ରତିକ୍ରିୟା ଦେଇ କହିଛନ୍ତି, ଯାହା ସତ୍ୟ ତାକୁ ସାମ୍ବାଦିକ ପ୍ରକାଶ କରୁଛନ୍ତି। ପୁରୀ ଓ ଜୟପୁରରେ ହୋଇଥିବା ବିଭ୍ରାଟ ନେଇ ଖବର ପ୍ରକାଶିତ ହୋଇଛି। ନନ୍ଦପୁର ରଥଯାତ୍ରା ବିଭ୍ରାଟକୁ ସୁଧାରିବା ପରିବର୍ତ୍ତେ ନନ୍ଦପୁର ବଦ୍‌ନାମ ହେଲା ଶ୍ରୀ ମାଟାମ ଯାହା କହୁଛନ୍ତି ତାହା ଠିକ୍ ନୁହେଁ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏଥର ଗୁଣ୍ଡିଚା, ବାହୁଡ଼ା ଯାତ୍ରା ଏବଂ ମହାବାହୁଙ୍କ ମନ୍ଦିର ପ୍ରବେଶ ବେଳେ ବହୁ ବିଭ୍ରାଟ ଦେଖା ଦେଇଥିଲା।

## ଅଟୋ-ପିକ୍‌ଅପ ଧକ୍କା, ମହିଳା ଆହତ

ତେନ୍ତୁଳିଖୁଣ୍ଟି,୧୪।୭(ସମିସ) ଚଳନ୍ତା ଅଟୋକୁ ପିକଅପ ଭ୍ୟାନ ପଛପଟୁ ଧକ୍କା ଦେବାରୁ ବେଜୁଗୁଡା ଗ୍ରାମର ତିଲକଦେଇ ବିଷୋୟୀ(୪୮) ଆହତ ହୋଇଛନ୍ତି। ଲମତାଗୁଡା ପଞ୍ଚାୟତ ଅନ୍ତର୍ଗତ ବେଜୁଗୁଡା ଗ୍ରାମର କିଛି ମହିଳା ଅଟୋ ଯୋଗେ ତେନ୍ତୁଳିଗଛ ଛକରୁ ନିଜ ଗ୍ରାମ ଆଭିମୁଖେ ଫେରୁଥିଲେ। ପୁଜାରୀଗୁଡା ନିକଟରେ ଏକ ହମ୍ପ ଥିବାରୁ ଅଟୋ ମନ୍ଥର ଗତିରେ ହମ୍ପ ପାର ହେଉଥିଲା । ଏହି ସମୟରେ ମେଗା ଜ ଯୋଗାଣ ପ୍ରକଳ୍ପରେ ଲାଗିଥିବା ଏକ ପିକ୍‌ଅପ୍ ଭ୍ୟାନ ପଛ ପଟୁ ଆସି ଅଟୋକୁ ଧକ୍କା ଦେଇଥିଲା।

ରାଜ୍ୟସ୍ତରୀୟ ୱାକୋ କିକ୍‌ବକ୍ସିଂ ପ୍ରତିଯୋଗିତା

# ରାୟଗଡ଼ାକୁ ୬ସ୍ୱର୍ଣ୍ଣ,୧୦ ରୌପ୍ୟ ଓ ୫ କାଂସ୍ୟ ପଦକ



ରାୟଗଡ଼ା,୧୪।୭(ସମିସ): ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ତଥା କିକ୍ ବକ୍ସିଂ ଆସୋସିଏସସନ୍ ଓଡ଼ିଶା ଦ୍ୱାରା ଅନୁଗୁଳ ଷ୍ଟାଡିୟମର ଟିଟି ଇଣ୍ଡୋର ହଲଠାରେ ଗତ ଶୁକ୍ରବାର ୧୧ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଆୟୋଜିତ ହୋଇଥିବା ଷଷ୍ଠତମ ୱାକୋ ଓଡିଶା ରାଜ୍ୟ ଆମେଚର କିକ ବକ୍ସିଂ ଚାମ୍ପିଅନସିପ-୨୦୨୫ରେ ରାୟଗଡ଼ାକୁ ମିଳିଛି ସଫଳତା। ଏହି ଚାମ୍ପିଆନ୍‌ସିପରେ ରାୟଗଡ଼ାକୁ ୬ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୫ଗୋଟି କାଂସ୍ୟ ପଦକ ମିଳିଛି। ଆଜି ସକାଳେ ପ୍ରତିଯୋଗୀ ଓ ଟିମ୍ ରାୟଗଡ଼ାରେ ପହଞ୍ଚିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। କୃତୀ ପ୍ରତିଯୋଗୀମାନେ ନିଜ ଦକ୍ଷତା ପ୍ରତିପାଦନ କରି ରାୟଗଡ଼ାକୁ ରାଜ୍ୟସ୍ତରରେ ଗୌରବାନ୍ୱିତ କରିଥିବାରୁ ଆଜି ସଂଧ୍ୟାରେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ ସମସ୍ତ ପ୍ରତିଯୋଗୀଙ୍କୁ ଭେଟିବା ସହ ସେମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ସେହିପରି ରାୟଗଡ଼ା ଜିଲ୍ଲା କିକ୍ ବକ୍ସିଂ ଆସୋସିଏସନ ତରଫରୁ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, କୋଚ ତଥା ସଂପାଦକ ଅର୍ଜୁନ ଶବର, ଟିମ୍ ମ୍ୟାନେଜର ଜିତୁ ମହାରଣା ମଧ ଚାମ୍ପିଆନସିପରେ ଭାଗ ନେଇଥିବା ୧୭ଜଣ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସଦର ବ୍ଲକ ତାଡମା ଗ୍ରାମପଞ୍ଚାୟତ ଅଧିନସ୍ଥ ଗୌଡଖିଲମ ଗ୍ରାମର ଖେଳାଳୀ ମାଲାନା କାଡ୍ରକା ବରିଷ୍ଠ ବର୍ଗରେ ଅନୁଷ୍ଠିତ ପଏଣ୍ଟ ଫାଇଟରେ ଏବଂ ଲାଇଟ୍ କଂଟାକ୍ଟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିବା ସହ ବେଶ ପ୍ରଶଂସନୀୟ ହୋଇପାରିଥିଲେ। ଆଜି ସେ ରାୟଗଡ଼ା ଫେରିଥିବା ବେଳେ ଗ୍ରାମର ସମାଜସେବୀ ଯୁବକ ଚନ୍ଦ୍ରଶେଖର ଖର୍ସେଲବଂଶ, ସରପଞ୍ଚ ସୋମନାଥ ଜାକାକା, ବିଜୟ ମେଲକାଙ୍କ ସମେତ ଅନ୍ୟମାନେ ମାଲନାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଚାମ୍ପିୟାନସିପରେ ରାଜ୍ୟର ୨୪ଟି ଜିଲ୍ଲାର ୪୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ବୋଲି ଟିମ ମ୍ୟାନେଜର ଜିତୁ ମହାରଣା କହିଛନ୍ତ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରୀକ୍ଷାଫଳ

ଜୟପୁର, ୧୪।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସ୍ନାତକତ୍ତୋର ବିଭାଗର ପରୀକ୍ଷାଫଳ ପ୍ରକାଶିତ ହୋଇଛି। ଚଳିତବର୍ଷ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଛାତ୍ରୀ ଅନିଷା ଚୌହାନ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେ ସମୁଦାୟ ୯୪.୦୫ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ରସାୟନିକ ବିଭାଗରେ ଆଦିତି ଗୁପ୍ତା ୮୯.୭୭ ପ୍ରତିଶତ, କମ୍ପ୍ୟୁଟର ସାଇନ୍ସ ରେ ରାୟଗଡା ସିଟି କଲେଜ ଅଫ ମ୍ୟାନେଜମେଣ୍ଟର ଛାତ୍ର କାହ୍ନୁ ଦଳେଇ୮୯.୧୧ ପ୍ରତିଶତ ନମ୍ବର , ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ଛାତ୍ର ପ୍ରକାଶ ଜେନା ୭୯.୩୩ ପ୍ରତିଶତ, ପଦାର୍ଥ ବିଜ୍ଞାନରେ ଓମକାର ଦାସ ୮୯.୭୭ପ୍ରତିଶତ ନମ୍ବର, ଜୀବ ବିଜ୍ଞାନରେ ଛାତ୍ରୀ ମୌସୁମୀ ନାୟକ ୯୧.୨୦ ପ୍ରତିଶତ, ଅର୍ଥଶାସ୍ତ୍ରରେ ନିକୁଞ୍ଜ ବିହାରୀ ପଣ୍ଡା ୮୪.୦୮ ପ୍ରତିଶତ, ଶିକ୍ଷା ବିଭାଗରେ ଡି.ଏ.ଭି ମହାବିଦ୍ୟାଳୟର ଛାତ୍ର ରୋହିତ ଦାସ ୮୩.୧୩, ଇଂରାଜୀରେ ବିଶ୍ୱବିଦ୍ୟାଳୟର ଛାତ୍ରୀ ପ୍ରୀୟଙ୍କା ବାଇ ୮୨.୬୫, ଇତିହାସରେ ଛାତ୍ରୀ ପୁଷ୍ପାଞ୍ଜଳି ନିଶାଲ୮୨.୧୭, ଓଡିଆରେ ଛାତ୍ର ହିମାଦ୍ରୀ ତନୟ ରାଜ ୮୫.୫୦, ଦର୍ଶନଶାସ୍ତ୍ରରେ ଓମଶ୍ରୀୟ ସାହୁ ୮୫.୯୮, ରାଜନୈତିକ ବିଜ୍ଞାନରେ ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ୮୨.୧୭ ଏବଂ ଗୃହ ବିଜ୍ଞାନରେ ଛାତ୍ରୀ ମନିକା ମହାନ୍ତି ୮୩.୭୩, ସମାଜବିଜ୍ଞାନରେ ବିଶ୍ୱବିଦ୍ୟାଳୟର ଛାତ୍ର ସତ୍ୟବ୍ରତ ପାଢୀ ୬୭.୪୫ , ବାଣିଜ୍ୟ ରେ ଛାତ୍ରୀ ବବିତା ଜେନା ୮୫.୦୨ ଏବଂ ଏପିଏମରା ରେ ଛାତ୍ରୀ ସୌଜନ୍ୟା ସ୍ୱର୍ଗରୂପା ରଥ ୮୭.୪୦ ପ୍ରତିଶତ ନମ୍ବର ରଖି ନିଜ ନିଜ ବିଭାଗରେ ଟପର ହୋଇଛନ୍ତି। ପ୍ରକାଶଯେ, ଉଭିଦ୍ଧ ବିଜ୍ଞାନରେ ଛାତ୍ର ୮୮ ପ୍ରତିଶତ ଏବଂ ଛାତ୍ରୀ ୯୦ ପ୍ରତିଶତ, ରସାୟନିକ ବିଜ୍ଞାନ ୭୧ ଛାତ୍ର ୮୨ ଛାତ୍ରୀ, ବାଣିଜ୍ୟ ୮୩ ଛାତ୍ର ଶତ ପ୍ରତିଶତ ଛାତ୍ରୀ, ଅର୍ଥଶାସ୍ତ୍ର ୩୬ ଛାତ୍ର, ୩୧ ଛାତ୍ରୀ, ଶିକ୍ଷାରେ ୮୨ ଛାତ୍ର ୮୯ ଛାତ୍ରୀ, ଇଂରାଜୀ ୯୨ ଛାତ୍ର ଶତପ୍ରତିଶତ ଛାତ୍ରୀ, ଇତିହାସ ଶତ ପ୍ରତିଶତ ଛାତ୍ର ୯୫ ପ୍ରତିଶତ ଛାତ୍ରୀ , ଗୃହ ବିଜ୍ଞାନ ୮୯ ପ୍ରତିଶତ ଛାତ୍ରୀ, ଗଣିତ ୪୩ ଛାତ୍ର ୪୬ ଛାତ୍ରୀ, ଏପିଏମଆଇଆରରେ ଉଭୟ ଛାତ୍ରଛାତ୍ରୀ ଶତ ପ୍ରତିଶତ, ଓଡିଆ ୯୭ ଛାତ୍ର ୯୮ ଛାତ୍ରୀ, ଦର୍ଶନ ଶାସ୍ତ୍ର ୮୮ ଛାତ୍ର ଶତପ୍ରତିଶତ ଛାତ୍ରୀ, ପଦାର୍ଥ ବିଜ୍ଞାନରେ ଉଭୟ ଛାତ୍ରଛାତ୍ରୀ ଶତ ପ୍ରତିଶତ, ରାଜନୈତିକ ବିଜ୍ଞାନ ୭୯ ପ୍ରତିଶତ ଛାତ୍ର ୯୬ ପ୍ରତିଶତ ଛାତ୍ରୀ, ସମାଜ ବିଜ୍ଞାନ ୨୯ ଛାତ୍ର ୬୪ ଛାତ୍ରୀ, ଜୀବ ବିଜ୍ଞାନ ଶତ ପ୍ରତିଶତ ଛାତ୍ର ୯୬ ପ୍ରତିଶତ ଛାତ୍ରୀ ଏବଂ କମ୍ପ୍ୟୁଟର ସାଇନ୍ସରେ ୨୯ ପ୍ରତିଶତ ଛାତ୍ର ଏବଂ ୭୦ ପ୍ରତିଶତ ଛାତ୍ରୀ ପାସ କରିଥିବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଇଛି।

## ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ

# ରାସ୍ତାରେ ମଦ ବୋତଲ ଭାଙ୍ଗିଲେ, ଘରେ ପଶି ଆକଟ କଲେ

ଉମରକୋଟ,୧୪।୭ (ସମିସ): ମଦକୁ ବିରୋଧ କଲେ ଗ୍ରାମର ଶତାଧିକ ମହିଳା। ଘରେ ଘରେ ପଶିଲେ। ଦୋକାନରେ ପଶି ମଦ ବୋତଲ ଆଣି ରାସ୍ତାରେ ଫଟେଇଲେ। ଅଞ୍ଚଳକୁ ମଦ ମୁକ୍ତ କରିବାକୁ ଅଣ୍ଟା ଭିଡ଼ିଥିବା ଏହି ମହିଳାମାନଙ୍କୁ ଦେଖି ମଦ ବେପାରୀ ଭୟଭୀତ ହୋଇଥିବା ବେଳେ ମଦୁଆମାନେ ମଧ୍ୟ ସାବଧାନ ହୋଇଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବେନୋରା ପଞ୍ଚାୟତ ଅନ୍ତର୍ଗତ କଲିବେଢା ଗ୍ରାମରେ। ଉକ୍ତ ଗ୍ରାମରେ ମଙ୍ଗଳବାର ଦିନ ସାପ୍ତାହିକ ହାଟ ବସୁଥିବା ବେଳେ ଏଠାରେ ଥିବା କିଛି ଦୋକାନୀ ବିଗତ ଚାରିରୁ ପାଞ୍ଚ ବର୍ଷ ହେଲା ମଦ ବ୍ୟବସାୟ କରୁଥିବା ଦେଖିବାକୁ ମିଳିଛି। ପତ୍ନୀମାନେ ଦିନ ମଜୁରି କରି ଆଣିଥିବା ଟଙ୍କାକୁ ସ୍ୱାମୀମାନେ ଘରୁ ଟଙ୍କା ଆଣି ଏହି ଦୋକାନ ଗୁଡିକରୁ ମଦ କିଣି ପିଉଛନ୍ତି। ମଦ ପିଇ ହାଟପଦାରେରେ ଥିବା ପିଣ୍ଡିରେ ମଦ ବୋତଲ ଫିଙ୍ଗି ଘରେ ପତ୍ନୀଙ୍କ ସହ ଗଣ୍ଡଗୋଳ କରୁଛନ୍ତି। ସାପ୍ତାହିକ ବାଜର ଚାରି ପାଶ୍ୱର୍ରେ କେବଳ ଭଙ୍ଗା ମଦ ବୋତଲ। ଏଣୁ ଆଜି ଗ୍ରାମର ଶତାଧିକ ମହିଳା ହାଟପଦାରେ ଥିବା ଦୋକାନ ଓ ଘରେ ପଶି ମଦ ବୋତଲ ଆଣି ରାସ୍ତା ଉପରେ ଫଟେଇଥିଲେ। ଆଗାମୀ ଦିନରେ ମଦ ବ୍ୟବସାୟ ବନ୍ଦ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି।



# କୋଟପାଡ଼ ବିଧାୟକଙ୍କ ଗୋପାଳ ହାଇସ୍କୁଲ ହଷ୍ଟେଲ ପରିଦର୍ଶନ

ବୈପାରୀଗୁଡ଼ା, ୧୪।୭ (ସମିସ): ବିଧାୟକ ରୁପୁ ଭତ୍ରା ଅଚାନକ ବୈପାରୀଗୁଡା ବ୍ଲକ ରାମଗିରି ସ୍ଥିତ ଗୋପାଳ ହାଇସ୍କୁଲ ହଷ୍ଟେଲ ପରିଦର୍ଶନ କରିଛନ୍ତି। ହଷ୍ଟେଲ ଛାତ୍ରଛାତ୍ରୀ ମାନଙ୍କୁ ଦିଆ ଯାଉଥିବା ମଧ୍ୟାହ୍ନଭୋଜନର ଯାଞ୍ଚ ପାଇଁ ରୋଷଇ ସ୍ଥାନକୁ ଯାଇଥିଲେ। ହେଲେ ସେଠାରେ ଖୋଲାମେଲାରେ ଚାଲିଥିଲା ରୋଷଇ। ଏହା ଦେଖି କିଛି ସମୟ ଠିଆ ହୋଇଗଲେ ସେ। ହଷ୍ଟେଲରେ ରୋଷେଇ ଗୃହ ନଥିବା ଜାଣିବା ପରେ ଘଟଣା ସ୍ଥଳରେ ରୋଷେଇ ଗୃହ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଲେ। ପିଲାଙ୍କ ପାଖରୁ ରନ୍ଧା ଖାଦ୍ୟର ମାନ ପଚାରି ବୁଝିଥିଲେ ଏବଂ ପାଠପଢି ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ପ୍ରଧାନଶିକ୍ଷତ୍ରୀଙ୍କ ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଶ୍ରେଣୀ ଗୃହ ଅଭବ ଥିବା ଜାଣିବାକୁ ପାଇଥିଲେ । ଏହି ବିଦ୍ୟାଳୟ ବ୍ଲକ ଗ୍ରାଣ୍ଡ ଯୋଗୁଁ ସରକାର ତରଫରୁ ଖେଳ ସାମଗ୍ରୀ ଦିଆଯାଉନାହିଁ ବୋଲି ପ୍ରଧାନଶିକ୍ଷତ୍ରୀ କହିଥିଲେ। ସମସ୍ୟା ଜାଣିବା ପରେ ଗୋପାଳ ହାଇସ୍କୁଲ ପାଇଁ ଅତିରିକ୍ତ ଶ୍ରେଣୀ ଗୃହ ଏବଂ ପିଲାଙ୍କ ଶାରୀରିକ ବିକାଶ ପାଇଁ ଖେଳ ସାମଗ୍ରୀ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଗସ୍ତ ସମୟରେ ନବରଙ୍ଗପୁର ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, କୋଟପାଡ଼ ବିଧାୟକ ପ୍ରତିନିଧି ସିଏଚ ପ୍ରଭାକର ରାଓ ଓ ବଦ୍ରି ନାରାୟଣ ଆଚାର୍ଜ, ଅଭିଳାଷ ବେହେରା, ଫୁଲ ନାୟକ ଓ ନିର୍ମଳ ଭାଇ ପ୍ରମୁଖ ଉପସ୍ଥିତ ଥିଲେ।



# ନବାଗତା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନନ୍ଦପୁର, ୧୪।୭ (ସମିସ): ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର ଶିକ୍ଷା ବର୍ଷ ୨୦୨୫-୨୦୨୬ର ପ୍ରଥମ ବର୍ଷ କଳାରେ ନାମ ଲେଖାଇ ଥିବା ନବାଗତା ଛାତ୍ରଛାତ୍ରୀମାନଙ୍କ ମହାବିଦ୍ୟାଳୟ ପକ୍ଷରୁ ଅଧିଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଆମର କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଛାତ୍ରଛାତ୍ରୀ ମାନେ କିଭଳି ମହାବିଦ୍ୟାଳୟ ନୀତି ନିୟମ ଅନୁପାଳନ କରିବା ସହିତ ଶୃଙ୍ଖଳିତ ଅଧ୍ୟୟନ କରି ସମାଜରେ ଭଲ ମଣିଷଟିଏ ହେବ ପାଇଁ ନୂତନ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ସ୍ନେହଲତା ସେଠୀ, ଏମ୍. ଜୟା, ସୁରଭି ପାଣିଗ୍ରାହୀ, ସନ୍ତୋଷ କୁମାର ହନ୍ତାଳ, ଭଗବାନ ଖରା, ଅର୍ଚ୍ଚନା ପାଢି, ନରସିଂହ ଖୋସଲା, ବାବୁଲା ଚାଙ୍ଗୁଡିଆ, ଗ୍ରନ୍ଥାଗାରିକ ସନ୍ତୋଷ ଦୋରା, ଆକାଶ ସାହୁ, ପଦଲାମ ଗଲରୀ, ବିଜୟ ଖିଲ ଏବଂ ଉଷାରାଣୀ ଗୁଣ୍ଟା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମକଦ୍ଦମା ସମାଧାନ ମଧ୍ୟସ୍ଥତା ଅଭିଯାନର ଶୁଭାରମ୍ଭ

ଜୟପୁର, ୧୪।୭(ସମିସ): ଜିଲ୍ଲା ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ମଧ୍ୟସ୍ଥତା ଓ ମିଳାମିଶା ପ୍ରକଳ୍ପ କମିଟି ଏବଂ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ସାରାଦେଶରେ 'ରାଷ୍ଟ୍ର ପାଇଁ ମଧ୍ୟସ୍ଥତା' ଶୀର୍ଷକ ବିଷୟକୁ ନେଇ ୯୦ ଦିନିଆ ମଧ୍ୟସ୍ଥତା ଅଭିଯାନ କୋରାପୁଟ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜୟପୁର ଠାରେ ଆରମ୍ଭ ହୋଇଛି। ଏହି ଅଭିଯାନ ଅନୁଯାୟୀ ଜିଲ୍ଲା, ଉପଖଣ୍ଡ, ତାଲୁକା ସ୍ତରୀୟ ବିଭିନ୍ନ ବିଚାର ବିଭାଗୀୟ ଅଦାଲତରେ ବିଚାରଧିନ ଥିବା ପ୍ରାୟ ସମସ୍ତ ପ୍ରକାର ବୈବାହିକ, ଗାଡିମୋଟର ଦୁର୍ଘଟଣା ଜନିତ, ଘରୋଇ ହିଂସା, ଚେକ୍ ବାଉନ୍ସ, ବାଣିଜ୍ୟିକ ବିବାଦ ମାମଲା ଓ ନିଯୁକ୍ତି , ସାଲିସ ଯୋଗ୍ୟ ଫୌଜଦାରୀ ମାମଲା, ଖାଉଟି ସୁରକ୍ଷା, ବ୍ୟାଙ୍କ୍ ଋଣ ଅନାଦେୟ, ଦେୱାନୀ ମାମଲା, ଜମିବାଡ଼ି ଭାଗ ବଣ୍ଟା, ଉଚ୍ଛେଦ/ବେଦଖଲ, ଇତ୍ୟାଦି ଓ ଜମି ଅଧିଗ୍ରହଣ ମାମଲା ଗୁଡ଼ିକ ଚଳିତ ମାସ ଜୁଲାଇ ୩୧ ତାରିଖ ଭିତରେ ଚିହ୍ନଟ କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ଏହାର ସମାଧାନ ପାଇଁ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରକୁ ପଠାଯିବ। ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର ପକ୍ଷରୁ ତାଲିମପ୍ରାପ୍ତ ବିଚାର ବିଭାଗୀୟ ଅଧିକାରୀ ଓ ଅଭିଜ୍ଞ ଆଇନଜୀବୀମାନଙ୍କୁ ନିୟୋଜିତ କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ମାମଲା ଆପୋଷ ବୁଝାମଣା ଓ ସହମତିରେ ସମାଧାନ କରାଯିବ। ଏହାଦ୍ୱାରା ଜନସାଧାରଣ ସେମାନଙ୍କ ସମୟ ଓ ଖର୍ଚ୍ଚ ଅପଚୟ ହେବାରୁ ରକ୍ଷା ପାଇପାରିବେ।

# ନବରଙ୍ଗପୁର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ନବରଙ୍ଗପୁର,୧୪।୭ (ସମିସ): ନବରଙ୍ଗପୁର ମହାବିଦ୍ୟାଳୟ ପରିସର ସ୍ଥିତ ବିନୋଦ ଝା ପ୍ରେକ୍ଷାଳୟଠାରେ ମହାବିଦ୍ୟାଳୟର ୫୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡି. ଗୋବିନ୍ଦା ରାଓ ସମାରୋହର ଉଦଘାଟନ କରି ଅନୁଷ୍ଠାନର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ପ୍ରଧାପିକା ସଙ୍ଗୀତା ତ୍ରିପାଠୀ, ପ୍ରାଧ୍ୟାପକ ପ୍ରବୀଣ କୁମାର ବେହେରା, ଅର୍ଥନୀତି ବିଭାଗର ମୁଖ୍ୟ ତଥା ଅଧ୍ୟାପକ ଦିଲ୍ଲୀପ କୁମାର ହୋତା, ଅଧ୍ୟାପକ ମନୋରଞ୍ଜନ ଖୁରା, ଅଧ୍ୟାପକ ଜିତେନ୍ଦ୍ର କୁମାର ରଥ ଅନୁଷ୍ଠାନ ବିଷୟରେ ନେଇ ସମସ୍ତ ତଥ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା କାର୍ଯ୍ୟକ୍ରମର ସଂଯୋଜନା କରିବା ସହିତ ଅନୁଷ୍ଠାନ ତିଆରି କରିଥିବା ତତ୍କାଳୀନ ବୁଦ୍ଧିଜୀବି ମାନଙ୍କର ପ୍ରଚେଷ୍ଟା ବିଷୟରେ ଆଲୋକପାତ କରିଥିଲେ। ତତ୍କାଳିନ ଉପ ଜିଲ୍ଲାପାଳ ବିନୋଦ ଝା, ବୁଦ୍ଧିଜୀବୀ ସ୍ୱର୍ଗତ ବିନାୟକ ମିଶ୍ର, ବଳଭଦ୍ର ସାମନ୍ତରାୟ ତଥା ଅନ୍ୟାନ୍ୟ ଅନେକ ବ୍ୟକ୍ତି ବିଶେଷଙ୍କର ଆପ୍ରାଣ ଉଦ୍ୟମରେ ନବରଙ୍ଗପୁର ଭଳି ଉପାନ୍ତ ଅଞ୍ଚଳରେ କେମିତି ଉଚ୍ଚଶିକ୍ଷାର କ୍ରମ ବିକାଶ ହୋଇଛି, ତା ଉପରେ ବକ୍ତା ମାନେ ବକ୍ତବ୍ୟ ରଖିଥିଲେ। ଯୁବ ରେଡକ୍ରସ ଓ ରେଡ୍ ରିବନ୍ କ୍ଲବ୍ ତରଫରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ବିଜୟୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ବିଶ୍ୱବିଦ୍ୟାଳୟ ଓ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷାରେ ବିଭିନ୍ନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଯୁକ୍ତ ତିନି ବିଜ୍ଞାନରେ ଇପସିତା ଦାଶ, କଳାରେ ମୋହନ ଦାସ ସାନ୍ତା ଓ ବାଣିଜ୍ୟରେ ସୋମନାଥ ଭତରା ତଥା ଯୁକ୍ତ ଦୁଇ ବାଣିଜ୍ୟରେ ଏସ୍. ଝାନ୍ସି, କଳାରେ ସିନ୍ନୀ ହରିଜନ ଓ ବିଜ୍ଞାନରେ ସାଗରିକା ବିଷୋୟୀଙ୍କୁ ସମ୍ମାନିତ କରାଯାଇଥିଲା। ଜାତୀୟ ସେବା ସଂସ୍ଥା ତରଫରୁ ସ୍ୱେଚ୍ଛାସେବୀ ତଥା କର୍ମଚାରୀ ମାନେ ଶତାଧିକ ଚାରାରୋପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମନୋରଞ୍ଜନ ପାଇଁ ସୁଧାକର ଭାଇ, ଅଶୋକ ଭାଇଙ୍କ ସହ ଛାତ୍ର ଛାତ୍ରୀମାନେ ସଙ୍ଗୀତ, ନୃତ୍ୟ ପରିବେଷଣ କରିଥିଲେ।

# ଚନ୍ଦାହାଣ୍ଡିରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ନବରଙ୍ଗପୁର,୧୪।୭(ସମିସ): ସୋମବାର ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଏବଂ ଆରକ୍ଷୀ ଅଧିକ୍ଷକ ମଡକର୍ ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ,ଚନ୍ଦାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ବହୁ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଆଜିର ଏହି ଜନଶୁଣାଣି ଶିବିରରେ ମୋଟ ୪୫ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୫ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୦ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ୨୦ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ଏବଂ ୧୪ ଜଣଙ୍କୁ ମଧୁବାବୁ ପେନସନ ଯୋଜନା ସହାୟତା ପ୍ରଦାନ କରାଯାଇଥିଲା।

# ପୁରୁଣା ଅବସ୍ଥାରେ ପୁରୁଣା ମେଡ଼ିକାଲ



ଲକ୍ଷ୍ମୀପୁର,୧୪।୭(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ମଝି ଟାଉନ୍‌ରେ ରହିଛି ପୁରୁଣା ମେଡ଼ିକାଲ। ଏଠି ପ୍ରଥମେ ମେଡ଼ିକାଲ ଥିଲା। ଲୋକେ ଏହି ଜାଗାରୁ ଚିକିତ୍ସା ପାଉଥିଲେ। ଏହା ପରେ ମେଡ଼ିକାଲ ସ୍ଥାନାନ୍ତର କରାଗଲା। ଏଠି ୧୫ରୁ ଅଧିକ ମେଡ଼ିକାଲ କର୍ମଚାରୀ ପୂର୍ବ କାଳରୁ ହୋଇଥିବା ଆଜବେଷ୍ଟସ୍ ଘରେ ରହୁଛନ୍ତି। ସ୍ଥାନ ପୁରା ସନ୍ତସନ୍ତିଆ। ରାସ୍ତା ବର୍ଷା ଦିନରେ କାଦୁଅ ଭର୍ତ୍ତିକୁ ପାଣି ପଚପଚ। ଭଙ୍ଗା ଦଦରା କୁଡିଆ ଘରେ କିଛି କର୍ମଚାରୀ ଉପାୟ ନ ପାଇ ବାଧ ହୋଇ ମୁଣ୍ଡ ଗୁଞ୍ଜି ରହୁଛନ୍ତି। ଲକ୍ଷ୍ମୀପୁରରେ ସରକାରୀ ଜାଗା ଅଭାବ ଯୋଗୁଁ ଅନେକ କାର୍ଯ୍ୟ ଅଟକିଛି। ଏଠି କିନ୍ତୁ ଏକରରୁ ଅଧିକା ଜାଗା ପଡ଼ି ରହିଛି। ଚାରି କୋଣରେ ଘର ସହ ମଝି ଜାଗା ପଡିଆ ପଡ଼ିଛି। ଗଛ ଲତା ଉଠିଲାଣି। ପାଚେରୀ ମଧ୍ୟ ପୁରୁଣା ଓ ଭଗ୍ନ ଅବସ୍ଥାରେ ରହିଛି। ଏହା ପାଖାପାଖି ଏକରରୁ ଅଧିକା ଜମିରେ ରହିଛି। ଏହାର ଠିକ୍ ରୂପେ କାର୍ଯ୍ୟକାରୀ ହେଲେ ସହରର ସୌନ୍ଦର୍ଯ୍ୟ ଆହୁରି ବଢ଼ିବ। କିନ୍ତୁ ଏଥିପ୍ରତି କାହାରି ଦୃଷ୍ଟି ପଡୁ ନାହିଁ। ସେଥି ପାଇଁ ଆଜି ଦୀର୍ଘ ବର୍ଷ ଧରି ଏ ଅବସ୍ଥାରେ ପଡି ରହିଛି ପୁରୁଣା ମେଡ଼ିକାଲ ପୁରୁଣା ଅବସ୍ଥାରେ। ଏଠି ବିଭିନ୍ନ ପ୍ରକାରର ସମସ୍ୟା ରହିଛି । ତଥାପି ବାଧ ହୋଇ ରହୁଛନ୍ତି କର୍ମଚାରୀ । ଏହାକୁ ତୁରନ୍ତ ଭାଙ୍ଗି ନୂତନ ଭାବେ କୌଣସି ଏକ ସରକାରୀ କାର୍ଯ୍ୟରେ ଲଗାଇବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଦିବ୍ୟାଙ୍ଗଙ୍କୁ ଉତ୍ତମ ବ୍ୟବହାର ଦେଖାଇବା ଉଚିତ: ଜଗନ୍ନାଥ ମହାପାତ୍ର



ନବରଙ୍ଗପୁର,୧୪।୭ (ସମିସ): ନବରଙ୍ଗପୁର ରାଜୁସାହି ସ୍ଥିତ ବିନାୟକ ମନ୍ଦିର କଲ୍ୟାଣ ମଣ୍ଡପଠାରେ ସମଦୃଷ୍ଟି, କ୍ଷମତା ବିକାଶ ଏବଂ ଅନୁସନ୍ଧାନ ମଣ୍ଡଳ (ସକ୍ଷମ) ତରଫରୁ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ପଶ୍ଚିମ ପ୍ରାନ୍ତ ସଚିବ ଶ୍ୟାମ କୁମାର ଦାସ ଯୋଗଦେଇ ସକ୍ଷମ କ'ଣ ଏହା କାହା ସ୍ୱାର୍ଥ ପାଇଁ କାର୍ଯ୍ୟକାରୀ କରାଯାଉଛି, ସେ ବିଷୟରେ ନବରଙ୍ଗପୁର ଜିଲ୍ଲା ନବ ଗଠିତ କାର୍ଯ୍ୟକାରିଣୀ ସଦସ୍ୟ ସଦସ୍ୟା ମାନଙ୍କୁ ଆଲୋକପାତ କରାଇଥିଲେ। ଦିବ୍ୟାଙ୍ଗ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ଆଣିବା ଓ ସମ୍ମାନ ଜଣାଇବାକୁ ପ୍ରୟାସ କରିବା ଉଚିତ। ଆମ ପାଖରେ ୨୧ ପ୍ରକାରର ଦିବ୍ୟାଙ୍ଗ ରହିଥିଲେ ବି ନବରଙ୍ଗପୁର ଭଳି ଉପାନ୍ତ ଅଞ୍ଚଳରେ ସଚେତନତାର ଅଭାବ ଯୋଗୁଁ ଚିହ୍ନଟ କିମ୍ବା ସରକାରଙ୍କ ବିଭିନ୍ନ ବିଭାଗରେ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ଜଣାପଡୁଛି। ଭାରତ ବର୍ଷରେ ୨୦୧୧ ଜାତୀୟ ଜନଗଣନା ଠାରୁ ବର୍ତ୍ତମାନ ବହୁ ଗୁଣରେ ଦିବ୍ୟାଙ୍ଗ ସଂଖ୍ୟା ବଢିଛି। ତଦନୁଯାୟୀ କିନ୍ତୁ ଚିହ୍ନଟ ପ୍ରକ୍ରିୟା ସରକାରଙ୍କ ତରଫରୁ କରାଯାଉ ନାହିଁ। ଯାହା ସରକାରଙ୍କ ଦ୍ୱାରା କରାଯାଇପାରି ନାହିଁ, ତାହା 'ସକ୍ଷମ' ଦ୍ୱାରା କରିବାକୁ ପ୍ରୟାସ ରହିଛି ବୋଲି ଶ୍ରୀ ଦାସ କହିଥିଲେ। 'ସକ୍ଷମ' ଭାରତର ଏକ ବିରାଟ ପରିବାର। ଏଥିରେ ସମସ୍ତ ଦିବ୍ୟାଙ୍ଗଜନ ଙ୍କୁ ସାମିଲ କରିବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟବକ୍ତା ଆରଏସଏସର କ୍ଷେତ୍ରୀୟ ସେବା ପ୍ରମୁଖ ଦୀପକ ରାଉତ ମାତୃଶକ୍ତି ସହିତ 'ସକ୍ଷମ'କୁ ଜଡ଼ିତ ହେବାକୁ ପ୍ରବର୍ତ୍ତାଇ ଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନବରଙ୍ଗପୁର ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ନିଜ ଅଭିଭାଷଣରେ ଦିବ୍ୟାଙ୍ଗ ମାନଙ୍କୁ ଉତ୍ତମ ବ୍ୟବହାର ସହ ସହଯୋଗର ହାତ ବଢାଇବାକୁ କହିଥିଲେ। ଏଥି ସହିତ ପ୍ରତିବର୍ଷ ପ୍ରତ୍ୟେକ ସମୟରେ ଭିନ୍ନକ୍ଷମଙ୍କୁ ଶୀତବସ୍ତ୍ର କମ୍ବଳ ଆଦି ପ୍ରଦାନ କରିବା ସହିତ ପ୍ରତ୍ୟେକ ସମୟରେ ବିଭିନ୍ନ ପ୍ରକାର ଶୁଖିଲା ଖାଦ୍ୟ ଏବଂ ବହୁବାର ରନ୍ଧା ଖାଦ୍ୟ ମଧ୍ୟ ପ୍ରଦାନ କରିଥାନ୍ତି ଶ୍ରୀ ମହାପାତ୍ର। ପ୍ରତ୍ୟେକ ସମୟରେ ଭିନ୍ନକ୍ଷମଙ୍କୁ ସହଯୋଗର ହାତ ବଢ଼ାଇବା ଉଚିତ ବୋଲି ବୋଲି କହିଛନ୍ତି । ଜିଲ୍ଲା ଭିନ୍ନକ୍ଷମ ସଭାପତି ତଥା ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର। ଏହି କାର୍ଯ୍ୟକ୍ରମର ପରିଚାଳନା କିଶୋରୀ ପଟ୍ଟନାୟକ କରିଥିଲା ବେଳେ ଧନ୍ୟବାଦ ପ୍ରସ୍ତାବ ସହ ସଚିବ ୱାଇ ପ୍ରଭାକର ପାତ୍ର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାୟଗଡା ଜିଲ୍ଲାର ନଗର କାର୍ଯ୍ୟବାହ ବିଦ୍ୟାଭୂଷଣ ପଣ୍ଡା, ବିଭାଗୀୟ ପ୍ରଚାରକ ମହେଶ ଭାଇ , ନବରଙ୍ଗପୁର ସକ୍ଷମର ସଚିବ ଏ ସୁରେଶ,ସଭାପତି ସୁଜିତ ରଥ,କୋଷାଧ୍ୟକ୍ଷ ନିହାର ରଞ୍ଜନ ମହାନ୍ତି , ଯୁବା ପ୍ରମୁଖ ଏମ୍ ତେଜେଶ୍ୱର ରାଓ,ପ୍ରଚାର ପ୍ରମୁଖ ଲୋକନାଥ ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ବିକ୍ରମ ଜୈନ, ପରମେଶ୍ୱରୀ ପାହାଡି, ଶୌମିତ୍ର ସାହୁ, ଦିବ୍ୟାଙ୍ଗ ମିତ୍ର, ସ୍ୱର୍ଣ୍ଣଲତା ପଟ୍ଟନାୟକ, ରଞ୍ଜିତା ସାହୁ, ଶର୍ମିଷ୍ଠା ଦେଓ, ରମା ପାଢୀ, ଦାମିନୀବାଳା ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ୍

କାଲିମେଳା,୧୪।୭(ସମିସ): ମାଲକାନଗିରି ଜିଲ୍ଲା ୩୨୬ ନମ୍ବର ଜାତୀୟ ରାଜପଥର ତେଲେରାଇରୁ ମୋଟୁ ରାସ୍ତାରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ଟ୍ରକ୍‌ରେ ସିମେଣ୍ଟ ରହିଥିଲା। ରାସ୍ତା ସାମ୍ନାକୁ ଏକ ମୋଡ ରହିଥିବା ବେଳେ ଟ୍ରକ୍‌ଟି ଦ୍ରୁତ ଗତିରେ ମାଲକାନଗିରି ଅଭିମୁଖେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ସଂପୂର୍ଣ୍ଣ ଓଲଟି ପଡ଼ିଥିଲା। ଏଥିରେ ଡ୍ରାଇଭର ଆହତ ହେବାରୁ ତାଙ୍କୁ କାଲିମେଳା ମେଡିକାଲ ରେ ଚିକିତ୍ସା ନିମନ୍ତେ ପଠାଯାଇଥିବା ଜଣାପଡ଼ିଛି।



## ଆନ୍ତଃଜିଲ୍ଲା କିକ୍ ବକ୍ସିଂ ଚାମ୍ପିୟନସିପରେ ଜୟପୁର ଖେଳାଳିଙ୍କ ସଫଳତା

# ୭ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୭ କାଂସ୍ୟ ପଦକ ହାସଲ



ଜୟପୁର,୧୪।୭(ସମିସ): ୱାହ ଓଡିଶା ରାଜ୍ୟ ଆର୍ମଚର କିକ୍ ବକ୍ସିଂ ଆନ୍ତଃଜିଲ୍ଲା ଚାମ୍ପିଅନ୍‌ସିପ ମ୍ୟାଚରେ ଜୟପୁର ଖେଳାଳି ସଫଳତା ହାସଲ କରିଛନ୍ତି। ଅନୁଗୁଳ ଟେବୁଲ ଟେନିସ ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଜୟପୁର ସ୍ଥିତ ଇଣ୍ଡିଆନ ଅଲ୍ଟିମେଟ ଫାଇଟ କ୍ଲବ ପକ୍ଷରୁ ସମୁଦାୟ ୧୩ ଜଣ ଅଂଶ ଗ୍ରହଣ କରିଥିବା ବେଳେ ସମୁଦାୟ ୧୬ଟି ପଦକ ହାସଲ କରିଛନ୍ତି। ଏଥିରେ ୭ଟି ସ୍ୱର୍ଣ୍ଣ ମଧ୍ୟରୁ ବିଭିନ୍ନ ପର୍ଯ୍ୟାୟରେ ନିଜ ବର୍ଗରେ କ୍ଲବର ଖେଳାଳି ତୁରଣ ଖୋସ୍ଲା ୨ଟି ସ୍ୱର୍ଣ୍ଣ, ରାହୁଲ ପଟ୍ଟନାୟକ, ବିଜୟ ସାହୁ, ରିହାନ ଖାନ୍, ଶେଖ୍ ଶେହେବାଜ ହୁସେନ, ରଞ୍ଜିତ କୁମାର ପ୍ରତ୍ୟେକ ଗୋଟାଏ ଲେଖାଁଏ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିପରି ୨ଟି ରୌପ ପଦକ ପାଇଥିବା ଖେଳାଳି ହେଲେ ଅଭିଷେକ ଦାସ ଏବଂ ମାନସ ନାୟକ। ୭ଟି କାଂସ୍ୟ ପଦକ ପାଇଥିବା ଖେଳାଳି ହେଲେ ମୋହିତ ଯାଦବ ୨ଟି କାଂସ୍ୟ ପଦକ, ଶେଖ୍ ଶେହେବାଜ ହୁସେନ, ଅଭିଷେକ ଦାସ, କେ. ବାହୁଲ୍ୟ. ରିହାନ ଅଲ୍ଲୀ, ଆରାୟନ ମିଶ୍ର ନିଜ ନିଜ ବର୍ଗରେ ପ୍ରତ୍ୟୋକ ଗୋଟିଏ ଲେଖାଏଁ କାଂସ୍ୟ ପଦକ ହାସଲ କରିଛନ୍ତି। ଖେଳାଳି ମାନଙ୍କ ପ୍ରଶିକ୍ଷକ ତଥା କ୍ଲବର ପ୍ରତିଷ୍ଠାତା ସୟଦ ହବିବ ମଧ୍ୟ ଏହି ଚମ୍ପିୟନସିପରେ ଉପସ୍ଥିତ ରହିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରକାଶଯେ, ରାଜ୍ୟ କ୍ରୀଡା ଓ ,ଯୁବ ସେବା ବିଭାଗ ଦ୍ୱାରା ସ୍ୱୀକୃତ ରାଜ୍ୟ ଆର୍ମଚର କିକ୍ ବକ୍ସିଂ ମହାସଂଘ ପକ୍ଷରୁ ଗତ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଗୁଳ ଠାରେ ଏହି ଚାମ୍ପିଅନ୍‌ସିପ ଆୟୋଜିତ ହୋଇଥିଲା ବୋଲି ପ୍ରଶିକ୍ଷକ ସୟଦ ହବିବ୍ ସୂଚନା ଦେଇଛନ୍ତି।


## ଶ୍ରାବଣ ପ୍ରଥମ ସୋମବାର

# ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଭିଡ଼

ମାଲକାନଗିରି/କୋରୁକୋଣ୍ଡା/ବାଲିମେଳା,୧୪।୭(ସମିସ): ଆଜି ଶ୍ରାବଣ ପ୍ରଥମ ସୋମବାରରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ବୋଲବମ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଛି। ମାଲକାନଗିରି ସହର ପ୍ରବେଶ ଦ୍ୱାର ମାଲ୍ୟବନ୍ତ ପର୍ବତ ଶିଖରରେ ଥିବା ମାଲକାନଗିରି ଜିଲ୍ଲାର ଦ୍ୱିତୀୟ କପିଳାଶ ସଦୃଶ୍ୟ ମଲ୍ଲୀକେଶ୍ୱର ମହାଦେବଙ୍କ ପୀଠରେ ବୋଲ୍‌ବମ୍ ଭକ୍ତଙ୍କ ଭିଡ ଲାଗିଥିଲା। ମାଲକାନଗିରି ଜିଲ୍ଲା ସହ କୋରାପୁଟ, ନନ୍ଦପୁର, ସୀମାନ୍ତ ଛତିଶଗଡ଼ ସୁକୁମା ଓ ଦୂର ଦୁରାନ୍ତରୁ ପୁରୁଷ, ମହିଳା, ଯୁବକ ଯୁବତୀ, ଛୋଟପିଲାମାନେ ଖାଲି ପାଦରେ ଚାଲି ଚାଲି କାନ୍ଧରେ କାଉଡି ଧରି ଆସିଥିଲେ। ପ୍ରାୟ ଦୁଇ କିମି ମଲ୍ଲୀକେଶ୍ୱର ପର୍ବତ ଶିଖରକୁ ଚଢି ମଲ୍ଲୀକେଶ୍ୱର ମହାଦେବଙ୍କୁ ଜଳାଭିଷେକ କରିଥିଲେ। ଦୁର୍ଗାଗୁଡି ସାହି ମଲ୍ଲୀକେଶ୍ୱର ପୂଜାକମିଟି ପକ୍ଷରୁ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନପ୍ରାସାଦର ବ୍ୟବସ୍ଥା କରାଯାଇଥିଲା। ସେହିପରି ଗୋଇପର୍ବତରେ ଥିବା ହରଗୌରୀ ମନ୍ଦିର, ଶିବାନନ୍ଦ ଆଶ୍ରମ ଠାରେ ଥିବା କାଶିବିଶ୍ୱନାଥ, ହାଟପଦାରେ ଥିବା ସର୍ବେଶ୍ୱର ମହାଦେବ ଓ ମାଲକାନଗିରି ପୁରଣା ମେଡିକାଲ ଛକ ଶ୍ରୀ ଶ୍ରୀ ରାମେଶ୍ୱର ଶୈବପୀଠରେ ଜଳାଭିଷେକ କରିବା ପାଇଁ ହଜାର ହଜାର ସଂଖ୍ୟାରେ ମାନସିକଧାରୀ, ଶ୍ରଦ୍ଧାଳୁ ମାନେ ପହିତ୍ର ସାବେରୀ, ସିଲେରୁ, ଚିନାଗୋଦାବରୀ, ତମସା, ଗୁରୁପ୍ରିୟା, ସପ୍ତଧାରା ଭଳି ବିଭିନ୍ନ ନଦୀରେ ସ୍ନାନ କରି କଳସରେ ପାଣି ଉଠାଇ ଓଁ ନମଃ ଶିବାୟ ମନ୍ତ୍ର ଜପକରି ବିଭିନ୍ନ ଶୈବପୀଠକୁ ଯାଇଥିଲେ। ସମାନ ରୂପେ ଜିଲ୍ଲାର ବାଲିମେଳା ସହରରେ ଥିବା ଆଖଣ୍ଡଳମଣି ମନ୍ଦିର, ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶିବ ମନ୍ଦିର, କୋରୁକୋଣ୍ଡା ବ୍ଲକ ଅଧିନସ୍ତ କୋରୁକୋଣ୍ଡାର ସୁଳିଆ କଲୋନୀ ନିକଟରେ ଥିବା ସୁବଳେଶ୍ୱର ଶୈବପୀଠ, ଟେକଗୁଡାରେ ଥିବା ଜଳେଶ୍ୱର ଶିବ ମନ୍ଦିର, କଣ୍ଡେଲ ଗ୍ରାମରେ ଥିବା ଶୈବ ପୀଠ, ବାଲିମେଳା ଛକରେ ଥିବା ରାଜ ଲିଙ୍ଗେଶ୍ୱର ମନ୍ଦିର ଏବଂ ନୀଳାଦ୍ରୀ ନଗରରେ ଥିବା ଗଣେଷ ମନ୍ଦିର, ତାର୍ଲାକୋଟା ଗ୍ରାମ ନିକଟରେ ଥିବା ଶୀଧେଶ୍ୱର ପୁର ଶିବ ମନ୍ଦିର, କାମ୍ୱେଡାରେ ଥିବା ଶିବ ମନ୍ଦିର, ପୁରୁଣା ଓର୍କେଲ ଗ୍ରାମରେ ଥିବା ନୀଳ କଣ୍ଠେଶ୍ୱର ମନ୍ଦିରରେ ସୋମବାର ସକାଳୁ ଭିଡ଼ ହୋଇଥିଲା। କିଛି ମାନସିକ ଧରି ଗ୍ରାମ ନିକଟସ୍ଥ ବିଭିନ୍ନ ନଦୀରେ ପୂଜାର୍ଚ୍ଚନା କରିବା ପରେ ପାଣି ଉଠାଇ ଶିବ ମନ୍ଦିରକୁ ଚାଲି ଚାଲି ଯାଇ ମହାଦେବଙ୍କର ପୂଜାର୍ଚ୍ଚନା କରିବା ସହ ଜଳ ଲାଗି କରିଛନ୍ତି।



# ସମ୍ପାଦକୀୟ



ମାନବଜାତିର ସର୍ବୋତ୍କୃଷ୍ଟ ମୁକ୍ତିପଥ ହେଉଛି ପାରସ୍ପରିକ ସହଯୋଗ ।

-ବର୍ଟ୍ରାଣ୍ଡ ରସେଲ୍

## ସୁରକ୍ଷା ସର୍ବୋପରି

ଜନତାଙ୍କ ଭାବାବେଗର ଫାଇଦା ଉଠାଇ ଶାସନ କ୍ଷମତାକୁ ଆସିବା ଏବଂ ଶାସନର ଡୋରି ସମ୍ଭାଳିବାର ଦକ୍ଷତା ହାସଲ କରିବା ଦୁଇଟି ଭିନ୍ନ କଥା। ଏହାର ପ୍ରକୃଷ୍ଟ ଉଦାହରଣ ରୂପେ ଓଡ଼ିଶାର ସାମ୍ପ୍ରତିକ ଶାସନ ବ୍ୟବସ୍ଥାକୁ ଗ୍ରହଣ କରାଯାଇପାରେ। ଜନୈକ ସରକାରୀ କର୍ମଚାରୀଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଭଳି ଘଟଣାରୁ ବର୍ତ୍ତମାନର ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଭଳି ଲୋମହର୍ଷଣକାରୀ ଅଘଟଣ ପର୍ଯ୍ୟନ୍ତ କେବଳ ବର୍ଷକର ଘଟଣାବଳୀକୁ ତର୍ଜମା କଲେ ଶାସନ ବ୍ୟବସ୍ଥାର ଅପାରଗତାର ପ୍ରମାଣ ଲୋଡ଼ା ପଡ଼ିବ ନାହିଁ। ଏବେ ଜନତାଙ୍କ ଦରବାରରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଠୁଛି ଯେ ଗତ ଚବିଶ ବର୍ଷର ଦୀର୍ଘ ଶାସନ ଏବଂ ଗତ ଗୋଟିଏ ବର୍ଷର ଶାସନ ଭିତରେ ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶାରେ ଏଭଳି ଆକାଶପାତାଳ ପ୍ରଭେଦ କାହିଁକି? ରାଜ୍ୟର ଆଇନଶୃଙ୍ଖଳା କ'ଣ ଏତେ ବିପର୍ଯ୍ୟସ୍ତ ହୋଇପଡ଼ିଛି ଯେ ଆମେରିକା ମଧ୍ୟ ତା'ର ପର୍ଯ୍ୟଟକଙ୍କୁ ଓଡ଼ିଶା ଯିବାକୁ ବାରଣ କରିଛି? ଏହା କ'ଣ ଓଡ଼ିଶାର ମାନ ମର୍ଯ୍ୟାଦା ଓ ଓଡ଼ିଆ ଅସ୍ମିତାର ପରିପନ୍ଥୀ ନୁହେଁ?

୨୦୨୪ରେ ରାଜ୍ୟର ଶାସନ କ୍ଷମତାକୁ ଆସିବା ପୂର୍ବରୁ ବର୍ତ୍ତମାନର କ୍ଷମତାସୀନ ଦଳ ନିର୍ବାଚନୀ ସଭାମାନଙ୍କରେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଏବଂ ଓଡ଼ିଆ ଅସ୍ମିତା କ୍ଷୁଣ୍ଣ ହୋଇଥିବା ଭଳି ଗୁରୁତର ଅଭିଯୋଗମାନ ଆଣିଥିଲା। କିନ୍ତୁ କେବଳ ଯୋଜନାର ନାମ ଏବଂ ସରକାରୀ ସମ୍ପତ୍ତିର ରଙ୍ଗ ପରିବର୍ତ୍ତନ କରିବା ଛଡ଼ା ସରକାରଙ୍କ ଯେ ଆଉ କୌଣସି ପ୍ରସଙ୍ଗରେ ଆନ୍ତରିକତା ନାହିଁ, ତାହା ଜନତା ଏବେ ହୃଦୟଙ୍ଗମ କରୁଛନ୍ତି। ଗତବର୍ଷ ଜୁଲାଇ ମାସରେ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ଜନୈକ ସରକାରୀ କର୍ମଚାରୀଙ୍କୁ ପୁରୀରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଲେ ଏବଂ ତା'ପର ମାସରେ ରାଜଧାନୀର ଭରତପୁର ଥାନା ଭିତରେ ହିଁ ଜନୈକା ଅଭିଯୋଗକାରିଣୀଙ୍କୁ ଅଶୋଭନୀୟ ଆଚରଣ ଓ ଦୁର୍ବ୍ୟବହାରର ସମ୍ମୁଖୀନ ହେବାକୁ ପଡ଼ିଲା। ଏଥିରୁ ଶାସନ-ପ୍ରଶାସନ ବ୍ୟବସ୍ଥା କେଉଁଆଡ଼କୁ ଯାଉଛି ତାହା କିଛିଟା ଅନୁମାନ କରି ହେଉଥିଲା। ସମୟ ସହିତ ସେହି ଅନୁମାନଗୁଡ଼ିକ ବାସ୍ତବତାରେ ପରିଣତ ହେବାର ଧାରା ଆରମ୍ଭ ହୋଇସାରିଛି କହିଲେ ଭୁଲ୍ ହେବ ନାହିଁ।

କ୍ଷମତାସୀନ ଦଳର ପୂର୍ବ ସରକାର ବିରୋଧରେ ଆଉ ଏକ ଗୁରୁତର ଅଭିଯୋଗ ଥିଲା ରାଜ୍ୟର ମହିଳାଙ୍କ ସ୍ୱାର୍ଥ, ସୁରକ୍ଷା, ସ୍ୱାଭିମାନ ଓ ସଶକ୍ତୀକରଣ ପ୍ରସଙ୍ଗରେ। ତେଣୁ ପୂର୍ବ ସରକାର ଅମଳର ବହୁ ପ୍ରଶଂସିତ ମିଶନ୍ ଶକ୍ତି ଯୋଜନାକୁ ବନ୍ଦ କରି ସୁଭଦ୍ରା ଯୋଜନା ପ୍ରଣୟନ କରି ଜନସାଧାରଣଙ୍କ ମନରେ ଏହି ଧାରଣା ସୃଷ୍ଟି କରିବାକୁ ପ୍ରୟାସ କରାଯାଇଥିଲା ଯେ ଗତ ସରକାର ଅମଳରେ ମହିଳାମାନେ ଆର୍ଥିକ ଦୃଷ୍ଟିରୁ ସଶକ୍ତ ନଥିଲେ। ମହିଳାମାନେ କେବଳ ଆର୍ଥିକ ଦୃଷ୍ଟିରୁ ସଶକ୍ତ ନୁହେଁ, ସର୍ବୋପରି ସୁରକ୍ଷିତ ହେବା ବାଞ୍ଛନୀୟ - ଏହା ଏକ ଦୂରଦୃଷ୍ଟିଶକ୍ତି ସମ୍ପନ୍ନ ସରକାର ହୃଦ୍‌ବୋଧ କରିବା ଆବଶ୍ୟକ। ଭରତପୁର ଥାନାର ପୀଡ଼ିତା ହୁଅନ୍ତୁ କି ଗୋପାଳପୁର ବେଳାଭୂମି ପୀଡ଼ିତା କିମ୍ବା ବାଲେଶ୍ୱରର ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନରେ ଆତ୍ମାହୁତି ଦେଇଥିବା ସୌମ୍ୟାଶ୍ରୀଙ୍କୁ କେବଳ ସୁଭଦ୍ରା ଯୋଜନା ବାବଦ ଟଙ୍କା ଯେ ସୁରକ୍ଷା ଦେଇପାରିନି ତାହା ମଧ୍ୟ ଗଭୀର ଭାବରେ ଚିନ୍ତା କରିବା ଆବଶ୍ୟକ। ଏପରିକି ମାନସିକ ଓ ଶାରୀରିକ ନିର୍ଯାତନାରୁ ମହିଳା ରାଜନେତ୍ରୀମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି। ଜନୈକା ବିଜେଡି ନେତ୍ରୀଙ୍କୁ ଶାସକ ଦଳର ଜଣେ ନେତା ଅପଶବ୍ଦ ପ୍ରୟୋଗ କରିଥିବା ଭଳି ଗୁରୁତର ଅଭିଯୋଗ ଆସିଛି। ଏଥିରୁ ରାଜ୍ୟରେ ମହିଳା ଓ ଓଡ଼ିଆ ଅସ୍ମିତା କେତେ ସୁରକ୍ଷିତ ତାହା ଆଉ ଅଧିକ ପ୍ରମାଣ କିମ୍ବା ଉଲ୍ଲେଖ କରିବାର ଆବଶ୍ୟକ ନାହିଁ।

ସୌମ୍ୟାଶ୍ରୀଙ୍କ ଘଟଣା ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଆଭ୍ୟନ୍ତରୀଣ ବ୍ୟାପାର କହି ସରକାର ନିଜ ମୁଣ୍ଡରୁ ଦୋଷ ଖସାଇ ପାରିବେ ନାହିଁ। କାରଣ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଫେରାଦ ହୋଇ ମଧ୍ୟ ହତାଶ ହେବା ପରେ ପୀଡ଼ିତା ରାଜ୍ୟ ଶାସନ ଓ ପ୍ରଶାସନଙ୍କ ପାଖରେ ନ୍ୟାୟ ଭିକ୍ଷା କରିଥିଲେ। କିନ୍ତୁ ବୋଧହୁଏ କେବଳ ଆର୍ଥିକ ସଶକ୍ତୀକରଣକୁ ପ୍ରାଧାନ୍ୟ ଦେଉଥିବା ରାଜ୍ୟ ସରକାର ମହିଳାଙ୍କ ସୁରକ୍ଷା ବିଷୟକୁ ଭୁଲିଯିବାର ପ୍ରୟାସ କଲେ। ତେଣୁ ପୀଡ଼ିତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଲେ ନାହିଁ, ଯାହାର ପରିଣାମ ଏବେ ସାରା ଦେଶରେ ଗଣମାଧ୍ୟମରେ ପ୍ରତିଫଳିତ ହେଉଛି। ଯଦି ରାଜ୍ୟରେ ମହିଳା ଆୟୋଗ କାର୍ଯ୍ୟକ୍ଷମ ଥା'ନ୍ତା ତେବେ ପୀଡ଼ିତା ହୁଏତ ସେଠାରେ ଅଭିଯୋଗ କରିପାରିଥା'ନ୍ତେ। କିନ୍ତୁ ରାଜ୍ୟ ସରକାର ପୀଡ଼ିତାଙ୍କ ପାଇଁ ସେ ସୁଯୋଗ ଟିକକ ମଧ୍ୟ ବହୁ ଆଗରୁ ଛଡ଼ାଇ ନେଇସାରିଛନ୍ତି। ପୂର୍ବ ସରକାର ଅମଳରେ ଗଠିତ ମହିଳା ଆୟୋଗକୁ ଭାଙ୍ଗି ଦିଆଯାଇଛି, ଯାହାର ପୁନର୍ଗଠନ ଏ ପର୍ଯ୍ୟନ୍ତ ହୋଇପାରିନାହିଁ।

ଶାସନ ବ୍ୟବସ୍ଥା ହୁଗୁଳି ଗଲେ ନିୟାମକ, ନିୟନ୍ତ୍ରକ ଓ କର୍ତ୍ତୃପକ୍ଷ କର୍ତ୍ତବ୍ୟ ସମ୍ପାଦନ ଓ ଦାୟିତ୍ୱ ନିର୍ବାହରେ ଅବହେଳା ପ୍ରଦର୍ଶନ କରନ୍ତି। ଏହାର ସୁଯୋଗ ନେଇ ଅସାମାଜିକ ତତ୍ତ୍ୱମାନେ କାୟାବିସ୍ତାର କରି ସାମାଜିକ ଶାନ୍ତି ଓ ସଂହତି ପ୍ରତି ଆହ୍ୱାନ ସୃଷ୍ଟି କରନ୍ତି। ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଉ ଆଇନ କାନୁନ୍ ପ୍ରତି ଭୟ ରହେ ନାହିଁ। ଏଭଳି ମନମୁଖି କାର୍ଯ୍ୟକଳାପ ଥରେ ନିୟନ୍ତ୍ରଣ ହରାଇଲେ ତାହା ଆୟତ୍ତକୁ ଆଣିବା ପାଇଁ ବହୁ ଶ୍ରମ ସ୍ୱୀକାର କରିବାକୁ ପଡ଼େ। ଏପରିକି ଶାସନ ବ୍ୟବସ୍ଥା ଆଇନଶୃଙ୍ଖଳାଗତ ଅରାଜକତା ଆଡ଼କୁ ମାଡ଼ି ଚାଲେ। ବର୍ତ୍ତମାନର କ୍ଷମତାସୀନ ରାଜ୍ୟ ସରକାରଙ୍କ ଶାସନ ବ୍ୟବସ୍ଥାରେ ସେଭଳି ଆଶଙ୍କା ସୃଷ୍ଟି ହୋଇଛି।

ମହିଳାମାନେ କେବଳ ଘର ଓ ପରିବାରର ମାନ, ମର୍ଯ୍ୟାଦାର ଆଭୂଷଣ ନୁହନ୍ତି ସେମାନେ ସମାଜ, ରାଜ୍ୟ ଓ ଦେଶର ସମ୍ମାନ, ସମ୍ଭ୍ରମ, ସଂଯମର ପ୍ରତୀକ। ତେଣୁ ମହିଳାମାନଙ୍କ ସୁରକ୍ଷା ସର୍ବୋପରି। ତା'ପରେ ଯାଇ ସଶକ୍ତୀକରଣ କଥା ଚିନ୍ତା କରାଯାଇପାରେ। ଦାର୍ଶନିକଙ୍କ ମତରେ ଜଣେ ସଶକ୍ତ ମହିଳା ସବୁବେଳେ ସୁରକ୍ଷିତ ହେବ ଏହାର କୌଣସି ନିଶ୍ଚିତତା ନାହିଁ; କିନ୍ତୁ ଜଣେ ସୁରକ୍ଷିତ ମହିଳା ସଶକ୍ତୀକରଣର ବାର୍ତ୍ତାବହ ହୋଇପାରିବ। ଏହି କାରଣରୁ ଗାନ୍ଧିଜୀ ସ୍ୱାଧୀନ ଭାରତ ଗଠନରେ ମହିଳାମାନଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦିଆଯିବା ଉଚିତ ବୋଲି କହିଥିଲେ। ବିଡ଼ମ୍ବନା ଏହା ଯେ ଆମେ ଗାନ୍ଧୀଙ୍କ ସମେତ ତାଙ୍କ ବିଚାରକୁ ମଧ୍ୟ ହତ୍ୟା କରିସାରିଲୁଣି। ତେଣୁ ଆଜିର ଦିନରେ ଗାନ୍ଧୀବାଦ ଶାସକ ଓ ରାଜନୀତି ପାଇଁ ଅପ୍ରାସଙ୍ଗିକ ହୋଇପଡ଼ିଲାଣି। କିନ୍ତୁ ଗାନ୍ଧୀ ବିଚାରର ଗୁରୁତ୍ୱ ଯେ ସବୁବେଳେ ରହିଛି ତାହା ସୌମ୍ୟାଶ୍ରୀଙ୍କ ଘଟଣା ପୁଣି ଥରେ ମନେ ପକାଇ ଦେଇଛି ଏବଂ ଶାସକଙ୍କୁ 'ମହିଳା ସୁରକ୍ଷା ସର୍ବୋପରି' ମନ୍ତ୍ରରେ ଦୀକ୍ଷିତ ହେବାର ସୁଯୋଗ ଆଣି ଦେଇଛି।

## ବିଶ୍ୱ ଦାରିଦ୍ର୍ୟତା ଓ ଏହାର ସମାଧାନ

ନିରାକାର ଦାସ

ଦାରିଦ୍ର୍ୟତା ପୁଞ୍ଜିବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ କର୍କଟ ରୋଗ ପରି ଭୟାନକ ହୋଇଥାଏ। ଏକ ଭାଗ ଧନୀକ ବର୍ଗଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଇଥାଏ ଏହି ରାଷ୍ଟ୍ରରେ । ବିଶ୍ୱର ୩୦୦ ବର୍ଷର ପୁଞ୍ଜିବାଦୀ ବ୍ୟବସ୍ଥାରେ ୮୨ କୋଟିରୁ ଉର୍ଦ୍ଧ ଲୋକେ ଭୋକିଲା, ଏକ ଅରବ ଲୋକେ ନିରକ୍ଷର, ୪ ଅରବ ଲୋକେ ଗରିବ, ୨୫ କୋଟିରୁ ଉର୍ଦ୍ଧ ଶିଶୁ ଶ୍ରମିକ ସବୁଦିନ କାମକୁ ଯାଆନ୍ତି । ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟା ଚରମ ସୀମାରେ । ସାଧାରଣ ଜନତା ମୌଳିକ ସୁବିଧା ସୁଯୋଗରୁ ବଂଚିତ । ସମଗ୍ର ବିଶ୍ୱରେ ଏବେ ଅର୍ଥନୈତିକ ବୈଷମ୍ୟ ଦ୍ରୁତଗତିରେ ବଢିଚାଲିଛି। ଆଦାମ ସ୍ମିଥ୍ କୁହନ୍ତି, 'ଯେଉଁ ସମାଜର ଅଧିକାଂଶ ଲୋକ ଦୁର୍ଦ୍ଦଶାଗ୍ରସ୍ତ, ସେ ସମାଜ ସୁଖୀ ନୁହେଁ।' ମିଳିତ ଜାତିସଂଘର ତଥ୍ୟ ଅନୁଯାୟୀ ବର୍ତ୍ତମାନ ବିଶ୍ୱରେ ଜନସଂଖ୍ୟା ୮୦୦ କୋଟି ଟପି ସାରିଛି। ଖାଦ୍ୟାଭାବର ସମ୍ମୁଖୀନ ହେଉଥିବା ଲୋକଙ୍କ ସଂଖ୍ୟା ୩୪ କୋଟି ୫୦ ଲକ୍ଷକୁ ବୃଦ୍ଧି ପାଇଛି। ସେହିପରି ଅକ୍ସଫାମ୍ ତଥ୍ୟ ଦର୍ଶାଇଛି ଯେ ବିଗତ ୧୦ ବର୍ଷରେ ବିଶ୍ୱର ମାତ୍ର ଏକ ପ୍ରତିଶତ ଧନଶାଳୀ ଲୋକଙ୍କ ସମ୍ପତ୍ତିରେ ୪୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି ଯାହା ବିଶ୍ୱର ଅର୍ଦ୍ଧେକ ଲୋକଙ୍କ ମୋଟ ସମ୍ପତ୍ତିର ୩୬ ଗୁଣ। ବିଶ୍ୱର ସମୁଦାୟ ଜନସଂଖ୍ୟାର ଶତକଡ଼ା ୬୨ ଭାଗ ଲୋକେ ଦାରିଦ୍ର୍ୟତାରେ ଛଟପଟ ହେଉଛନ୍ତି। ଦୁଇବର୍ଷ ପୂର୍ବେ ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ଏହି ପ୍ରସଙ୍ଗ ଉତ୍ଥାପିତ କରିଥିଲା ଜାତିସଂଘ। ଭେନ୍‌ଜୁଏଲା ରାଜନୀତିଜ୍ଞ ଓ ରାଷ୍ଟ୍ରପତି ହ୍ୟୁଗୋ ଚାଭେଜ୍ କହିଥିଲେ, "ପୃଥିବୀର ସମସ୍ତ ନାଗରିକମାନେ ଆମେରିକୀୟ ଜୀବନଶୈଳୀରେ ଯଦି ବଂଚିବାକୁ ଚାହିଁବେ ସେଥିପାଇଁ ୫ଟା ପୃଥିବୀର ଆବଶ୍ୟକ ପଡ଼ିବ ।" ମାତ୍ର ୩୪.୨୦୩ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶ ଯୁକ୍ତରାଷ୍ଟ୍ର ଆମେରିକା ପୃଥିବୀର ୩ ଭାଗରୁ ୧ ଭାଗ ସମ୍ପଦ ଉପଭୋଗ କରୁଛି। ହ୍ୟୁଗୋ କୁହନ୍ତି, "ଅତ୍ୟଧିକ ଉପଭୋଗ ପ୍ରବଣତା ପୁଞ୍ଜିବାଦର ଉପଭୋକ୍ତାବାଦୀ ଅହଙ୍କାର ।" ସେଇଥିପାଇଁ ଆମେରିକା ଏକ ଅହଙ୍କାରୀ ରାଷ୍ଟ୍ରର ରୂ ନେଇଛି ।

ଏବେ ଆସନ୍ତୁ ସମାଜବାଦୀ ବା ସାମ୍ୟବାଦୀ ରାଷ୍ଟ୍ରର ସମାଜ ବ୍ୟବସ୍ଥା ଉପରେ ଦୃଷ୍ଟି ନିକ୍ଷେପ କରିବା। ସାମ୍ୟବାଦୀ ବ୍ୟବସ୍ଥାରେ ୯୯ ଭାଗ ଜନସାଧାରଣଙ୍କର ସ୍ୱାର୍ଥରକ୍ଷା ପାଇଁ ନୀତି ପ୍ରଣୟନ କରାଯାଇଥାଏ। ଯାହା ପୁଞ୍ଜିବାଦୀ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ଠିକ୍ ଓଲଟା । ୯୯ ଭାଗ ଲୋକଙ୍କୁ ୧ ଭାଗ ଲୋକ ଲୁଟନ୍ତି। ସୋଭିଏତ୍ ଋଷିଆରେ ୧୯୧୭ ମସିହାରେ ବିପ୍ଳବ ସଫଳ ହୋଇ ଏକ ସମ୍ପୂର୍ଣ୍ଣ ସମାଜବାଦୀ ରାଷ୍ଟ୍ର ଜନ୍ମ ନେଇଥିଲା, ଯାହା ସାରା ବିଶ୍ୱର ଯୁବସମାଜକୁ ଉଦ୍‌ବେଳିତ ଓ ଅନୁପ୍ରାଣିତ କରିଥିଲା। ଶ୍ରମିକ ଓ ଖଟିଖିଆ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ହୋଇ ନବପୁଲକରେ ବିଶ୍ୱ ପୁଲକିତ ହୋଇଥିଲା । ସୋଭିଏତ୍ ରୁଷିଆରେ ୩୦ ବର୍ଷ ମଧ୍ୟରେ ବଜାର ଦର ୧ ଟଙ୍କା ବି ବୃଦ୍ଧି ପାଇ ନଥିଲା । ୧୯୩୨ ମସିହା ବେଳକୁ ଦେଶ ଭିତରେ ଜଣେ ବି ବେକାରୀ ନ ଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ସବୁକିଛି ମାଗଣାରେ ଦିଆଯାଇଥିଲା ଏବଂ ଏଗୁଡ଼ିକର ସମ୍ପୂର୍ଣ୍ଣ ଦାୟିତ୍ୱ ସରକାରଙ୍କ ଉପରେ ନ୍ୟସ୍ତ ଥିଲା। ଏହା ଜନସାଧାରଣଙ୍କ ମୌଳିକ ଅଧିକାରଭାବେ ଗଣ୍ୟ କରାଯାଇଥିଲା । ୪-୫ ବର୍ଷ ମଧ୍ୟରେ ପଞ୍ଚବାର୍ଷିକ ଯୋଜନା ଫଳରେ ସମଗ୍ର ଦେଶରେ ବିଜୁଳି ପହଁଚି ପାରିଥିଲା। ଶୂନ ଆର୍ଥିକ ଅବସ୍ଥାରୁ ପଂଚବାର୍ଷିକ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରି ବିଶ୍ୱରେ ଦ୍ୱିତୀୟ ମହାଶକ୍ତିରେ ପରିଣତ ହୋଇପାରିଥିଲା । ବିଜ୍ଞାନ କ୍ଷେତ୍ରରେ ବ୍ୟାପକ ଅଗ୍ରଗତି କରି ବିଶ୍ୱର ପ୍ରଥମ ଅତିଦ୍ରୁତ ମହାକାଶଯାନ ରୁଷ୍ ପଠାଇଥିଲା । କୃଷି କ୍ଷେତ୍ରରେ ଅଗ୍ରଗତି ପାଇଁ ସର୍ବପ୍ରଥମ ଟ୍ରାକ୍ଟର କାରଖାନା ଖୋଲା ଯାଇଥିଲା। ସବୁ ଗାଁ, ସହରକୁ ଗମନାଗମନ ସୁବିଧା ଯୋଗାଇ ଦିଆଯାଇଥିଲା। ଏବେ ରୁଷିଆରେ ସମାଜବାଦ ନାହିଁ। ତଥାପି ସମାଜବାଦ ମୂଳଭିତ୍ତି ପାଇଁ ଏବେ ବି ଏକ ଶକ୍ତିଶାଳୀ ଓ ସୁପରପାୱାର ରାଷ୍ଟ୍ରଭାବେ ବିବେଚିତ ହେଉଛି । ଏଥିରୁ ଅନୁମାନ କରାଯାଉ, ସାମ୍ୟବାଦ ଆସିଲେ ଦୁନିଆରୁ ନିଶ୍ଚିତ ଦାରିଦ୍ର୍ୟତା ଓ ସଙ୍କଟ ଲୋପ ପାଇବା ସହ ଅତି ଦ୍ରୁତଗତିରେ ବିକାଶ ପ୍ରକ୍ରିୟା ଆରମ୍ଭ ହୁଏ। ଏକ ଆକଳନରୁ ଜଣାଯାଏ ଦାରିଦ୍ର୍ୟତାରେ ବିଶ୍ୱର ୨୨୫ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୧୧ ନମ୍ବରରେ ରହିଛି । ସମ୍ବିଧାନରେ ଲେଖାଗଲେ ବି ଭାରତ ଏକ ସାର୍ବଭୌମ୍ୟ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ରିପବ୍ଲିକ୍ ବାସ୍ତବକ୍ଷେତ୍ରରେ ଏହା ଏକ ପୁଞ୍ଜିବାଦୀ ଗଣତାନ୍ତ୍ରିକ ଦେଶ । ଏଠି ୧୦ ଭାଗ ଧନୀକ ୯୦ ଭାଗ ସାଧାରଣଲୋକଙ୍କ ସମ୍ପତ୍ତି ଉପଭୋଗ କରନ୍ତି । ୯୦ ଭାଗ ଲୋକେ ମୌଳିକ ସୁବିଧା ସୁଯୋଗରୁ ବଂଚିତ। ସବୁକ୍ଷେତ୍ରରେ ବ୍ୟବସାୟୀକରଣ ଓ ଘରୋଇକରଣ । ଦରଦାମ୍ ବୃଦ୍ଧିଠାରୁ ଆରମ୍ଭ କରି ବେକାରୀ ସମସ୍ୟା, ଅପପୃଷ୍ଟି, ଶିଶୁ ଶ୍ରମିକ, ନାରୀ ନିର୍ଯାତନା, ଜାତିଭେଦ, ଧର୍ମାନ୍ଧତା, ସାମ୍ପ୍ରଦାୟିକତା ସମସ୍ୟା, ପରିବେଶ ପ୍ରଦୂଷଣ ସବୁଥିରେ ଆଗୁଆ ଦେଶ। ୭୬ ବର୍ଷ ସ୍ୱାଧୀନତା ପରେ ଆମ ଦେଶ ଶତକଡ଼ା ୭୦ ଭାଗ ଗ୍ରାମୀଣ ରାସ୍ତା ସଂଯୋଗ ହୋଇଛି ବୋଲି ସରକାରୀ ଭାବେ କୁହାଯାଇଛି । ଆହୁରି ୩୦ ପ୍ରତିଶତ ଗାଁକୁ ରାସ୍ତା ନାହିଁ, ଗମନାଗମନ ସୁବିଧା ନାହିଁ । ମାତ୍ର ୩୦ ପ୍ରତିଶତ ବସ ସୁବିଧା ଓ ୨୦ ପ୍ରତିଶତ ରେଲୱେ ସୁବିଧା ମିଳୁଛି । ୨୦୨୫ ସୁଦ୍ଧା ୧୪୦ କୋଟି ଲୋକ ସଂଖ୍ୟା ଦେଶରେ ମାତ୍ର ୧୫ କୋଟି ଘରକୁ ଟ୍ୟାପ ପାଣି ଯୋଗାଇ ଦିଆଯାଇଛି । ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟାରେ ଆମ ଦେଶର ଅବସ୍ଥା ସମସ୍ତଙ୍କୁ ଜଣା । ବିଶ୍ୱବ୍ୟାଙ୍କ ଆକଳନ ଅନୁସାରେ ୨୦୨୨-୨୩ ସୁଦ୍ଧା ୭.୫୨୪କୋଟି ଲୋକ ଅତ୍ୟଧିକ ଦାରିଦ୍ର୍ୟତା ମଧ୍ୟରେ କାଳାତିପାତ କରୁଛନ୍ତ, ଅର୍ଥାତ୍ ଭିକ୍ଷାବୃତ୍ତିର ଆଶ୍ରୟ ନେଉଛନ୍ତି। ଆଉ ଯେଉଁ ୨୬.୯ କୋଟି ଲୋକଙ୍କୁ ଦାରିଦ୍ର୍ୟତାରୁ ବାହାରକୁ ଅଣାଯାଇଅଛି ବୋଲି କହୁଛନ୍ତି, ତାହା ମାଗଣା ଚାଉଳ ଓ ମାଗଣା ଖାଦ୍ୟ ଯୋଗାଇ ଦେଇ । ତାଙ୍କ ହାତକୁ କାମ ଦେଇ ସଶକ୍ତ କରି ନୁହେଁ । ପୁଞ୍ଜିବାଦୀ ଗଣତାନ୍ତ୍ରିକ ରାଷ୍ଟ୍ରରେ ବୈପ୍ଳବିକ ବିକାଶ ସମ୍ଭବ ହୋଇପାରେନା । କାରଣ ଏଠି ଶହେ ମୁରବି । ଦେଶ ପୁଞ୍ଜିପତିମାନଙ୍କ ପ୍ରଚ୍ଛଦ ନିର୍ଦ୍ଦେଶନାରେ ଓ ତାଙ୍କ ସୁବିଧାରେ ବଜେଟ୍ ଠାରୁ ଆରମ୍ଭ କରି ସମସ୍ତ ସରକାରୀ ନିଷ୍ପତ୍ତି ପ୍ରଭାବିତ ହୁଏ। ବାସ୍ତବରେ କାର୍ଲମାର୍କ୍ସ କହିଥିଲେ, "ବିତ୍ତଶାଳୀ ସମାଜରେ ଅଧିକାଂଶ ମଣିଷ ତ ଦୁର୍ଦ୍ଦଶାଗ୍ରସ୍ତ । ତେଣୁ ଯେଉଁ ଅର୍ଥନୈତିକ ବ୍ୟବସ୍ଥା ଏହି ଦୁର୍ଦ୍ଦଶା ସୃଷ୍ଟି କରେ ତା'ର ଲକ୍ଷ୍ୟ ହିଁ ହେଉଛି ଅସୁଖୀ ସମାଜ ସୃଷ୍ଟି କରିବା।" ମାର୍କ୍ସ ଓରେଲିଅସ୍‌ଙ୍କ ଉକ୍ତି "ଦାରିଦ୍ର୍ୟ ହେଉଛି ଅପରାଧର ଜନନୀ" କୁ ଯଦି ବିଚାରକୁ ନେବା ତେବେ ଆମ ଦେଶରେ ତଥା ସାରା ବିଶ୍ୱରେ ଅଧିକାଂଶ ଅପରାଧ ମଣିଷର ଅଭାବୀ ପଣିଆକୁ ନେଇ ଘଟୁଛି । ଏହାଦ୍ୱାରା ବେକାରୀ ବଢେ । ବେକାରୀ ବଢିଲେ ଅପରାଧ, ରାହାଜାନୀ ନିଶ୍ଚିତ ବଢିବ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

ଭୁବନେଶ୍ୱର, ମୋ - ୯୪୩୭୦୧୩୧୩୯

## 'ବ୍ରିକ୍ସ'ର ଏକତା, ଆମେରିକାର ଚିନ୍ତା

ଲଳିତେନ୍ଦୁ ପଲାଉରୀ

ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ବ୍ରାଜିଲର ରିଓ ଡି ଜେନେରିଓରେ ଆୟୋଜିତ ହୋଇଯାଇଛି ୧୭ତମ 'ବ୍ରିକ୍ସ' ଶିଖର ସମ୍ମିଳନୀ। 'ବ୍ରିକ୍ସ' ହେଉଛି ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ରଙ୍କ ଏକ ଶକ୍ତିଶାଳୀ ସଂଗଠନ, ଯେଉଁଥିରେ ୧୧ ସ୍ଥାୟୀ ସଦସ୍ୟ ଏବଂ ଅନେକ ଅସ୍ଥାୟୀ ସଦସ୍ୟ ଅର୍ଥନୈତିକ ବିକାଶ, ରାଜନୈତିକ ସହଯୋଗ ଓ ଭୌଗୋଳିକ ସୁରକ୍ଷାକୁ ନେଇ କାମ କରୁଛନ୍ତି। ବ୍ରାଜିଲ୍, ରୁଷ, ଭାରତ, ଚୀନ୍, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ଇଥିଓପିଆ, ଇରାନ୍, ୟୁଏଇ, ସାଉଦି ଆରବ ଓ ଇଣ୍ଡୋନେସିଆ ଏହି ସଂଗଠନର ସ୍ଥାୟୀ ସଦସ୍ୟ। ୨୦୦୧ ମସିହାରୁ ବ୍ରାଜିଲ, ରୁଷ, ଭାରତ ଓ ଚୀନକୁ ନେଇ 'ବ୍ରିକ୍ସ' ପରିକଳ୍ପନା ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ସଂଗଠନରେ ଯୋଡ଼ି ହୋଇଛନ୍ତି ଅନ୍ୟ ଦେଶ। 'ବ୍ରିକ୍ସ'ର ନୂତନ ସଦସ୍ୟ ଏବଂ ଅଂଶୀଦାର ଦେଶ ଭାବେ ଇଣ୍ଡୋନେସିଆକୁ ପୂର୍ଣ୍ଣ ସଦସ୍ୟତା ମିଳିଛି। ବେଲାରୁଷ, ବଲିଭିଆ, କାଜାଖସ୍ତାନ, କ୍ୟୁବା, ନାଇଜେରିଆ, ମାଲେସିଆ, ଥାଇଲ୍ୟାଣ୍ଡ, ଭିଏତନାମ, ଉଗାଣ୍ଡା ଓ ଉଜବେକିସ୍ତାନକୁ 'ବ୍ରିକ୍ସ'ର ଅଂଶୀଦାର ଦେଶ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି।

ଚଳିତ ବର୍ଷ ଏହି ଶିଖର ସମ୍ମିଳନୀରେ ଆୟୋଜକ ଥିଲା ବ୍ରାଜିଲ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ ବୈଦେଶିକ ମନ୍ତ୍ରୀ ସେରଗୀ ଲାଭରଭ, ଚୀନ ପ୍ରଧାନମନ୍ତ୍ରୀ ଲି କ୍ୱିୟାଙ୍ଗ, ଦକ୍ଷିଣଆଫ୍ରିକା ରାଷ୍ଟ୍ରପତି ସିରିଲ ରାମଫୋସା, ଇଜିପ୍ଟ ପ୍ରଧାନମନ୍ତ୍ରୀ ମୋସ୍ତାଫା ମେଡବଉଲି, ଇଥିଓପିଆ ପ୍ରଧାନମନ୍ତ୍ରୀ ଆବଲି ଅହମ୍ମେଦ, ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋୱା ସୁବିଆଣ୍ଟୋ, ଇରାନ ବୈଦେଶିକ ମନ୍ତ୍ରୀ ଆବ୍ବାସ ଆର୍ଗାହୁଚି, ୟୁଏଇ କ୍ରାଉନ ପ୍ରିନ୍ସ ଖାଲେଦା ବିନ୍ ମହମ୍ମଦ ଅଲ ନାହୟନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଭର୍ଚ୍ଚୁଆଲରେ ବୈଠକରେ ଯୋଗ ଦେଇଥିଲେ। ଏହାବ୍ୟତୀତ ପ୍ରମୁଖ ଅନ୍ତଃରାଷ୍ଟ୍ରୀୟ ସଂଗଠନ, ସହଯୋଗୀ ରାଷ୍ଟ୍ର ଏହି ବିଶ୍ୱ ମଞ୍ଚରେ ମାନସ ମନ୍ଥନ କରିଛନ୍ତି।

'ବ୍ରିକ୍ସ' ସଦସ୍ୟ ରାଷ୍ଟ୍ରଙ୍କ ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ପ୍ରାୟ ୪୫ପ୍ରତିଶତ। ବିଶ୍ୱ ଅର୍ଥନୀତିର ୩୫ପ୍ରତିଶତ 'ବ୍ରିକ୍ସ' ନିୟନ୍ତ୍ରଣରେ ରହିଛି। ସଦ୍ୟତମ 'ବ୍ରିକ୍ସ' ସମ୍ମିଳନୀର ମିଳିତ ଘୋଷଣାନାମାରେ ଅଶାନ୍ତ ମଧ୍ୟପ୍ରାଚ୍ୟ, ଇରାନ ଉପରେ ଇସ୍ରାଏଲର ଆକ୍ରମଣ, ଜମ୍ମୁକାଶ୍ମୀରର ପହଲଗାମରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି। 'ବ୍ରିକ୍ସ' ରାଷ୍ଟ୍ରନେତାମାନେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଏକ ସ୍ୱରରେ ନିନ୍ଦା କରିଛନ୍ତି। ଘୋଷଣାପତ୍ରରେ ଚୀନ ମଧ୍ୟ ହସ୍ତାକ୍ଷର କରିଛି। ଆମେରିକାର ଟ୍ରମ୍ପ ସରକାର ବିଭିନ୍ନ ଦେଶ ଉପରେ କଠୋର ଟାରିଫ୍ ନୀତି ଲାଗୁ କରିଥିବାରୁ 'ବ୍ରିକ୍ସ'ର ମିଳିତ ମଞ୍ଚ ଏହାକୁ ନିନ୍ଦା କରିଛି। ଏହା ମଧ୍ୟ ଟ୍ରମ୍ପଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି।

'ବ୍ରିକ୍ସ' ରାଷ୍ଟ୍ର ସଦସ୍ୟ ଓ ଏଥିରେ ଯୋଡ଼ି ହେବାକୁ ଚାହୁଁଥିବା ରାଷ୍ଟ୍ରମାନଙ୍କ ଉପରେ ୧୦ ପ୍ରତିଶତ ଅଧିକ କର ଲଗାଇବାକୁ ଚେତବନୀ ଦେଇଛନ୍ତି ଟ୍ରମ୍ପ। ଆମେରିକାର ଏଭଳି ଟାରିଫ ଧମକକୁ 'ବ୍ରିକ୍ସ' ରାଷ୍ଟ୍ରମାନେ ସମାଲୋଚନା କରିଛନ୍ତି। ଏହାସହ 'ବ୍ରିକ୍ସ' ଦେଶଗୁଡ଼ିକ ମଧ୍ୟରେ ଏକକ ବିନିମୟ ମୁଦ୍ରା ପ୍ରଚଳନ ପାଇଁ ସଦସ୍ୟ ରାଷ୍ଟ୍ରମାନେ ସହମତ ହୋଇଛନ୍ତି, ଯାହାକୁ ଦେଖି ଚିହିଁକି ପଡ଼ିଛନ୍ତି ଟ୍ରମ୍ପ। କହିଛନ୍ତି ଯଦି 'ବ୍ରିକ୍ସ' ରାଷ୍ଟ୍ରମାନେ ଡଲାରକୁ ବୟକଟ୍ କରନ୍ତି ତା'ହେଲେ ସେ ଶହେ ପ୍ରତିଶତ ଟାରିଫ ଲଗାଇବେ। ଟ୍ରମ୍ପଙ୍କ ଧମକରେ 'ବ୍ରିକ୍ସ' କିନ୍ତୁ ବିଚଳିତ ହୋଇନାହିଁ। ବରଂ ଆମେରିକାକୁ ଆଇନା ଦେଖାଇବାକୁ ସଦସ୍ୟ ରାଷ୍ଟ୍ରମାନେ ରଣନୀତି କରିଛନ୍ତି। ଚୀନ କହିଛି 'ବ୍ରିକ୍ସ' ଏକ ଆମେରିକା ବିରୋଧୀ ମେଣ୍ଟ ନୁହେଁ। ତେଣୁ ଆମେରିକାର ଟାରିଫ୍ ଫର୍ମୁଲା କିଛି ଫାଇଦା ଦେବ ନାହିଁ। ରୁଷ ମଧ୍ୟ ଚୀନ ସହ ସ୍ୱର ମିଳାଇଛି।

ଭାରତ ବିଶ୍ୱର ଦୁଇ ମେରୁ ଆମେରିକା ଓ ରୁଷ ସହିତ ଉତ୍ତମ ସମ୍ପର୍କ ରଖି ଆସିଛି। ଭାରତ ଉଭୟ 'ବ୍ରିକ୍ସ' ଓ 'କ୍ୱାଡ'ର ସଦସ୍ୟ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ବ୍ରିକ୍ସ' ବୈଠକରେ ଆତଙ୍କବାଦ ମାନବତା ପାଇଁ ବଡ଼ ଆହ୍ୱାନ ବୋଲି କହିଥିଲେ। 'ବ୍ରିକ୍ସ'ର ଆତଙ୍କବାଦ ବିରୋଧୀ ଘୋଷାଣାନାମାରେ ଚୀନ ପ୍ରଧାନମନ୍ତ୍ରୀ ସ୍ୱାକ୍ଷର କରିଛନ୍ତି। ତେଣୁ ଆଗକୁ ହୁଏତ ଚୀନ୍ ଆଉ ପାକିସ୍ତାନ ମଧ୍ୟରେ ସମ୍ପର୍କ ବିଗିଡ଼ି ପାରେ। ବୈଠକରେ ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ କୃତ୍ରିମ ବୁଦ୍ଧିମତ୍ତା ପାଇଁ ଏକାଠି କାମ କରିବାକୁ ଆହ୍ୱାନ ଦେଇଛନ୍ତି। ଆସନ୍ତା ବର୍ଷ 'ଏଆଇ ଇମ୍ପାକ୍ଟ ସମିଟ୍' ଆୟୋଜନ କରିବାକୁ ଯାଉଛି ଭାରତ।

ସାଂପ୍ରତିକ ବିଶ୍ୱ ଏବେ ଅନେକ ଜଟିଳ ଆହ୍ୱାନର ସମ୍ମୁଖୀନ ହେଉଛି। ପୃଥିବୀର ବିଭିନ୍ନ ଭାଗରେ ସଂଘର୍ଷ, ମହାମାରୀ, ଅର୍ଥନୈତିକ ସଙ୍କଟ ସମାଧାନରେ ବୈଶ୍ୱିକ ଅନୁଷ୍ଠାନ ବିଫଳ ହେଉଥିବାରୁ ନୂତନ ରଣନୈତିକ ଭାଗିଦାରିତାରେ କାମ କରିବାକୁ ଭାରତ ଆହ୍ୱାନ ଦେଇଛି। ଆଗାମୀ ସମୟରେ 'ବ୍ରିକ୍ସ' କିପରି ଏକ ବହୁଧ୍ରୁବୀୟ ବିଶ୍ୱର ପ୍ରବର୍ତ୍ତକ ହୋଇପାରିବ, ତାହା ବିଚାର କରିବା ଉଚିତ। ଏହାସହ ୨୦୨୬ରେ ଭାରତ ୧୮ତମ 'ବ୍ରିକ୍ସ' ସମ୍ମିଳନୀ ଆୟୋଜନ କରିବାକୁ ସମର୍ଥନ ପାଇଛି। ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ 'ବ୍ରିକ୍ସ' ସମ୍ମିଳନୀରେ ପରିବେଶ, ଜଳବାୟୁ ସମ୍ମିଳନୀ (କୋପ୍-୩୦) ଏବଂ ବିଶ୍ୱ ସ୍ୱାସ୍ଥ୍ୟ ଭଳି ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖି କହିଥିଲେ କରୋନା ମହାମାରୀ ଦେଖାଇଛି ଯେ ରୋଗ ପାଇଁ ପାସପୋର୍ଟ କିମ୍ବା ଭିସା ଆବଶ୍ୟକ ନାହିଁ। ଏହାର ସମାଧାନ ଏକାଠି ଖୋଜିବାକୁ ପଡ଼ିବ। ତେଣୁ ପୃଥିବୀକୁ ସୁସ୍ଥ ରଖିବା ପାଇଁ ଆମକୁ ଏକାଠି କାମ କରିବାକୁ ପଡ଼ିବ। ଏହାସହ 'ବ୍ରିକ୍ସ'ର ପ୍ରକୃତ ଶକ୍ତି ହେଉଛି ଏହାର ବିବିଧତା ମଧ୍ୟରେ ଏକତା। 'ବ୍ରିକ୍ସ' ମାଧ୍ୟମରେ ବିଜ୍ଞାନ ଓ ଗବେଷଣା ପାଇଁ ଏକ ସାଧାରଣ ପ୍ଲାଟଫର୍ମ ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ।

ନିଜେ ସମ୍ବଳର ଅପବ୍ୟବହାର ନକରି ବିଶ୍ୱର ଅନ୍ୟମାନଙ୍କ ବଞ୍ଚିବାର ଅଧିକାର ଦେବାକୁ ଭାରତ ଜୋର ଦେଇଛି। ବିଶ୍ୱ ବାଣିଜ୍ୟ ସଂଗଠନର ନିୟମ ବିରୁଦ୍ଧରେ ବଢୁଥିବା ଶୁଳ୍କ ଉପରେ ଚିନ୍ତା ପ୍ରକଟ କରିଛି 'ବ୍ରିକ୍ସ' ମଞ୍ଚ। ଆମେରିକା ନାଁ ନ ନେଇ ସିଧା ଆମେରିକାକୁ ଲକ୍ଷ୍ୟ କରି ଭାରତ କହିଛି ଯେ 'ବ୍ରିକ୍ସ' ସଂଗଠନର ସଦସ୍ୟମାନେ ଆମେରିକାର ଲଗାମଛଡ଼ା ଟାରିଫ ବ୍ୟବସ୍ଥାକୁ ମାନନ୍ତି ନାହିଁ। କାରଣ ତାହା ବିଶ୍ୱ ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳା ପାଇଁ ବିପଦ। ବିଶ୍ୱରେ ଶାସନ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଚୀନ 'ବ୍ରିକ୍ସ' ଦେଶଗୁଡ଼ିକୁ ନିବେଦନ କରିଛି। ଜାତିସଂଘର ସୁରକ୍ଷା ପରିଷଦରେ ଭାରତ ଓ ବ୍ରାଜିଲକୁ ସ୍ଥାୟୀ ସଦସ୍ୟତା ପ୍ରସଙ୍ଗରେ ସମର୍ଥନ ଦେବାକୁ ସଦସ୍ୟ ରାଷ୍ଟ୍ରମାନେ ଆଲୋଚନା କରିଛନ୍ତି। ଏହାସହ ଜାତିସଂଘରେ ସଂସ୍କାର, ୨୦୨୮ରେ କୋପ୍ ୩୩ ଆୟୋଜନ ପାଇଁ ଭାରତର ପ୍ରାର୍ଥିତ୍ୱକୁ ସ୍ୱାଗତ କରାଯାଇଛି। କୌଣସି ଧର୍ମ, ଦେଶ, ସଭ୍ୟତା, ଜାତି, ଗୋଷ୍ଠୀ ନିର୍ବିଶେଷରେ ଆତଙ୍କବାଦ ବିରୁଦ୍ଧରେ ଏକାଠି ହେବାକୁ ସହମତ ପ୍ରକାଶ ପାଇଛି। ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ଏବଂ ଦ୍ୱୈତ ମାନଦଣ୍ଡ ପ୍ରତ୍ୟାଖ୍ୟାନକୁ ଗୁରୁତ୍ୱ ଦେଇଛି 'ବ୍ରିକ୍ସ'। ଏଭଳି ସ୍ଥିତିରେ ଦକ୍ଷିଣବିଶ୍ୱ ପ୍ରତି ଭେଦଭାବ କରାଯାଉଥିବାରୁ ଭାରତ ଉଦବେଗ ପ୍ରକାଶ କରିଛି ଏବଂ ବିକାଶ, ସମ୍ବଳ ବଣ୍ଟନ ଓ ସୁରକ୍ଷା ଭଳି ପ୍ରସଙ୍ଗକୁ ପ୍ରାଥମିକତା ଦେବାକୁ ଆହ୍ୱାନ ଦେଇଛି। ସେହିପରି ଆତଙ୍କବାଦ ବିରୋଧରେ କଠୋର ଦୃଷ୍ଟିକୋଣ ଆପଣେଇବା ସହିତ ବ୍ୟକ୍ତିଗତ କିମ୍ବା ରାଜନୈତିକ ଲାଭ ପାଇଁ ଆତଙ୍କବାଦକୁ ନିରବ ସମର୍ଥନ ନ କରିବାକୁ ପରାମର୍ଶ ଦେଇଛି ଭାରତ।

ବର୍ତ୍ତମାନ ବିଶ୍ୱ ପଶ୍ଚିମ ଏସିଆରୁ ଆରମ୍ଭ କରି ୟୁରୋପ ପର୍ଯ୍ୟନ୍ତ ବ୍ୟାପିଥିବା ସଂଘର୍ଷ, ଯୁଦ୍ଧ ଓ ଉତ୍ତେଜନା ମାନବ ସଭ୍ୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଏହା ଅନିୟନ୍ତ୍ରିତ ସ୍ଥିତିକୁ ଚାଲିଯିବା ପୂର୍ବରୁ 'ବ୍ରିକ୍ସ' ଭଳି ସଂଗଠନଗୁଡ଼ିକ ନିଜ ନିଜର ବିକାଶ ସହ ବିଶ୍ୱରେ ଶାନ୍ତି ଓ ଭ୍ରାତୃଭାବ ପ୍ରତିଷ୍ଠା ଉପରେ ଅଧିକ ଗୁରୁତ୍ୱ ଦେବାର ସମୟ ଆସିଛି।

ବାଲିପନ୍ତାଳ(ପୁରୀ), ମୋ: ୯୭୭୮୬୯୭୦୩୬

## ମଙ୍ଗଳକର ଅଳ୍ପ ମାନସିକ ଚାପ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଆଧୁନିକ ବସ୍ତୁବାଦୀ ଓ ବ୍ୟସ୍ତ ଜୀବନଶୈଳୀ ହେତୁ ସମଗ୍ର ବିଶ୍ୱରେ ଏବେ ଏକ ଉତ୍କଟ ସ୍ୱାସ୍ଥ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଛି ମାନସିକ ଚାପ। ବିଶ୍ୱର ପ୍ରାୟ ଅର୍ଦ୍ଧାଧିକ ଲୋକ (ଭାରତର ୫୩ ଶତାଂଶ) ଅଳ୍ପେବହୁତ ଏଥିରେ ପ୍ରଭାବିତ। କାର୍ଯ୍ୟଚାପ, ବ୍ୟକ୍ତିଗତ ସମ୍ପର୍କରେ ସନ୍ତୁଳନର ଅଭାବ, ମନ ଚିନ୍ତା ଗ୍ରସ୍ତ ହେବା ଇତ୍ୟାଦି ଏହାର କାରଣ। ଫଳରେ ବ୍ୟକ୍ତିଠାରେ ସହନଶକ୍ତିର ଅଭାବ ଦେଖାଦେଇଛି। ମାନସିକ ଅବସାଦ ଓ ଅସାମାଜିକ ମାନସିକତା ଭଳି ବିଶୃଙ୍ଖଳା ମଧ୍ୟ ବୃଦ୍ଧି ପାଉଛି। ବିଶେଷକରି, ୧୮ ରୁ ୨୪ ବର୍ଷ ବୟସ୍କ ଯୁବ ବର୍ଗ ଏବଂ ୬୦ ରୁ ଊର୍ଦ୍ଧ୍ୱ ବୟସ୍କ ବର୍ଗଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ବିଶେଷ ଭାବେ ପରିଲକ୍ଷିତ ହେଉଛି।

ତେବେ ଏହା ସ୍ୱଳ୍ପମାତ୍ରାରେ ହେବାର ଅନେକ ମଙ୍ଗଳକର ପ୍ରଭାବ ରହିଛି। ଲକ୍ଷ୍ୟ ସାଧନ ଲାଗି ପ୍ରରୋଚିତ କରିବା, ବିପଦର ମୁକାବିଲା କରିବା ଇତ୍ୟାଦି ଦିଗରେ ଏହା ବିଶେଷ ଭାବେ ସହାୟକ ହୋଇଥାଏ ବୋଲି ଜଣାପଡ଼ିଛି ଜର୍ଜିଆ ବିଶ୍ୱବିଦ୍ୟାଳୟର ଯୁବ ବିକାଶ ପ୍ରତିଷ୍ଠାନଠାରେ କାର୍ଯ୍ୟରତ ଗବେଷକମାନଙ୍କ ଅଧ୍ୟୟନରୁ। ଗବେଷକ ଆସାଫ୍ ଓଶ୍ରିଙ୍କ ମତରେ 'ତୁମେ କିଛିମାତ୍ରାରେ ଚାପ ସୃଷ୍ଟି କରଉଥିବା ଏକ ପରିବେଶ ମଧ୍ୟରେ ରହି କାର୍ଯ୍ୟ କଲେ ତୁମଠାରେ ଖାପଖୁଆଇଲା ଭଳି ସାମର୍ଥ୍ୟର ବିକାଶ ଘଟାଇବ, ଯାହା ତୁମକୁ ଏପରି ସୁଶୃଙ୍ଖଳିତ କରିଦେବ ଯେ ତୁମେ ଅଧିକ ଦକ୍ଷ ତଥା ଫଳପ୍ରସୂ କାର୍ଯ୍ୟ ନିର୍ବାହୀଟିଏ ହୋଇପାରିବ।'

ଏହି ଗବେଷଣାରେ ସାମିଲ୍ ୧୨୦୦ ଯୁବକଯୁବତୀଙ୍କୁ ଚାପଗ୍ରସ୍ତ ଅଣନିୟନ୍ତ୍ରିତ ଲୋକେ ସେମାନଙ୍କ ଜୀବନକୁ କିପରି ଅନୁଭବ କରନ୍ତି ତାହାରି ଉପରେ କିଛି ପ୍ରଶ୍ନର ଉତ୍ତର ରଖିବାକୁ କୁହାଯାଇଥିଲା। ଅଂଶଗ୍ରହଣକାରୀମାନେ ଚିନ୍ତା କିମ୍ବା ଅନୁଭୂତିଗୁଡ଼ିକୁ କେତେ ବାରମ୍ବାର ଅନୁଭବ କରନ୍ତି ତାହା ସୂଚୀତ କରିବାକୁ ମଧ୍ୟ କୁହାଯାଇଥିଲା। ତପ୍ରେ ସେମାନଙ୍କ ସ୍ୱାୟବିକ ବୋଧଶକ୍ତିର ମୂଲ୍ୟାୟନ କରାଗଲା ବିବିଧ କାର୍ଯ୍ୟକଳାପ ମାଧ୍ୟମରେ। ଏହାର ଫଳାଫଳକୁ ତୁଳନା କରାଗଲା ସେମାନଙ୍କ ଉଦ୍‌ବେଗ ଅନୁଭବ କରିବା, କୌଣସି କାର୍ଯ୍ୟରେ ମନୋନିବେଶ କରିବା, ଆକ୍ରମଣାତ୍ମକ ମନୋଭାବ ଏବଂ ଅନ୍ୟାନ୍ୟ ଆଚରଣ ତଥା ଭାବପ୍ରବଣତା ଜନିତ ସମସ୍ୟାବଳୀର ବିବିଧ ପରିମାପକ ଏବଂ ସେମାନେ ଦେଇଥିବା ପ୍ରଶ୍ନଗୁଡ଼ିକର ଉତ୍ତରମାନଙ୍କ ସହିତ। ଜଣାପଡ଼ିଲା ଯେ ସାମାନ୍ୟରୁ ମଧ୍ୟମସ୍ତରର ମାନସିକ ଚାପ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଉପାଦେୟ, ବିଶେଷକରି ଏହା ଏକପ୍ରକାର ଅନ୍ତଃରୋପଣ(ଇନୋକ୍ୟୁଲେସନ୍) ରୂପେ ମାନସିକ ରୋଗବ୍ୟାଧିର ପ୍ରତିରୋଧ କରିଥାଏ। ଅତଏବ ତାହା ମଙ୍ଗଳକର।

ଓଶ୍ରିଙ୍କ ମତରେ ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ପ୍ରତିକୂଳ ଅନୁଭୂତିଗୁଡ଼ିକ ଅଧିକ ଦୃଢ଼ ମନୋଭାବ ସଂପନ୍ନ ଓ ଶକ୍ତିଶାଳୀ କରେ ବୋଲି ସମସ୍ତଙ୍କୁ ଜଣା। ପୁନଶ୍ଚ ଏପରି କିଛି ଅନୁଭୂତି ରହିଛି, ଯାହାକି ଆମର ଦକ୍ଷତା ବିକଶିତ ହେବାକୁ ଦିଏ ଏବଂ ଭବିଷ୍ୟତ ଲାଗି ପ୍ରସ୍ତୁତ କରାଏ। ତେବେ ମାନସିକ ଚାପ ଏବଂ ପ୍ରତିକୂଳ ପରିସ୍ଥିତିକୁ ସହ୍ୟ କରିବା ଶକ୍ତି ସମସ୍ତଙ୍କର ସମାନ ନୁହେଁ। ବୟସ, ଲିଙ୍ଗଭେଦ, ଜିନ୍‌ର ପୂର୍ବ ପ୍ରବଣତା ଏବଂ ଦରକାର ସମୟରେ ସାହାଯ୍ୟ କଲା ଭଳି ସଂପର୍କ ଇତ୍ୟାଦି ଆମକୁ ଏବର ଆହ୍ୱାନଗୁଡ଼ିକର କିପରି ସମ୍ମୁଖୀନ ହେବା ତାହା ନିର୍ଦ୍ଧାରଣ କରିଥାଏ। ନିମ୍ନ ବା ମଧ୍ୟମ ସ୍ତର ମାନସିକ ଚାପ ବୋଧଶକ୍ତି ପାଇଁ ଉତ୍ତମ ହେଲେ ହେଁ ତାହା ଦୀର୍ଘସମୟ ଧରି ରହିଲେ ଦେହ ଓ ମନ ଲାଗି କ୍ଷତିକାରକ ସାବ୍ୟସ୍ତ ହୋଇପାରେ।

ଦୀର୍ଘକାଳୀନ ମାନସିକ ଚାପର ସ୍ତର ନିର୍ବିଶେଷରେ ଦୈହିକ ଓ ମାନସିକ ପରିଣାମ ରହିଛି। ତାହା ଦୀର୍ଘସ୍ଥାୟୀ କିମ୍ବା ଅତିମାତ୍ରାରେ ହେବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଅନୁପଯୋଗୀ। ଏହା ଆମ ରୋଗ ପ୍ରତିରୋଧ ଶକ୍ତିଠାରୁ ଆରମ୍ଭ କରି ଭାବପ୍ରବଣତା ନିୟନ୍ତ୍ରଣ, ମସ୍ତିଷ୍କର କାର୍ଯ୍ୟବିଧି ଆଦିକୁ ଗଭୀର ଭାବେ ପ୍ରଭାବିତ କରେ। ସେଥିପାଇଁ ଯୋଗ, ମାନସିକ ତଥା ଧାର୍ମିକ କ୍ରିୟାକଳାପରେ ମନୋନିବେଶ, ଉତ୍ତମ ପାରିବାରିକ ସମ୍ପର୍କ, ଅଧ୍ୟୟନ ଆଦି ମାଧ୍ୟମରେ ଏହାର ସ୍ତର ହ୍ରାସ କରିବା ସହିତ ସମୟ ମଧ୍ୟ ହ୍ରାସ କରିବା ଲାଗି ଉଦ୍ୟମ ହେବା ଆବଶ୍ୟକ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୭୦

ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA



## ବେକରେ ଜୁଆଳି ପକାଇ ଦମ୍ପତିଙ୍କୁ ହଳ କରିବା ଘଟଣା

# ଗାଁରେ ଜିଲ୍ଲା ପ୍ରଶାସନର ତଦନ୍ତ



**କଲ୍ୟାଣସିଂହପୁର,୧୪।୭(ସମିସ):** କଲ୍ୟାଣସିଂହପୁର କଞ୍ଚାମଯୋଡ଼ି ଗାଁରେ ନବବିବାହିତ ଦମ୍ପତିଙ୍କ ବେକରେ ଜୁଆଳି ପକାଇ ହଳ କରିବା ଘଟଣା ନେଇ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପାଇଁ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ୬ ଜଣିଆ ତଦନ୍ତକାରୀ ଦଳ ଗାଁରେ ପହଞ୍ଚିଛି। ଏହି ଦଳରେ ଉପ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ସିଡିପିଓ ମମତା ସାହୁ, ତହସିଲଦାର ରଞ୍ଜନ ମାନସେଠ, ଅସୀମା ରାଓ, ଡିଡବ୍ଲ୍ୟୁଓ, ସିଏସଓ ଶୁଭାଂଶୁ ଭୋଇ ଏବଂ ଉପଖଣ୍ଡ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ରହି ଘଟଣାର ତଦନ୍ତ କରିଛନ୍ତି। ପ୍ରଶାସନର ତଦନ୍ତ ବେଳେ କନ୍ଧକୁଳ ସମାଜର ବ୍ଲକ୍ ସଭାପତି ଜଗେନ୍ଦ୍ର ୱାଡାକା, ଉପସଭାପତି ଶଙ୍କର ହୁଇକାଙ୍କ ସମେତ ବ୍ଲକର ବିଭିନ୍ନ ଗାଁର ଭଦ୍ର ବ୍ୟକ୍ତି ଉପସ୍ଥିତ ରହିଥିଲେ। କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା, ସେ ସମ୍ପର୍କରେ ଏହି ଦଳ ପଚାରି ବୁଝିଥିଲେ। ବର୍ତ୍ତମାନ ପ୍ରେମୀଯୁଗଳ କହିଛନ୍ତି, ସେମାନଙ୍କୁ କୌଣସି ଦଣ୍ଡ ଦିଆଯାଇନି। ପୂର୍ବ ପୁରୁଷରୁ ଥିବା ପରମ୍ପରା ଅନୁସାରେ ଗାଁ ଝାଙ୍କିରି ନିକଟରେ ହଳକରି ଆମ୍ବ ପାଣି ଗାଧୋଇ କିଛିଦିନ ପାଇଁ ବାହାରେ ରହିବାକୁ କୁହାଯାଇଥିଲା। ଝାଙ୍କିରିରେ ହଳ ଭଳି ବୁଲେଇବାର ଭିଡିଓକୁ ଭାଇରାଲ କରିବାରୁ ଗାଁ ଲୋକେ ନିନ୍ଦିତ ହେଉଛନ୍ତି ବୋଲି ସେମାନେ କହିଛନ୍ତି। ଆଦିବାସୀ ପରମ୍ପରା ଅନୁଯାୟୀ ଗୋଟିଏ ବଂଶର ହୋଇଥିଲେ ପୁଅ ଓ ଝିଅ ବିବାହ ବନ୍ଧନରେ ଆବଦ୍ଧ ହୋଇପାରିବେ ନାହିଁ। କଞ୍ଚାମାଯୋଡ଼ି ଗାଁର ଲାକା ସାରକା ଓ କାଡ଼ିଆ ସାରକାଙ୍କ ପ୍ରେମ ସମ୍ପର୍କକୁ ଗାଁ ଲୋକେ ବିରୋଧ କରିଥିଲେ। କାରଣ ଉଭୟ ସମ୍ପର୍କରେ ପିଉସୀ ନାନୀ ଓ ପୁତୁରା। ଏହାକୁ ନେଇ ଗାଁ କୁଟୁମ୍ବ ବୈଠକ ବସି ଉଭୟଙ୍କୁ ଭୁଲର ପ୍ରାୟଶ୍ଚିତ୍ତ ଆଦିବାସୀ ପରମ୍ପରା ଅନୁସାରେ କରିବାକୁ କୁହାଯାଇଥିଲା। ଗ୍ରାମ ଦେବୀଙ୍କ ପାଖରେ ପୂଜାପାଠ କରାଇବା ପରେ ବଳଦ ସ୍ଥାନରେ ଗୋଟିଏ ପଟେ ପୁଅ ଓ ଅନ୍ୟ ପଟେ ଝିଅ କାନ୍ଧରେ ଜୁଆଳି ପକାଇ ଧରଣୀରେ ତସା ଯାଇଥିଲା।

# ଯୁକ୍ତ ୨ ପରୀକ୍ଷାର୍ଥୀଙ୍କ ପାଖକୁ ଆସୁଛି ଫେକ୍ ଫୋନ୍ କଲ୍

**ସଚେତନ କରାଇଲେ ପରୀକ୍ଷା ନିୟନ୍ତ୍ରକ**

ଭୁବନେଶ୍ୱର, ୧୪।୭(ସମିସ): ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ପାଖକୁ ଆସୁଛି ଫେକ୍ ଫୋନ୍-କଲ୍। ଗୋଟିଏ ବା ଦୁଇଟି ବିଷୟରେ ଫେଲ୍ ହୋଇଥିବା କହିବା ସହ ପାସ୍ କରାଇବାକୁ ପ୍ରଲୋଭନ ଦେଖାଉଛନ୍ତି। ରି-ଚେକିଂ କରି ମାର୍କ ବଢ଼ାଇଦେବେ ବୋଲି ମଧ୍ୟ କହୁଛନ୍ତି। ପରୀକ୍ଷାର୍ଥୀଙ୍କ ସମସ୍ତ ବ୍ୟକ୍ତିଗତ ଓ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ନିର୍ଭୁଲ୍ ତଥ୍ୟ ଦେଇ ବିଶ୍ୱାସ ଜିତୁଛନ୍ତି। ପରେ ଟଙ୍କା ଦାବି କରିବା ସହ ପରୀକ୍ଷାର୍ଥୀଙ୍କୁ ଲୁଟୁଛନ୍ତି। ମୋ:୯୫୮୩୪୭୭୬୫୯ରେ ପଣ୍ଡା ସାର୍ ଏବଂ ୮୯୧୮୮୧୩୦୮୨ନମ୍ବରରେନିରଞ୍ଜନସେଠୀକହିଛାତ୍ରଛାତ୍ରୀଙ୍କ ପାଖକୁ ଫୋନ୍ ଯାଉଛି। ସେମାନେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ରୁ କହୁଥିବା କହିବା ସହ କଥାବାର୍ତ୍ତାକୁ ଗୁପ୍ତ ରଖିବାକୁ କହୁଛନ୍ତି। ପରୀକ୍ଷାର୍ଥୀଙ୍କ ନାମ ରୋଲ୍ ନମ୍ବର ଏବଂ ଆନୁସଙ୍ଗିକ ସମସ୍ତ ତଥ୍ୟ ଦେଇ ବିଶ୍ୱାସଭାଜନ ହେଉଛନ୍ତି। କେଉଁ ବିଷୟରେ ଫେଲ୍ ହୋଇଛନ୍ତି କହିବା ସହ ପାସ୍ କରାଇଦେବାକୁ ଆଶ୍ୱାସନା ଦେଉଛନ୍ତି। ଫଳରେ ପରୀକ୍ଷାର୍ଥୀମାନେ ସହଜରେ ଠକଙ୍କ ଜାଲରେ ପଡ଼ି ଠକାମିର ଶିକାର ହେଉଛନ୍ତି। ଏପରି ଅଭିଯୋଗ ଆସିବା ପରେ ଏ ସବୁକୁ ବିଶ୍ୱାସ ନ କରିବା ପାଇଁ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସଚେତନ କରିଛନ୍ତି। ସିଏଚ୍‌ଏସ୍‌ଇ ପକ୍ଷରୁ କାହାକୁ ଫୋନ୍ ଯାଏ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭବିଷ୍ୟତରେ କାହା ପାଖକୁ ଏପରି ଫୋନ୍ ଗଲେ ହେଲ୍ପଲାଇନ୍ ନମ୍ବର- ୦୬୭୪୨୩୦୦୯୧୪ ରେ ଅଭିଯୋଗ କରିବାକୁ ଡ. ପରିଡ଼ା ପରାମର୍ଶ ଦେଇଛନ୍ତି।

# ବରଗଡ଼ରେ ସ୍କ୍ରବ୍ ଟାଇଫସ୍ ଚିହ୍ନଟ

ବରଗଡ଼, ୧୪।୭ (ସମିସ): ବରଗଡ଼ ଜିଲ୍ଲାରେ ଜଣେ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ଗତ ଗୁରୁବାର ତାଙ୍କ ନମୁନା ପଠାଯାଇଥିବା ବେଳେ ଶୁକ୍ରବାର ପରୀକ୍ଷା ହୋଇଥିଲା। ରିପୋର୍ଟ ପଜିଟିଭ୍ ଆସିଥିବା ବରଗଡ଼ ପଦ୍ମପୁର ଏସ୍‌ଡିଏମ୍‌ଓ ସୂଚନା ଦେଇଛନ୍ତି। ଆକ୍ରାନ୍ତଜଣଙ୍କ ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ୍ ଅଞ୍ଚଳର ଜଣେ ୨୫ବର୍ଷୀୟ ମହିଳା ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିବା କୁହାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୌମ୍ୟାଶ୍ରୀ ଅତି...

ଆଲୋଚନା କରିଛନ୍ତି। ସେଠାରେ ସେ ପୀଡ଼ିତାଙ୍କ ପରିବାରର ସଦସ୍ୟଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଅପରପକ୍ଷେ ଏହି ଘଟଣାରେ ନିଲମ୍ବିତ ହୋଇଥିବା ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଆଜି ପୁଲିସ୍ ଗିରଫ କରିଛି।

ସୋମବାର ବିରୋଧୀ ଏହି ଘଟଣାରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ରାଜଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଉଭୟ ବିଜେଡି ଓ କଂଗ୍ରେସର ୩ ଜଣିଆ ପ୍ରତିନିଧି ଦଳ ସାକ୍ଷାତ କରିଛନ୍ତି। ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା, ଛାତ୍ରୀ ନିର୍ଯାତନା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ବିଶେଷକରି ବାଲେଶ୍ୱର ପୀଡ଼ିତାଙ୍କ ସମ୍ପର୍କରେ ବିଜେଡି ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ସେହିପରି କଂଗ୍ରେସ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କୁ ନିଶାଣ କରିଛି ଓ ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି କରିଛି। କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶଙ୍କଠାରୁ ଆରମ୍ଭ କରି ଅନେକ ଜାତୀୟ ନେତା ଡ଼ବଲ ଇଞ୍ଜିନ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ନେତା ଘଟଣାରେ କ୍ଷୋଭ ପ୍ରକାଶ କରିବା ସହ ଡବଲ ଇଞ୍ଜିନ ସରକାରଙ୍କ ଉପରେ ସାମାଜିକ ଗଣମାଧ୍ୟମରେ ବର୍ଷିଛନ୍ତି। ନିଜ ଛାତ୍ର ସଂଗଠନର ନେତ୍ରୀଙ୍କୁ ଯଦି ସରକାର ସୁରକ୍ଷା ଦେଇପାରୁ ନାହାନ୍ତି, ତାହେଲେ ରାଜ୍ୟରେ ମହିଳାଙ୍କ ସୁରକ୍ଷା କେମିତି ତାହା ସହଜରେ ଅନୁମେୟ ବୋଲି ସେମାନେ ମତପ୍ରକାଶ କରିଛନ୍ତି।

ସମାନ ଭାବେ ଭୁବନେଶ୍ୱରରେ ବିଜେଡି ପକ୍ଷରୁ ସନ୍ଧ୍ୟାରେ ସମୂହ ଦୀପଦାନ କରାଯାଇ ଛାତ୍ରୀଙ୍କ ଆରୋଗ୍ୟ କାମନା କରାଯାଇଛି। ଏପଟେ ଘଟଣାକୁ ନେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମଧ୍ୟ ଆକ୍ସନ ମୋଡକୁ ଆସିଛନ୍ତି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ରାଜ୍ୟପାଳ ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ଏମ୍ସ ନିର୍ଦ୍ଦେଶକଙ୍କ ସହ କଥା ହୋଇଛନ୍ତି। ଏହାସହ ଘଟଣାର କାରଣ ଏବଂ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ରାଜ୍ୟପାଳ ବିସ୍ତୃତ ତଥ୍ୟ ମାଗିଥିବା ଜଣାପଡ଼ିଛି। ସେହିପରି ଘଟଣାରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ୩ ବିଭାଗର ପ୍ରମୁଖ ସଚିବଙ୍କ ସହଆଲୋଚନା କରିଛନ୍ତି। ମହିଳା ଓ ଶିଶୁ ବିଭାଗ, ଉଚ୍ଚଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କ ସହ ଆଲୋଚନା କରିବା ସହ ପୁଲିସ ଡିଜିଙ୍କ ସହ ତଦନ୍ତର ଅଗ୍ରଗତି ସମ୍ପର୍କରେ ମଧ୍ୟ କଥା ହୋଇଥିବା ଜଣାପଡ଼ିଛି। ଏପଟେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

### ନିଲମ୍ବିତ ଅଧ୍ୟକ୍ଷ...

ପରେ ତାଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ରମରେ ସେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ପୁଲିସ ସେଠାରୁ ତାଙ୍କୁ ଗିରଫ କରିଥିଲା। ଏହାସହ ଛାତ୍ରୀଙ୍କ ଭାଇ ମଧ୍ୟ ଅଧ୍ୟକ୍ଷଙ୍କ ନାମରେ ଅଭିଯୋଗ କରିଥିଲେ। କଲେଜ ଅଧ୍ୟକ୍ଷଙ୍କୁ ଗିରଫ କରିବା ସହ ତାଙ୍କ ନାମରେ ବହୁ ସଙ୍ଗୀନ ଦଫା ମଧ୍ୟ ଲଗାଯାଇଛି ବୋଲି ଏସ୍‌ପି ରାଜପ୍ରସାଦ ସୂଚନା ଦେଇଛନ୍ତି। ଗିରଫ ପରେ ଶ୍ରୀ ଘୋଷଙ୍କୁ ସହଦେବଖୁଣ୍ଟା ଥାନାକୁ ନିଆଯାଇଥିଲା। ଆନୁସଙ୍ଗିକ ବିଭାଗୀୟ କାର୍ଯ୍ୟ ସହିତ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି। ଘଟଣା ଘଟିବା ଦିନଠାରୁ ବିଭିନ୍ନ ମହଲରୁ ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଘୋଷଙ୍କ ଗିରଫ ଦାବି କରାଯାଉଥିଲା। ବାରମ୍ବାର ମତ ବଦଳାଇବା ଯୋଗୁଁ ସେ ବିବାଦୀୟ ହୋଇପଡ଼ିଥିଲେ।

### ମୋ’ ଝିଅ ଦେହରେ...

କମିଟି ରିପୋର୍ଟକୁ ବି ତଦାରଖ କରିଥିଲା। ଅନ୍ୟପଟେ, ଛାତ୍ରୀ ଆତ୍ମାହୁତି ଘଟଣାରେ କ୍ରାଇମବ୍ରାଞ୍ଚ ପେଟ୍ରୋଲ ଲିଙ୍କ୍ ଖୋଜୁଛି। ଛାତ୍ରୀ ନିଜ ଦେହରେ ଢାଳିଥିବା ପେଟ୍ରୋଲ କେଉଁଠୁ ଆଣିଲେ। ନା ତାଙ୍କୁ କିଏ ଆଣି ଦେଇଥିଲେ, ସେ ଦିଗକୁ ନେଇ ଖୋଳତାଡ଼ କରୁଛି କ୍ରାଇମ୍‌ବ୍ରାଞ୍ଚ।

ସେପଟେ, ପୀଡ଼ିତାଙ୍କ ସୌମ୍ୟାଶ୍ରୀଙ୍କ ମା’ ଆଜି ଏକ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ସାର୍ ମୋ’ ଝିଅ ଦେହରେ ନିଆଁ ଲଗାଇ ଦେଇଛନ୍ତି। ସିସିଟିଭିରେ ଦେଖିଲୁ ନିଆଁ ଜଳୁଛି। ଛୁଆ ମୋର ଦୌଡ଼ି ଦୌଡ଼ି ଆସିଲା। ତେଣୁ ମୁଁ ଭାବୁଛି ସାର ନିଆଁ ଲଗାଇ ଦେଇଛନ୍ତି। ପ୍ରିନ୍ସପାଲ, ଏଚ୍‌ଓଡ଼ି ପେଟ୍ରୋଲ ଢାଳି ନିଆଁ ଲଗାଇ ମାରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ସେମାନଙ୍କୁ ଫାଶୀ ଦଣ୍ଡ ମିଳିବା ଦରକାର। ଏଚ୍‌ଓଡି ମୋ ଝିଅକୁ ‘ଫେଭର’ ମାଗିବା କଥା ବହୁ ବଳମ୍ବରେ ଜାଣିଲୁ। ସେ ସବୁ କଥା ମନରେ ଚାପି ରଖେ, ଘରେ ପ୍ରକାଶ କରେନି। ସଂପୃକ୍ତ ଅଧ୍ୟାପକଜଣଙ୍କ ଶହଶହ ଝିଅଙ୍କ ଜୀବନ ନଷ୍ଟ ପାଇଁ ପ୍ଲାନ୍ କରୁଥିଲେ। ମୋ ଝିଅ ପ୍ରତିବାଦ କରିବାରୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲେ ବୋଲି ସେ ଅଭିଯୋଗ କରିଛନ୍ତି।

ବଡ଼ କଥା ହେଲା, କଲେଜ ଭିତରକୁ ଏତେ ପରିମାଣର ପଟ୍ରୋଲ କିପରି ଆସିଲା, ଏହାକୁ ପୀଡ଼ିତା ନିଜେ ଆଣିଥିଲେ ନା ଅନ୍ୟ କେହି ତାଙ୍କୁ ଏହି ପେଟ୍ରୋଲ ଆଣି ଦେଇଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ରାଜ୍ୟରେ ଏବେ କୌଣସି ପ୍ଲାଷ୍ଟିକ୍ କିମ୍ବା ଖାଲି ବୋତଲରେ ପେଟ୍ରୋଲ ଟାଙ୍କିରେ ତେଲ ଦେବାକୁ ନିଷିଦ୍ଧ ରହିଛି। ହେଲେ ପୀଡ଼ିତାଜଣଙ୍କ ପଟ୍ରୋଲ କିପରି ପାଇଲେ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ଚେତିଲେ ସରକାର...

କରିବେ। ସେହିପରି ଛାତ୍ରଛାତ୍ରୀଙ୍କ ମଧ୍ୟରେ କର୍ମକ୍ଷେତ୍ରରେ ମହିଳା ଏବଂ ଉଚ୍ଚଶିକ୍ଷାନୁଷ୍ଠାନର ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା ଆଇନ୍ ୨୦୧୩ ସମ୍ପର୍କରେ ସଚେତନ କରିବାକୁ କର୍ମଶାଳା ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କୌଣସି ଅଘଟଣ ଘଟିବା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଇସିସି ଗଠନ ନିର୍ଦ୍ଦେଶ ଦେଇ ପରେ କୌଣସି ପଦକ୍ଷେପ ନେଉ ନଥିବାରୁ ଛାତ୍ରୀଙ୍କ ସୁରକ୍ଷା ନେଇ ବିଭାଗର ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ନଭେମ୍ବରରେ ବାଣୀବିହାରରେ ଜଣେ ଛାତ୍ରୀଙ୍କୁ ଜଣେ ସହକାରୀ ପ୍ରାଧ୍ୟାପକ ଯୌନ ନିର୍ଯ୍ୟାତନା ଦେବା ଘଟଣା ପଦାକୁ ଆସିବା ପରେ ସେପ୍ଟେମ୍ବର ୨୩ ତାରିଖରେ ଆଇସିସି ଗଠନ କରିବାକୁ ବିଭାଗ ନିର୍ଦ୍ଦେଶ ଦେଇଥିଲା। ୭ଦିନ ମଧ୍ୟରେ ଆଇସିସି ଗଠନ କରିବାକୁ କଡ଼ା ତାଗିଦ କରିଥିଲା। ହେଲେ ଏହାର ପ୍ରାୟ ୮ ମାସ ପରେ ମଧ୍ୟ ପ୍ରାୟ ୫୦ ପ୍ରତିଶତରୁ ଅଧିକ ଶିକ୍ଷାନୁଷ୍ଠାନ କାର୍ଯ୍ୟକାରୀ କଲେନାହିଁ। ଫଳରେ ଗତ ମେ ୧୫ ତାରିଖରେ ବିଭାଗ ପକ୍ଷରୁ ପୁନଃ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସତ୍ତ୍ୱେ ଉଚ୍ଚଶିକ୍ଷାନୁଷ୍ଠାଗୁଡ଼ିକ ବେଫିକର ମନୋଭାବ ଜାରି ରଖିଛନ୍ତି। ଫଳରେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗର ତଦନ୍ତ ବେଳେ ଆଇସିସି ନଥିବା ସାମ୍ନାକୁ ଆସୁଛି। ଏପରି ସ୍ଥିତିରେ ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ବିପନ୍ନ ହୋଇପଡ଼ିଥିବା ଅଭିଯୋଗ ହେଉଛି।

### ସୁପ୍ରିମ କୋର୍ଟ...

ଅତ୍ୟନ୍ତ ଚିନ୍ତାଜନକ। ଏହାକୁ ରୋକିବା ଲାଗି ରାସ୍ତା ବାହାର କରାଯାଉ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି କୋର୍ଟ କହିଛନ୍ତି।

ସାମାଜିକ ଗଣମାଧ୍ୟମରେ ଘୃଣ୍ୟ ମନ୍ତବ୍ୟ ଦେଇଥିବା ଅଭିଯୁକ୍ତ ୱଜାହତ ଖାନଙ୍କ ଏକ ପିଟିସନ ଉପରେ ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟରେ ୱଜାହତଙ୍କ ବିରୋଧରେ ଦାଖଲ ହୋଇଥିବା ଏଫଆଇଆର ପରେ ରୋକ୍ ଲଗାଇବାର ତିନି ସପ୍ତାହ ପରେ ଆଜି ମାମଲାର ଶୁଣାଣି ହୋଇଥିଲା। ସୂଚନାଯୋଗ୍ୟ ଯେ ୟୁଟ୍ୟୁବର ସର୍ମିଷ୍ଠା ପାନୋଲିଙ୍କ ଘୃଣ୍ୟ ପୋଷ୍ଟିଂ ବିରୋଧରେ ୱଜାହତ ପୁଲିସରେ ଅଭିଯୋଗ କରିଥିଲେ। ଏହାପରେ ସର୍ମିଷ୍ଠାଙ୍କୁ ଗିରଫ କରାଯାଇଥିଲା। ସର୍ମିଷ୍ଠା ଗିରଫ ହେବାପରେ ବିଭିନ୍ନ ଥାନାରେ ୱଜାହତଙ୍କ ନାମରେ ଏଫଆଇଆର ଦାଖଲ ହୋଇଛି। ୱଜାହତ ଏବେ ବିଚାରବିଭାଗୀୟ ହାଜତରେ ଅଛନ୍ତି।

### ମହାକାଶରୁ ଫେରୁଛନ୍ତି...

ମହାକାଶଯାନରେ ପ୍ରବେଶ କରୁଥିବାର ଦେଖାଯାଇଥିଲା। ସମସ୍ତେ ଘରକୁ ଫେରିବା ପାଇଁ ପ୍ରସ୍ତୁତ ଥିଲେ। ଏହି ପ୍ରତ୍ୟାବର୍ତ୍ତନ ଲାଗି ଡ୍ରାଗନ୍ ଗ୍ରେସ୍ ମହାକାଶଯାନର ହ୍ୟାଚ୍ ଅପରାହ୍ଣ ୨ଟା ୩୭ରେ ଆଇଏସଏସ ସହିତ ସଂଯୋଗ ହୋଇଥିଲା। ଏହା ପରେ କ୍ରୁ ସଦସ୍ୟମାନଙ୍କ ଦ୍ୱାରା ଅନ୍ତିମ ଯାଞ୍ଚ କରାଯାଇଥିଲା। ସୂଚନାଯୋଗ୍ୟ ଯେ ସମସ୍ତ ଚାରିଜଣ ମହାକାଶଚାରୀ ଜୁନ୍ ୨୬ ରେ ଅପରାହ୍ଣ ୪:୦୧ ସମୟରେ ଆଇଏସଏସରେ ପହଞ୍ଚିଥିଲେ। ଏହା ପୂର୍ବଦିନ ମଧ୍ୟାହ୍ନ ୧୨ଟାରେ ସମସ୍ତେ କେନେଡି ସ୍ପେସ୍ ସେଣ୍ଟରରୁ ଯାତ୍ରା ଆରମ୍ଭ କରିଥିଲେ। ଯାନ୍ତ୍ରିକ ତ୍ରୁଟି ଏବଂ ଖରାପ ପାଗ ଯୋଗୁଁ ଏହି ମିଶନକୁ ୬ ଥର ସ୍ଥଗିତ ରଖାଯାଇଥିଲା। ପ୍ରତ୍ୟାବର୍ତ୍ତନ ତାରିଖ ମଧ୍ୟ ଥରଟେ ବଦଳା ଯାଇଥିଲା।

### ନିଶା ଇଞ୍ଜେକସନ୍...

ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ। ଖବର ପାଇ ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ସାହା ସଦଳବଳେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କଠାରୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ପୀଡ଼ିତାଙ୍କ ବୟାନ ଆଧାରରେ ପୁଲିସ ଘଟଣାସ୍ଥଳରୁ ଆରମ୍ଭ କରି ସହରର ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିଛି। ଏପରିକି, ମହିଳାଙ୍କ ବୟାନ ଆଧାରରେ ମହିଳା ଥାନାର ସିସିଟିଭି ଫୁଟେଜ୍‌କୁ ମଧ୍ୟ ଯାଞ୍ଚ କରିଛି। ଅନ୍ୟ ଏକ ଟିମ ଗଞ୍ଜାମ ଥାନା ଅଞ୍ଚଳରେ ତଦନ୍ତ ଜାରି ରଖିଛି। ଘଟଣାକୁ ନେଇ ପୀଡ଼ିତା ଥାନାରେ କୌଣସି ଲିଖିତ ଅଭିଯୋଗ କରିନଥିଲେ ହେଁ ଏତଲା ଦେଲେ ପୁଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଥାନା ଅଧିକାରୀ କହିଛନ୍ତି।

### ଦୁଇ ଦିନ...

ସମେତ ଝାରଖଣ୍ଡ ଓ ଛତିଶଗଡ଼ରେ ବର୍ଷା ବଢ଼ିବ। ଏହି ସମୟରେ କିଛି କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ଓ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ଫଳରେ ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ବୈତରଣୀ ଆଦି ନଦୀ ଅବବାହିକାରେ ପୁଣି ବର୍ଷାର ଆଶଙ୍କା ରହିଛି। ସାଧାରଣତଃ ଅବପାତର ଦକ୍ଷିଣ ଭାଗରେ ଅଧିକ ବର୍ଷା ହୋଇଥାଏ। ତେଣୁ ରାଜ୍ୟର ବିଭିନ୍ନ ସ୍ଥାନରେ ଅଧିକ ବର୍ଷା ଆଶଙ୍କା ରହିଛି। ଏହା ସହିତ ଅବପାତ ପ୍ରଭାବରେ ବର୍ଷା ଯୋଗୁଁ ବନ୍ୟା ଜନିତ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ରାଜ୍ୟରେ ପ୍ରବଳ ବର୍ଷା ପାଇଁ ସାରା ଓଡ଼ିଶାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ ଉତ୍ତର ଓ ପଶ୍ଚିମ ଓଡ଼ିଶାର ୬ ଜିଲ୍ଲା ଯଥା ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହିସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ।

### ନିଜଆଡ୍ରୁ ଶୁଣାଣି...

ଫିଡର ଲାଇନରେ ଡିଟି ମିଟର ଲଗାଇବା ଫଳରେ ଏକାଧିକ ଫାଇଦା ମିଳିଥାଏ। ଡିଟି ମିଟର ଲାଗିବା ଫଳରେ ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ପ୍ରବାହକୁ ମାପିବାରେ ସହାୟକ ହୋଇଥାଏ। ବିଶେଷକରି କେଉଁ ଅଞ୍ଚଳରେ କେଉଁ ଟ୍ରାନ୍ସଫର୍ମର ଉପରେ କେତେ ଲୋଡ ରହିଛି, କେତେ ଅତିରିକ୍ତ ବିଦ୍ୟୁତ୍‌ର ଆବଶ୍ୟକତା ରହିଛି, ତାହା ଡିଟି ମିଟରରୁ ସହଜରେ ଜଣାପଡ଼ିଯିବ। ଏପରିକି କେଉଁ ଅଞ୍ଚଳରେ ଯଦି ଉପଭୋକ୍ତା ଅବୈଧ ଭାବରେ ବିଦ୍ୟୁତ୍ ସଂଯୋଗ ନେଇଥାନ୍ତି, ତାହା ମଧ୍ୟ ଏହି ଡିଟି ମିଟରରୁ ସହଜରେ ଧରି ହେବ। ନିର୍ଦ୍ଦିଷ୍ଟ ଅଞ୍ଚଳକୁ କେତେ ପରିମାଣର ବିଦ୍ୟୁତ୍ ଦିଆଯାଇଛି, କେତେ ବିଦ୍ୟୁତ୍ ଚୋରି ହେଉଛି ତାହା ଏଥିରୁ ସହଜରେ ଜଣା ପଡୁଥିବା ବେଳେ ଲୋ-ଭୋଲଟେଜ ଏବଂ ବିଜୁଳି କାଟରୁ ମଧ୍ୟ ଗ୍ରାହକଙ୍କୁ ଆଶ୍ୱସ୍ତି ପ୍ରଦାନ କରିପାରିବ। ମାତ୍ର ଏକ୍ଷେତ୍ରରେ ବିତରକ କମ୍ପାନୀ ଅବହେଳା କରିଥିବା ଅଭିଯୋଗ ହୋଇଛି।

### ଜଷ୍ଟିସ ମାନସ ପାଠକ...

ସରକାରୀ ଆଇନ କଲେଜରୁ ଏଲଏଲବି. ଡିଗ୍ରୀ ହାସଲ କରିଥିଲେ। ୧୯୯୦ ମସିହା ସେପ୍ଟେମ୍ବର ୧୨ରେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ ଏବଂ ଅରୁଣାଚଳପ୍ରଦେଶର ବାର୍ କାଉନସିଲରେ ଆଇନଜୀବୀ ଭାବେ ପଞ୍ଜିକୃତ ହୋଇଥିଲେ। ଦୀର୍ଘ ଦୁଇ ଦଶନ୍ଧି ଧରି ସେ ମୁଖ୍ୟତଃ ଦେୱାନୀ, ସାମ୍ବିଧାନିକ, ଭୂମି ଅଧିଗ୍ରହଣ ଏବଂ ସେବା ମାମଲାରେ ଓକିଲାତି କରିବା ସହ ଆସାମ ସରକାରଙ୍କ ଷ୍ଟାଣ୍ଡିଂ କାଉନସେଲ୍ ମଧ୍ୟ ରହିଥିଲେ। ୨୦୧୩ ମେ’ ୨୨ରେ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବରେ ତାଙ୍କୁ ନିଯୁକ୍ତ କରାଯାଇଥିଲା। ୨୦୧୮ ନଭେମ୍ବର ୧୨ରୁ ସେ ଗୌହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ କାର୍ଯ୍ୟରତ ରହିଛନ୍ତି। ଜଷ୍ଟିସ୍ ପାଠକଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୨୦କୁ ବୃଦ୍ଧି ପାଇବ।

■ ପ୍ରେମୀଯୁଗଳଙ୍କୁ ‘ବଳଦ ଦଣ୍ଡ’ ଘଟଣା

# ତଦନ୍ତ କଲେ ଦକ୍ଷିଣାଞ୍ଚଳ ରାଜସ୍ୱ ଉପନିର୍ଦ୍ଦେଶକ



ନାରାୟଣପାଟଣା, ୧୪।୭(ସମିସ): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ପେଦାଇଟିକି ଗାଁରେ ପ୍ରେମୀଯୁଗଳଙ୍କୁ ବଳଦ କରି ଗାଁ ଦାଣ୍ଡରେ ହଳ ବୁଲେଇବା ଘଟଣାରେ ଦକ୍ଷିଣାଞ୍ଚଳ ରାଜସ୍ୱ ଉପନିର୍ଦ୍ଦେଶକ ତଦନ୍ତ କରିଛନ୍ତି। ପ୍ରଥମେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ, ତହସିଲଦାର ବ୍ଲକ ଅଧ୍ୟକ୍ଷ, ଥାନା ଆଇଆଇସି ସେହି ଗ୍ରାମରେ ପହଞ୍ଚି ପ୍ରେମୀଯୁଗଳଙ୍କ ପରିବାର ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ। ଘଟଣା କିପରି ଘଟିଲା, ଗାଁ ଲୋକଙ୍କ ଚାପରେ ଏପରି କରାଯାଇଥିଲା ନା ଆଦିବାସୀ ପ୍ରଥା ଅନୁସାରେ ଏପରି କରାଯାଇଥିଲା; ସେ ସମ୍ପର୍କରେ ମତାମତ ସଂଗ୍ରହ କରାଯାଇଥିଲା। ପରେ ପ୍ରଶାସନ ତରଫରୁ ଦୁଇ ଗାଁର ଲୋକଙ୍କୁ ଡାକି ଏକ ବୈଠକ କରି ଶପଥ ପାଠ କରାଯାଇଥିଲା। ପରେ ଦକ୍ଷିଣାଞ୍ଚଳ ରାଜସ୍ୱ ବିଭାଗ ଉପନିର୍ଦ୍ଦେଶକ ଅଶୋକ ଶତପଥୀ ଗ୍ରାମରେ ପହଞ୍ଚି ତଦନ୍ତ କରିବା ସହ ଆଗକୁ ଯେପରି ଏପରି ଘଟଣା ନଘଟେ, ସେନେଇ ସେଚତନ କରିଥିଲେ।

# ବିସ୍ଫୋରଣରେ ୩ ଗୁରୁତର

ମାଲକାନଗିରି, ୧୪।୭(ସମିସ): ଜଙ୍ଗଲଭିତରେଛତୁସଂଗ୍ରହକରିବାଲାଗି ଯାଇଥିବା ବେଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି ବୋମା ବିସ୍ଫୋରଣ ହେବାରୁ ୩ ଗ୍ରାମବାସୀ ଆହତ ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ଜଣେ ନାବାଳିକା ରହିଛନ୍ତି। ସମସ୍ତଙ୍କୁ ବିଜାପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ଉସୁର ଥାନା ଅନ୍ତର୍ଗତ ଧନଗୋଲ ଗାଁରେ ଏହି ଅଘଟଣ ଘଟିଛି। ସୂଚନାଯୋଗ୍ୟ, ଗୋଟିଏ ଆଦିବାସୀ ପରିବାରର ତିନି ଜଣ ସଦସ୍ୟ ଧନଗୋଲ ଗାଁ ନିକଟସ୍ଥ ଜଙ୍ଗଲରେ ଛତୁ ସଂଗ୍ରହ କରିବା ଲାଗି ଯାଇଥିବା ବେଳେ ମାଓବାଦୀମାନେ ପୂର୍ବରୁ ଲଗାଇଥିବା ଏକ ଆଇଇଡି ଉପରେ ଗୋଡ଼ ପଡ଼ିବା ମାତ୍ରେ ବିସ୍ଫୋରଣ ହୋଇଥିଲା।


**NOTICE**

That the Partnership firm **M/s S B Agro Industry,** bearing Regd. No. **854 of 2017,** having its principal place of business At-Laitara, Po/Ps-Titilagarh, Dist- Balangir, Odisha has been reconstituted with effect from **24th April 2025** as follows.

1. Amit Agrawal : Existing Partner
2. Komal Agrawal : Incoming Partner
3. Sampada Devi Agrawal : Retiring Partner (Deceased Partner)

**Amit Agrawal (Managing Partner)**

Email : eerw_jharsuguda@yahoo.co.in
Tel. : 06645-271643

Government of Odisha,
Office of the Superintending Engineer,
Rural Works Division, Jharsuguda
Bid Identification No. Online - SEJSG - 03 of 2025-26
**NOTICE INVITING TENDER FOR BUILDING WORK IN ODISHA**
NATIONAL COMPETITIVE BIDDING THROUGH e-Procurement

| | | |
|---|---|---|
| 1. | Name of the work | Building Works as per DTCN available in the www.tendersorissa.gov.in |
| 2. | Total No. of Work | 01 (One) No. |
| 3. | Estimated Cost | Rs. 19.31 Lakh |
| 4. | Period of completion | 03 (Three) Calender Months |
| 5. | Period and Time of availability of bid document in the portal for bidding | Dt. **15.07.2025** at 11.00 A.M. to **28.07.2025** upto 05.00 P.M. |
| 6. | Date and Time of bid opening | Dt. **29.07.2025** at 11.00 A.M. |
| 7. | Name and address of the officer inviting Bid | S.E., R.W. Division, Jharsuguda |

(1) Other details can be seen from Detailed notice Inviting Tenders, available in website www.tendersorissa.gov.in
(2) Corrigendum if any shall only be published in the above website.

Sd/- Superintending Engineer
R.W. Division, Jharsuguda

O-415 OIPPR - 25104/11/0034/2526

**WORKS DEPARTMENT OFFICE OF THE SUPERINTENDING ENGINEER, BHADRAK (R&B) DIVISION**
**Email: bhadrakrnbdivision@gmail.com**
**Government of Odisha “e” Procurement Notice**
**Bid Identification No. SE (R&B) BDK-6 / 2025-26**

No. 54731 dt. 11.07.2025
Nature of work: Civil Works
Number of works: 5 (Five) Nos
Amount put to Tender: ₹16.60 to ₹87.97
Class of Contractor: B Class, B&C, C&D Class
Date & Time of availability of bid document on portal: **21.07.2025 at 11:00 AM**
Last Date / Time of receipt of bid in the portal: **30.07.2025 up to 05:00 PM**
Date of opening of bid: **31.07.2025 at 11:30 AM**
Name & address of the Office inviting bid:Superintending Engineer, Bhadrak (R&B) Division
The Bidders must participate in ONLINE bidding only.
Further details available at the e-procurement portal: **http://tendersodisha.gov.in**
All future corrigendum will be available ONLINE only.

Sd/- Superintending Engineer
Bhadrak (R&B) Division

B-300 OIPR - 34079/11/0025/2526

**NOTICE (for minor)**

By virtue of an affidavit sworn before Notary public, Balasore, Sl. No.-75/3, Date- 26/06/2025. I, Phulamani Singh, Adress- At-San Maitapur, Po- Maitapur, Ps-Bhadrak, Dist-Bhadrak, Odisha, Pin- 756111 declare that I have changed the name of my son from **Kanha Singh** (Old Name) to **Raghunath Singh** (New Name). Henceforth, he shall be known as **Raghunath Singh** (New Name) for all purposes.
Sd/- Phulamani Singh

**AFFIDAVIT**

By virtue of an affidavit sworn before Executive Magistrate, PURI, dated 02/04/2025. I, OSAPILI CHITAMA, Address: VTC-PENTHAKATA, P.S.–SEA BEACH, PURI declare that I have changed my name from **VASIPILLI RAJILU** to **OSAPILI CHITAMA** Henceforth, I shall be known as **OSAPILI CHITAMA** for all purposes.
Sd/- OSAPILLI RAVANA

**AFFIDAVIT**

**By the virtue of an affidavit sworn before The Notary Public, Bhubaneswar dated on 03-07-2025 , I Naima Bibi address At - Danagahira , PS - Pipili , Dist - Puri , Odisha presently residing at Jharapada, PO - Budheswari , PS - Laxmi Sagar, Bhubaneswar, Pin - 751006 declare that I have changed my name from Naimabi Siraj Khan to Naima Bibi I Henceforth I shall be known as Naima Bibi for all purposes.**
Sd- Naima Bibi

**NOTICE**

By virtue of an affidavit sworn before the Executive Magistrate, Keonjhar, dated 7th July 2025, I, Pabitra Kumar Mahanta, Address: At- Sahartangiri, Po-Masinajodi, PS- Pandapada, Dist- Keonjhar, Odisha, India, Pin Code- 758079, do hereby declare that I have changed the name of my son from **Bal Krishna Mahanta** to **Sai Krishna Mahanta.** Henceforth, he shall be known as **Sai Krishna Mahanta** for all purposes.
Sd/- Pabitra Kumar Mahanta

**AFFIDAVIT**

By virtue of an affidavit sworn before Executive Magistrate, PURI, dated 02/04/2025. I, OSAPILLI RAVANA, Address: VTC-PENTHAKATA, P.S.–SEA BEACH, PURI declare that I have changed my name from **VASIPILLI RAMALAKSHIMI** to **OSAPILLI RAVANA** Henceforth, I shall be known as **OSAPILLI RAVANA** for all purposes.
Sd/- OSAPILLI RAVANA

**AFFIDAVIT**

By virtue of an affidavit sworn before NOTARY PUBLIC, PURI, dated 20/06/2025. I, BIKRAM SWAIN, Address: MADHUBAN ICHHAPUR, PS - SATYABADI declare that I have changed the name of my son from **SURYA SWAIN** to **ABHIJIT SWAIN** Henceforth, he shall be known as **ABHIJIT SWAIN** for all purposes.
Sd/- ABHIJIT SWAIN

**AFFIDAVIT**

By virtue of an affidavit No. 222, dated 11.07.2025 before the Notary, Semiliguda, Dist.- Koraput, Odisha, I, Bandana Devi, have changed my son's name and his father's name from Sanu Gupta, Father- **Guljar Gupta** to **Ronak Sah**, Father-Guljari Sah, as per Aadhaar Card No. 8180 1620 9374 respectively. Henceforth, he will be known as **Ronak Sah**, S/o Guljari Sah, for all purposes.
Sd/- Bandana Devi

**AFFIDAVIT**

By virtue of an affidavit sworn before Executive Magistrate, CHATRAPUR, GANJAM, dated 04/03/2025. I, D LACHIMI, Address: BASANAPALLI, CHATRAPUR declare that I have changed the name of my son from **D RAMAN REDDY** to **D ROHIT REDDY** Henceforth, he shall be known as **D ROHIT REDDY** for all purposes.
Sd/- D ROHIT REDDY

**AFFIDAVIT**

By virtue of an affidavit before the Notary Public, Titilagarh, on dated-03/05/2025. I, **Taruni Naik,** formerly known as **Jyosna Chhura,** W/o Arjun Chhura, At. Balpadar, PO. Binekela, PS. Titilagarh, Dist. Bolangir, Odisha, PIN: 767033 now residing at the same place affirm that I have changed my name from **Jyosna Chhura** (old name) **to Taruni Naik** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Taruni Naik** (new name).
**Taruni Naik**

**AFFIDAVIT**

By virtue of an affidavit sworn before the Executive Magistrate, Kanika on dtd- 30/06/2025. I Rimalee Biswal, D/o- Rabinarayan Biswal, resident of Village- Ganja, Po/Ps- Rajkanika, Dist- Kendrapada, Odisha. My actual name is **Rimalee Biswal** & DOB-**19.10.2003** but unfortunately in my Aadhar Card No- 7868 7979 7170 in which my name and DOB has been wrongly recorded as **Riman Biswal** and DOB is **15/04/2003**. I declare that **Rimalee Biswal** and DOB- **19/10/2003** and **Riman Biswal** and DOB- **15/04/2003** is one and same person for all purposes.
**Rimalee Biswal**

**AFFIDAVIT**

By virtue of an affidavit no 4593 before the Executive Magistrate, Champua on dated- 14/07/2025. I, **Makardhwaj Naik,** S/o- Kushadhar Naik, resident of At- Satahalia, PO- Jamudalak, PS- Champua, Dist- Keonjhar, PIN- 758041, Odisha have changed my minor son's name from **Malya Naik** (old name) to **Malaya Naik** (new name). Henceforth, he shall be known as **Malaya Naik** (new name) for all future purposes.
**Makardhwaj Naik**

**AFFIDAVIT**

By virtue of an affidavit before the Executive Magistarte, Titilagarh, on dated- 11/07/2025. I, **Neelima Hota,** W/o- Omkar Hota, permanent resident of RTO Chowk, PO: Balangir, PS: Town, Balangir, Odisha at present residing At/Po/Ps- Titilagarh, Dist-Balangir, Odisha affirm that after marriage I have changed my name from **Neelima Panigrahi** (old name) to **Neelima Hota** (new name). Henceforth, I will be known as **Neelima Hota** (new name), W/o- Omkar Hota for all future purposes.
**Neelima Hota**

**AFFIDAVIT**

I Jyotirmayee Kanungo, W/o- Asim Mohanty, resident of Friends Colony, Ps-Manglabag, Dist-Cuttack, Pin-753001, Odisha declare that by this affidavit Sl No.210, dtd. 12/07/2025 that now onwards I shall be known as **Jyotirmayee Kanungo** for all future purposes.

# ଚାଟିକଣାରେ ବୋଲବମ୍ ଭକ୍ତଙ୍କ ସମାଗମ



ବିଷମକଟକ,୧୪।୭ (ସମିସ):

ପବିତ୍ର ଶ୍ରାବଣ ମାସ ପ୍ରଥମ ସୋମବାର ଉପଲକ୍ଷେ ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଚାଟିକଣା ପର୍ଯ୍ୟଟନ ସ୍ଥଳୀରେ ହଜାର ହଜାର କାଉଡିଆଙ୍କ ସମାଗମ ହୋଇଛି। ରବିବାରଠାରୁ ସୋମବାର ସକାଳ ପର୍ଯ୍ୟନ୍ତ ବିଭିନ୍ନ ପ୍ରାନ୍ତରୁ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ବୋଲବମ୍ ଭକ୍ତ ଚାଟିକଣାରେ ପହଞ୍ଚିବା ପରେ ପାତାଳେଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଜଳାଭିଷେକ କରିଛନ୍ତି। ରାୟଗଡା ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାର କାଉଡିଆ ମାନେ ମାଇଲ ମାଇଲ ଦୂରରୁ ଚାଲି ଚାଲି ଚାଟିକଣାରେ ପହଞ୍ଚିଥିବା ଦେଖିବାକୁ ମିଳିଛି। ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ କୁ ଦୃଷ୍ଟି ରେ ରଖି ମନ୍ଦିର ପରିଚାଳନା କମିଟି ଓ କଳାହାଣ୍ଡି ରୂପରା ରୋଡ଼ର ମାରବାଡ଼ି ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ମନ୍ଦିର ନିକଟରେ କାଉଡିଆଙ୍କ ନିମନ୍ତେ ରହିବା ବନ୍ଦୋବସ୍ତ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବିଷମ କଟକ ପୁଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି ବିଷମ କଟକ ସହରର ନାଗେଶ୍ୱର, ତୁମ୍ବେଶ୍ୱର, ନୀଳକଣ୍ଠେଶ୍ୱର, ପାତାଳେଶ୍ୱର ମନ୍ଦିରରେ ମଧ କାଉଡିଆ ମାନେ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି।

# ୱେବ୍ ସାମ୍ବାଦିକଙ୍କୁ ହତ୍ୟା ଘଟଣା, ଲୁଟ୍ ଗାଡି ଉଦ୍ଧାର



କାଳିମେଳା,୧୪।୭ (ସମିସ): ମାଲକାନଗିରି ଜିଲ୍ଲାରେ ଜଣେ ୱେବ୍ ସାମ୍ବାଦିକଙ୍କୁ କିଛି ଦୁର୍ବୃତ୍ତ ହତ୍ୟା କରିବା ଘଟଣାର ତଦନ୍ତ ଜାରି ରହିଥିବା ବେଳେ ତାଙ୍କୁ ଛଡାଇ ନେଇଥିବା କାରଟି ଖୋଜି ବାହାର କରିଛି ପୋଲିସ୍। ହତ୍ୟାର ଦୁଇ ଦିନ ପରେ କାର୍‌ଟିକୁ ୩୨୬ ନମ୍ବର ଜାତୀୟ ରାଜପଥର ମହାରାଜପଲ୍ଲୀ ରାସ୍ତା କଡରୁ ଠାବ କରିଛି ମୋଟୁ ଓ ଏମ୍ ଭି-୭୯ ପୋଲିସ। ସୂଚନା ଥାଉ କି ଗତ ଶନିବାର ଦିନ ସନ୍ଧ୍ୟା ସମୟରେ ମୁରଲୀଗୁଡା ଗ୍ରାମ ନିକଟରେ ୩ ଜଣ ସାମ୍ବାଦିକ ଓ ୨ ଜଣ ଯୁବକ ବାର୍ତ୍ତାଳାପ କଲା ବେଳେ ଦୁଇଟି ମୋଟର ସାଇକେଲରେ ୫ ଜଣ ଦୁର୍ବୃତ୍ତ ଆସି ହଠାତ୍ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଜଣେ ୱେବ୍ ଚ୍ୟାନେଲ୍ ସାମ୍ବାଦିକ ସି.ଏଚ ନରେଶଙ୍କ ମୃତ ଘଟିଥିଲା। ଘଟଣାସ୍ଥଳରୁ ସାମ୍ବାଦିକମାନଙ୍କ କାରକୁ ମଧ ଦୁର୍ବୃତ୍ତ ମାନେ ଛଡାଇ ନେଇଥିଲେ। ତେବେ ଦୁଇ ଦିନ ପରେ ଉକ୍ତ କାରଟିକୁ ମହାରାଜପଲ୍ଲୀ ରାସ୍ତା କଡରୁ ପୋଲିସ୍ ଠାବ କରିବା ସହ ଅଧିକ ତଦନ୍ତ ଜାରି ରହିଥିବା ମୋଟୁ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଏହି ଘଟଣାକୁ ମାଲକାନଗିରି ପୋଲିସ ବେଶ୍ ଗୁରୁତର ସହ ନେଇ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ, ଅତିରିକ୍ତ ଏସପି ଓ ଅନ୍ୟ ପୋଲିସ ଅଧିକାରୀ ମାନେ ତଦନ୍ତ କରୁଥିବା ବେଳେ ସାଇଣ୍ଟିଫିକ ଟିମ ମଧ ଘଟଣାର ତଦନ୍ତ କରିଛି। ଏହି ଘଟଣା ପଛରେ ଅନେକ ରହସ୍ୟ ରହିଥିବା ଅନୁମାନ କରାଯାଉଥିବା ବେଳେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି।

# ମଲ୍ଲିକେଶ୍ୱର ମହାଦେବ ମନ୍ଦିରରେ ନାଗ ସାପ

ପଦ୍ମପୁର,୧୪।୭ (ସମିସ):



ଶ୍ରାବଣ ମାସର ପ୍ରଥମ ସୋମବାର ଦିନ ମଲ୍ଲିକେଶ୍ୱର ମହାଦେବଙ୍କ ମନ୍ଦିରରେ ଏକ ନାଗ ସାପ ମନ୍ଦିର ବୁଲିବା ଦୃଶ୍ୟ ଲୋକଙ୍କ ମନରେ ଅଧ୍ୟାତ୍ମିକତା ଭରି ଦେଇଛି। ଏହି ନାଗ ସାପକୁ ଲୋକେ ଦୁଇଘଣ୍ଟା ଧରି ଦେଖିବାକୁ ପାଇଥିଲେ। ଶ୍ରାବଣ ମାସର ସୋମବାରରେ ରାୟଗଡ଼ା ଜିଲ୍ଲା ପଦ୍ମପୁରର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁ ଓ ବୋଲବମ ଭକ୍ତଙ୍କ ଭିଡ଼ ଜମିଥିଲା। ବୋଲବମ ଭକ୍ତ ମାନେ ରୀତିନୀତି ଅନୁସାରେ ଗୁମୁଡ଼ା ବଂଶଧାରା ନଦୀ ଏବଂ ଗୁଣପୁର ସଙ୍ଗମ ସ୍ଥଳରୁ ବାଲୁକା ପୂଜାର୍ଚ୍ଚନା କରି ଜଳଆଣି ପଦ୍ମପୁରର ପ୍ରସିଦ୍ଧ ଏତିହାସିକ ଶୈବପୀଠ ଧବଳେଶ୍ୱର , ନିଳକଣ୍ଠେଶ୍ୱର ଓ ମଲ୍ଲିକେଶ୍ୱର, ଧବଳେଶ୍ୱର, ପୁତୁକେଶ୍ୱର ମନ୍ଦିରରେ ଜଳାଭିଷେକ କରିଥିଲେ। ଦକ୍ଷିଣ ଓଡ଼ିଶାର ମନ୍ଦିର ମାଳିନୀର ସ୍ୱତନ୍ତ୍ର ପୀଠ ହେତୁ ଏହି କ୍ଷେତ୍ରକୁ ଲୋକେ ଧର୍ମ କିର୍ତ୍ତୀ କ୍ଷେତ୍ର ବୋଲି କହିଥାନ୍ତି। କ୍ଷେତ୍ର ସ୍ଥାଳୀ ବା ମଲ୍ଲିକେଶ୍ୱର ମନ୍ଦିର ଠାରେ କିଛି ଅଲୌକିକ ଘଟଣା ମଧ ଦେଖିବାକୁ ମିଳିଛି। ଗୋଟିଏ ନାଗ ସାପ ବେଳେ ବେଳେ ଏହି ମନ୍ଦିରକୁ ଆସି ମହାଦେବଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଦର୍ଶନ କରି ମନ୍ଦିର ଓ ଶିବ ଲିଙ୍ଗ ପାଖରେ ରହୁଥିବା ଦେଖିବାକୁ ମିଳିଛି। ସେବକ ସନ୍ତୋଷ ରଣା ଆଜି ପ୍ରାତଃରୁ ମହାଦେବଙ୍କ ପୂଜା କରିବାକୁ ଆସିବା ବେଳେ ମହାପ୍ରଭୁଙ୍କ ପାଖରେ ଜୀବନ୍ତ ନାଗଦେବତା ଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଜ୍ୟୋତିର୍ବିଦ୍ ପ୍ରଦୀପ କୁମାର ବାହିନୀପତି କହିଛନ୍ତି ଯେ, ମଲ୍ଲିକେଶ୍ୱର ମହାଦେବଙ୍କ ମହିମା ଅନେକ। ଏହି ଶୈବପୀଠ ଅଷ୍ଟମ ଶତାବ୍ଦୀର ଶୈବପୀଠ। ଏକମାସ ହେବ ସନ୍ଧ୍ୟା ସମୟରେ ଦୀପ ପ୍ରଜ୍ୱଳନ ପାଇଁ ଆସୁଥିବା ଭକ୍ତମାନେ ଠାକୁରଙ୍କ ପାଖରେ ଜୀବନ୍ତ ନାଗଦେବତା ଦେଖିଥିବା ଆଗରୁ ଶୁଣି ବାକୁ ପାଇଥିବା ବେଳେ ଆଜି ସମସ୍ତେ ଦେଖିଥିବା ସେ କହିଛନ୍ତି।

# କାଠ ବୋଝେଇ ଟ୍ରକ୍ ଅଟକ

ମାଲକାନଗିରି,୧୪।୭ (ସମିସ): ମାଲକାନଗିରି ବନ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଏକ କାଠ ବୋଝେଇ ଟ୍ରକ୍‌କୁ ଅଟକ ରଖିଛି। ଗାଡି ନମ୍ବର ସିଜି ୦୪ ଏନ ଏକ୍ସ ୧୭୦୬ରେ



ନିଳଗିରି କାଠ ସହ କିଛି ଚାକୁଣ୍ଡା କାଠ ବେଆଇନ ଭାବେ ଚାଲାଣ ହେଉଥିବା ସୂଚନା ମିଳିଛି। ଉକ୍ତ ଚାକୁଣ୍ଡା ଗଛ ଗୁଡିକ ବନବିଭାଗ ଅଧିକୃତ ଅଞ୍ଚଳରୁ ଆସିଥିବା ଜଣାପଡିଛି। ବନବିଭାଗ ପକ୍ଷରୁ ଗାଡି ଯାଞ୍ଚ କରାଯାଇଥିବା ବେଳେ ଉକ୍ତ ଟ୍ରକ ଚାକୁଣ୍ଡା କାଠର କିଛି ନଥିପତ୍ର ବନ ବିଭାଗକୁ ନ ଦେଖାଇବାରୁ ଗାଡିକୁ ଅଟକ ରଖାଯାଇଥିବା ଜଣାପଡିଛି। ଉକ୍ତ ଚାକୁଣ୍ଡା ଗଛ ଗୁଡିକ ନିଜସ୍ୱ ଜମିରୁ କଟା ଯାଇଛି ନା ଜଙ୍ଗଲ ଜମିରୁ କଟାଯାଇଛି। ଯଦି ନିଜସ୍ୱ ଜମିରୁ କଟାଯାଇଛି ତେବେ, ରାଜସ୍ୱ ନିରୀକ୍ଷକ ଓ ବନବିଭାଗ ଅଧିକାରୀଙ୍କ ମିଳିତ ଯାଞ୍ଚରେ ହୋଇଛି କି ନାହି ସେ ବାବଦରେ ବନବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ଆବଶ୍ୟକ ନଥିପତ୍ର ପାଇବା ପରେ ହିଁ ଉକ୍ତ ଟ୍ରକକୁ ଯିବାକୁ ଅନୁମତି ଦିଆଯିବ ବୋଲି ମାଲକନଗିରି ବନାଞ୍ଚଳ ଅଧିକାରୀ ପ୍ରକାଶ କରିଛନ୍ତି।

■ ନିୟମଗିରି ଡଙ୍ଗରିଆଙ୍କ ମେଳି

# ଏକତ୍ରିତ ହେଲେ ୧୧୨ ପଦର ଗ୍ରାମବାସୀ

କଲ୍ୟାଣସିଂହପୁର,୧୪।୭ (ସମିସ):



ବେଦାନ୍ତ କମ୍ପାନୀ ବିରୋଧରେ ଏକତ୍ରିତ ହେଲେ ୧୧୨ ପଦର ଗ୍ରାମବାସୀ। ବିଗତ ଦିନରେ ବେଦାନ୍ତର ଦଲାଲ ମାନେ ଟଙ୍କା ଲାଭରେ ବେଦାନ୍ତ କମ୍ପାନୀକୁ ନିୟମଗିରିର ଖଣି ଦେଲେ ଗାଁ ବିକାଶ ହେବ ବୋଲି ରାଲି କରିଥିଲେ। ଏହାକୁ ବିରୋଧ କରି ନିୟମଗିରି ସଂଗଠନ ମଜଭୁତ କରିବା ପାଇଁ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ପାରସାଲି ପଞ୍ଚାୟତର ସଦର ହାଟପଦା ନିକଟରେ ସମସ୍ତେ ଏକତ୍ରିତ ହୋଇଥିବା ଦେଖିବାକୁ ମିଳିଛି। ଏହି ଏକତ୍ରିତ ସଭାରେ ୧୧୨ ପଦରର ଗ୍ରାମରେ ପ୍ରତ୍ୟେକ ଗ୍ରାମର ଜଣକୁ ମେମ୍ବର କରାଯାଇଛି। ଯେ କୌଣସି ସମସ୍ୟା ହେଲେ, କମିଟିରେ ଥିବା ସଦସ୍ୟ ଗାଁରେ ବସି ଲୋକଙ୍କ ସହ ଆଲୋଚନା କରି ନିୟମଗିରି ସଂଗଠନର ସଭାପତିଙ୍କ ନିକଟରେ ପ୍ରସ୍ତାବ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ସମସ୍ୟାକୁ କମିଟି ସମାଧାନ କରିବ ବୋଲି ନିଷ୍ପତ୍ତି ନେଇଛନ୍ତି। ପୁଣି ଗ୍ରାମସଭା କିମ୍ବା ପଲ୍ଲୀସଭା ହେଲେ, ଲାଞ୍ଜିଗଡ଼ରେ ଥିବା କମ୍ପାନୀ ସହିତ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଲଢେଇ କରିବାକୁ ନିଷ୍ପତ୍ତି ହୋଇଛି। ଜୀବନ ପଛେ ଯାଉ ଭିଟାମାଟିକୁ ଛାଡ଼ିବୁ ନାହିଁ ବୋଲି ଡଙ୍ଗରିଆ ମାନେ କହିଛନ୍ତି।

# ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଚନ୍ଦ୍ରପୁର,୧୪।୭ (ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସରଡ଼ା ଗ୍ରାମପଞ୍ଚାୟତ ପରିସରରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅନିତା ଶବରଙ୍କ ଅଧକ୍ଷତାରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବଗାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧିକ୍ଷଣ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର , ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଳକୃଷ୍ଣ ବିହାରୀ, କମ୍ପ୍ୟୁଟର ପ୍ରୋଗ୍ରାମର ଗୋପିନାଥ ମହାଙ୍କୁଡ, ମେଡ଼ିକାଲ ଏସଟିଏସ, ପି ଗୁସ୍ତାପା, ରାଜସ୍ୱ ନିରୀକ୍ଷକ ନୀଳାଞ୍ଚଳ ଗୌଡ଼, ବିଏସଏସର ବିକାଶ ନାୟକ, ୱାର୍ଡ ମେମ୍ବର ପ୍ରହଲ୍ଲାଦ ଚନ୍ଦିରୀଆଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ହୋଇଥିଲା। ଆଜିର ଅଭିଯୋଗ ଶୁଣାଣିରେ ମାତ୍ର ଦୁଇଟି ଅଭିଯୋଗ ହୋଇ ଥିଲା। କାରଣ ପୂର୍ବ ଦିନରେ ଦେଇଥିବା ଅଭିଯୋଗ ଗୁଡ଼ିକର ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନଥିବାରୁ ଲୋକେ ସମାଲୋଚନା କରିଥିଲେ। ଜନଶୁଣାଣି ଶିବିରରେ କୌଣସି ଲାଇନ୍ ବିଭାଗର ଅଧିକାରୀ , ଉପସ୍ଥିତ ନଥିବାରୁ ପଞ୍ଚାୟତର ସରପଞ୍ଚ, ୱାର୍ଡ ମେମ୍ବର ଦୁଃଖ ପ୍ରକାଶ କରିଥିଲେ। ଏହି ଜନଶୁଣାଣି ଶିବିରରେ ସିଡିପିଓ ଶ୍ରୀମତୀ ସାହୁ ବଜ୍ରପାତ ଦାଉରୁ କିପରି ଲୋକମାନେ ରକ୍ଷା ପାଇପାରିବେ, ସେ ନେଇ ବିସ୍ତୃତ ଭାବେ ବୁଝାଇବା ସହ ଡେଲାପଡ଼ା ଅଙ୍ଗନବାଡି ଘର ଅଧପନ୍ତରିଆ ଭାବେ ରହିଥିବାରୁ ତାକୁ ଶୀଘ୍ର ଘର ତିଆରି କରିବା ପାଇଁ ସରପଞ୍ଚଙ୍କୁ କହିଥିଲେ। ସେହିପରି ମେଡ଼ିକାଲ କର୍ମଚାରୀ ଗୁସ୍ତାପା କରୁଣା , ଶିକ୍ଷା ବିଭାଗରୁ ସିଆରସି ଜୟରାମ କରକରିୟା , ଇନ୍ଦିରା ଆବାସ ଯୋଜନାର କବିର ନାଗ ଉପସ୍ଥିତ ଥିଲେ। ଆଜି ଦୁଇ ଗୋଟି ଅଭିଯୋଗ ଶୁଣାଣି ମଧ୍ୟରୁ ଗୋଟିଏ ଗ୍ରାମକୁ ଯିବାପାଇଁ ନୂଆ ରାସ୍ତା ଓ ଅନ୍ୟଟି ପାଣ୍ଡରାଖାଲ ନଦୀ ପାହାଚ ତିଆରି କରିବା ପାଇଁ ଅଭିଯୋଗ ଆସିଥିଲା। ଅଭିଯୋଗ ଶିଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିବିରକୁ ଏଡିଓ ପ୍ରମୋଦ କୁମାର ନାଲା ପରିଚାଳନା କରିଥିଲେ।

# ଗୁଡାରିରେ ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି ଶିବିର



ଗୁଡାରି, ୧୪।୭ (ସମିସ): ଗୁଡାରି ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ, ରାୟଗଡାଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତି ପାରୁଲ ପଟୱାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତି ସ୍ୱାଥି ଏସ୍ କୁମାର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ଼ା ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହୋତା, ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡି ସରୋଜିନୀ ଦେବୀ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୪୭ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ସେଥିରୁ ୩୮ଟି ବ୍ୟକ୍ତିଗତ, ୦୯ଟି ସାମୂହିକ, ୧୦ଗୋଟି ସ୍ୱାସ୍ଥ୍ୟଗତ ଜନିତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ଆଜି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୧୦ ଜଣଙ୍କୁ ମୋଟ ୮୮୦୦୦ ଟଙ୍କାର ଆର୍ଥିକ ସାହାଯ୍ୟ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଅନ୍ୟ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରିବା ସହ ଗ୍ରହଣ କରିଥିବା ପଦକ୍ଷେପର ବିବରଣୀ ଜିଲ୍ଲାପାଳଙ୍କୁ ଅବଗତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଗୁଡାରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଗୁଡାରି ତହସିଲଦାର ଶ୍ରୀମତି ସ୍ନେହା କୁମାରୀ ଗୁଡାରି ଥାନା ଅଧିକାରୀ ଶ୍ରୀମତି ସମର୍ପିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଅଭିଯୋଗ ଶୁଣାଣି ପରେ ରାୟଗଡ଼ା ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଗୁଡାରୀ ବିଡିଓ, ତହସିଲଦାର ସମସ୍ତଙ୍କ ଉପସ୍ଥିତିରେ ଗୁଡାରୀ ଇନ୍‌ଡୋର ଷ୍ଟାଡିୟମ୍ ପରିସରରେ ଚାରାରୋପଣ କରିଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମକୁ ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣିର ବରିଷ୍ଠ ରାଜସ୍ୱ ସହାୟକ ଅଚ୍ୟୁତାନନ୍ଦ ଲିମା କନିଷ୍ଠ ରାଜସ୍ୱ ସହାୟକ ଲୋପାମୁଦ୍ରା ଶିବିର ପରିଚାଳନା କରିଥିଲେ।

# ସାଲିମି ବିଦ୍ୟାଳୟରେ ଚାରାରୋପଣ



ମାଥିଲି,୧୪।୭ (ସମିସ):

ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସାଲିମି ପଞ୍ଚାୟତରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଥିଲି ଜିଲ୍ଲା ପରିଷଦ ଜୋନ-୧ର ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ଯୋଗ ଦେଇ ପରିବେଶ ସୁରକ୍ଷା ଓ ପରିବେଶ ପ୍ରତି ଜନଚେତନା ବଢ଼ାଇବା ଲକ୍ଷ୍ୟରେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ, ଅଧ୍ୟାପକ. ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବରେ ଭାଗ ନେଇଥିଲେ। ଚାରାରୋପଣ ପରେ ପରିବେଶ ସଚେତନତା ବିଷୟରେ ଆଲୋଚନା ଏବଂ ଏକ ସଂକଳ୍ପ ଗ୍ରହଣ କାର୍ଯ୍ୟକ୍ରମ କରାଯାଇଥିଲା।

# ଚନ୍ଦ୍ରପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ନିର୍ବାଚନ



ଚନ୍ଦ୍ରପୁର,୧୪।୭ (ସମିସ): ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଓଡ଼ିଶା, ଜିଲ୍ଲା ଶାଖା ରାୟଗଡ଼ାଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସରଡ଼ା ପଞ୍ଚାୟତ ସଦଭାବନା ଗୃହରେ ପିଓ ରାଜେନ୍ଦ୍ର ପାଳଙ୍କ ଅଧକ୍ଷତାରେ ନିର୍ବାଚନ ଅନୁଷ୍ଠିତ ହୋଯାଇଛି। କାର୍ଯ୍ୟକ୍ରମରେ ଆଠଟି ଗ୍ରାମପଞ୍ଚାୟତର ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ସର୍ବସମ୍ମତି କ୍ରମେ ସଭାପତି ଭାବେ ରାଜେନ୍ଦ୍ର ପାଳଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସଂପାଦକ ଭାବେ ସଚିନ୍ ହୀଆଲ୍, କୋଷାଧକ୍ଷ ଭାବେ କରୁଣା କର ସେନାପତିଙ୍କୁ ନିର୍ବାଚିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରପୁର ପିଓ ଆଶୁତୋଷ ପାଣିଗ୍ରାହୀ, ଜ୍ୟୋତ୍ସ୍ନା ଶବର ଉପସ୍ଥିତ ଥିଲେ। ପରିଚାଳନା କରିଥିଲେ କରୁଣା କର ସେନାପତି ଓ ରାଜେନ୍ଦ୍ର ପାଳ।

# ନାଗାବଳି ଲାୟନ୍ସ କ୍ଲବ୍ କର୍ମକର୍ତ୍ତାଙ୍କ ପ୍ରବେଶ ସମାରୋହ

ରାୟଗଡ଼ା,୧୪।୭ (ସମିସ):



ରାୟଗଡ଼ା ନାଗାବଳୀ ଲାୟନ୍ସ କ୍ଲବର ନୂତନ କର୍ମକର୍ତ୍ତାମାନେ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଲାଇନ୍ ଶୁଭ୍ରା ପଣ୍ଡା, ଡଃ ବିପିନ ବିହାରୀ ବିଶ୍ୱାଳ, ଏବଂ ସୁଦର୍ଶନ ପାଢ଼ୀ ଯଥାକ୍ରମେ ସଭାପତି, ସମ୍ପାଦକ ତଥା କୋଷାଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଲାଇନ୍ ଅଜିତ କୁମାର ପାଣିଗ୍ରାହୀ ଏବଂ ଲାବଣ୍ୟ ମୋହନ ପଟ୍ଟନାୟକ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ଉପସଭାପତି ଭାବେ ନିଜ ନିଜ ଦାୟିତ୍ୱ ତୁଲାଇବା ପାଇଁ କୁହାଯାଇ ଥିବା ବେଳେ ଲାଇନ୍. ଇ. ଅଶ୍ୱନୀ କୁମାର ଦାସ, ପ୍ରଥମ ଜିଲ୍ଲା ଗଭର୍ଣ୍ଣର ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ସଂସ୍ଥାପନ ତଥା ଶପଥ ପାଠ ଏବଂ ଲାୟନ୍ସ ଡଃ ଦୁଃଖିଶ୍ୟାମ ଦାସ ନୂତନ ଭାବେ ଯୋଗ ଦେଇଥିବା ସମସ୍ତ ସଭ୍ୟ/ସଭ୍ୟା ମାନଙ୍କୁ କ୍ଲବର ନୀତି, ଆଦର୍ଶ ବିଷୟରେ ଅବଗତ କରାଇବା ସହ ଶପଥ ପାଠ କରାଇଥିଲେ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ଆଞ୍ଚଳିକ ସଂଯୋଜକ ଲାୟନ୍ସ ଭି.ଭାସ୍କର ରାଓ ଏବଂ ଯୋନ ସଂଯୋଜକ ଡ.ପ୍ରସନ୍ନ କୁମାର ଗନ୍ତାୟତ ଏବଂ ରାୟଗଡା କ୍ଲବର ସମସ୍ତ ମେମ୍ବର ଓ ଅପରାଜିତା କ୍ଲବର ସଭାପତି, ସମ୍ପାଦକ, କୋଷାଧକ୍ଷ, ଉପସଭାପତି ,ୱାକର୍ସ କ୍ଲବର ସଭାପତି, ସମ୍ପାଦକ, କୋଷାଧକ୍ଷ, ସଭ୍ୟ ଏବଂ ନାଗାବଳୀ ଲାଏନ୍ସ କ୍ଲବର ସମସ୍ତ ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଭାପତି ଶୁଭ୍ରା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ, ସମ୍ପାଦକ ଡଃ ବିପିନ ବିହାରୀ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପଠନ, ଚାର୍ଟର ଅଧକ୍ଷ ଡଃ ଦୁଷ୍ମନ୍ତ କୁମାର ମହାନ୍ତି କ୍ଲବର ନୀତି, ଆଦର୍ଶ, କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଲାୟନ୍ସ ରୁବିରାଣୀ କୁଣ୍ଡୁ କାର୍ଯ୍ୟକ୍ରମ ସଂଯୋଜନା ଏବଂ କୋଷାଧକ୍ଷ ସୁଦର୍ଶନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ଲାୟନ୍ସ ରବିନାରାୟଣ ଶତପଥୀ ଓ ଅଞ୍ଜଳି ପଣ୍ଡା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ଏବଂ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ, ଆଦିବାସୀ ନୃତ୍ୟ ଓ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ଗତ ୨୪-୨୫ ଲାୟନ୍ସ ବର୍ଷରେ ନାଗାବଳୀ କ୍ଲବର ଉଲ୍ଲେଖନୀୟ ସଫଳତା ପାଇଁ ସଭାପତି ଶୁଭ୍ରା ପଣ୍ଡା ଦୁର୍ଗାପୁରରେ ଗ୍ରହଣ କରିଥିବା ସ୍ୱର୍ଣ୍ଣ ଉପହାରକୁ ଲାୟନ୍ସ ଅଶ୍ୱିନ କୁମାର ଦାସ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଲାଏନ୍ସ ବ୍ରଜ ସୁନ୍ଦର ନାଏକ, କବି ସୁଶାନ୍ତ ନାଏକ, ଡଃ ଦୁଷ୍ମନ୍ତ ମହାନ୍ତି, ଡଃ ପ୍ରସନ୍ନ କୁମାର ଗନ୍ତାୟତ, ଦିପ୍ତୀରାଣୀ ପରିଛା, ଶଶୀ ଭୂଷଣ ପଟ୍ଟନାୟକ, ବିପିନ ବିହାରୀ ବିଶ୍ୱାଳ, ରୀତାରାଣୀ ମିଶ୍ର, ଅର୍ଚ୍ଚନା ପଟ୍ଟନାୟକ, ସୁଦର୍ଶନ ପାଢ଼ୀ, ଲାବଣ୍ୟ ପଟନାୟକ, ରାଜେନ୍ଦ୍ର ସାହୁ, ମନ୍ମଥ ତୁଳ, ବିଶ୍ୱନାଥ ବିଶ୍ୱାଳ, ଅଞ୍ଜଳି ପଣ୍ଡା, ରବି ଶତପଥୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମେଗା ଜଳ ପ୍ରକଳ୍ପର ଟାଙ୍କି କାର୍ଯ୍ୟକୁ ନେଇ ଚିନ୍ତାରେ ଗ୍ରାମବାସୀ

କଲ୍ୟାଣସିଂହପୁର,୧୪।୭ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ମେଗା ପାନୀୟଜଳ ପ୍ରକଳ୍ପର ସ୍ଥାୟୀତ୍ୱକୁ ନେଇ ଚିନ୍ତାରେ ଅଞ୍ଚଳବାସୀ। ବିଶୁଦ୍ଧ ପାଣ ପାଇଁ ଡହଳ ବିକଳ ହୋଇ ଚାତକ ଭଳି ଲୋକେ ଚାହିଁ ବସିଥିବା ବେଳେ କାର୍ଯ୍ୟକୁ ଦେଖି ଚିନ୍ତାରେ ପଡିଛନ୍ତି ଗ୍ରାମବାସୀ। ଏହି ମେଗା ପ୍ରକଳ୍ପ ଗତ ୨୦୨୩ ମସିହାରୁ ଆରମ୍ଭ ହୋଇଥିଲେ ମଧ ଆଜିଯାଏ ୩୦ ପ୍ରତିଶତ ଶେଷ ହୋଇନଥିବା ଦେଖିବାକୁ ମିଳିଛି। ଶେଷ ହେବାର ନାମଗନ୍ଧ ନେଉ ନଥିବା ବେଳେ ବିଭନ୍ନ ଗ୍ରାମରେ ନିର୍ମାଣ ହେଉଥିବା ଓଭରହେଡ୍ ପାଣି ଟାଙ୍କିରେ ଯେଉଁ ଲୁହା ଛଡ଼ ଲଗାଯାଉଛି, ତାହା ସମ୍ପୂର୍ଣ ଭାବେ କଳଙ୍କି ଲାଗି ନଷ୍ଟ



ହେବାକୁ ବସିଲାଣି। ବାଲି, ସିମେଣ୍ଟ ଅତି ନିମ୍ନମାନ ବୋଲି ଗ୍ରାମବାସୀ ଅଭିଯୋଗ ଲାଗିଛନ୍ତି। ପାର୍ସଲୀ ପଞ୍ଚାତର କାଣଶୁର ଗ୍ରାମ ନିକଟରେ ନିର୍ମାଣାଧୀନ ପାଣି ଟାଙ୍କିକୁ ଦେଖିଲେ ଏହା ସ୍ୱଷ୍ଟ ଜଣାପଡୁଛି। ଏହି ବ୍ଲକର ପ୍ରତି ପଞ୍ଚାୟତରେ ଦୁଇଟି ଓ ତିନିଟି ଲେଖାଏଁ ପାଣି ଟାଙ୍କି ନିର୍ମାଣ କରିଛି ଠିକା ସଂସ୍ଥା। ଏହି ଟାଙ୍କି ନିର୍ମାଣ ସମୟରେ ପାଣି ପକାଇବାର ନିୟମର ଥିଲେ ବି ଠିକାଦାର ପାଣି ମୋଟେ ପକାଉ ନଥିବାରୁ ଟାଙ୍କିର ଷ୍ଟାୟିତ୍ୱକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ପ୍ରତି କଙ୍କ୍ରିଟ୍ ମିଶାଇବା ସମୟରେ ମିଶ୍ରଣର ନମୁନା ରଖିବାର ନିୟମ ରହିଛି। ଏହି ନମୁନାକୁ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ପରୀକ୍ଷା କରିବେ। କିନ୍ତୁ ଏହି ମେଗା ପ୍ରକଳ୍ପର କୌଣସି କାର୍ଯ୍ୟରେ ଯନ୍ତ୍ରୀ ତଦାରଖ କରୁନଥିବାରୁ ଉଭୟଙ୍କ ସହମତିରେ ଏପରି କାର୍ଯ୍ୟ ଚାଲିଥିବା ଡଙ୍ଗାରିଆମାନେ ଅଭିଯୋଗ କରିଛନ୍ତି। ଏଣୁ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନୀଳକଣ୍ଠେଶ୍ୱର ଶୈବପୀଠ

ରାମନାଗୁଡ଼ା,୧୪।୭ (ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ମହକୁମାରେ କମ୍ପମାନ ହେଉଛି କାଉଡିଆଙ୍କ ସ୍ୱର। ବୋଲ୍‌ବମ୍ ଡାକରା ଦେଇ ପାଣି ଧରି ଶୈବପୀଠ ଅଭିମୁଖେ ଯାଉଛନ୍ତି। ଶ୍ରାବଣ ମାସର ପ୍ରଥମ ସୋମବାର ହୋଇଥିବାରୁ ରାମନାଗୁଡାର କାଉଡ଼ିଆମାନେ ଗୁମୁଡ଼ା ଗ୍ରାମ ନିକଟରେ ବୋହି ଯାଉଥିବା ବଂଶଧାରା ନଇ କୂଳରେ ପୂଜାର୍ଚ୍ଚନା କରି ସେଠାରୁ ଜଳ ଆଣି ନିକଟସ୍ଥ ନୀଳକଣ୍ଠେଶ୍ୱର ଶୈବପୀଠରେ ଜଳାଭିଷେକ କରିଛନ୍ତି।



ସକାଳ THE SAKALA



# ଉପୁଡ଼ିପଡ଼ିଲା ଦୁଇଟି ଗଛ, ଅଳ୍ପକେ ବର୍ତ୍ତିଲେ ଲୋକେ



ରାୟଗଡ଼ା,୧୪।୭ (ସମିସ): ରାୟଗଡ଼ା ସହରର ରିଙ୍ଗ ରୋଡ ସ୍ଥିତ ବଚପନ ସ୍କୁଲ ନିକଟରେ ଥିବା ଦୁଇଟି ବଡ଼ ଚାକୁଣ୍ଡା ଗଛ ଗତକାଲି ରାତ୍ର ପ୍ରାୟ ୧୦ଟା ସମୟରେ ଉପୁଡି ଯାଇ ରାସ୍ତା ଉପରେ ପଡ଼ିଥିଲା। ଏଥିରେ ଜଣେ ବୁଲେଟ ଚାଳକ ସାମାନ୍ୟ ଆହାତ ହୋଇଥିବା ଜଣାପଡିଛି। ଦୀର୍ଘ ଦିନରୁ ଗଛ ତଳେ ଥିବା ଏକ ଅଚଳ କାର ମଧ୍ୟ ଗଛର ଗଣ୍ଡି ତଳେ ପଡି ଚୁରମାର ହୋଇଯାଇଛି। ଦୁଇଟି ଗଛ ପଡିଯିବାରୁ ଏଲଟି ଏବଂ ଏଚଟି ବିଦ୍ୟୁତ୍ ଲାଇନ ପ୍ରଭାବିତ ହୋଇଥିଲା। ଟିପିଏସଓଡିଏଲ ଅଧିକାରୀ ଓ କର୍ମଚାରୀମାନେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ୍ ସରାବରାହ ବନ୍ଦ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ରାୟଗଡା ଦମକଳ କେନ୍ଦ୍ରର ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ୭ରୁ ୮ଜଣ ଆଗ୍ନିକ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟିବା ମେସିନ ଓ ଅନ୍ଧାର ହେତୁ ଲାଇଟ ବ୍ୟବସ୍ଥା କରି ଗଛଗୁଡିକ କାଟିଥିଲେ। ଦୀର୍ଘ ୬ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ ପରେ ଗଛଗୁଡିକୁ ରାସ୍ତା ଉପରୁ ହଟାଯାଇଥିଲା। ଗଛ ପଡି ବିଦ୍ୟୁତ ସେବା ବ୍ୟାହାତ ହୋଇଥିବା ବେଳେ ଭୋର ସକାଳ ପ୍ରାୟ ୪ଟା ସମୟରେ ପୁଣି ଥରେ ବିଦ୍ୟୁତ୍ ସେବା ଅଞ୍ଚଳବାସୀଙ୍କୁ ଯୋଗାଇ ଦିଆଯାଇଥିଲା। ଆଜି ସକାଳେ ଗଛର ଗଣ୍ଡି ଓ ଡାଳପତ୍ରଗୁଡିକ ରାସ୍ତା ଉପରେ ପଡିଥିବା ବେଳେ ପୌର ସଂସ୍ଥା ପକ୍ଷରୁ ସମସ୍ତ ଅଳିଆ ହଟାଯାଇଥିଲା। ସହରର ମୁଖ୍ୟ ରାସ୍ତା ସମେତ ବିଭିନ୍ନ ଜଣ ଗହଳି ପୂର୍ଣ୍ଣ ରାସ୍ତା କଡରେ ଅନେକ ଶୁଖିଲା ଗଛ ଗୁଡିକ ମଧ୍ୟ ରହିଥିବା ବେଳେ ସେଗୁଡିକ ଲଗାଣ ବର୍ଷା ଓ ପବନ ଯୋଗୁଁ ଉପୁଡି ପଡିବାର ବହୁ ସମ୍ଭାବନା ରହିଛି। ଏ ନେଇ ପୌର ପରିଷଦ, ଟିପିଏଓଡ଼ିଏଲ ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ୭ ଦଫା ଦାବି ନେଇ ଗର୍ଜିଲା ପାଚକ, ପାଚିକା ମହାସଂଘ



ମୁନିଗୁଡା,୧୪।୭ (ସମିସ):

ନିଖିଳ ଓଡିଶା ମଧ୍ୟାହ୍ନଭୋଜନ ପାଚକ, ପାଚିକା ମହାସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଶାଖା ପକ୍ଷରୁ ଆଜି ବିକ୍ଷୋଭ ଶୋଭାଯାତ୍ରା କରାଯିବା ସହ ୭ ଦଫା ଦାବି ସମ୍ପର୍କିତ ଏକ ସ୍ମାରକ ପତ୍ର ମୁନିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ନିଖିଳ ଓଡିଶା ମଧ୍ୟାହ୍ନଭୋଜନ ପାଚକ, ପାଚିକା ମାନେ ଆଜି ସକାଳ ୯ଟା ସମୟରେ ବ୍ଲକର ଶତାଧିକ ପାଚକ ଓ ପାଚିକା ମୁନିଗୁଡା ରେଲଷ୍ଟେସନ ଛକ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ମାନ ଦେଇ ବ୍ଲକ ସ୍ଥିତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ରାଜ୍ୟ ସାଧାରଣ ସମ୍ପାଦିକା ଦିପାଞ୍ଜଳି ଯାଦବ, ରାଜ୍ୟ ମୁଖ୍ୟ ସଂଯୋଜକ ନିରଞ୍ଜନ ପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ପାଚକ ପାଚିକା ମାରଣ ନୀତିକୁ ତୀବ୍ର ସମାଲୋଚନା କରି ସଂଘର ଦାବି ଗୁଡିକୁ ସରକାର ଶୀଘ୍ର ପୂରଣ କରିବାକୁ କହିଥିଲେ।

# ଆମ ପୁଲିସ ସମିତି ବୈଠକ




ରାମନାଗୁଡ଼ା,୧୪।୭ (ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ଥାନା ପକ୍ଷରୁ ଆମ ପୁଲିସ ସମିତି ବୈଠକ ଥାନ ଅଧିକାରୀ ସୁନିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚୋରି,ଠକେଇ, ଗୁଣିଗାରେଡି, ସାମାଜିକ ବାସନ୍ଦ, ବାଲ୍ୟବିବାହ ଆଦି କୁସଂସ୍କାର ଆଦି କିପରି ରୋକି ହେବ ସେ ବିଷୟରେ କହିବା ସହ ପ୍ରଥମେ ନିଜେ ସଚେତନତା ରହିବା ଜରୁରୀ ବୋଲି ମତ ଦେଇଥିଲେ। ଟ୍ରାଫିକ ନିୟମକୁ ପାଳନ କରିବା ନିମନ୍ତେ ନିଜେ ହେଲମେଟ ପିନ୍ଧିବା ସହ ଅନ୍ୟକୁ ହେଲମେଟ ପିନ୍ଧିବା ପାଇଁ ପ୍ରବର୍ତ୍ତାଇବାକୁ ଏଏସଆଇ ଜଗନ୍ନାଥ ବେହେରା ଏବଂ ଏଏସଆଇ ସମ୍ବିତ ପ୍ରଧାନ ମତ ରଖିଥିଲେ। ପୁଲିସ ଓ ଲୋକଙ୍କ"ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସ୍ହ ପରସ୍ପର ନିକଟତର ହୋଇ ସମସ୍ତ କାର୍ଯ୍ୟ କରିବା ଏବଂ ଜନସାଧାରଣଙ୍କ ମନରେ ପୁଲିସ ପ୍ରତି ରହିବା ଭୟ ଦୂର କରିବାକୁ ଥାନା ଅଧିକାରୀ ସୁନିତା ବେହେରା କହିଥିଲେ। ଏଏସ ଆଇ ଜଗନ୍ନାଥ ବେହେରା,ଏଏସଆଇ ସମ୍ବିତ ପ୍ରଧାନ, କନେଷ୍ଟବଳ ଦୁର୍ଗା ପ୍ରସାଦ ଜୋଗନି, ସୁନିଲ କୁମାର ଡାକୁଆ, ବାସନ୍ତୀ ଲତା ବାଉରି, ଅନିଲ ସତପଥି, ସମ୍ଭୁ ପାଲକା, ଭଞ୍ଜ କିଶୋର ଗୌଡ଼, ଭାସ୍କର ଶବର, ପବିତ୍ର ଶବର, ଗୃହରକ୍ଷୀ ଜୟ ଦେବ କରକରିଆ, ତ୍ରିନାଥ ରାଓ, ସୋଭାବତି ନାଗ, ଗ୍ରାମରକ୍ଷୀ ଦୟାନିଧି ନାଲା ପ୍ରମୁଖ ବୈଠକରେ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକ୍‌ର ୧୨ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଓ ସଭ୍ୟା ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା

# ସରୁନି ଚିତ୍ରକୋଣ୍ଡା-ବାଲିମେଳା ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ

କୋରୁକୋଣ୍ଡା,୧୪।୭ (ସମିସ):



ମାଲକାନଗିରି ଜିଲ୍ଲା ବାଲିମେଳା-ଚିତ୍ରକୋଣ୍ଡା ମୁଖ୍ୟ ରାସ୍ତାର ଏଯାଏଁ ସରିଲାନି ପ୍ରଶସ୍ତିକରଣ ନିର୍ମାଣ କାର୍ଯ୍ୟ। ତେବେ ଏହି ରାସ୍ତାଟି ମୁଖ୍ୟତଃ ପାହାଡିଆ ଘାଟି ଅଞ୍ଚଳ ଦେଇ ଯାଇଥିବା ବେଳେ ବହୁ ଅଙ୍କାବଙ୍କା ରାସ୍ତା ଦେଇ ଚିତ୍ରକୋଣ୍ଡା ଯିବାକୁ ପଡିଥାଏ। ତେବେ ଦୈନିକ ଏହି ରାସ୍ତା ଦେଇ ଶହ ଶହ ଗାଡି ଆନ୍ଧ୍ରପ୍ରଦେଶକୁ ଏବଂ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ପ୍ରାୟ ୧୫୮ଟି ଗ୍ରାମକୁ ଯାତାୟାତ କରୁଥିବା ବେଳେ ଅଞ୍ଚଳବାସୀ ଏହି ରାସ୍ତା ଉପରେ ନିର୍ଭର କରି ଯାତାୟାତ କରିଥାନ୍ତି। କିନ୍ତୁ ଘାଟି ରାସ୍ତାର ଉଭୟ ପାଶ୍ୱର୍ରେ ଓସାରିଆ ନିମନ୍ତେ ପୂର୍ତ୍ତବିଭାଗ ପକ୍ଷରୁ ଏହି ସିମେଣ୍ଟ କଂକ୍ରିଟ ପ୍ରଶସ୍ତିକରଣ କାର୍ଯ୍ୟ ନାମକୁ ମାତ୍ର ଆରମ୍ଭ ହୋଇ ବାଲି, ମେଟାଲ ରାସ୍ତାରେ ପଡି ରାସ୍ତା ଅବରୋଧ କରାଯାଇଛି। ଏଯାଏଁ ସରିଲାନି ଏହି ପ୍ରଶସ୍ତିକରଣ କାର୍ଯ୍ୟ। ଫଳରେ ବର୍ତ୍ତମାନ ବର୍ଷା ଦିନ ହେତୁ ଦୈନିକ ଯାଆସ କରୁଥିବା କିଛି ବାଇକ ଚାଳକ ଏହି ଖାଲରେ ପଡି ଦୁର୍ଘଟଣାର ଶିକାର ହୋଇ ଆହତ ହେଉଥିବା ଅଭିଯୋଗ କରିଛନ୍ତି। ଏଥିସହ ଆନ୍ଧ୍ରପ୍ରଦେଶରୁ ଦୈନିକ ଲୋଡ ନେଇ ଆସୁଥିବା ଟ୍ରକ୍ ଗୁଡିକ ସାମ୍ନା ପଟୁ ଆସୁଥିବା ଅନ୍ୟ ଗାଡି ଗୁଡିକୁ ରାସ୍ତା ଦେବାକୁ ଯାଇ ଯଦି ଏହି ଖାଲରେ ପଡନ୍ତି, ତେବେ ବଡ଼ ଦୁର୍ଘଟଣାର ଶିକାର ହେବା ନେଇ ଅନୁମାନ କରାଯାଉଛି। ବହୁ ଗଛ ଗୁଡିକର ଶାଖା ଏବଂ ଡାଳ ଗୁଡିକ ଲମ୍ବିବା ଦ୍ୱାରା ଘାଟି ରାସ୍ତାର ଏ କଡକୁ ସେ କଡ଼ ସମ୍ପୂର୍ଣ୍ଣ ଭାବେ ଦେଖା ଯାଉନାହିଁ। ଫଳରେ ଦୈନିକ କିଛି ବାଇକ୍ ଆରୋହୀ ଏବଂ କାର ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତୁଥିବା କହିଛନ୍ତି। ଏଥିସହ ଘାଟିରେ ନିର୍ମାଣ ହୋଇଥିବା ସୁରକ୍ଷିତ ସିମେଣ୍ଟ ଗାର୍ଡ ୱାଲ ଗୁଡିକ ସ୍ଥାନେ ସ୍ଥାନେ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ସୂଚନାଥାଉ କି ଗତ ୫ ମାସ ତଳେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ୪୭ ନଂ ରାଜ୍ୟ ରାଜପଥର ଗୋବିନ୍ଦପାଲ୍ଲୀ ଠାରୁ ଆରମ୍ଭ କରି ଚିତ୍ରକୋଣ୍ଡା ସ୍ଥିତ ଏସଆର କମ୍ପାନୀ ଦେଇ ଓଡ଼ିଶାର ଶେଷ ସୀମା ଯାଏଁ କିଛି ମରାମତି ଏବଂ ନିର୍ମାଣ ବାବଦକୁ ୨୦ କୋଟିରୁ ଅଧିକ ଟଙ୍କାର ଟେଣ୍ଡର ହୋଇଛି। ଗଜପତି ଜିଲ୍ଲାର ଆରଆର କମ୍ପାନୀ ନାମକ ଏକ ଠିକାଦାରୀ ସଂସ୍ଥା ଏହି କାର୍ଯ୍ୟଟି ପାଇଥିଲା। କିନ୍ତୁ କିଛି ସ୍ଥାନରେ ଏହି ରାସ୍ତା ମରାମତି କାର୍ଯ୍ୟ ଚାଲିଥିବା ବେଳେ ବର୍ତ୍ତମାନ ଯାଏଁ ଏହି ବାଲିମେଳା-ଚିତ୍ରକୋଣ୍ଡା ମୁଖ୍ୟ ରାସ୍ତାର ସିମେଣ୍ଟ ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ କରି ନଥିବା ଦେଖିବାକୁ ମିଳିଛି। ତେଣୁ ତୁରନ୍ତ ଏହି ରାସ୍ତା ଓସାରିଆ କାର୍ଯ୍ୟ ଆରମ୍ଭ କରିବା ସହ ସୁରକ୍ଷିତ ସିମେଣ୍ଟ ଗାର୍ଡ-ୱାଲ ଗୁଡିକୁ ପୁନଃ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଷ୍ଟ୍ରିଟ ଲାଇଟ୍ କଡ଼ରୁ କଟାଗଲା ଗଛ ଡାଳ

ମାଲକାନଗିରି,୧୪।୭ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ବନ ବିଭାଗ ଅଧିନସ୍ତ ବାଲିମେଳା -ଜୟପୁର ମୁଖ୍ୟ ରାସ୍ତାର ବାଲିମେଳା ଏନଏସିର ୧ ନମ୍ବର ୱାର୍ଡ ନୂଆସାହି ନିକଟରୁ ଚିତ୍ରକୋଣ୍ଡା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ଗଛ ଗୁଡିକ ବଢିଯାଇ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଥିଲା। ଯାହା ଫଳରେ ଏନଏସି ପକ୍ଷରୁ ମୁଖ୍ୟ ରାସ୍ତା ପାଶ୍ୱର୍ରେ ଲଗାଯାଇଥିବା ଷ୍ଟ୍ରିଟ ଲାଇଟ ଗୁଡିକ ଗଛ ଡାଳରେ ଢାଙ୍କି ହୋଇ ରହିଥିବା ଯୋଗୁ ରାତିରେ ଷ୍ଟ୍ରିଟ ଲାଇଟ ଜଳୁଥିଲେ ମଧ୍ୟ ରାସ୍ତାର ଅଧିକାଂଶ ସ୍ଥାନ ଅନ୍ଧାର ରହୁଥିଲା। ଫଳରେ ଏହି ସ୍ଥାନରେ ଅନେକ ଦୁର୍ଘଟଣା ଘଟୁଥିଲା। ବାଲିମେଳା ବନ ବିଭାଗର ବନାଞ୍ଚଳ ଅଧିକାରୀ ଲିପ୍ସିତା କଅଁରଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ବନରକ୍ଷୀ ପ୍ରଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ ଚିତ୍ରକୋଣ୍ଡା ଛକ ନିକଟରେ ପହଞ୍ଚିଥିଲା। ବନ ବିଭାଗର କିଛି କର୍ମଚାରୀ ଚିତ୍ରକୋଣ୍ଡା ଛକ ଠାରୁ ବାଲିମେଳା ସହରର ନୂଆସାହି ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ବଢ଼ି ଯାଇଥିବା ଗଛର ଡାଳ ଗୁଡିକ କାଟି ସଫା କରିଥିଲେ। ରାସ୍ତା ପାଶ୍ୱର୍ରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଗୁଡିକର ଆଲୋକ ରାସ୍ତା ଉପରେ ପଡୁଛି।

# ଦୁଇଟି ଚୋରି ମାମଲାରେ ୫ଗିରଫ



ଜେକେପୁର/କୋଲନରା/୧୪।୭ (ସମିସ): ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ପୁଲିସ ଦୁଇଟି ଚୋରି ମାମଲାରେ ସମ୍ପୃକ୍ତ ଥିବା ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜେକେପୁର ଅରବିନ୍ଦ ନଗର ଓ ନୂଆପଡା ସାହିର ମୂଶା ଓରଫ ଅର୍ଜୁନ ମିନିୟାକା (୨୧), ରାହୁଲ ଧନବାଦେ (୨୦), ଜଗା ଓରଫ ରବୀନ୍ଦ୍ର ଗୌଡ (୨୨), ସୁରଥ କଣ୍ଡା (୨୦) ଓ ମନୋଜ ଦୁର୍ଗା (୨୫) ଙ୍କ ସେମାନଙ୍କ ଠାରୁ ଏଲଇଡି ଟିଭି, ଦୁଇଟି ଭରିଥିବା ଓ ଗୋଟିଏ ଖାଲି ଥିବା ମୋଟ ୩ଟି ଗ୍ୟାସ ସିଲିଣ୍ଡର, ପିତ୍ତଳ ଦେବଦେବୀ ମୂର୍ତ୍ତି, ଷ୍ଟାଣ୍ଡିଙ୍ଗ ଫେନ ଓ ନଗଦ ୪୦୬୦ଟଙ୍କା ଜବତ କରାଯାଇଛି। ଏ ନେଇ ସୂଚନାନୁଯାୟୀ, ଗତ ଶନିବାର ୧୨ ଓ ରବିବାର ୧୩ ତାରିଖ ବିଳମ୍ବିତ ରାତ୍ରରେ ଜେକେପୁର ସହରରେ ଦୁଇଟି ସ୍ଥାନରେ ଉକ୍ତ ୫ଜଣ ଅଭିଯୁକ୍ତ ଚୋରି କରିଥିଲେ। ଏ ନେଇ ଚାନ୍ଦିଲି ଥାନାରେ ଏତଲା ଦେବା ପରେ କେସ ନଂ ଚୋରି ମାମଲା ରୁଜୁ କରାଯା ପୁଲିସ ତଦନ୍ତ କରି ୨୪ଘଣ୍ଟା ମଧ୍ୟରେ ମାମଲାରେ ସମ୍ପୃକ୍ତ ଥିବା ଉକ୍ତ ୫ଜଣ ଅଭିଯୁକ୍ତଙ୍କୁ ଧରିବା ସହ ଚୋରି ସାମଗ୍ରୀ ଜବତ କରିଥିଲେ।

# କପିଳେଶ୍ୱର ଶିବ ମନ୍ଦିର କମିଟିର ବୈଠକ

ରାୟଗଡ଼,୧୪।୭ (ସମିସ): ରାୟଗଡ଼ା ସହରର ସାଇପ୍ରିୟା ନଗର ସ୍ଥିତ କପିଳେଶ୍ୱର ଶିବ ମନ୍ଦିର କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ନିରଞ୍ଜନ ରାଜୁ ବୈଠକରେ ସଭାପତିତ୍ୱ କରିଥିଲେ। ନିକଟରେ କମିଟି ସଭ୍ୟ କେ. ଜଗଦୀଶ ରାଓ ଏବଂ କାମରାଜ ଦରା ମୃତ୍ୟୁବରଣ କରିଥିଲେ । ଯାହାକି ମନ୍ଦିର କମିଟି ପାଇଁ ଏକ ଅପୂରଣୀୟ କ୍ଷତି ଅଟେ ବୋଲି କୁହାଯାଇଥିଲା। କମିଟିର ବରିଷ୍ଠ ସଭ୍ୟ ସୁରେଶ ଚନ୍ଦ୍ର ସ୍ୱାଇଁଙ୍କୁ ମନ୍ଦିର ତଥା କମିଟିର କୋଷାଧକ୍ଷ ରୂପେ ଚୟନ କରାଯାଇଥିଲା। ନୂତନ କମିଟି ଗଠନ କରିବା ପାଇଁ ବହୁ ସଦସ୍ୟମାନଙ୍କ ପକ୍ଷରୁ ମତ ପ୍ରକାଶ ପାଇଥିଲା। କମିଟିର ଆଇନ ପରାମର୍ଶଦାତା ଓକିଲ ଲାବଣ୍ୟ ମୋହନ ପଟ୍ଟନାୟକ ମନ୍ଦିରର ସମସ୍ତ ଖର୍ଚ୍ଚକୁ କ୍ୟାସ୍ ବୁକ ମାଧ୍ୟମରେ ପରିଚାଳନା କରିବା ଓ ରସିଦ ବ୍ୟବହାର କରିବା ଇତ୍ୟାଦି ବିଷୟରେ ଆଲୋକପାତ କରାଇଥିଲେ। ସଭା ଶେଷରେ କମିଟିର ସମ୍ପାଦକ କେ. ତ୍ରିମୁଲା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।



# ପାନ୍ଥଲୁଙ୍ଗ ପଞ୍ଚାୟତରେ ଅଭିଯୋଗ ଶୁଣାଣି

ନନ୍ଦପୁର,୧୪।୭ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଓଡ଼ିଶା ଆନ୍ଧ୍ର ସୀମାନ୍ତ ପାନ୍ଥଲୁଙ୍ଗ ଗ୍ରାମପଞ୍ଚାୟତରେ ବିଡିଓଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୀମାନ୍ତ ଗ୍ରାମପଞ୍ଚାୟତରେ ସୋମବାର ଅନୁଷ୍ଠିତ ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣିରେ ବ୍ଲକ ଏଇଇ ଯଶକେତନ ବେହେରା, ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ଗ୍ରାମପଞ୍ଚାୟତ ସରପଞ୍ଚ ପୂଜା ଖିଲ ଓ ୱାର୍ଡ ମେମ୍ବର ମାନଙ୍କ ସହ ସମିତି ସଭ୍ୟ ଓ ଜନସାଧାରଣ ଯୋଗ ଦେଇଥିଲେ। ପଞ୍ଚାୟତ ବିଭିନ୍ନ ସମସ୍ୟା ସହ ୧୭ଟି ଅଭିଯୋଗ ଶୁଣାଣି କରିଥିବା ବେଳେ ସୁଡୁବ, ସାରିଆପୁଟ, ଜୟନ୍ତି ଗିରି ଗ୍ରାମବାସୀଙ୍କ ଜଙ୍ଗଲ ଜମି ପଟ୍ଟା ବଣ୍ଟନ ଉପରେ ଅଧିକ ଆଲୋଚନା ହୋଇଥିବା ଜଣାଇଛି। ସୂଚିତ ଯେ ଗତ ସପ୍ତାହରେ ଉକ୍ତ ଗ୍ରାମର ଲୋକେ ଜଙ୍ଗଲ ଜମି ପଟ୍ଟା ପାଇବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡିଛି।ପରେ ପର୍ଯ୍ୟଟନ ସ୍ଥଳୀ ମୁକ୍ତି ଆମ୍ବ ଗସ୍ତ କରିଥିଲେ ସ୍ଥିତି ସମୀକ୍ଷା କରି ଥିଲେ ବିଡ଼ିଓ । ସେଠାରେ ଆନୁସଙ୍ଗିକ ଉନ୍ନୟନ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସାମାଜିକ କର୍ମୀ ଆକାଶ ଖିଲ।

# ଗୁରୁତର ଗାଈର ଚିକିତ୍ସା କଲେ ଦୁଇ ଯୁବକ

ମାଥିଲି,୧୪।୭ (ସମିସ):



ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦରର ମୁଖ୍ୟ ରାସ୍ତାରେ ଗୋଟିଏ ଗାଈ ଅଜଣା ଗାଡି ଦୁର୍ଘଟଣାରେ ଆହତ ହୋଇ ରାସ୍ତା ଉପରେ ପଡ଼ି ଛଟପଟ ହେଉଥିଲା। ଲୋକମାନେ ଆହତ ଗାଈଟିକୁ ଦେଖୁଥିଲେ କିନ୍ତୁ ଚୁପଚାପ ଚାଲି ଯାଉଥିଲେ। କିନ୍ତୁ ମାନବିକତା ଦେଖାଇ ଗୁରୁତର ଗାଈଟିକୁ ଅଞ୍ଚଳର ଯୁବ ସମାଜସେବୀ କିଶୋର ମଜୁମଦାର ଓ ଶିକ୍ଷକ ଚନ୍ଦ୍ର ଭାଇ ଚିକିତ୍ସା କରାଇଛନ୍ତି। ସେମାନେ ପ୍ରାଣୀ ଚିକିତ୍ସକ ବିପଦ ତରଣ ବିଶ୍ୱାଳଙ୍କୁ ଗାଈଟିକୁ ଚିକିତ୍ସା କରିଥିଲେ। ଦୁଇ ଯୁବ ସମାଜସେବୀଙ୍କୁ ସବୁ ମହଲରୁ ପ୍ରଶଂସା କରାଯାଇଛି।


# ଚୋରି ବୁଲେଟ୍ ଉଦ୍ଧାର

ବିଷମ କଟକ,୧୪।୭ (ସମିସ): ରାୟଗଡା ଜିଲ୍ଲା ବିଷମ କଟକ ଥାନା ସଦର ରେ ଗତ କିଛି ଦିନ ବ୍ୟବଧାନରେ ଦୁଇଟି ବୁଲେଟ ଚୋରି ହୋଇଥିବା ବେଳେ ଦୁଇଟି ଯାକ ବୁଲେଟ ଉଦ୍ଧାର କରାଯାଇଛି। ବିଷମ କଟକ ସହରର ମାର୍କମା ସାହିରେ ନିକଟରେ ରହୁଥିବା କେ.ମାର୍କଣ୍ଡ ଗତକାଲି ରାତିରେ ତାଙ୍କ ଘର ବାରଣ୍ଡାରେ ବୁଲେଟକୁ ହେଣ୍ଡେଲ ଲକ କରି ରଖିଥିଲେ ହେଲେ। ହେଲେ ରାତିରେ ଗାଡ଼ିଟି ଚୋରି ହୋଇଯାଇଥିଲା। ସେ ବିଷମ କଟକ ଥାନାକୁ ଅବଗତ କରିଥିଲେ। ଖବର ପାଇବା ସଙ୍ଗେ ସଙ୍ଗେ ବିଷମ କଟକ ପୋଲିସ ତତ୍ପରତା ଦେଖାଇ ତଦନ୍ତ କରିବା ବେଳେ ଦିନ ୧୧ଟା ସମୟରେ ବୁଲେଟଟି ରାୟଗଡା ପିଟଲା ସାହି ରାସ୍ତାକଡରେ ରହିଥିବା ଦେଖିବାକୁ ପାଇଥିଲେ। ଚୋରି କୁ ବାରଘଣ୍ଟା ନ ପୁରୁଣୁ ରାୟଗଡ଼ା ପୋଲିସ୍ ବୁଲେଟ୍ ଠାବ କରି ସର୍ବସାଧାରଣରେ ପ୍ରଶଂସିତ ହୋଇଛି। ଏହା ପୂର୍ବରୁ ବିଷମ କଟକର ଆଇନଜୀବୀ ରାଜ କିଶୋର ସାହୁଙ୍କ ଚୋରି ହୋଇଥିବା ବୁଲେଟ୍‌ଟିକୁ ଲକ୍ଷ୍ମୀପୁର ବସ୍‌ଷ୍ଟାଣ୍ଡ ନିକଟରୁ ପୋଲିସ୍ ଉଦ୍ଧାର କରି ଗାଡି ମାଲିକଙ୍କୁ ହସ୍ତାନ୍ତର କରିଛି।

## ଗୁପ୍ତେଶ୍ୱରରେ କଉଡ଼ିଆଙ୍କ ଭିଡ

# ପାର୍କିଂ,ଶୌଚାଳୟ ଓ ଆଶ୍ରୟସ୍ଥଳୀ ନଥିବାରୁ ଅସନ୍ତୋଷ

ବୈପାରୀଗୁଡ଼ା,୧୪।୭ (ସମିସ):



ଶ୍ରାବଣ ମାସର ପ୍ରଥମ ସୋମବାରରେ ବୋଲବୋମ୍ ଧ୍ୱନୀରେ ପ୍ରକମ୍ପିତ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠ। ମହାଦେବଙ୍କୁ ଜଳାଭିଷେକ କରିବା ପାଇଁ ଶୈବପୀଠରେ ସକାଳୁ ସକାଳୁ ଭିଡ଼ ଲାଗିଥିଲା। ନୀତି ନିର୍ଘଣ୍ଟ ଅନୁଯାୟୀ ରାତି ବାରଟା ପରେ ମନ୍ଦିର ଖୋଲାଯାଇଥିଲା। ମଙ୍ଗଳ ଆଳତି ଓ ଅବକାଶ ନୀତି କରାଯିବା ପରେ ସାହାଣମେଲା ଦର୍ଶନ ପରେ ଧାଡିକରି କାଉଡିଆମାନେ ମନ୍ଦିରକୁ ପ୍ରବେଶ କରି ଜଳଲାଗି କରିଥିଲେ। ଶ୍ରାବଣରେ ମନସ୍କାମନା ପୂରଣ ପାଇଁ ମହାଦେବଙ୍କୁ ଜଳଲାଗି କରିବାକୁ ଦୂର ଦୂରାନ୍ତରୁ ଶୈବପୀଠକୁ ପାଣି ଆଣି ଆସିଥାନ୍ତି। ଗୁପ୍ତେଶ୍ୱର ଲଙ୍ଗ ନିକଟରେ ଜଳ ଲାଗି ପାଇଁ ଭକ୍ତଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଛି। ମନ୍ଦିର ପାଦଦେଶରୁ ଦୁଇ କିଲୋମିଟର ପର୍ଯ୍ୟନ୍ତ ଲମ୍ବା ଧାଡିରେ ଆସି ଜଳଲାଗି କରିଛନ୍ତି ଶ୍ରଦ୍ଧାଳୁ। ଚଳିତ ବର୍ଷ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ପୀଠରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କିନ୍ତୁ ପୀଠରେ ଗାଡି ପାର୍କିଙ୍ଗ ନିମନ୍ତେ କୌଣସି ସୁବିଧା ନଥିବାରୁ ସମସ୍ତ ପ୍ରକାର ଗାଡି ମଟର ରାସ୍ତା ଉପରେ ରଖିବାକୁ ବାଧ ହୋଇଥିଲେ। ଆଗାମୀ ସୋମବାର ଦିନ ଏଠାରେ ଟ୍ରାଫିକ ସମସ୍ୟା ଉପୁଜିବା ଆଶଙ୍କା ରହିଛି। ପୀଠରେ ଅସ୍ଥାୟୀ ଆଶ୍ରୟ ସ୍ଥଳୀ ତଥା ଟେଣ୍ଟ ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ମହିଳାଙ୍କ ବିଶ୍ରାମ ପାଇଁ କୌଣସି ସୁବିଧା କରାଯାଇନଥିଲା। ଯା' ଦ୍ୱାରା ମହିଳା ବୋଲବମ ଭକ୍ତଙ୍କୁ ହଇରାଣ ହେବାକୁ ପଡିଥିଲା। ନଦୀ ତୁଠରେ ଆବଶ୍ୟକ ଶୌଚାଳୟ ନଥିବାରୁ ହନ୍ତସନ୍ତ ହୋଇଛନ୍ତି ବୋଲବମ । ଚଳିତ ବର୍ଷ ପୀଠରେ ଦର୍ଶନ ଟିକଟ ବନ୍ଦ କରାଯାଇଛି । ଟିକଟ ବ୍ୟବସ୍ଥା ବନ୍ଦ ପରେ ଦେବୋତ୍ତର ବିଭଗର ପରିଚାଳନା ବ୍ୟବସ୍ଥାକୁ ଅଣ ଦେଖା କରାଯାଉଛି ବୋଲି ସାଧାରଣରେ ଅସନ୍ତୋଷ ପ୍ରକଶ ପାଇଛି। ଏସବୁ ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ସମିତି ସଭ୍ୟ ଭବିଷଣ ହନ୍ତାଳ ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର କାନ୍ଦିଲିଆ ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆଗକୁ ଏ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବା ନିହାତି ଜରୁରୀ ବୋଲି ମତପ୍ରକାଶ ପାଉଛି।

# ମାଁ ପେଣ୍ଡ୍ରାଣୀଙ୍କ ଯାତ୍ରା, ଶ୍ରଦ୍ଧାଳୁଙ୍କ ଭିଡ଼





ଉମରକୋଟ ୧୪।୭ (ସମିସ):

ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ଅଧିଷ୍ଠାତ୍ରୀ ଦେବୀ ମାଁ ପେଣ୍ଡ୍ରାଣୀଙ୍କ ଯାତ୍ରା ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମାଁଙ୍କ ଦର୍ଶନ ନିମନ୍ତେ ହଜାର ହଜାର ଭକ୍ତଙ୍କ ସମାଗମ ହେଇଥିଲା। ପ୍ରତ୍ୟେକ ବର୍ଷ ଶ୍ରାବଣ ମାସର ପ୍ରଥମ ସୋମବାରରେ ମାଁ ଙ୍କ ଯାତ୍ରା ଅନୁଷ୍ଠିତ ହୁଏ। ଶନିବାର ଦିନ ମାଁ ମଙ୍ଗଳାଙ୍କ ମନ୍ଦିରରେ ପୂଜା ସରିବା ପରେ ସୋମବାର ଦିନ ମାଁଙ୍କୁ ପୂଜାର୍ଚ୍ଚନା କରି ଭୋଗ ଲାଗି କରାଯାଇଥାଏ। ପରେ ସୋମବାର ଦିନ ସକାଳୁ ମାଁ ପେଣ୍ଡ୍ରାଣୀଙ୍କ ମହାଆଳତି, ଷୋଳସ ଉପଚାର, ପଣା ଆଦି ରୀତିକାନ୍ତି ଅନୁଯାୟୀ ମା'ଙ୍କୁ ପୂଜା ଅର୍ଚ୍ଚନା କରାଯାଇଥିଲା। ମାଁ ମନ୍ଦିର ଭିତରୁ ନିଜ ଆସ୍ଥାନରୁ ବାହାରି ବିମାନରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଅପରାହ୍ନରେ ମା' ଅଞ୍ଚଳବାସୀଙ୍କୁ ସମସ୍ତ ବିପଦ, ରୋଗରୁ ସୁରକ୍ଷା ଦେବା ସହ ସମସ୍ତ ଭକ୍ତ ଯେମିତି ସୁଖ ସମୃଦ୍ଧିରେ ରହିବେ, ସେଥିପାଇଁ ଆର୍ଶୀବାଦ ପ୍ରଦାନ କରନ୍ତି। ମାଁଙ୍କ ଏହି ଯାତ୍ରା ଶହଶହ ବର୍ଷ ଧରି ଚାଲି ଆସୁଥିବା ଅନୁମାନ କରାଯାଉଛି। ମା'ଙ୍କୁ ଯେକୌଣସି ଭକ୍ତ ମନସ୍କାମନା କଲେ ତାହା ମା'ପୂରଣ କରନ୍ତି ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ତେଣୁ ମାଁଙ୍କ ଦର୍ଶନ ପାଇଁ ଆଖପାଖ ଅଞ୍ଚଳ ତଥା ପଡୋଶୀ ରାଜ୍ୟ ଛତିଶଗଡ଼, ଆନ୍ଧ୍ରପ୍ରଦେଶରୁ ଶହ ଶହ ସଂଖ୍ୟାରେ ଭକ୍ତଙ୍କ ଭିଡ ଲାଗିଥାଏ। ମାଁଙ୍କ ଦର୍ଶନ କରିବା ପରେ ସୁଖଶାନ୍ତି ପ୍ରାପ୍ତ ହୋଇଥାଏ ବୋଲି ଭକ୍ତଙ୍କ ଅଗାଢ଼ ବିଶ୍ୱାସ ରହିଛି।

# ଶ୍ରାବଣ ପ୍ରଥମ ସୋମବାରରେ କାଉଡ଼ିଆଙ୍କ ଭିଡ଼

କୋରାପୁଟ,୧୪।୭ (ସମିସ):



ଶ୍ରାବଣ ମାସର ପ୍ରଥମ ସୋମବାରରେ କୋରାପୁଟ ଜିଲ୍ଲାର ସମସ୍ତ ଶୈବ ପୀଠ ଚଳଚଞ୍ଚଳ ହୋଇ ଉଠିଥିଲା। ଦେବଦେବ ମହାଦେବଙ୍କ ଉପରେ ପାଣି ଢାଳି ଶୁଭ ମନାସିଛନ୍ତି କାଉଡ଼ିଆ। ଗତ ଶନିବାର ଓ ରବିବାର ବିଭିନ୍ନ ନଦୀରୁ ପାଣି ଉଠାଇ କାଉଡ଼ିଆମାନେ ଶିବ ମନ୍ଦିର ଯାତ୍ରା କରିଥିଲେ। କୋରାପୁଟର ଗୁପ୍ତେଶ୍ୱର, ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ଶବରେଶ୍ୱର, ଆଖଣ୍ଡଳମଣି ମନ୍ଦିର ଓ କୁସୁମଗୁଡାର ସହସ୍ର ଶିବଲିଙ୍ଗ ଆଦି ଶୈବାଳୟରେ କାଉଡ଼ିଆ ମାନେ ପାଣି ଢାଳିଛନ୍ତି। ଶ୍ରାବଣ ମାସରେ ଦେବଦେବ ମହାଦେବଙ୍କୁ ଜଳ ଲାଗି କଲେ ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଶ୍ରାବଣ ମାସସାରା ପ୍ରତିଟି ସୋମବାର ବିଭିନ୍ନ ନଦୀରୁ ଜଳ ସଂଗ୍ରହ କରି ଖାଲିପାଦରେ ବାହୁଙ୍ଗା ବୋହି ପାଦରେ ଚାଲି ଚାଲି ଶୈବପୀଠକୁ ଆଣି ମହାଦେବଙ୍କୁ ଜଳ ଲାଗି କରିଥାନ୍ତି ବୋଲି ରାଜ୍ୟର ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରୁ କୋରାପୁଟ ଆସିଥିବା କାଉଡ଼ିଆ ମାନେ କହିଛନ୍ତି।

## ବିହାର ଭୋଟର ତାଲିକାରୁ ବାଦ୍ ହେବେ ୩୫.୫ ଲକ୍ଷ

ପାଟନା, ୧୪।୭ (ଏଜେନ୍ସି): ବିହାର ବିଧାନସଭା ପୂର୍ବରୁ ନିର୍ବାଚନ କମିଶନ (ଇସି)ରାଜ୍ୟରେ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା (ଏସ୍ଆଇଆର)ଜାରି ରଖିଛନ୍ତି। ଏହା ଦ୍ୱାରା ତାଲିକାର ୩୫ ଲକ୍ଷ ଲୋକଙ୍କ ନାମ କଟିପାରେ ବୋଲି ବିରୋଧୀ ଦଳମାନେ ଆକଳନ କରିଛନ୍ତି। ଏହା ମଧ୍ୟରେ ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ଏ ପର୍ଯ୍ୟନ୍ତ ୬.୬ କୋଟି ଭୋଟର ନିଜର ଫର୍ମ ଦାଖଲ କରିସାରିଲେଣି। ଏହା ଭୋଟର ସଂଖ୍ୟାର ୮୮.୧୮ ପ୍ରତିଶତ। ୨୫ ତାରିଖ ସୁଦ୍ଧା ଏହି ଫର୍ମ ଦାଖଲ କରିବାକୁ ପଡ଼ିବ। ଏବେ ସୁଦ୍ଧା ୧.୫୯ ପ୍ରତିଶତ ତଥା ୧୨.୫ ଲକ୍ଷ ଭୋଟର ପ୍ରାଣ ହରାଇଲେଣି ବୋଲି ଜଣାପଡ଼ିଛି। ୨.୨ ପ୍ରତିଶତ ତଥା ୧୭.୫ ଲକ୍ଷ ବିହାର ବାହାରକୁ ପଳାଇଛନ୍ତି। ଆଉ ୦.୭୩ ପ୍ରତିଶତ ତଥା ୫.୫ ଲକ୍ଷ ଦୁଇ ଥର ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଏହି ତଥ୍ୟରୁ ଜଣାପଡୁଛି ଯେ ପ୍ରାୟ ୩୫.୫ ଲକ୍ଷଙ୍କୁ ବିହାର ଭୋଟର ତାଲିକାରୁ ବାଦ୍ ଦିଆଯିବ। ଏହା ମୋଟ ଭୋଟର ତାଲିକାର ୪.୫ ପ୍ରତିଶତ।

## କାନାଡ଼ାରେ ରଥଯାତ୍ରା ସମୟରେ ଅଣ୍ଡା ମାଡ଼କୁ ନିନ୍ଦାକଲା ଭାରତ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): କାନାଡ଼ାର ଟରୋଣ୍ଟରେ ବାର୍ଷିକ ରଥଯାତ୍ରା ସମୟରେ ଖଲିସ୍ତାନୀ ଆକ୍ରମଣ କରିଛନ୍ତି। ଏହି ଯାତ୍ରାରେ ସାମିଲ ଶ୍ରଦ୍ଧାଳୁଙ୍କ ଉପରେ ଖଲିସ୍ତାନୀ ଆତଙ୍କବାଦୀ ଅଣ୍ଡା ମାଡ଼ କରିଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ମାମଲା ବିଚଳିତ କରିଦେଉଛି। ସାରା ବିଶ୍ୱରେ ଥିବା ଜଗନ୍ନାଥଙ୍କ ଭକ୍ତଙ୍କ ଭାବନାକୁ ଗଭୀର ଆଘାତ ଦେଇଛି। ଓଡ଼ିଶାର ସଂସ୍କୃତି ଏବଂ ଭାବାବେଗ ସହ ଜଡ଼ିତ ରଥଯାତ୍ରା ସମୟରେ ଏଭଳି ଆକ୍ରମଣ ଓଡ଼ିଶାବାସୀଙ୍କୁ ଗଭୀର ଯନ୍ତ୍ରଣା ଦେଇଛି ବୋଲି ସେ କହିଛନ୍ତି। ଏହି ଆକ୍ରମଣକୁ ନେଇ କାନାଡ଼ା କର୍ତ୍ତୃପକ୍ଷଙ୍କ ନିକଟରେ ତୀବ୍ର ବିରୋଧ କରିବାକୁ ସେ ବିଦେଶ ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି। ଏହା ପରେ ଭାରତ ସରକାରଙ୍କ ପକ୍ଷରୁ ଏହି ଆକ୍ରମଣକୁ ନିନ୍ଦା କରାଯାଇଛି। ସମାବେଶୀ, ଏକତା ଏବଂ ସାମାଜିକ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଉଥିବା ରଥଯାତ୍ରାରେ ଏଭଳି ଘୃଣ୍ୟ କାର୍ଯ୍ୟ କରିବା ଦୁଃଖଦ ବୋଲି କୁହାଯାଇଛି। କାନାଡ଼ା କର୍ତ୍ତୃପକ୍ଷଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଯାଇଛି। ଧାର୍ମିକ ସ୍ୱାଧୀନତା ବଜାୟ ରଖିବା ପାଇଁ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି ବୋଲି ବିଦେଶ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

## ହରିୟାଣା, ଗୋଆରେ ନୂଆ ରାଜ୍ୟପାଳ

ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): ହରିୟାଣା ଓ ଗୋଆରେ ନୂଆ ରାଜ୍ୟପାଳ ନିଯୁକ୍ତ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଏ ନେଇ ଘୋଷଣା କରିଛନ୍ତି। ସେହିପରି କେନ୍ଦ୍ର ଶାସିତ ଅଞ୍ଚଳ ଲାଦାଖରେ ଜଣେ ନୂଆ ଉପ-ରାଜ୍ୟପାଳ (ଏଲ୍‌ଜି)ଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ରାଷ୍ଟ୍ରପତି ଭବନ ତରଫରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଫେସର ଅଶିମ କୁମାର ଘୋଷ ହରିୟାଣା, ପୁସାପତି ଅଶୋକ ଗଜପତି ରାଜୁ ଗୋଆ ରାଜ୍ୟପାଳ ଭାବେ ଦାୟିତ୍ୱ ନେବେ। ଜମ୍ମୁ- କଶ୍ମୀର ପୂର୍ବତନ ଉପ- ମୁଖ୍ୟମନ୍ତ୍ରୀ କବିନ୍ଦର ଗୁପ୍ତା ଲଦାଖର ଏଲ୍‌ଜି ନିଯୁକ୍ତି ପାଇଛନ୍ତି।

## ୟୁନୁସଙ୍କ ଆମ୍ବ କୂଟନୀତି
### ପ୍ରଧାନମନ୍ତ୍ରୀଙ୍କୁ ହଜାର କିଲୋ ଆମ୍ବ ପଠାଇଲେ

ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟକୁ ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ ୧୦୦୦ କିଲୋ ହରିଭଙ୍ଗା ଆମ୍ବ ପଠାଇଛନ୍ତି। ଏହି ଆମ୍ବ ମୋଦୀଙ୍କ ସମେତ ଅନ୍ୟ ନେତା, ଅଧିକାରୀଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯିବ। ଭାରତ ସହ ଦ୍ୱିପାକ୍ଷିକ ଓ କୂଟନୈତିକ ସମ୍ପର୍କରେ ଉନ୍ନତି ଆଣିବା ପାଇଁ ବାଂଲାଦେଶ ଏହି ଆମ୍ବ କୂଟନୀତିର ସାହାରା ନେବାର ପରମ୍ପରା ରହିଆସିଛି। ବାଂଲାଦେଶ କେବଳ କେନ୍ଦ୍ର ସରକାର ନୁହେଁ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହାଙ୍କୁ ମଧ୍ୟ ହରିଭଙ୍ଗା ଆମ୍ବ ପଠାଇଛନ୍ତି। ଏହି ଆମ୍ବଗୁଡ଼ିକୁ ୬୦ ଡବାରେ ଭର୍ତ୍ତି କରାଯାଇ ଗୁରୁବାର ସନ୍ଧ୍ୟା ୫:୧୫ରେ ଅଖୁରା ଲ୍ୟାଣ୍ଡ ପୋର୍ଟ ଜରିଆରେ ଭାରତ ପଠାଯାଇଛି।

## ସ୍ୱାମୀଙ୍କୁ ମାରି ପୋତିଦେଲା ସ୍ତ୍ରୀ

ଗୌହାଟୀ, ୧୪।୭(ଏଜେନ୍ସି): ସ୍ୱାମୀଙ୍କୁ ହତ୍ୟା କରିବା ଅଭିଯୋଗରେ ଆସାମର ଗୌହାଟୀର ଜଣମାତି ନଗରୀରେ ରାହିମା ଖାତୁନ (୩୮)ଙ୍କୁ ପୁଲିସ ଗିରଫ କରିଛି। ସ୍ୱାମୀ ସବିଆଲ ରେହମାନ (୪୦)ଙ୍କୁ ହତ୍ୟା ପରେ ଘର ଅଗଣାରେ ୫ ଫୁଟ୍‌ର ଗାତ କରି ପୋତି ଦେଇଥିଲେ। ଅପରାଧକୁ ଲୁଚାଇବା ପାଇଁ ସ୍ୱାମୀ କେରଳକୁ କାମ କରିବାକୁ ଯାଇଛନ୍ତି ବୋଲି ପଡ଼ୋଶୀ ତଥା ସମ୍ପର୍କୀୟଙ୍କୁ କହିଥିଲେ। ସନ୍ଦେହ ହେବା ପରେ ସବିଆଲଙ୍କ ଭାଇ ଗତ ୧୨ ତାରିଖରେ ପୁଲିସରେ ଅଭିଯୋଗ କରିଥିଲେ। କିନ୍ତୁ ଏହା ପରେ ଦିନ ରାହିମା ଥାନରେ ଆତ୍ମସମର୍ପଣ କରି ଅପରାଧ ସ୍ୱୀକାର କରିଥିଲେ। ଜୁନ୍ ୨୬ରେ ଦୁହେଁ ମଧ୍ୟରେ ଝଗଡ଼ା କରିବା ସହ ହାତାହାତି ହୋଇଥିଲେ। ଏଥିରେ ମୃତ୍ୟୁବରଣ କରିଥିଲେ। ଭୟରେ ମୃତଦେହକୁ ପୋତି ଦେଇଥିଲା ବୋଲି ରାହିମା କହିଥିଲା।

## ପତ୍ନୀଙ୍କ କଲ୍ ରେକର୍ଡିଂକୁ ପ୍ରମାଣ ଧରାଯିବ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ପତ୍ନୀଙ୍କ ଅଗୋଚରରେ ରେକର୍ଡ କରାଯାଇଥିବା କଲ୍‌କୁ ବୈବାହିକ ବିବାଦରେ ପ୍ରମାଣ ଭାବେ ବ୍ୟବହାର କରାଯାଇପାରେ। ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟଙ୍କ ରାୟକୁ ଖାରଜ କରି ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଭଳି କରିବା ପତ୍ନୀଙ୍କ ଗୋପନୀୟତା ଅଧିକାରର ଉଲ୍ଲଙ୍ଘନ ବୋଲି ହାଇକୋର୍ଟ କହିଥିଲେ ଏବଂ କଲ୍ ରେକର୍ଡିଂକୁ ପ୍ରମାଣ ଭାବେ ଧରି ନ ଥିଲେ। ତେବେ ସୁପ୍ରିମକୋର୍ଟ କହିଛନ୍ତି ଯେ ବୈବାହିକ ଜୀବନରେ ଗୋପନୀୟତା ଅଧିକାର ପୂର୍ଣ୍ଣ ହୋଇପାରିବ ନାହିଁ। ଭାରତୀୟ ପ୍ରମାଣ ନିୟମର ଧାରା ୧୨୨ ଅନୁଯାୟୀ ପତିପତ୍ନୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ କୋର୍ଟରେ ଉଜାଗର କରିହେବନି। କିନ୍ତୁ ଏହାକୁ ଛାଡ଼ପତ୍ର ଭଳି ମାମଲାରେ ଅପବାଦ ଧରାଯିବ। ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ସତୀଶ ଚନ୍ଦ୍ର ମିଶ୍ରାଙ୍କ ଖଣ୍ଡପୀଠ କହିଥିଲେ ଯେ ଏହି ମାମଲାରେ ଗୋପନୀୟତା ଅଧିକାରର ଉଲ୍ଲଙ୍ଘନ ହୋଇନାହିଁ।

# ସରକାରଙ୍କ ଉପରେ କେସ୍ କରୁଥିବା ଲୋକଙ୍କ ଆବଶ୍ୟକତା ରହିଛି: ଗଡ଼କରୀ



ନାଗପୁର, ୧୪।୭ (ଏଜେନ୍ସି): ସରକାରଙ୍କ ବିରୋଧରେ କେସ୍ ଦାଖଲ କରିବା ଜରୁରୀ। ସମାଜରେ ଏଭଳି ମାମଲା କରୁଥିବା ଲୋକଙ୍କ ଆବଶ୍ୟକତା ରହିଛି। ନେତାଙ୍କ ଉପରେ ଏବଂ ବ୍ୟବସ୍ଥାରେ ଅନୁଶାସନ ଆଣିବା ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହେବା ଜରୁରୀ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ କହିଛନ୍ତି। ରବିବାର ନାଗପୁରରେ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ସେ ଏହି ଟିପ୍ପଣୀ ଦେଇଥିଲେ। ଗଡ଼କରୀ କହିଥିଲେ ଯେ ଅନେକ ସମୟରେ ସରକାର କରାଇ ପାରୁ ନ ଥିବା କାମକୁ କୋର୍ଟ ନିର୍ଦ୍ଦେଶ ଦେଇ କରି ଦିଅନ୍ତି। ସେଥିପାଇଁ ସମାଜର କିଛି ଲୋକ ସରକାର ବିରୋଧରେ କୋର୍ଟରେ ଆବେଦନ ଦାଏର କରିବା ଉଚିତ। ଏହା ଦ୍ୱାରା ନେତା ଏବଂ ବ୍ୟବସ୍ଥାରେ ଅନୁଶାସନ ଆସିଥାଏ। କେନ୍ଦ୍ରମନ୍ତ୍ରୀ ଏହାର କାରଣ ମଧ୍ୟ ଦର୍ଶାଇଛନ୍ତି। ଜନତାଙ୍କୁ ଆକୃଷ୍ଟ କରିବାର ରାଜନୀତି ନେତା-ମନ୍ତ୍ରୀଙ୍କ ରାସ୍ତାରେ ବାଧା ସୃଷ୍ଟି କରୁଛି। ସେଥିପାଇଁ ସେମାନେ ଜନତାଙ୍କ କଲ୍ୟାଣ ପାଇଁ ପଦକ୍ଷେପ ନେଇପାରନ୍ତି

### ନେତା-ବ୍ୟବସ୍ଥାରେ ଅନୁଶାସନ ଲାଗି କୋର୍ଟଙ୍କ ଦ୍ୱାରସ୍ଥ ହେବା ଜରୁରୀ

ନାହିଁ। ଏ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ଦାଖଲ କରାଯାଇଥିବା ଅନେକ ମାମଲାର ଉଦାହରଣ ଦେଇଛନ୍ତି।

ଗଡ଼କରୀ ନାଗପୁରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଶଳ ସଂଗଠକ ଭାବେ ସମ୍ମାନିତ ଲୋକଙ୍କୁ ପ୍ରଶଂସା କରିଥିଲେ। କହିଥିଲେ ଯେ ଏହି ଲୋକମାନେ ସରକାରଙ୍କ ବିରୋଧରେ ଆଇନଗତ ଲଢ଼େଇ ଲଢ଼ିଥିଲେ। ସମାଜରେ ଏଭଳି ସଚେତନ ଏବଂ ଲଢ଼େଇ କରୁଥିବା ବ୍ୟକ୍ତି ରହିବା ଜରୁରୀ। ଏମାନେ ବ୍ୟବସ୍ଥାରେ ଥିବା ସମସ୍ୟା ତଥା ଦୁର୍ବଳତାକୁ ଉଜାଗର କରି ଜନତାଙ୍କ କଲ୍ୟାଣ ନିମନ୍ତେ ପଦକ୍ଷେପ ନେଇଥାନ୍ତି। ଏହି ଲୋକମାନେ କେବଳ ବିରୋଧ କରୁନାହାନ୍ତି, ବରଂ ଜନମଙ୍ଗଳ କାର୍ଯ୍ୟ ମଧ୍ୟ କରୁଛନ୍ତି। କୋର୍ଟଙ୍କ ମାଧ୍ୟମରେ ସରକାରଙ୍କୁ ଉତ୍ତରଦାୟୀ କରୁଛନ୍ତି। ଗଣତନ୍ତ୍ରରେ ସଚେତନ ନାଗରିକଙ୍କ କ'ଣ ଭୂମିକା ରହିଛି ତାହା ସାବ୍ୟସ୍ତ କରିଛନ୍ତି। ଅନେକ ସମୟରେ ଲୋକେ ଅଦାଲତଙ୍କ ଦ୍ୱାରସ୍ଥ ହେବା ପରେ ସରକାର ନିଜ ନିଷ୍ପତ୍ତିରୁ ଓହରି ଯାଇଥାନ୍ତି ବୋଲି ଗଡ଼କରୀ ପ୍ରକାଶ କରିଥିଲେ।



# ମାସକୁ ହଜାରେ କୋଟି ହରାଉଛନ୍ତି ଭାରତୀୟ

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଦେଶରେ ସାଇବର ଠକେଇ ମାମଲା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହା ଦିନକୁ ଦିନ ମୁଣ୍ଡବିନ୍ଧା ପାଲଟି ଗଲାଣି। ଶିକ୍ଷିତଙ୍କଠାରୁ ନେଇ ଅପାଠୁଆଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଠକେଇର ଶିକାର ହୋଇ ଜୀବନ ଯାକର ସଞ୍ଚିତ ଅର୍ଥ ହରାଉଛନ୍ତି। କିଛି ଲୋକ ଜୀବନ ମଧ୍ୟ ହରାଇଛନ୍ତି। ଏଭଳି ସମୟରେ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ସାଇବର ଠକେଇ ଯୋଗୁଁ ଭାରତୀୟ ମାସକୁ ହଜାରେ କୋଟି ଟଙ୍କା ହରାଉଛନ୍ତି। ଚଳିତ ବର୍ଷର ପ୍ରଥମ ପାଞ୍ଚ ମାସରେ ସାଇବର ଠକମାନେ ଭାରତୀୟଙ୍କଠାରୁ ପ୍ରାୟ ୭ ହଜାର କୋଟି ଟଙ୍କା ଲୁଟି ନେଇଛନ୍ତି। ତେବେ ଚିନ୍ତାର ବିଷୟ ଏହି କି ଯେ ଅଧିକାଂଶ ସାଇବର ଠକ ବିଦେଶରୁ ଏହି ଗୋଲକ ଧନ୍ଦା ଚଳାଉଛନ୍ତି। ଦକ୍ଷିଣପୂର୍ବ ଏସିଆ ଏହି ସାଇବର ଠକଙ୍କ ଆଡ୍ଡା ପାଲଟି ଯାଇଛି। ଚଳିତ ବର୍ଷ ଜାନୁଆରୀରୁ ମେ' ମାସ ମଧ୍ୟରେ ମ୍ୟାଁମାର, କାମ୍ବୋଡିଆ, ଭିଏତନାମ, ଲାଓସ ଏବଂ ଥାଇଲାଣ୍ଡରେ ରହି ଅନ୍‌ଲାଇନ ସ୍କାମ୍ ମାଧ୍ୟମରେ ଏହି ୭ ହଜାର କୋଟି ଟଙ୍କା ଲୁଟି ନେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଅଧିନରେ ଥିବା ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର (୧୪ସି)ର ସୂଚନା ଅନୁଯାୟୀ ଉଚ୍ଚ ସୁରକ୍ଷା ବିଶିଷ୍ଟ ସ୍ଥାନରେ ରହି ଭାରତୀୟଙ୍କୁ ଲୁଟା ଯାଉଛି। ଚୀନ୍ ନେତୃତ୍ୱରେ ଏହି ଲୁଟ୍‌ର ଖେଳ ଚାଲିଛି। ଚାଇନିଜ୍ ଅପରେଟରମାନେ ଭଲ ଚାକିରିର ପ୍ରଲୋଭନ ଦେଖାଇ ଭାରତୀୟଙ୍କ ସମେତ ଅନ୍ୟ ଦେଶର ଲୋକମାନଙ୍କୁ ବିଦେଶ ଡାକି ନେଉଛନ୍ତି। ସେଠାରେ ପହଞ୍ଚିବା ପରେ ମାନବ ଚାଲାଣ କରି ଜୋର ଜବରଦସ୍ତି ଏହି ଠକେଇରେ ଲଗାଉଛନ୍ତି।

### ଦକ୍ଷିଣ ପୂର୍ବର ଏସିଆରୁ ଚାଲିଛି ଲୁଟ୍‌ର ଖେଳ
### ଚୀନ୍ ନେତୃତ୍ୱରେ ହେଉଛି ଭାରତୀୟଙ୍କୁ ଲୁଟ୍

ଚଳିତ ବର୍ଷର ସାଇବର ଠକେଇରୁ ଜଣାପଡ଼ିଛି ଯେ ସେମାନେ ଭାରତୀୟ ଅର୍ଥନୀତିକୁ ନିଶାଣ କରୁଛନ୍ତି। ଏଭଳି ଅପରାଧ ଯୋଗୁ ଭାରତ ମାସକୁ ହଜାରେ କୋଟି ଟଙ୍କା ହରାଉଛି। ସିଏଫସିଏଫଆରଏମଏସର ରିପୋର୍ଟ ଅନୁଯାୟୀ ଦକ୍ଷିଣ ପୂର୍ବରୁ ଏସିଆରେ ରହି ଭାରତୀୟଙ୍କୁ ଠକୁଥିବା ଏହି ଅପରାଧୀ ଜାନୁଆରୀରେ ୧୧୯୨ କୋଟି, ଫେବୃଆରୀରେ ୯୫୧ କୋଟି, ମାର୍ଚ୍ଚରେ ହଜାରେ କୋଟି, ଏପ୍ରିଲରେ ୭୩୧ କୋଟି ଏବଂ ମେ'ରେ ୯୯୯ କୋଟି ଟଙ୍କା ଲୁଟି ନେଇଥିଲେ। ଏହି ଠକେଇ ଉପରେ ନିୟନ୍ତ୍ରଣ ଲାଗି ଭାରତୀୟ ଅଧିକାରୀଙ୍କ ସହ କାମ୍ବୋଡିଆ ଅଧିକାରୀ ବୈଠକ କରିଥିଲେ। ଏଥିରେ କେନ୍ଦ୍ରୀୟ ଏଜେନ୍ସିଙ୍କ ପ୍ରତିନିଧି ମଧ୍ୟ ସାମିଲ ହୋଇଥିଲେ। ଏହି ର୍‍ୟାକେଟ ପରିଚାଳିତ ହେଉଥିବା ସ୍ଥାନର ଭୌଗଳିକ ସ୍ଥିତି ବିଷୟରେ ସୂଚନା ଦେବା ପାଇଁ ଭାରତୀୟ ଅଧିକାରୀ ଅନୁରୋଧ କରିଥିଲେ।

ଅଧିକାରୀଙ୍କ ସୂଚନା ଅନୁଯାୟୀ ଗୁଇନ୍ଦା ଏଜେନ୍ସି ଏବଂ ଉଦ୍ଧାର ଲୋକଙ୍କ ମନ୍ତବ୍ୟ ଆଧାରରେ ଜାଣିବାକୁ ମିଳିଥିଲା ଯେ କାମ୍ବୋଡିଆରୁ ୪୫ଟି, ଲାଓସରୁ ୫ଟି ଏବଂ ମ୍ୟାଁମାରରୁ ଏଭଳି ଠକେଇର ଗୋଟିଏ ଠିକଣା ଚିହ୍ନଟ କରାଯାଇଥିଲା। ଏହି ଠକେଇରେ ଭାରତୀୟଙ୍କ ବ୍ୟତୀତ ଆଫ୍ରିକା, ପୂର୍ବ ଏସିଆ, ଦକ୍ଷିଣ ପୂର୍ବ ଏସିଆ, ଦକ୍ଷିଣ ଏସିଆ, ମଧ୍ୟ ଅସିଆ, ପଶ୍ଚିମ ଏସିଆ, ୟୁରୋପ/ ଉତ୍ତର ଏବଂ ଦକ୍ଷିଣ ଆମେରିକାର ଲୋକେ ମଧ୍ୟ ଏହି ପରିସରରେ ଥିଲେ ବୋଲି ଜଣାପଡ଼ିଛି। ଚୀନ୍ ଅପରେଟରଙ୍କ ନେତୃତ୍ୱରେ ଚାଲିଥିବା ଏହି ର୍‍ୟାକେଟରେ ଷ୍ଟକ ଟ୍ରେଡିଂ ତଥା ନିବେଶ, ଡିଜିଟାଲ ଆରେଷ୍ଟ ଏବଂ ନିବେଶ ସ୍କାମ ଦ୍ୱାରା ଲୋକଙ୍କୁ ଠକା ଯାଉଥିଲା। ଏଥିପାଇଁ ଏଜେଣ୍ଟମାନଙ୍କ ଦ୍ୱାରା ଭାରତରୁ ନିଯୁକ୍ତି କରାଯାଉଥିଲା। ଏଥିରେ ସାମିଲ ମହାରାଷ୍ଟ୍ରର ୫୯ ଜଣ, ତାମିଲନାଡୁର ୫୧ ଜଣ, ଉତ୍ତର ପ୍ରଦେଶରୁ ୪୧, ଦିଲ୍ଲୀରୁ ୩୮, ଜମ୍ମୁ-କଶ୍ମୀରରୁ ୪୬ ଜଣ ଏଜେଣ୍ଟଙ୍କୁ ଟ୍ରାକ୍ କରାଯାଇଛି।

## ଏସ୍‌ସିଓ ସମ୍ମିଳନୀରେ ଚୀନ୍ ଉପ-ରାଷ୍ଟ୍ରପତିଙ୍କୁ ଭେଟିଲେ ଜୟଶଙ୍କର

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସାଂଘାଇ କୋପରେସନ ଅର୍ଗାନାଇଜେସନ (ଏସ୍‌ସିଓ) ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ରାଜଧାନୀ ବେଜିଂ ଯାତ୍ରା କରିଛନ୍ତି। ବିଭିନ୍ନ ଦେଶର ବୈଦେଶିକ ମନ୍ତ୍ରୀମାନଙ୍କ ଏହି ସମ୍ମଳନୀ ଆୟୋଜିତ ହେଉଛି। ଏହି ଅବସରରେ ସେ ଚୀନ୍ ଉପ-ରାଷ୍ଟ୍ରପତି ହାନ ଝେଙ୍ଗଙ୍କୁ ଭେଟିଛନ୍ତି। ଭାରତ ଓ ଚୀନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ବିଷୟରେ ସେ ତାଙ୍କ ସହ ଆଲୋଚନା କରିଥିଲେ। ଭାରତ ଓ ଚୀନ୍ ମଧ୍ୟରେ ଖୋଲାଖୋଲି ଭାବେ କଥାବାର୍ତ୍ତା ହେବା ଉଚିତ ବୋଲି ସେ ଝେଙ୍ଗଙ୍କୁ କହିଥିଲେ। ପୁଣି ଥରେ କୈଳାଶ ମାନସରୋବର ଯାତ୍ରା ଆରମ୍ଭ ହେବାକୁ ଯାଉଥିବାରୁ



ଜୟଶଙ୍କର ଚୀନର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଦୀର୍ଘ ୫ ବର୍ଷ ପରେ ଜୟଶଙ୍କର ଚୀନ୍ ଯାତ୍ରା କରିଛନ୍ତି। ସିଙ୍ଗାପୁର ଗସ୍ତ କରିବା ପରେ ସେ ବେଜିଂରେ ପହଞ୍ଚିଛନ୍ତି। ସେ ମଙ୍ଗଳବାର ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବେ। ଏଥିସହ ସେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ସିଙ୍କୁ ଭେଟିବେ। ଏହାପୂର୍ବରୁ ଜୟଶଙ୍କର ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଜି୨୦ ବୈଠକରେ ୱାଙ୍ଗଙ୍କୁ ଭେଟିଥିଲେ ଓ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି କରିବାକୁ ଦୁହେଁ ସହମତି ପ୍ରକାଶ କରିଥିଲେ। ଉଲ୍ଲେଖଥାଉ କି, ୨୦୨୦ରେ ଗଲୱାନ ଘାଟୀରେ ଭାରତ ଓ ଚୀନ୍ ସୈନିକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା ଓ ଏଥିରେ ଦୁଇ ଦେଶର ସୈନିକ ପ୍ରାଣ ହରାଇଥିଲେ। ସେବେଠାରୁ ଦୁଇଦେଶର ସମ୍ପର୍କରେ ତିକ୍ତତା ଆସିଥିଲା। ଏହାପରଠାରୁ ଭାରତର କୌଣସି ଆଗଧାଡିର ନେତା ଚୀନ ଗସ୍ତ କରି ନ ଥିଲେ।



# ସିଙ୍ଗଡ଼ା, ଜିଲାପିରେ ଲାଗିବ ଚେତାବନୀ ସଂକେତ

ନାଗପୁର, ୧୪।୭(ଏଜେନ୍ସି): ଜଙ୍କ୍ ତଥା ଫାଷ୍ଟ ଫୁଡ୍ ନକରାତ୍ମକ ପ୍ରଭାବ ନେଇ ଲୋକଙ୍କୁ ସଚେତନ କରିବାକୁ ସରକାର କଡ଼ା ପଦକ୍ଷେପ ନେବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏବେ ସିଗାରେଟ୍ ଭଳି ସିଙ୍ଗଡ଼ା ଓ ଜିଲାପି ଭଳି ଲୋକପ୍ରିୟ ଖାଦ୍ୟ ପଦାର୍ଥ ୱାର୍ଣ୍ଣିଂ ତଥା ଚେତାବନୀ ସଂକେତ ସହ ବିକ୍ରି ହେବ। ତମାଖୁ ଭଳି ଜଙ୍କ ଫୁଡ ଉପରେ ପ୍ରଥମଥର ପାଇଁ ଚେତାବନୀ ସଂକେତ ଲେଖାଯିବାର ବ୍ୟବସ୍ଥା କରାଯାଉଛି। ଏବେ ଛୋଟ ପିଲାଙ୍କ ମଧ୍ୟରେ ମୋଟାପଣ ଓ ସହରର ଯୁବକଙ୍କ ଆବଶ୍ୟକତାଠାରୁ ଅଧିକ ଓଜନକୁ ନେଇ ଚିନ୍ତା ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହି ଖାଦ୍ୟ ପଦାର୍ଥଗୁଡ଼ିକ ଉପରେ ୱାର୍ଣ୍ଣିଂ ସାଇନ ଲଗାଇବାକୁ ଯୋଜନା କରୁଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏମ୍ସ ସମେତ ଏକାଧିକ କେନ୍ଦ୍ରୀୟ ସଂସ୍ଥାକୁ ଏଭଳି ସାଇନ୍ ତଥା ପୋଷ୍ଟ ଲଗାଇବାକୁ ଆଦେଶ ଦେଇଛି। 'ପ୍ରତିଦିନ ଜଳଖିଆ ସମୟରେ କେତେ ଚର୍ବି ଓ ମିଠା ଶରୀରକୁ ନେଉଛନ୍ତି' ତାହା ଖାଦ୍ୟର ପ୍ୟାକେଟ୍‌ରେ ଲେଖାଯିବ। ଏହା ଦ୍ୱାରା ଲୋକଙ୍କୁ ମିଠା ଓ ତେଲର ହାନିକାରକ ପ୍ରଭାବ ବିଷୟରେ ସଚେତନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସିଙ୍ଗଡ଼ା, ଜିଲାପି ସହ ଏହି ତାଲିକାରେ ଲଡ୍ଡୁ, ବଡ଼ାପାଓ, ପକୁଡି ଓ ଅନ୍ୟ ତୈଳ ଓ ମିଠା ଯୁକ୍ତ ଖାଦ୍ୟ ପଦାର୍ଥକୁ ସାମିଲ କରାଯିବ। ଖୁବଶୀଘ୍ର ଜଳଖିଆ ଦୋକାନ, କାଫେ ଓ ଅନ୍ୟ ସର୍ବସାଧାରଣ ସ୍ଥାନରେ ଏହି ଚେତାବନୀ ସଂକେତ ଲଗାଯିବାକୁ ଯୋଜନା କରାଯାଉଛି। ଏକ ରିପୋର୍ଟ ମୁତାବକ ୨୦୫୦ ସୁଦ୍ଧା ୪୪.୯ କୋଟି ଭାରତୀୟ ମେଦବହୁଳତାର ଶିକାର ହେବେ ବୋଲି ଅନୁମାନ କରାଯାଉଛି। ଏହି ଦୃଷ୍ଟିକୋଣରୁ ଭାରତ ଏବେ ଆମେରିକାର ପଛକୁ ରହିବ ବୋଲି ଆଶଙ୍କା। ତେବେ ଏଭଳି ଖାଦ୍ୟକୁ ନିଷିଦ୍ଧ କରାଯିବ ନାହିଁ। କିନ୍ତୁ ଅନାବଶ୍ୟକ ମିଠା ଓ ତେଲ ଶରୀରକୁ ନେବା ସମ୍ପର୍କରେ ସଚେତନ କରାଇବା ଲକ୍ଷ୍ୟରେ ଏହିଭଳି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଗୋଟିଏ ଗୋଲାପ ଜାମୁରେ ୫ ଚାମଚ ଚିନି ଥାଏ ଓ ଏହାକୁ ଲୋକେ ଜାଣିବା ଉଚିତ ବୋଲି ଡାଇବେଟୋଲୋଜିଷ୍ଟ ସୁନୀଲ ଗୁପ୍ତା କହିଛନ୍ତି। ତେଣୁ ଏହାକୁ ଖାଇବା ପୂର୍ବରୁ ଲୋକେ ଦୁଇଥର ଚିନ୍ତା କରିବେ। ମଧୁମେହ, ହୃଦ୍‌ରୋଗ, ହାଇପରଟେନସନ ଭଳି ଅଣସଂକ୍ରମଣ ରୋଗକୁ ରୋକିବା ଓ ଏ ନେଇ ସଚେତନତା ପାଇଁ ଏପରି କରିବାର ଆବଶ୍ୟକତା ରହିଛି ବୋଲି କୁହାଯାଉଛି।

## ବର୍ଷୀୟାନ ଅଭିନେତ୍ରୀ ବି ସରୋଜା ଦେବୀଙ୍କ ପରଲୋକ



ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): ବର୍ଷୀୟାନ ଅଭିନେତ୍ର ବି ସରୋଜା ଦେବୀ ସୋମବାର ୮୭ ବର୍ଷ ବୟସରେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ପ୍ରାଣ ହରାଇଛନ୍ତି। ସେ କନ୍ନଡ, ତାମିଲ, ତେଲଗୁ ଓ ହିନ୍ଦୀ ଭାଷାରେ ପାଖାପାଖି ୨୦୦ଟି ସିନେମାରେ ଅଭିନୟ କରିଛନ୍ତି। ମାତ୍ର ୧୭ ବର୍ଷରେ ୧୯୫୫ରେ ସେ କନ୍ନଡ ସିନେମା ମହାକବୀ କାଳିଦାସରେ ଅଭିନୟ କରି ସିନେ ଜଗତରେ ପଦାର୍ପଣ କରିଥିଲେ। ସେ ୧୯୫୮ରେ ତାମିଲ ସିନେମା ନାଡୋଡି ମନନରେ ନିଖୁଣ ଅଭିନୟ କରି ପ୍ରଶଂସକଙ୍କ ନିକଟରେ ପରିଚିତ ହୋଇଥିଲେ। ଏଥିରେ ତାଙ୍କ ସହ ସୁପରଷ୍ଟାର ଏମ୍‌ଜି ରାମଚନ୍ଦ୍ରନ ଅଭିନୟ କରିଥିଲେ। ସେ ଏଥିସହ ତାମିଲ ସିନେମାରେ ତାଙ୍କ ସଫଳ କ୍ୟାରିୟର ଆରମ୍ଭ କରିଥିଲେ। ସରୋଜା ଦେବୀ ଶିବାଜୀ ଗଣେଶନ, ଜେମିନି ଗଣେଶନ, ଏନ୍‌ଟି ରାମାରାଓ, ରାଜକୁମାର, ରାଜେନ୍ଦ୍ର କୁମାର ଓ ସମି କପୁରଙ୍କ ଭଳି ସୁପରଷ୍ଟାରଙ୍କ ଏକାଧିକ ବାର ବିଭିନ୍ନ ସିନେମାରେ ଅଭିନୟ କରି ସୁପରଷ୍ଟାର ମାନ୍ୟତା ହାସଲ କରିଥିଲେ। ତାଙ୍କୁ କନ୍ନଡ ସିନେମାର ପ୍ରଥମ ସୁପରଷ୍ଟାର ବୋଲି କୁହାଯାଇଥାଏ। ତାଙ୍କୁ ୧୯୬୯ରେ ପଦ୍ମଶ୍ରୀ ଓ ୧୯୯୨ରେ ପଦ୍ମଭୂଷଣରେ ସମ୍ମାନିତ କରାଯାଇଥିଲା। ସେ ୧୯୩୮ ଜାନୁଆରୀ ୭ରେ ବେଙ୍ଗାଲୁରୁରେ ଜନ୍ମଗ୍ରହଣ କରିଥିଲେ। ସେ ପଇଗାମ, ସସୁରାଲ, ଅପେରା ହାଉସ୍, ହଂକ, ପରୀକ୍ଷା, ପ୍ୟାର କିଆ ତୋ ଡରନା କ୍ୟା, ବେଟି ବେଟେ, ଦୁଜ କା ଚାନ୍ଦ, ହରି ଦର୍ଶନ ଭଳି ହିନ୍ଦୀ ସିନେମାରେ ଅଭିନୟ କରିଥିଲେ। ସେ ତାଙ୍କର ଫ୍ୟାସନ ସେନ୍ସ, ଶାଢ଼ି, ଗହଣା, କେଶ ସଜ୍ଜା ପାଇଁ ୬୦ ଦଶକରେ ଲୋକପ୍ରିୟତା ହାସଲ କରିଥିଲେ।

## ଦିନକପରେ ୟେମେନରେ ଭାରତୀୟ ନର୍ସଙ୍କୁ ମୃତ୍ୟୁଦଣ୍ଡ

ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): ଆଉ ଦିନକ ପରେ ଅର୍ଥାତ ୧୬ ତାରିଖରେ ୟେମେନ୍‌ରେ ଭାରତୀୟ ନର୍ସ ନିମିଶା ପ୍ରିୟାଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ। ତେବେ ତାଙ୍କୁ ବଞ୍ଚାଇବାର ଆଶା ଏକପ୍ରକାର ଶେଷ ହୋଇଛି। ସୁପ୍ରିମକୋର୍ଟରେ ହୋଇଥିବା ଶୁଣାଣିରେ ଏ ନେଇ କେନ୍ଦ୍ର ସରକାର ନିଜର ସଫେଇ ଦେଇଛନ୍ତି। ନିମିଶାଙ୍କୁ ବଞ୍ଚାଇବାକୁ ସବୁପ୍ରକାର ପ୍ରୟାସ କରାଯାଇଛି ବୋଲି କେନ୍ଦ୍ର ସରକାର ଶୁଣାଣିରେ କହିଛନ୍ତି। ବିଚାରପତି ବିକ୍ରମ ନାଥ ଓ ସନ୍ଦୀପ ମେହେଟାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ଶୁଣାଣି ହୋଇଥିଲା। ନିମିଶାଙ୍କୁ ବଞ୍ଚାଇବା ପାଇଁ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରାଯିବା ପରେ ଶୁଣାଣି ହୋଇଥିଲା। ତାଙ୍କୁ ବଞ୍ଚାଇବାକୁ ଭାରତ ସରକାର ସବୁ ପ୍ରକାର କୂଟନୈତିକ ଓ ମାନବୀୟ ପ୍ରୟାସ କରିଥିଲେ ମଧ୍ୟ କୌଣସି ଠୋସ୍ ସମାଧାନ ବାହରିପାରି ନାହିଁ ବୋଲି କେନ୍ଦ୍ର ସରକାର କୋର୍ଟଙ୍କୁ କହିଛନ୍ତି। ଉଲ୍ଲେଖଥାଉ କି, ୟେମେନ୍‌ରେ ଏକ ହତ୍ୟା ମାମଲାରେ ନିମିଶା ଦୋଷୀ ସାବ୍ୟସ୍ତ ହେବା ପରେ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ୩୮ ବର୍ଷୀୟ ନିମିଶା କେରଳର ପଲାକାଡ ଜିଲ୍ଲାରୁ ଯାଇ ୟେମେନ୍‌ରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ୨୦୧୭ରେ ସେ ତଲାଲ ଅବଡୋ ମାହଦିଙ୍କୁ ହତ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ସେ ୟେମେନ ଛାଡି ପଳାଇଯିବାକୁ ଚେଷ୍ଟା କରୁଥିବା ବେଳେ ଗିରଫ୍ ହୋଇଥିଲେ ଓ ତାଙ୍କୁ ୨୦୧୮ ରେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା।

# ପ୍ରାଥମିକ ରିପୋର୍ଟ ଆସିଲା ପରେ ଚେତା ପଶିଲା

ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ବିମାନ ଦୁର୍ଘଟଣା ଯାଞ୍ଚ ବ୍ୟୁରୋ (ଏଏଆଇବି) ଅହମଦାବାଦ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଜାରି କରିବା ପରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ସୋମବାର ବଡ଼ ନିର୍ଦ୍ଦେଶ ଦିଆଯାଇଛି। ଭାରତରେ ପଞ୍ଜିକୃତ ସମସ୍ତ ବୋଇଂ ବିମାନର 'ଫୁଏଲ କଣ୍ଟ୍ରୋଲ ସ୍ୱିଚ୍' ଯାଞ୍ଚ କରିବା ପାଇଁ କୁହାଯାଇଛି। ୨୧ ତାରିଖ ସୁଦ୍ଧା ଏହି ଯାଞ୍ଚ ଶେଷ କରିବାକୁ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଏହି ଯାଞ୍ଚର ରିପୋର୍ଟ ଦାଖଲ କରିବାକୁ ସବୁ ଏୟାରଲାଇନ ପରିଚାଳକଙ୍କୁ କୁହାଯାଇଛି। ଏଏଆଇବି ରିପୋର୍ଟରେ କୁହାଯାଇଥିଲା ଯେ ଉଡ଼ାଣ ପୂର୍ବରୁ ଇନ୍ଧନ ସ୍ୱିଚକୁ ବନ୍ଦ କରିଦିଆଯାଇଥିଲା। ଏହା ଜଣାପଡ଼ିବା ପରେ ପୁଣିଥରେ ଚାଲୁ କରାଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ବୋଇଂ ଡ୍ରିମଲାଇନର ବିମାନକୁ ଇନ୍ଧନ ଯୋଗାଣ ବନ୍ଦ ହୋଇ ଯାଇଥିଲା। ଏଥିଯୋଗୁଁ ଦୁର୍ଘଟଣା ଘଟିଥିଲା। ଏବେ ଇତିହାଦ ସମେତ କିଛି ବିଦେଶୀ କମ୍ପାନୀ ନିଜ ଡ୍ରିମ୍‌ଲାଇନର ବିମାନର ଯାଞ୍ଚ ଆରମ୍ଭ କରି ଦେଇଛନ୍ତି।

ଏବେ ଭାରତର କେବଳ ଦୁଇଟି ଏୟାରଲାଇନ୍ସ ଏୟାର

### ବୋଇଂ ବିମାନର ଇନ୍ଧନ ସ୍ୱିଚ୍ ଯାଞ୍ଚ କରାଯିବ



ଇଣ୍ଡିଆ ଏବଂ ଇଣ୍ଡିଗୋ ବୋଇଂ ଡ୍ରିମଲାଇନର ବିମାନ ବ୍ୟବହାର କରୁଛନ୍ତି। ଇଣ୍ଡିଗୋ ପାଖରେ ୭୮୭-୮ ଏବଂ ୭୮୭-୯ ଭାରିଆଣ୍ଟର ପ୍ରାୟ ୩୦ଟି ବିମାନ ରହିଛି। ସେହିପରି ଏୟାର ଇଣ୍ଡିଆ ୭୮୭-୯ର ଉଡ଼ାଣ ଏବେ ଏବେ ଆରମ୍ଭ କରିଛି। ସୂଚନା ଅନୁଯାୟୀ ଶନିବାର ପରଠାରୁ ଏୟାର ଇଣ୍ଡିଆ ପ୍ରାୟ ୫୦ ପ୍ରତିଶତ ଡ୍ରିମ୍‌ଲାଇନର ବିମାନର ଯାଞ୍ଚ ଶେଷ କରିଦେଇଛି। ଏହାର ଲକ୍ ସିଷ୍ଟମରେ କୌଣସି ତ୍ରୁଟି ନ ଥିବା କୁହାଯାଇଛି। ସେହିପରି ଏୟାର ଇଣ୍ଡିଆ ଏକ୍ସପ୍ରେସରେ ଥିବା ବୋଇଂ ୭୩୭ ମାକ୍ସ ଫ୍ଲିଟ୍‌ର ଅଧିକାଂଶ ବିମାନର ଯାଞ୍ଚ ହୋଇଥିବାବେଳେ କୌଣସି ତ୍ରୁଟି ସାମ୍ନାକୁ ଆସି ନାହିଁ।

ପୂର୍ବରୁ ଆମେରିକା ସରକାରୀ ଏଜେନ୍ସି ଏଫଏଏ ଏବଂ ବୋଇଂ ପକ୍ଷରୁ ରବିବାର କୁହାଯାଇଥିଲା ଯେ ଫୁଏଲ କଣ୍ଟ୍ରୋଲ ସ୍ୱିଚ୍‌ର ଡିଜାଇନ, ଲକିଂ ବୈଶିଷ୍ଟ୍ୟ, ବୋଇଂର ଅଲଗା ଅଲଗା ବିମାନରେ ସମାନ ରହିଛି। ଏହା ସତ୍ତ୍ୱେ କମ୍ପାନୀ ଏହାକୁ ବିପଦ ମାନି ନ ଥିଲା। ଏଥିପାଇଁ କୌଣସି ନିର୍ଦ୍ଦେଶ ଦେବାର ଆବଶ୍ୟକତା ନାହିଁ ବୋଲି କୁହାଯାଇଥିଲା। ଅହମଦବାଦ ବିମାନ ଦୁର୍ଘଟଣାର ରିପୋର୍ଟ ଜାରି ହେବା ପରେ ଏଫଏଏ ଏବଂ ବୋଇଂ ପକ୍ଷରୁ ଏହି ବିବୃତ୍ତି ଜାରି କରାଯାଇଥିଲା। ଅନ୍ୟପକ୍ଷରେ ଏୟାର ଇଣ୍ଡିଆ ସିଇଓ ତଥା ଏମଡି କହିଛନ୍ତି ଯେ ଉଭୟ ପାଇଲଟ ଶ୍ୱାସ ବିଶ୍ଳେଷଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିଲା। ପ୍ରାଥମିକ ରିପୋର୍ଟରେ ସ୍ପଷ୍ଟ କରାଯାଇଛି ଯେ ବିମାନ ଏବଂ ଇଞ୍ଜିନରେ କୌଣସି ଯାନ୍ତ୍ରିକ କିମ୍ବା ରକ୍ଷଣାବେକ୍ଷଣ ସମ୍ବନ୍ଧିତ ତ୍ରୁଟି ନଥିଲା। ବିମାନର ସମସ୍ତ ଆବଶ୍ୟକୀୟ ରକ୍ଷଣାବେକ୍ଷଣ କାର୍ଯ୍ୟ ସମୟ ମଧ୍ୟରେ କରାଯାଇଥିଲା ବୋଲି ୱିଲସନ୍ କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ। ଅଚାନକ ଖୁସି ଖବର ପାଇ ପାରନ୍ତି।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** ବୁଝି ବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରଯାତ୍ରା କରିପାରନ୍ତି।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୧୬- ବିଶ୍ୱର ସବୁଠୁ ବଡ଼ ଏରୋସ୍ପେସ୍ କମ୍ପାନି 'ବୋଇଂ'ର ଆରମ୍ଭ।
- ୧୯୨୬- ମୁମ୍ବାଇରେ ପ୍ରଥମେ ମୋଟର୍ ବସ୍ ସେବା ଆରମ୍ଭ ହେଲା।
- ୧୯୬୨- ଆଲ୍‌ଜେରିଆ ଆରବ ଲିଗ୍‌ର ଅଂଶ ହେଲା।
- ୧୯୭୯- ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ନିଜ ପଦରୁ ଇସ୍ତଫା ଦେଲେ।
- ୨୦୧୨- ନେପାଳ ପାରସିରେ ବସ୍ ଦୁର୍ଘଟଣା ଯୋଗୁ ୪୦ ତୀର୍ଥଯାତ୍ରୀଙ୍କ ମୃତ୍ୟୁ।





## ରଣ ଶୁଝିବାରେ ସାହାଯ୍ୟ କଲା ଏଆଇ

ଏଆଇର ବ୍ୟବହାର ଏବେ ପାଠପଢ଼ାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା, ରିଟେଲ୍, ମାନ୍ୟୁଫ୍ୟାକଚରିଂ ଆଦି ବିଭିନ୍ନ କ୍ଷେତ୍ରକୁ ପ୍ରବେଶ କରି ସାରିଛି। ଏଆଇର ବ୍ୟବହାର ଯୋଗୁ ଲୋକେ ସୃଜନଶୀଳତା ହରାଉଥିବା ନେଇ ପ୍ରଶ୍ନ ମଧ୍ୟ ଉଠିଲାଣି। ହେଲେ ନିକଟରେ ଆମେରିକାର ଜଣେ ମହିଳାଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ରଣ ସୁଝିବାରେ ସାହାଯ୍ୟ କରିଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ୩୫ ବର୍ଷୀୟା ଜେନିଫର ଯେଉଁଭଳି ଭାବେ ଏଆଇର ବ୍ୟବହାର କରିଛନ୍ତି, ତାହା ନିହାତି ପ୍ରଶଂସାଯୋଗ୍ୟ। ଜେନିଫରଙ୍କ ରୋଜଗାର ଠିକ୍ ଠାକ୍ ଥିଲା। ହେଲେ ଟଙ୍କାକୁ କିଭଳି ଖର୍ଚ୍ଚ କରିବା ଦରକାର, ସେ କଳା ତାଙ୍କୁ ଜଣା ନ ଥିଲା। ଅବଶ୍ୟ ଝିଅ ଜନ୍ମ ବେଳେ ତାଙ୍କ ଆର୍ଥିକ ପରିସ୍ଥିତି ଠିକ୍ ଥିଲା। ପରେ ଏହି ସ୍ଥିତି ବିଗିଡ଼ିବାରେ ଲାଗିଲା। ଘରର ଯାବତୀୟ ଖର୍ଚ୍ଚ ସହ ସ୍ୱାସ୍ଥ୍ୟ ସେବା ଲାଗି ସେ କ୍ରେଡିଟ୍ କାର୍ଡ ଉପଯୋଗ କଲେ। ତେବେ କ୍ରେଡିଟ୍ କାର୍ଡ ବ୍ୟବହାରରୁ ସେ ରଣ ବୋଝରେ ବୁଡ଼ି ରହିଲେ। ଏପରିକି ଦିନକୁ ଦିନ ରଣ ବଢ଼ି ଚାଲିଲା। ଏଥିରେ ନିୟନ୍ତ୍ରଣ ଆଣିବା ଲାଗି ସେ ଚାଟ୍‌ଜିପିଟିର ସାହାରା ନେଲେ। ଏହାପରେ ଜେନିଫରଙ୍କ ଜୀବନରେ ପରିବର୍ତ୍ତନ ଆସିଲା। ସେ ୩୦ ଦିନ ପର୍ଯ୍ୟନ୍ତ ଚାଟ୍‌ଜିପିଟିର ବ୍ୟବହାର କଲେ ଏବଂ ପ୍ରତିଦିନ ଖର୍ଚ୍ଚ ନିୟନ୍ତ୍ରଣ ପାଇଁ ଏହାର ପରାମର୍ଶ ନେଲେ। ଚାଟ୍‌ଜିପିଟିର ପରାମର୍ଶ କ୍ରମେ ସେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ସମସ୍ତ ଫାଇନାନ୍ସ ଆପ୍‌କୁ ଚେକ୍ କଲେ। ଏହା ମାଧ୍ୟମରେ ସେ ତାଙ୍କର ପୁରୁଣା କେତେକ ଆକାଉଣ୍ଟ ବାବଦରେ ଜାଣିଲେ। କେବଳ ସେତିକି ନୁହେଁ, ଅନେକ ସ୍ଥାନରେ ଥିବା ବଳକା ଟଙ୍କା ମଧ୍ୟ ପାଇଲେ। ଏହିପରି ଭାବେ ତାଙ୍କୁ ସାଢେ ଆଠ ଲକ୍ଷ ଟଙ୍କା ମିଳିଲା। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଯେଉଁ ଟଙ୍କା ବାବଦରେ ଜାଣି ନ ଥିଲେ, ସେହି ସବୁ ଟଙ୍କା ତାଙ୍କୁ ମିଳିଗଲା। ସେହିପରି ଜେନିଫରଙ୍କ ଅନେକ ଅଭ୍ୟାସ ଚାଟ୍‌ଜିପିଟି ସୁଧାରି ଥିବା ସେ ସ୍ୱୀକାର କରିଛନ୍ତି। ଏଇ ଯେମିତି ବାରମ୍ବାର ବାହାରୁ ଖାଦ୍ୟ ଅର୍ଡର କରି ଖାଉଥିଲେ, କିନ୍ତୁ ଚାଟ୍‌ଜିପିଟି ଯୋଗୁଁ ସେ ଘରେ ଖାଦ୍ୟ ତିଆରି କରିବା ଆରମ୍ଭ କଲେ। ଏହିପରି ଭାବେ ତାଙ୍କର ପ୍ରତି ମାସକୁ ୫୦ ହଜାର ଟଙ୍କା ସଞ୍ଚୟ ହେଲା। ତେବେ ଚାଟ୍‌ଜିପିଟିର ଏହି ଟାସ୍କକୁ ଜେନିଫର ଚ୍ୟାଲେଞ୍ଜ ଭାବେ ନେଇ ମାସକ ମଧ୍ୟରେ ଗୋଟିଏ କ୍ରେଡିଟ୍ କାର୍ଡର ଅଧା ବିଲ୍ ପେମେଣ୍ଟ କରିବାରେ ସଫଳ ହୋଇଛନ୍ତି। ଏହି ପ୍ରକାରେ ଚାଟ୍ ଜିପିଟି ସାହାରାରେ ଜେନିଫର ଏବେ ରଣ ବୋଝରୁ କିଛି ମାତ୍ରାରେ ଆଶ୍ୱସ୍ତ ହୋଇଛନ୍ତି।

## ପୁଣି ପ୍ରେମରେ ଆଦିତ୍ୟ





ବଲିଉଡ୍ ଅଭିନେତା ଆଦିତ୍ୟ ରାୟ କପୁର ତାଙ୍କ ଫିଲ୍ମି କ୍ୟାରିୟର ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ରହିଛନ୍ତି। ଅନନ୍ୟା ପାଣ୍ଡେଙ୍କ ସହ ବ୍ରେକ୍‌ଅପ୍ ହେବା ପରେ ପୁଣି ଥରେ ଆଦିତ୍ୟ ପ୍ରେମରେ ପଡ଼ିଥିବା କୁହାଯାଉଛି। ତେବେ ଇନ୍‌ଷ୍ଟାଗ୍ରାମ୍‌ରେ ଆଦିତ୍ୟ ଏକ ପୋଷ୍ଟ ସେୟାର୍ କରିବା ପରେ ଏହି କଥା ସାମ୍ନାକୁ ଆସିଛି। ସେ ସେୟାର୍ କରିଥିବା ଏକ ଫଟୋରେ ଧଳା ରଙ୍ଗର ନେଲପଲିସ୍ ଲଗାଇଥିବା ଜଣେ ମହିଳାଙ୍କ ହାତ ଦେଖାଯାଉଛି। ତେବେ ଫଟୋରେ ଦେଖାଯାଉଥିବା ହାତଟି ଗୋଆ ମଡେଲ ଜର୍ଜିନା ଡିସ୍‌ଲିଭାଙ୍କର ବୋଲି କିଛି ସୋସିଆଲ ମିଡିଆ ୟୁଜର୍ସ କହିଛନ୍ତି। ନିକଟରେ ଇନ୍‌ଷ୍ଟାଗ୍ରାମ୍‌ରେ ଆଦିତ୍ୟ ତାଙ୍କର କିଛି ନୂଆ ଫଟୋ ସେୟାର୍ କରିଥିଲେ। ଗୋଟିଏ ଘର ଫଟୋ ସହ ସେ ଦୁଇ ଜଣ ମହିଳାଙ୍କ ସହିତ ଫୁଟବଲ୍ ଖେଳୁଥିବାର ଏକ ଭିଡିଓ ସେୟାର୍ କରିଥିଲେ। ସେହିପରି ଅନ୍ୟ ଏକ ଫଟୋରେ ଜଣେ ମହିଳା ହାତରେ ସ୍ନାକ୍ସ ଧରିଥିବାର ଦେଖାଯାଇଛି। କିଛି ଜଣ ଏହା ମଡେଲ ଜର୍ଜିନା ଡିସ୍‌ଲିଭାଙ୍କ ହାତ ହୋଇଥିବାବେଳେ ଆଉ କିଛି ଜଣ ଏହା ସାରା ଅଲ୍ଲୀ ଖାନ୍‌ଙ୍କର ବୋଲି କହିଥିଲେ। କାରଣ ଏବେ ସାରା ଓ ଆଦିତ୍ୟଙ୍କର 'ମେଟ୍ରୋ ଇନ୍ ଦିନୋ' ଫିଲ୍ମ ରିଲିଜ୍ ହୋଇଛି। ତେବେ ନିକଟରେ ଜର୍ଜିନା ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ସେୟାର୍ କରିଥିବା ଏକ ଫଟୋରେ ସେ ହାତରେ ଧଳା ନେଲପଲିସ୍ ଲଗାଇ ନଜର ଆସିଥିଲେ। ତେଣୁ ଏହା ଜର୍ଜିନାଙ୍କ ହାତ ବୋଲି କିଛି ଜଣ କହୁଛନ୍ତି। ଉଭୟ ଆଦିତ୍ୟ ଓ ଜର୍ଜିନା ପରସ୍ପରକୁ ଇନ୍‌ଷ୍ଟାଗ୍ରାମ୍‌ରେ ଫଲୋ କରିବା ସହ ପୋଷ୍ଟଗୁଡ଼ିକକୁ ଲାଇକ୍ କରନ୍ତି। ତେଣୁ ଆଦିତ୍ୟ ଜର୍ଜିନାଙ୍କ ପ୍ରେମରେ ପଡ଼ିଥିବା ସୋସିଆଲ ମିଡିଆ ୟୁଜର୍ସମାନେ କହୁଛନ୍ତି।

## ସିଡ଼ି ନା ଆକ୍ୱାରିୟମ୍



ଘର ଯେଭଳି ସୁନ୍ଦର ଦିଶିବ, ସେଥିପାଇଁ ଲୋକେ ଏହାର ସାଜସଜ୍ଜା ଉପରେ ଗୁରୁତ୍ୱ ଦେଇଥାନ୍ତି। ଆଜିକାଲି ଅଧିକାଂଶ ଲୋକ ଘରର ଇଣ୍ଟେରିୟର ଉପରେ ବେଶି ପ୍ରାଧାନ୍ୟ ଦେଉଛନ୍ତି। ସେହିପରି କିଛି ଲୋକ ନିଜେ ନିଜେ ଘରକୁ ସଜାଇବାକୁ ଭଲ ପାଆନ୍ତି। ଏହି ପରିପ୍ରେକ୍ଷୀରେ ଗୋଟିଏ ଘରର ସାଜସଜ୍ଜା ନେଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର୍ କରାଯାଇଛି। ଯାହାକି ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ସାଧାରଣତଃ ଘର ଯେଭଳି ସୁନ୍ଦର ଦିଶିବ, ଅନେକ ଜଣ ଘରେ ଆକ୍ୱାରିୟମ୍ ରଖନ୍ତି। ହେଲେ ଏହା ଏମିତି ଏକ ଘର, ଯେଉଁଠି ଘରର ଶିଡ଼ିରେ ଆକ୍ୱାରିୟମ୍ ଦେଖିବାକୁ ମିଳିଛି। ଅର୍ଥାତ୍ ଘରର ସମସ୍ତ ଶିଡ଼ିକୁ ଆକ୍ୱାରିୟମ୍ ଭଳି ଡିଜାଇନ୍ କରାଯାଇଛି। ଏହାକୁ ଦେଖିଲେ ଶିଡ଼ି ନୁହେଁ, ବରଂ ଆକ୍ୱାରିୟମ୍ ଯେଭଳି ଥାକ ଥାକ ହୋଇ ଗୋଟିଏ ଉପରେ ଗୋଟିଏ ରହିଛି, ସେଭଳି ପ୍ରତୀୟମାନ ହେଉଛି। ଏଥିରେ ଚଢ଼ିଲେ କି ଓହ୍ଲାଇଲେ ଶିଡ଼ି ନୁହେଁ, ବରଂ ଆକ୍ୱାରିୟମ୍‌ରେ ଚଢ଼ି ଓହ୍ଲାଇବା ଭଳି ଲାଗିବ। ତେବେ ଏହାକୁ ଅନେକ ଲୋକ ପସନ୍ଦ କରିଥିବା ବେଳେ କିଛି ଏହାକୁ ଏଆଇର କମାଲ୍ ବୋଲି କହିଛନ୍ତି। ସେହିପରି ଏହା ଯଦି ବାସ୍ତବରେ ହୋଇଥିବ, ଏହି ଡିଜାଇନ୍‌ରେ ଅନେକ ଜଟିଳତାକୁ ସାମ୍ନା କରିଥିବା କୁହାଯାଉଛି। ଅନ୍ୟପଟେ ଏହା ଉପରେ ଲୋକମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି।

# ସୁବର୍ଣ୍ଣା



## ବୁମ୍ ସ୍ପ୍ରେୟର



ଦେଶର ବିକାଶରେ କୃଷିକାର୍ଯ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ହେଲେ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନର ପ୍ରଭାବ କୃଷିକାର୍ଯ୍ୟକୁ ଅଧିକ ପ୍ରଭାବିତ କରୁଛି। ଯାହାଫଳରେ ଫସଲରେ ବିଭିନ୍ନ ରୋଗପୋକ ବୃଦ୍ଧି ପାଉଛି। ତେଣୁ ରୋଗପୋକ ନିୟନ୍ତ୍ରଣ ପାଇଁ ଚାଷୀ ବିଭିନ୍ନ ଉପାୟ ଆପଣାଉଥିଲେ ହେଁ, ଅଧିକାଂଶ କାନ୍ଧରେ ସିଞ୍ଚନ ଯନ୍ତ୍ର ବୋହି ବୋହି ଫସଲରେ କୀଟନାଶକ ସାର ସିଞ୍ଚନ କରନ୍ତି। ତେବେ ବିଷାକ୍ତ ଔଷଧ ସହ ସମ୍ପର୍କରେ ଆସିବା, ସମୟ ଓ ଖର୍ଚ୍ଚ ବଢ଼ିଯିବା ଆଦି ଚାଷୀଙ୍କ ପାଇଁ ଆହ୍ୱାନ ହୋଇଥାଏ। ଏ କ୍ଷେତ୍ରରେ ଚାଷୀଙ୍କୁ ଆଶ୍ୱସ୍ତି ଦେବାକୁ ନୂତନ କୌଶଳ ପ୍ରୟୋଗ କରାଯାଇ ବୁମ୍ ସ୍ପ୍ରେୟର ମେସିନ୍ ବିକଶିତ କରାଯାଇଛି। ତରଳ ଔଷଧ ସିଞ୍ଚନ ପାଇଁ ଏହା ଉପଯୋଗୀ। ଏହି ଉପକରଣର ଟାଙ୍କିରେ ଅଧିକ ଲିଟର ଔଷଧ ଭର୍ତ୍ତି କରାଯାଇପାରେ। ମେସିନ୍ ସମ୍ମୁଖରେ ସ୍ପ୍ରେ ନୋଜଲ ଲାଗିଛି। ଏଥିରେ ଚାଳକ ବସିବା ପାଇଁ ସିଟ୍ ରହିଥାଏ। ଟ୍ରାକ୍ଟର ବିନା ମେସିନ୍‌ଟି ୨୦ ମିନିଟ୍ ମଧ୍ୟରେ ଏକର ଜମିରେ ଔଷଧ ସିଞ୍ଚନ କରିପାରେ। ସମୟ, ପରିଶ୍ରମ ଏବଂ ମଜୁରି ଖର୍ଚ୍ଚ ହ୍ରାସ ପାଇଥାଏ। ଏହି ମେସିନ୍‌ର ହାରାହାରି ମୂଲ୍ୟ ୨ ଲକ୍ଷ ୨୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ବୁମ୍ ସ୍ପ୍ରେୟର ଦିନକରେ ୩୫ରୁ ୪୦ ଏକର ଜମିରେ ସିଞ୍ଚନ କରିପାରିଥାଏ। ଫଳରେ ଔଷଧ ସୂକ୍ଷ୍ମ କଣିକା ଫସଲ ମୂଳକୁ ସହଜରେ ପହଞ୍ଚି ଫସଲ ବୃଦ୍ଧିରେ ସାହାଯ୍ୟ ହୋଇଥାଏ।

## କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ**

- ଧାନ ମୁଖ୍ୟ ଜମିରେ କାଦୁଅ କରିବା ଓ ତଳି ରୋପଣ ପାଇଁ ହିଡ ତିଆରି କରି ବର୍ଷା ପାଣିକୁ ବାନ୍ଧି ରଖନ୍ତୁ। ଧାନ ତଳିଘେରାରେ ଠିଆ ପାଣି କିପରି ନ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ପନିପରିବା ତଳିଘେରାକୁ ଅଧିକ ବର୍ଷାରୁ ରକ୍ଷା କରିବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘେରା ଉପରେ ଛାମୁଣ୍ଡିଆ କରନ୍ତୁ।
- ଆଖୁ ଗଛ ୪ରୁ ୫ ମାସ ହୋଇଗଲେ ବିଳମ୍ବରେ ଆସିଥିବା ପିଲଗୁଡ଼ିକୁ ବାହାର କରି ତଳ ଶୁଖିଲା ପତ୍ରକୁ କାଢ଼ି ୨ରୁ ୩ଟି ଆଖୁ ଏକାଠି ବାନ୍ଧି ଦିଅନ୍ତୁ।
- ଜୁଲାଇ ମାସ କନ୍ଦମୂଳ, କାଜୁ, ସେବତୀ ଗଛ ଲଗାଇବାର ଉପଯୁକ୍ତ ସମୟ।
- ଗାଇଗୋରୁଙ୍କୁ ଶୁଖିଲା ଓ ସଫା ଗୁହାଳରେ ରଖନ୍ତୁ। ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ। ଗୋଖାଦ୍ୟକୁ ସୁରକ୍ଷିତ ସ୍ଥାନେ ସାଇତି ରଖନ୍ତୁ। ମୌସୁମୀ ବାୟୁପ୍ରବାହ ହେବା ଆଗରୁ ସେମାନଙ୍କ ଟୀକାକରଣ ସହିତ କୃମି ନ ହେବାର ଔଷଧ ଖୁଆଇବାର ବ୍ୟବସ୍ଥା କରାଯିବା ଉଚିତ।

## କୃଷକ ଉତ୍ପାଦକ ସଂଗଠନ

**ଅର୍ଥନୈତିକ ବିକାଶ ପଥେ**

କୃଷିକୁ ବ୍ୟବସାୟରେ ପରିଣତ କରି ଗ୍ରାମର ଅର୍ଥନୀତିକୁ ଏକ ନୂଆ ଦିଗ ଦେବାରେ ଅନନ୍ୟ ଭୂମିକା ତୁଲାଇଛି ଗଜପତି ଜିଲ୍ଲା ଅନ୍ତର୍ଗତ ନୂଆପଡ଼ା ବ୍ଲକ୍‌ର କୃଷକ ଉତ୍ପାଦକ ସଂଗଠନ। ଏହି ବ୍ଲକ୍‌ର ୨୫ଟି ଗାଁ'ର ୫୩୪ ଜଣ ଚାଷୀଙ୍କୁ ନେଇ ୨୦୧୬ରେ (ଓଡ଼ିଶା ଜୀବିକା ମିଶନ) ଦ୍ୱାରା କୃଷକ ଉତ୍ପାଦକ ସଂଗଠନ ଗଠିତ ହୋଇଥିଲା। ସ୍ଥାନୀୟ ଚାଷୀଙ୍କୁ ସଂଘବଦ୍ଧ ଗଠନ ମାଧ୍ୟମରେ ନିଜ ଉତ୍ପାଦ ବିକ୍ରୟ କରିବା, ଉତ୍ପାଦନ ଶୈଳୀରେ ନୂତନ ଜ୍ଞାନକୌଶଳର ପ୍ରୟୋଗ ଏବଂ ବ୍ୟବସାୟରେ ଲାଭ ହାସଲ କରିବା ସଂଗଠନର ମୂଳ ଲକ୍ଷ୍ୟ ଥିଲା। ମୁଖ୍ୟତଃ ମାଣ୍ଡିଆ, ଧାନ(ସୁଗନ୍ଧିତ ଓ ଅଣସୁଗନ୍ଧିତ), ମକା, ତେନ୍ତୁଳି ଏବଂ ମହୁ ଭଳି କୃଷି ଉତ୍ପାଦନ ଦିଗରେ ଅଗ୍ରସର ହୋଇଥିବା ଏହି ସଂଗଠନ ଅନ୍ତର୍ଜାତୀୟ ବଜାର ସହିତ ଯୋଡି ହେବାର ସାମର୍ଥ୍ୟ ହାସଲ କରିପାରିଛି। ଏହି ସଂଗଠନକୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ 'କୃଷକ ଉତ୍ପାଦକ ସଂଗଠନ ପାଇଁ ଉତ୍କର୍ଷ କେନ୍ଦ୍ର' ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ଅନେକ ସାହାଯ୍ୟ ସହଯୋଗ ମିଳିଛି। ଏଫ୍‌ପିଓ ଗଠନ ଏବଂ ସୁଦୃଢ଼ୀକରଣ ପାଇଁ ନାବାର୍ଡ, ମୁଖ୍ୟ ଜିଲ୍ଲା କୃଷି କାର୍ଯ୍ୟାଳୟ(ସିଡ଼ିଏଓ) ଓ ଟିଡ଼ିସିସିଓଏଲ୍ ଭଳି ଏକାଧିକ ସଂସ୍ଥା ପକ୍ଷରୁ ସମର୍ଥନ ସହିତ ଜିଲ୍ଲା ଓ ରାଜ୍ୟସ୍ତରରେ ସର୍ବୋତ୍ତମ ଏଫ୍‌ପିଓ ଭାବେ ମଧ୍ୟ ପୁରସ୍କୃତ ହୋଇସାରିଛି। ଏହି ସଂଗଠନ ଚାଷୀଙ୍କୁ ବଜାର ସହ ଯୋଡ଼ିହେବାକୁ ସୁଯୋଗ ଦେଉଥିବାରୁ ଏଫ୍‌ପିଓ ମାଧ୍ୟମରେ ଚାଷୀମାନେ ଉତ୍ପାଦର ଉଚିତ ମୂଲ୍ୟ ପାଇପାରୁଛନ୍ତି। ଆଦିବାସୀ ଅଧ୍ୟୁଷିତ ଚାଷୀମାନେ ବି ଲାଭାନ୍ୱିତ ହେଉଛନ୍ତି। ଆରମ୍ଭରୁ ସଂଗଠନ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲା। ଏହାର ସମାଧାନ ସ୍ୱରୂପ ଚାଷୀ, ଶେୟାର ହୋଲଡର ଏବଂ ବିଓଡ଼ି ସଦସ୍ୟଙ୍କୁ ନେଇ ନିୟମିତ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସଂଗଠନ ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କଠାରୁ ସିଧାସଳଖ ମାଣ୍ଡିଆ ଏବଂ ଧାନ ସଂଗ୍ରହ କରାଯାଇଛି। ସଂଗଠନର ପଦକ୍ଷେପ ଚାଷୀ ସଦସ୍ୟ ଏବଂ ସମାଜ ଉପରେ ଏକ ସକରାତ୍ମକ ପ୍ରଭାବ ମଧ୍ୟ ପକାଇଛି। ଫଳରେ ଚାଷୀମାନେ ସାମୂହିକ ଭାବେ ଉତ୍ପାଦଗୁଡ଼ିକକୁ ବିକ୍ରି କରୁଛନ୍ତି। ଏଫ୍‌ପିଓର ସଦସ୍ୟତାକୁ ଗ୍ରହଣ କରିବାକୁ ଚାଷୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଏହି ସଂଗଠନର ମୂଳ ଉଦ୍ଦେଶ୍ୟ। ସାମୂହିକ କୃଷିର ଲାଭ ବିଷୟରେ ସଚେତନ କରିବା, ବଜାର ସଂଯୋଗୀକରଣକୁ ଶକ୍ତିଶାଳୀ କରିବାର ଲକ୍ଷ୍ୟ ରଖିଛି ଏହି ସଂଗଠନ।



## ନୀଳ ବିପ୍ଳବ
## ମତ୍ସ୍ୟଚାଷ ପାଇଁ ମାଇଲଖୁଣ୍ଟ

**ମତ୍ସ୍ୟ ସମ୍ପଦ ଓଡ଼ିଶାର ଏକ ପ୍ରମୁଖ ଆଧାର। ମାଛ ଚାଷ କରି ଅନେକ ନିଜର ପରିବାର ପ୍ରତିପୋଷଣ କରୁଥିବାବେଳେ ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ଏହା ସ୍ୱାବଲମ୍ବୀ ହେବାର ପଥ ଦେଖାଉଛି। ତେବେ ନୂତନ ଜ୍ଞାନ କୌଶଳ ପ୍ରୟୋଗ କରି ମତ୍ସ୍ୟଚାଷ ଦୃଶ୍ୟପଟ୍ଟକୁ ପରିବର୍ତ୍ତନ କରିଥିଲେ ବୈଜ୍ଞାନିକ ଡା. ହୀରାଲାଲ ଚୌଧୁରୀ।**

୧୯୫୭ ମସିହା, ଜୁଲାଇ ୧୦ ତାରିଖରେ ଓଡ଼ିଶାରେ ପ୍ରଥମ ଥର ପାଇଁ ବୈଜ୍ଞାନିକ ଡା. ହୀରାଲାଲ ଚୌଧୁରୀ ଏବଂ ତାଙ୍କର ସହକର୍ମୀ ଡା କେ. ଏଚ୍ ଆଲିକୁନି ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) ର କେନ୍ଦ୍ରୀୟ ଅନ୍ତଃସ୍ଥଳୀୟ ଜଳଜୀବ ପାଳନ ଅନୁସନ୍ଧାନ ସଂସ୍ଥାନ ଅଧୀନରେ ଅନୁଗୁଳଠାରେ ଅବସ୍ଥିତ ଥିବା ମଧୁରଜଳ ମତ୍ସ୍ୟପାଳନ କେନ୍ଦ୍ରରେ ଉନ୍ନତ ବୈଜ୍ଞାନିକ ପ୍ରଣାଳୀରେ ଛୋଟ କାର୍ପ ଜାତୀୟ ମାଛ ସିରିନସ ରେବାକୁ "ପ୍ରେରିତ ପ୍ରଜନନ' ପ୍ରକ୍ରିୟାରେ ମତ୍ସ୍ୟ ଯାଆଁଳ ଉତ୍ପାଦନ କରିଥିଲେ। ପରେ ଭାରତୀୟ ମେଜରକାର୍ପ (ଆଇଏମ୍‌ସି), ଅନ୍ୟ ମାଛରେ ଏହି ପ୍ରକ୍ରିୟା କରିବାରେ ବି ସଫଳ ହୋଇଥିଲେ। ତାଙ୍କର ଏହି ଯୁଗାନ୍ତକାରୀ କାର୍ଯ୍ୟକୁ ମନେ ରଖିବା ପାଇଁ ପ୍ରତିବର୍ଷ ଜୁଲାଇ ୧୦ ତାରିଖରେ ଏହି ନୀଳ ବିପ୍ଳବ ନିର୍ମାତାମାନଙ୍କୁ ସମ୍ମାନ ଉଦ୍ଦେଶ୍ୟରେ "ଜାତୀୟ ମତ୍ସ୍ୟ ଚାଷୀ ଦିବସ' ପାଳନ କରାଯାଇଆସୁଛି।

**ମାଛ ଚାଷରେ ବିଜ୍ଞାନର ପ୍ରୟୋଗ:** ଡା. ହୀରାଲାଲ ଚୌଧୁରୀଙ୍କ ଏହି ଅଭୂତପୂର୍ବ ସଫଳତା ପୁରା ମତ୍ସ୍ୟବିଜ୍ଞାନ ଓ ଆଧୁନିକ ଜଳକୃଷିର ପରିସରକୁ ସମୃଦ୍ଧ, ବିକଶିତ ଓ ବିସ୍ତାର କରିଥିଲା। ଫଳରେ ଏବେ ମାଛ ଚାଷୀମାନେ ବିଭିନ୍ନ ଜଳ ଉତ୍ସରେ ମାଛ ଚାଷ ସହିତ ବର୍ଷସାରା ମାଛ ଚାଷ ଉପଯୋଗୀ ମତ୍ସ୍ୟବିହନ ଉପଲବ୍ଧ କରାଇବା ସହ ପରିବର୍ତ୍ତିତ ଜଳବାୟୁ ସହିତ ଖାପଖୁଆଇ ସବୁଜ ଓ ଶ୍ୱେତ ବିପ୍ଳବ ସହିତ ସମନ୍ୱୟ ରଖିପାରୁଛନ୍ତି। ସେହିପରି ବିଭିନ୍ନ ଗବେଷଣା ଅନୁଷ୍ଠାନ ମିଶ୍ରିତ ମତ୍ସ୍ୟପାଳନ, ପ୍ରଯୁକ୍ତି ବିଜ୍ଞାନର ଉପଯୋଗ, ଲକ୍ଷ ଲକ୍ଷ ମାଛଚାଷୀଙ୍କୁ ତାଲିମ ପ୍ରଦାନ କରିବା ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି।

**ପାରମ୍ପରିକରୁ ଆଧୁନିକ ମାଛ ଚାଷୀ:** ଅଧୁନା ଚାଷୀମାନେ କେବଳ ପାରମ୍ପରିକ ପ୍ରଣାଳୀରେ ମାଛଚାଷ କରୁନାହାଁନ୍ତି, ସେମାନେ ବୈଜ୍ଞାନିକ ଜ୍ଞାନ ବ୍ୟବହାର କରି ଡିଜିଟାଲ ଉପକରଣ, ସଅଳ ଶରୀର ବୃଦ୍ଧି ଏବଂ ରୋଗପ୍ରତିରୋଧକ ଶକ୍ତିଯୁକ୍ତ ପ୍ରଜାତି ଯେପରିକି ଅନୁବଂଶିକ ବିକଶିତ ଜୟନ୍ତୀରୋହି, ଅମୁରକାର୍ପ ଆଦି ମାଛଚାଷ କରୁଛନ୍ତି। ଚାଷ ପାଇଁ ଆଇଓଟି, ଏଆଇ କୌଶଳ ଉପଯୋଗ କରି ପାଣିର ଗୁଣବତ୍ତା, ମାଛର ସ୍ୱାସ୍ଥ୍ୟାବସ୍ଥା, ମାଛ ଖାଦ୍ୟ ପରିଚାଳନା ଆଦି ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇପାରୁଛନ୍ତି। ବାୟୋଫ୍ଲକ୍, ପିଞ୍ଜରାରେ ମାଛଚାଷ, ଆକ୍ୱାପୋନିକ ମାଛ ଚାଷ କରି ସଫଳ ଉଦ୍ୟୋଗୀ ଭାବେ ପ୍ରେରଣାର ଉତ୍ସ ପାଲଟିଛନ୍ତି।



**ଚାଷପାଇଁ ସରକାରୀ ପ୍ରୋତ୍ସାହନ:** ମାଛ ଚାଷୀଙ୍କୁ ସମର୍ଥନ ଜଣାଇବା ଉଦ୍ଦେଶ୍ୟରେ ସରକାର ବିଭିନ୍ନ ଉନ୍ନତି ମୂଳକ ପଦକ୍ଷେପ ନେଉଛନ୍ତି ଯଥା ଉତ୍ପାଦନ ଓ ଭିତ୍ତିଭୂମିର ବିକାଶ, ପ୍ରକ୍ରିୟାକରଣ ଏବଂ ରପ୍ତାନୀ ପାଇଁ ୨୦,୦୫୦କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ଏଫ୍‌ଆଇଡିଏଫ୍ ଅଧୀନରେ ଶୀତଳ ଭଣ୍ଡାର ଓ ହ୍ୟାଚେରୀ ନିର୍ମାଣ, ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନା କରିବା, ଚାଷୀଙ୍କ ପାଇଁ କିସାନ କ୍ରେଡିଟ୍ କାର୍ଡ ଓ ମତ୍ସ୍ୟ ସେତୁ ଆପ୍ ଆଦିର ସୁବିଧା ରହିଛି। ଭାରତ ସରକାରଙ୍କ ଦ୍ୱାରା ୨୦୧୯ ରେ ମତ୍ସ୍ୟପାଳନ, ପଶୁପାଳନ ଏବଂ ଦୁଗ୍ଧ ମନ୍ତ୍ରଣାଳୟ ନୂତନ ଭାବରେ ଗଠନ ହେବା ଫଳରେ ଦ୍ୱିତୀୟ ନୀଳ ବିପ୍ଳବର ଅୟମାରମ୍ଭ ହୋଇ ସାରିଛି।

ଡା. ବିମଳ ପ୍ରସନ୍ନ ମହାନ୍ତି
ପୂର୍ବତନ ସହକାରୀ ମହାନିର୍ଦ୍ଦେଶକ
ଭାରତୀୟ କୃଷି ଅନୁସନ୍ଧାନ ପରିଷଦ

## ଏ ମାସର ଚାଷ

**ବର୍ଷା ଋତୁ ଆସିଲେ ଚାଷୀମାନେ ଧାନ ଚାଷ ସହ ଅନ୍ୟାନ୍ୟ ଚାଷ ପାଇଁ ପ୍ରସ୍ତୁତ ହୋଇଯାଆନ୍ତି। ତେବେ ଜୁଲାଇ ମାସଟି ସବୁଜ ପନିପରିବା ଚାଷ ପାଇଁ ସବୁଠୁ ଉପଯୁକ୍ତ ସମୟ। ଏହି ମାସରେ କେଉଁ କେଉଁ ଫସଲ ଚାଷ କରିପାରିବେ ଜାଣିବା...**

ଜୁଲାଇ ମାସ ଡାଲିଜାତୀୟ ଫସଲ, ରାଶି, ବାଦାମ, ସହିତ ଚାରା ଫସଲ ବୁଣିବା ପାଇଁ ଉପଯୁକ୍ତ ସମୟ।

କଖାରୁ ଜାତୀୟ ପରିବା ଯଥା - ଲାଉ, କଖାରୁ, କଲରା, କାକୁଡ଼ି, ଭେଣ୍ଡି, ପୋଟଳ, ଶିମଳା ଲଙ୍କା, ଟମାଟୋ, ବାଇଗଣ, ପିଆଜ, କଞ୍ଚାଲଙ୍କା ଆଦି ବୁଣାଯାଇ ପାରିବ। ଏଥିମଧ୍ୟରୁ ଅଧିକାଂଶ ଫସଲରେ ମାତ୍ର ୪୫ରୁ ୭୫ ଦିନ ମଧ୍ୟରେ ପ୍ରଥମ ଫଳ ଅମଳଯୋଗ୍ୟ ହୋଇଥାଏ। ଫଳରେ ଚାଷୀମାନେ କମ୍ ସମୟ ମଧ୍ୟରେ ଅଧିକ ଲାଭ ପାଇପାରନ୍ତି। ସେହିପରି ମୁଗ, ବିରି ବୁଣା କାମ ଶେଷ କରିବା ଆବଶ୍ୟକ। ଆଖୁ ଜମିରୁ ଜଳ ନିଷ୍କାସନ କରି ଘାସ ନିୟନ୍ତ୍ରଣ କରିବା ଦ୍ୱାରା ଅଧିକ ଲାଭ ମିଳିଥାଏ। ମାଣ୍ଡିଆ, ଜୁଆର, ବାଜରା, କଦୋ, ସୁଆଁ, କାଙ୍ଗୁ ଆଦି ମିଲେଟ ଫସଲ ଭାବେ ଅନୁମୋଦିତ ବିହନ ଧାଡ଼ିରେ ଲଗାଇବା ଉଚିତ।

## ରବୀନ୍ଦ୍ର ଜାଡେଜାଙ୍କ ଲଢୁଆ ବ୍ୟାଟିଂ ବ୍ୟର୍ଥ; ୨୩ରୁ ଚତୁର୍ଥ ଟେଷ୍ଟ

# ଲର୍ଡ୍ସରେ ଇଂଲଣ୍ଡର ରୋମାଞ୍ଚକ ବିଜୟ

ଲର୍ଡ୍ସ,୧୪।୭ (ଏଜେନ୍ସି)

ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଲଢୁଆ, ସାହସିକ ଓ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ ବ୍ୟର୍ଥ ହୋଇଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ସୋମବାର ଶେଷ ହୋଇଥିବା ତୃତୀୟ ଟେଷ୍ଟରେ ଜାଡେଜା (୧୮୧ ବଲ୍‌ରେ ଅପରାଜିତ ୬୧ରନ୍)ଙ୍କ ବୀରତ୍ୱପୂର୍ଣ୍ଣ ବ୍ୟାଟିଂ ସତ୍ତ୍ୱେ ଏହି ମୁକାବିଲାକୁ ଇଂଲଣ୍ଡ ୨୨ ରନ୍‌ରେ ଜିତିନେଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ୨୭ ଯାଏ ଖେଳାଯିବ। ଏହି ସିରିଜ୍‌ର ପ୍ରଥମ ଦୁଇଟି ଟେଷ୍ଟରୁ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। ଏହି ମ୍ୟାଚ୍‌ରେ ୪୪ ଓ ୩୩ ରନ୍ କରିବା ସହ ୫ଟି ୱିକେଟ ନେଇଥିବା ଇଂଲଣ୍ଡ ଅଧିନାୟକଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଏହି ଟେଷ୍ଟରେ ଇଂଲଣ୍ଡ ପ୍ରଦତ୍ତ ୧୯୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନରେ ଭାରତ ୪ ୱିକେଟରେ ୫୮ ରନ୍ କରିଥିଲା। ଆଜି ସକାଳେ ଶୀଘ୍ର ୩ଟି ୱିକେଟ ହରାଇବା ପରେ ଦଳ ୮୨ ରନ୍‌ରେ ୭ଟି ୱିକେଟ ହରାଇ ପରାଜୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ନୀତୀଶ ରେଡ୍ଡି, ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜଙ୍କ ସହାୟତାରେ ଜାଡେଜା ଲଢୁଆ ବ୍ୟାଟିଂ କରିଥିଲେ ମଧ୍ୟ ୭୪.୫ ଓଭର ଖେଳି ୧୭୦ ରନ୍ କରିଥିଲା। ଏହା ଫଳରେ ବିଜୟଠାରୁ ଭାରତ ୨୨ ରନ୍ ଦୂରରେ ରହିଯାଇଥିଲା। ଜାଡେଜା ଶେଷ ପର୍ଯ୍ୟନ୍ତ ଆଉଟ ହେବାର କୌଣସି ସୁଯୋଗ ନ ଦେଇ ୬୧ ରନ୍‌ରେ ଅପରାଜିତ ରହିଥିଲେ। ସେ ମୋଟ ୧୮୧ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। କିନ୍ତୁ ୭୬ତମ ଓଭରରେ ସ୍ପିନର ସୋଏବ ବସିରଙ୍କ ଏକ ବଲ୍‌କୁ ଖେଳିଲା ପରେ ତାହା ଯାଇ ବ୍ୟାଟିଂ କରୁଥିବା ମହମ୍ମଦ୍ ସିରାଜ୍‌ଙ୍କ ୱିକେଟ ଭାଙ୍ଗିଦେଇଥିଲା। ଫଳରେ ଜାଡେଜାଙ୍କ ସହ ଭାରତୀୟ ସମର୍ଥକଙ୍କ ହୃଦୟ ଭାଙ୍ଗିଯାଇଥିଲା। ଇଂଲଣ୍ଡ ପକ୍ଷରୁ ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ୩ଟି ଲେଖାଏଁ, ବ୍ରାଇଡନ କାର୍ସ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ପ୍ରଥମ ଇନିଂସରେ ଉଭୟ ଦଳର ସ୍କୋର ବରାବର ହୋଇଥିଲା। ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ୧୯୨ ରନ୍‌ରେ ଅଲଆଉଟ ହୋଇଥିଲା।

**ଆରମ୍ଭରୁ ବିପର୍ଯ୍ୟୟ**: ମ୍ୟାଚ୍‌ର ରବିବାର ଚତୁର୍ଥ ଦିନରେ ଭାରତ ଆଗରେ ୧୯୩ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଇଂଲଣ୍ଡ। ଏହି ଲକ୍ଷ୍ୟକୁ ପିଛା କରି ଭାରତ ଦ୍ୱିତୀୟ ଇନିଂସରେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଚତୁର୍ଥ ଦିନ ଖେଳ ଶେଷ ବେଳକୁ ଜୟସ୍ୱାଲ, ନାୟାର, ଗିଲ ଓ ଆକାଶଦୀପ୍‌ଙ୍କ ୱିକେଟ ହରାଇ ୧୭.୪ ଓଭରରେ ୫୮ ରନ୍ କରିଥିଲା। ଏହି ସ୍କୋରରୁ ମ୍ୟାଚ୍‌ର ପଞ୍ଚମ ଦିନ ବା ସୋମବାର ସକାଳେ ବିରାଟ ଆଶା ନେଇ ଖେଳିଥିଲା ଭାରତ। କିନ୍ତୁ ୪ ଓଭର ଖେଳରେ ସବୁକିଛି ଓଲଟପାଲଟ ହୋଇଯାଇଥିଲା। ଆଜିର ତୃତୀୟ ଓଭରରେ ଋଷଭ ପନ୍ତଙ୍କୁ ବୋଲ୍ଡ କରି ଆର୍ଚର ଭାରତକୁ ଶକ୍ତ ଧକ୍କା ଦେଇଥିଲେ। କିନ୍ତୁ ୨୪ତମ ଓଭରରେ ଷ୍ଟୋକ୍ସଙ୍କ ବଲ୍‌କୁ ବୁଝି ନ ପାରି ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ ଲୋକେଶ ରାହୁଲ। ସେ ୫୮ ବଲ୍ ଖେଳି କରିଥିଲେ ୩୯ ରନ୍। ତାଙ୍କ ଉପରେ ଭାରତର ସବୁଠୁ ଅଧିକ ଭରସା ରହିଥିଲା। ତାହା ତୁଟିଯିବା ପରେ ଗତ ମ୍ୟାଚ୍‌ରେ ଭଲ ବ୍ୟାଟିଂ କରିଥିବା ୱାଶିଂଟନ ସୁନ୍ଦର ଖେଳିବାକୁ ଆସିଥିଲେ। ୨୫ତମ ଓଭରରେ ସେ ୪ଟି ବଲ ଖେଳି ଖାତା ଖୋଲିବା ପୂର୍ବରୁ କଟ୍ ଆଣ୍ଡ ବୋଲ୍ଡ ଆଉଟ ହୋଇଯାଇଥିଲେ। ୮୨ ରନ୍‌ରେ ୭ମ ୱିକେଟ ହରାଇବା ପରେ ଭାରତର ଜିତିବା ଆଶା ମଉଳି ଯାଇଥିଲା। ଏହି ସମୟରେ ଆରମ୍ଭ ହୋଇଥିଲା ଜାଡେଜାଙ୍କ ମାରାଥନ ପାର୍ଟନରସିପ୍।

**ମାରାଥନ ଇନିଂସରେ ବୁମ୍‌ରା ଭିଲିଆନ୍**

ଦଳର ସମସ୍ତ ଟପ୍ ବ୍ୟାଟରଙ୍କ ଆଉଟ ପରେ ଭାରତ ଖୁବ୍ ଶୀଘ୍ର ପରାଜୟ ଆଶଙ୍କାରେ ରହିଥିଲା। ଏହି ସମୟରେ ଜାଡେଜା ୩ଟି ଭଲ ପାର୍ଟନରସିପ୍‌ରେ ଲଢୁଆ ଖେଳି ଇଂଲଣ୍ଡକୁ ଟକ୍କର ଦେଇଥିଲେ। ୮ମ ୱିକେଟରେ ନୀତୀଶ କୁମାର ରେଡ୍ଡି (୫୩ବଲ୍‌ରେ ୧୩ରନ୍)ଙ୍କ ସହ ୯୧ ବଲ୍ ଖେଳି ୩୦ରନ୍, ୯ମ ୱିକେଟ ଯୋଡିରେ ଯଶପ୍ରୀତ ବୁମ୍‌ରା (୫୪ବଲ୍‌ରେ ୫ରନ୍)ଙ୍କ ସହ ୩୫ ରନ୍ ଉଠାଇ ଭାରତୀୟ ସମର୍ଥକଙ୍କ ମନରେ ଆଶା ସଞ୍ଚାର କରିଥିଲେ। ବୁମ୍‌ରାଙ୍କୁ ଯଥାସମ୍ଭବ ସୁରକ୍ଷା ଦେଉଥିବା ଜାଡେଜା ଓଭରର ୪ର୍ଥ କିମ୍ବା ୫ମ ବଲ୍‌ରେ ସିଙ୍ଗଲ ନେଇ ପରବର୍ତ୍ତୀ ଓଭରର ପ୍ରଥମ ବଲ୍‌ର ସାମ୍ନା କରୁଥିଲେ। ଏପରିକି ସେ କ୍ରମାଗତ ୧୧ ଓଭରରେ ପ୍ରଥମ ବଲ୍‌ର ସାମ୍ନା କରିଥିଲେ। କିନ୍ତୁ ଧୈର୍ଯ୍ୟର ସହ ଜାଡେଜାଙ୍କୁ ସହଯୋଗ ଦେଉଥିବା ବୁମ୍‌ରାଙ୍କ ତ୍ରୁଟିପୂର୍ଣ୍ଣ ସଟ ଚୟନ ଭାରତୀୟ ସମର୍ଥକଙ୍କ ମନରେ ନିରାଶା ଭରିଦେଇଥିଲା। ଇନିଂସର ୬୨ତମ ଓଭର ବୋଲିଂ କରିଥିବା ଷ୍ଟୋକ୍ସଙ୍କ ତୃତୀୟ ବଲ୍‌କୁ ପୁଲ ସଟ୍ ଖେଳିବାକୁ ଯାଇ ମିଡ୍ ଅନ୍ ଅଞ୍ଚଳରେ ବଦଳ ଖେଳାଳି ସାମ୍ କୁକ୍‌ଙ୍କ ହାତରେ ଧରା ପଡ଼ିଥିଲେ। ଏହି ସର୍ଟପିଚ୍ ବଲଟି ଅଣ୍ଟା ଉଚ୍ଚରେ ରହିଥିଲା ଓ ଅଫ୍ ଷ୍ଟମ୍ପର ବହୁତ ବାହାରେ ଯାଉଥିଲା। କିନ୍ତୁ ବୁମ୍‌ରା ପୁଲ ସଟ୍ ମାରିବାକୁ ଯାଇ ଭାରତୀୟ ସମର୍ଥକଙ୍କ ହୃଦୟ ଭାଙ୍ଗିଦେଇଥିଲେ। ମ୍ୟାଚ୍ ଜିତିବାକୁ ଆଉ ୪୬ ରନ୍ ଥିଲାବେଳେ ବୁମ୍‌ରା ଅନାବଶ୍ୟକ ସଟ୍ ଖେଳି ଆଉଟ ହୋଇଥିଲେ। ଜାଡେଜା ଓ ସିରାଜ ୧୦ମ ୱିକେଟରେ ୮୦ ବଲ୍ ଖେଳି ୨୩ ରନ୍ କରିଥିଲେ। ଦୁର୍ଭାଗ୍ୟ ବଳରେ ସିରାଜ ୱିକେଟ ହରାଇବା ଫଳରେ ଭାରତ ଏହି ମ୍ୟାଚ୍‌ରେ ପରାଜିତ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭/୧୦, ୧୧୨.୩ ଓଭର (ରୁଟ୍- ୧୦୪, ବୁମ୍‌ରା-୫/୭୪)।

ଭାରତ ପ୍ରଥମ ଇନିଂସ : ୩୮୭/୧୦, ୧୧୯.୨ ଓଭର (ରାହୁଲ-୧୦୦, ପନ୍ତ-୭୪, ଜାଡେଜା-୭୨, ନାୟାର-୪୦, ସୁନ୍ଦର-୨୩, ଓକ୍ସ-୩/୮୪)।

ଇଂଲଣ୍ଡ ଦ୍ୱିତୀୟ ଇନିଂସ : ୧୯୨/୧୦, ୬୨.୧ ଓଭର (ରୁଟ୍- ୪୦, ଷ୍ଟୋକ୍ସ-୩୩, ସୁନ୍ଦର-୪/୨୨, ସିରାଜ-୨/୩୧, ବୁମ୍‌ରା-୨/୩୮)।

ଭାରତ ଦ୍ୱିତୀୟ ଇନିଂସ : ୧୭୦/୧୦, ୭୪.୫ ଓଭର (ଜାଡେଜା-୬୧*, ରାହୁଲ-୩୯, ଷ୍ଟୋକ୍ସ-୩/୪୫, ଆର୍ଚର-୩/୫୮)।

## ମହମ୍ମଦ୍ ସିରାଜ ଦଣ୍ଡିତ

ଲର୍ଡ୍ସ,୧୪।୭ (ଏଜେନ୍ସି): ଇଂଲଣ୍ଡ ଓପନର ବେନ୍ ଡକେଟଙ୍କ ଆଉଟ ପରେ ଅଣଖେଳୁଆଡ ବ୍ୟବହାର କରି ଆଇସିସି ଆଚରଣ ସଂହିତ ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ଭାରତର ଫାଷ୍ଟ ବୋଲର ମହମ୍ମଦ୍ ସିରାଜ ଦଣ୍ଡିତ ହୋଇଛନ୍ତି। ଡକେଟ ଆଉଟ ହେବା ପରେ ତାଙ୍କୁ ଛୁଇଁବା ଓ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଆଇସିସି ଆଚରଣ ସଂହିତାର ଧାରା ୨.୫ ଉଲ୍ଲଙ୍ଘନ କରିଥିବାରୁ ସିରାଜଙ୍କ ୧୫ ଶତକଡ଼ା ମ୍ୟାଚ୍ ଫି କାଟିନିଆଯିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ଦିଆଯାଇଛି ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ଆସନ୍ତା ୨୪ ମାସ ମଧ୍ୟରେ ସିରାଜ ଯଦି ଏପରି ବେନିୟମ କାମ କରି ୪ଟି ଡିମେରିଟ୍ ପଏଣ୍ଟ ପାଇବେ, ତେବେ ତାଙ୍କୁ ବାସନ୍ଦ ହେବାକୁ ପଡ଼ିପାରେ।

## ସାଇନା-କାଶ୍ୟପଙ୍କ ବିବାହ ବିଚ୍ଛେଦ

**୨୦୦୪ରୁ ଡେଟିଂ; ୨୦୧୮ ରେ ବିବାହ**



ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ଅଲିମ୍ପିକ କାଂସ୍ୟ ପଦକ ବିଜୟିନୀ ତଥା ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହୱାଲ ଓ ତାଙ୍କ ସ୍ୱାମୀ ପାରୁପଲ୍ଲୀ କାଶ୍ୟପଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଛି। ୩୫ ବର୍ଷୀୟା ସାଇନା ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ ଜରିଆରେ ଉଭୟ ଅଲଗା ହୋଇଥିବା ନେଇ ସୂଚନା ଦେଇଛନ୍ତି। କାଶ୍ୟପ କିନ୍ତୁ ଏନେଇ କିଛି କହିନାହାନ୍ତି। ୭ ବର୍ଷର ବିବାହ ବନ୍ଧନ ପରେ ଏହି ଚର୍ଚ୍ଚିତ କ୍ରୀଡ଼ା ଦମ୍ପତି ଶେଷରେ ପରସ୍ପର ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଉଭୟ ସାଇନା ଓ କାଶ୍ୟପ ହାଇଦରାବାଦ୍‌ସ୍ଥିତ ପୁଲେଲା ଗୋପୀଚାନ୍ଦ ଏକାଡେମୀରେ ଦୁଇ ଦଶନ୍ଧି ପୂର୍ବରୁ ଏକାଠି ପ୍ରଶିକ୍ଷଣ ନେଉଥିଲେ। ୨୦୦୪ ସମୟରେ ଉଭୟଙ୍କ ମଧ୍ୟରେ ଡେଟିଂ ଆରମ୍ଭ ହୋଇଥିଲା। ଶେଷରେ ୨୦୧୮ ରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୨୦୧୨ ଅଲିମ୍ପିକ୍ସରେ କାଶ୍ୟପ ଦେଶର ପ୍ରଥମ ପୁରୁଷ ଖେଳାଳି ଭାବେ ସେ ଅଲିମ୍ପିକ କ୍ୱାର୍ଟର ଫାଇନାଲ ଖେଳିଥିଲେ।

## ଫିଫା କ୍ଲବ୍ ବିଶ୍ୱକପ୍ | ପିଏସ୍‌ଜିକୁ ହରାଇ ଚେଲ୍‌ସୀ ଚାମ୍ପିଅନ

ନ୍ୟୁ ଜର୍ସି,୧୪।୭ (ଏଜେନ୍ସି): ଇଂଲଣ୍ଡର ଚେଲସୀ ୨୦୨୫ ଫିଫା କ୍ଲବ୍ ବିଶ୍ୱକପ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ରବିବାର ରାତିରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଚେଲସୀ ୩-୦ ଗୋଲରେ ଫ୍ରାନ୍ସର ପିଏସ୍‌ଜି (ପ୍ୟାରିସ୍ ସେଣ୍ଟ ଜର୍ମେନ)କୁ ପରାସ୍ତ କରି ଏହି ସମ୍ମାନଜନକ ଟାଇଟଲ ଜିତିନେଇଛି। ବିଜୟୀ ଦଳ ପକ୍ଷରୁ କୋଲ ପାମର ୨ଟି ଗୋଲ ଦେଇ ହିରୋ ସାଜିଥିଲେ। ଜୋଆଓ ପେଡ୍ରୋ ଅନ୍ୟ ଗୋଲଟି ଦେଇଥିଲେ। କୋଲ୍‌ଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଚେଲସୀ ବିଜୟ ଉତ୍ସବରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଫିଫା ସଭାପତି ଗିଆନି ଇନ୍‌ଫାଣ୍ଟିନୋ ଅତିଥିଭାବେ ଯୋଗଦେଇଥିଲେ। ପୁରସ୍କାର ପ୍ରଦାନ ପରେ ମଧ୍ୟ ଟ୍ରମ୍ପ ଉତ୍ସବରେ ଉପସ୍ଥିତ ଥିଲେ। ଇନ୍‌ଫାଣ୍ଟିନୋଙ୍କ ବାରମ୍ବାର ବାରଣ ସତ୍ତ୍ୱେ ଟ୍ରମ୍ପ ଉତ୍ସବସ୍ଥଳ ଛାଡି ନ ଥିଲେ। ଚେଲସୀର ଏହା ଦ୍ୱିତୀୟ ବିଶ୍ୱକପ୍ ଟାଇଟଲ। ପୂର୍ବରୁ ୨୦୨୧ରେ ଦଳ ଚାମ୍ପିଅନ ହୋଇଥିଲା। ଫାଇନାଲରେ ପିଏସ୍‌ଜିକୁ



ଫେବରାଇଟ ବିବେଚିତ କରାଯାଉଥିଲେ ମଧ୍ୟ ଦଳ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ପାରି ନଥିଲା।

## ମେଜର ଲିଗ୍ କ୍ରିକେଟ | ଏମ୍ଆଇ ନ୍ୟୁୟର୍କ ଚାମ୍ପିଅନ

ଡଲାସ,୧୪।୭ (ଏଜେନ୍ସି): ଏମ୍ଆଇ ନ୍ୟୁୟର୍କ ଆମେରିକାର ମେଜର ଲିଗ୍ କ୍ରିକେଟ (ଏମଏଲସି) ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ରବିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁୟର୍କ ୫ ରନ୍‌ରେ ୱାଶିଂଟନ ଫ୍ରିଡମକୁ ପରାସ୍ତକରି ଏମ୍ଏଲ୍‌ସି ଇତିହାସର ତୃତୀୟ ସଂସ୍କରଣରୁ



ଦ୍ୱିତୀୟ ଥର ଟାଇଟଲ କବ୍‌ଜା କରିଛି। ଏମ୍ଆଇ ଫ୍ରାଞ୍ଚାଇଜ୍‌ର ଚଳିତବର୍ଷ ଏହା ତୃତୀୟ ଟାଇଟଲ। ପୂର୍ବରୁ ଏମ୍ଆଇ କେପ୍‌ଟାଉନ୍ ସାଉଥ୍ଆଫ୍ରିକାରେ ଅନୁଷ୍ଠିତ ଏସ୍ଏଟି୨୦ ଓ ଭାରତରେ ଏମ୍ଆଇ ମହିଳା ପ୍ରିମିୟର ଲିଗ୍ ଟାଇଟଲ ଜିତିଥିଲା। ଏମ୍ଆଇ ବ୍ୟାନରରେ ଏହା ୧୩ତମ ଟାଇଟଲ। ରବିବାର ଗ୍ରାଣ୍ଡ ପ୍ରାଇରୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ କ୍ୱିଣ୍ଟନ ଡି କକ୍‌ଙ୍କ ୪୬ ବଲ୍‌ରେ ୭୭ ରନ୍ କରିବା ନ୍ୟୁୟର୍କ ପ୍ରଥମେ ବ୍ୟାଟିଂ କରି ୭ ୱିକେଟରେ ୧୮୦ ରନ୍ କରିଥିଲା। ଜବାବରେ ଇଣ୍ଡୋ-ଆମେରିକୀୟ ଯୁବ ଖେଳାଳି ରୁଶିଲ ଉଗରକର ଓ ଟ୍ରେଣ୍ଟ ବୋଲ୍ଟ ୨ଟି ଲେଖାଏଁ ୱିକେଟ ନେବା ଫଳରେ ୱାଶିଂଟନ ଫ୍ରିଡମ୍ ୫ ୱିକେଟରେ ୧୭୫ ରନ୍ କରିବାରେ ସମର୍ଥ ହୋଇଥିଲା। ଦଳର ରାଚିନ ରବୀନ୍ଦ୍ରଙ୍କ ୭୦ ଓ ଗ୍ଲେନ୍ ଫିଲିପ୍ସଙ୍କ ଅପରାଜିତ ୪୮ ରନ କିଛି କାମ ଦେଇ ନ ଥିଲା।

## ସର୍ବଭାରତୀୟ ସିନିଅର ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଫାଇନାଲ୍ ଆଜି

ଭୁବନେଶ୍ୱର,୧୪।୭ (ସମିସ): କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନ୍ୟାସନାଲ ସିନିଅର ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଚୂଡାନ୍ତ ହୋଇଛି। ମଙ୍ଗଳବାର ଖେଳାଯିବାକୁ ଥିବା ଫାଇନାଲର ପୁରୁଷ ଏକକରେ ହରିୟାଣାର ମନ୍‌ରାଜ ସିଂଙ୍କ ସହ ଦିଲ୍ଲୀର ଏସ୍ ଗିନପଲଙ୍କ ମଧ୍ୟରେ ମୁକାବିଲା ହେବ। ସେମିରେ ଟପ୍‌ସିଡ୍ ରଘୁଙ୍କୁ ହରାଇ ମନ୍‌ରାଜ ଫାଇନାଲକୁ ଉଠିଛନ୍ତି। ମହିଳା ଏକକରେ ଟପ୍ ସିଡ୍ ଉତ୍ତରପ୍ରଦେଶର ମାନସୀ ସିଂଙ୍କ ସହ ଆସାମର ଇଶାରାଣୀ ବରୁଆ ଟାଇଟଲ ମୁକାବିଲା କରିବେ। ଦ୍ୱିତୀୟ ସିଡ୍ ଗୁଜରାଟର ଶ୍ରେୟା ଲେଲେଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିବା ସହ ଫାଇନାଲରେ ପ୍ରବେଶ କରିଥିଲେ।

## ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ୨୦ରେ

ଭୁବନେଶ୍ୱର,୧୪।୭ (ସମିସ): ଓଡ଼ିଶାର ପ୍ରମୁଖ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍ଆର୍ ଚେସ ସେଣ୍ଟର ଓ ଡି ୱେଟ୍ଟରବିର୍ଭେର୍‌ର ମିଳିତ ସହଯୋଗରେ ଚଳିତମାସ ଜୁଲାଇ ୨୦ ତାରିଖ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ ଅବସରରେ ଏକ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। କଟକ ତ୍ରିଶୁଳିଆସ୍ଥିତ ସେରେମୋନିୟମ ମଣ୍ଡପ ପରିସରରେ ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମୋଟ ୨୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ମୋଟ ୧୫ ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ଏସ୍ଆର ଚେସ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ସଭାପତି ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି। ଏଥିରେ ଭାଗନେବାକୁ ଇଚ୍ଛୁକ ଖେଳାଳିମାନେ ଡି ୱେଟ୍ଟରବିର୍ଭେର୍‌ର ପ୍ରତିଷ୍ଠାତା ଆଇଫିୟା ଖାନ୍ (ମୋ-୯୬୯୨୦-୨୩୧୯୮) କିମ୍ବା ଚେୟାରମ୍ୟାନ୍ ନବୀନ କୁମାର ବର୍ମାଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଜାତୀୟ ସବ୍‌ଜୁନିଅର ବାଳିକା ହକିରେ ଓଡ଼ିଶାକୁ ରୌପ୍ୟ

ଭୁବନେଶ୍ୱର, ୧୪।୭ (ସମିସ): ରାଞ୍ଚିରେ ଶେଷ ହୋଇଥିବା ଜାତୀୟ ସବ୍‌ଜୁନିଅର ବାଳିକା ହକିର ୧୫ତମ ସଂସ୍କରଣରେ ଓଡ଼ିଶା ରନର୍ସଅପ୍ ହୋଇଛି। ସୋମବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଘରୋଇ ଝାଡ଼ଖଣ୍ଡ ୧-୦ ଗୋଲ୍‌ରେ ଓଡ଼ିଶାକୁ ପରାସ୍ତ କରି ଚାମ୍ପିଅନ ହେବା ସହ ସ୍ୱର୍ଣ୍ଣପଦକ ଜିତିନେଇଛି। ଏହି କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ତଥା ୨୭ତମ ମିନିଟ୍‌ରେ ଝାଡ଼ଖଣ୍ଡର ଜିର୍ନ




ସୋୟ ମୁଣ୍ଡା ବିଜୟସୂଚକ ଏକମାତ୍ର ଗୋଲ୍‌ଟି ଦେଇଥିଲେ। ବଳକା ଦୁଇ କ୍ୱାର୍ଟରର ୩୦ ମିନିଟ୍‌ରେ ଓଡ଼ିଶା ମ୍ୟାଚକୁ ଫେରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ଫଳରେ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଅପରପକ୍ଷରେ ହରିୟାଣା ସୁଟ୍‌ଆଉଟ୍‌ରେ ୫-୪ (୩-୩) ଗୋଲ୍‌ରେ ମିଜୋରାମକୁ ହରାଇ କାଂସ୍ୟ ପଦକ ଜିତିଛି। ସଞ୍ଜନା କିରୋଙ୍କ ନେତୃତ୍ୱାଧୀନ ଓଡ଼ିଶା ପୂର୍ବରୁ ସେମିଫାଇନାଲରେ ୧-୦ ଗୋଲ୍‌ରେ ହରିୟାଣାକୁ ଓ କ୍ୱାର୍ଟରରେ ୫-୦ ଗୋଲ୍‌ରେ ବିହାକୁ ହରାଇଥିଲା।

## ବର୍ଷକରେ ୧୪ ପଦକ ଜିତିଛି ଏଏମ୍‌ଏନ୍‌ଏସ୍ ଖୋ ଖୋ ଏଚ୍‌ପିସି

ଭୁବନେଶ୍ୱର, ୧୪।୭ (ସମିସ): ଓଡ଼ିଶା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇପର୍‌ଫର୍‌ମାନ୍ସ ସେଣ୍ଟର (ଏଚ୍‌ପିସି)ର ପ୍ରଥମ ବର୍ଷ ପୂର୍ତ୍ତି ପାଳନ ଉତ୍ସବ ପୁରୀ ତାଳବଣିଆସ୍ଥିତ ଜିଲ୍ଲା କ୍ରୀଡ଼ା କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ବର୍ଷରେ ଏହି ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସି ଉତ୍କର୍ଷତାର ଏକ ମଡେଲ କେନ୍ଦ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛି। ବର୍ଷକ ମଧ୍ୟରେ ଏହି କେନ୍ଦ୍ର ଜାତୀୟ ଓ




ଅନ୍ତର୍ଜାତୀୟସ୍ତରରେ ଉଲ୍ଲେଖନୀୟ ସଫଳତା ପାଇ ୧୪ ପଦକ ବିଜୟୀ ହୋଇଛି। ଯେଉଁଥିରେ ୩ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୪ କାଂସ୍ୟ ପଦକ ରହିଛି। ଏଠାରେ ପ୍ରଶିକ୍ଷଣ ନେଉଥିବା ୫୦ ଜଣ ଖୋ ଖୋ ଖେଳାଳିଙ୍କ ମଧ୍ୟରୁ ୪୨ଜଣ ବିଭିନ୍ନ ରାଜ୍ୟ ଓ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ଯାହା ବର୍ଷକ ମଧ୍ୟରେ ଯେକୌଣସି ଏଚ୍‌ପିସି ଲାଗି ଏକ ବିରଳ ସଫଳତା। ସବୁଠୁ ଉଲ୍ଲେଖନୀୟ ସଫଳତା ମଧ୍ୟରେ ରହିଛି ପ୍ରଥମ ଖୋ ଖୋ ବିଶ୍ୱକପ୍। ଭାରତରେ ଅନୁଷ୍ଠିତ ଏହି ମେଗା ଇଭେଣ୍ଟରେ ଏଚ୍‌ପିସିର ମଗାଇ ମାଝୀ, ଶୁଭଶ୍ରୀ ସିଂ ଓ ପବନୀ ଶବର ସ୍ୱର୍ଣ୍ଣ ବିଜୟୀ ଭାରତୀୟ ପୁରୁଷ ଓ ମହିଳା ଦଳର ସଦସ୍ୟ ରହିଥିଲେ। ସଞ୍ଜୀବ ଶର୍ମା ବର୍ତ୍ତମାନ ଏହି ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି। ଏହି ଉତ୍ସବରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍ଆର୍ ମୁଖ୍ୟ ବିକାଶ ଯାଦବେନ୍ଦୁ, କ୍ରୀଡ଼ା ବିଭାଗର ଡେପୁଟୀ ସେକ୍ରେଟାରୀ ପଦ୍ମଚରଣ ସାହୁ, ନେଲସନ ଲାକ୍ରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ୱିମ୍ବଲଡନ ୨୦୨୫ | ସିନ୍ନର, ସ୍ୱିଆଟେକଙ୍କୁ ୩୫ କୋଟି ପୁରସ୍କାର

ଲଣ୍ଡନ, ୧୪।୭ (ଏଜେନ୍ସି)

ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟର ୧୩୮ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏଥର ଅଲ୍ ଇଂଲଣ୍ଡ ଲନ୍ ଟେନିସ କ୍ଲବରେ ନୂଆ ବିଜେତା ଦେଖିବାକୁ ମିଳିଥିଲା। ପୁରୁଷ ବିଭାଗରେ ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନର ୪-୬, ୬-୪, ୬-୪, ୬-୪ ସେଟ୍‌ରେ ଦୁଇଥରର ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜଙ୍କୁ ହରାଇ ଟାଇଟଲ୍ ଜିତିଥିଲେ। ଇଟାଲୀର ପ୍ରଥମ ଖେଳାଳି ଭାବେ ସେ ଏଠାରେ ସିଙ୍ଗଲ୍ସରେ ଚାମ୍ପିଅନ ହୋଇଥିଲେ। ସେହିଭଳି ୨୨ ବର୍ଷୀୟ ଆଲ୍‌କାରାଜ ପ୍ରଥମଥର ଲାଗି କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପରାସ୍ତ ହୋଇଥିଲେ। ଅପରପକ୍ଷରେ ମହିଳା ବିଭାଗରେ ପୋଲାଣ୍ଡର ଇଗା ସ୍ୱିଆଟେକ ଫାଇନାଲରେ ୬-୦, ୬-୦ ସିଧାସଳଖ ସେଟ୍‌ରେ ଆମେରିକାର ଆମଣ୍ଡା ଆନିସିମୋଭାଙ୍କୁ ହରାଇ ଚାମ୍ପିଅନ ହୋଇଥିଲେ। ଏହି ସମ୍ମାନଜନକ ଟ୍ରଫି ଜିତିବା ସହ ସିନ୍ନର ଓ ସ୍ୱିଆଟେକ ପୁରସ୍କାର ବାବଦକୁ ୩୫ କୋଟି ଟଙ୍କା ଲେଖାଏ ପାଇଛନ୍ତି। ସେହିଭଳି ରନର୍ସଅପ୍ ହୋଇଥିବା ଆଲ୍‌କାରାଜ ଓ ଆମଣ୍ଡା ୧୭ କୋଟି ୭୨ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଜିତିଛନ୍ତି। ଏଥର ୱିମ୍ବଲଡନରେ ୪୬୦ କୋଟି ୨୬ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା। ଗତବର୍ଷ ତୁଳନାରେ ଏଥର ମୋଟ୍ ପୁରସ୍କାର ରାଶିରେ ୮ ପ୍ରତିଶତ ବୃଦ୍ଧି ଘଟିଥିଲା।



**ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ଦବ୍‌ଦବା**

ୱିମ୍ବଲଡନ ପୁରୁଷ ବିଭାଗରେ ଚାମ୍ପିଅନ ଓ ରନର୍ସଅପ୍ ହୋଇଥିବା ସିନ୍ନର ଓ ଆଲ୍‌କାରାଜ ସଦ୍ୟପ୍ରକାଶିତ ଏଟିପି ର୍ୟାଙ୍କିଙ୍ଗ୍‌ରେ ଯଥାକ୍ରମେ ଶୀର୍ଷ ଦୁଇ ସ୍ଥାନରେ ରହିଛନ୍ତି। ୧୨,୦୩୦ ପଏଣ୍ଟ ସହ ସିନ୍ନର ଶୀର୍ଷରେ ଓ ଆଲ୍‌କାରାଜ୍ ୮୬୦୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱର ୫ମ ଖେଳାଳି ଭାବେ ସିନ୍ନର ୧୨ ହଜାର ପଏଣ୍ଟ ଅତିକ୍ରମ କରିଛନ୍ତି। ପୂର୍ବରୁ ରୋଜର ଫେଡରର, ରାଫେଲ ନାଡାଲ, ନୋଭାକ ଜୋକୋଭିଚ୍ ଓ ଆଣ୍ଡି ମୁରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ଅପରପକ୍ଷରେ ମହିଳା ବିଭାଗ ତଥା ଡବ୍ଲ୍ୟୁଟିଏ ମାନ୍ୟତାରେ ୪ର୍ଥରୁ ୩ୟ ସ୍ଥାନକୁ ଉଠିଛନ୍ତି। ସେହିଭଳି ରନର୍ସଅପ୍ ଆନିସିମୋଭା ୫ଟି ପାହାଚ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୭ମ ସ୍ଥାନ ଲାଭ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS